# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ମାର୍ଚ୍ଚ ୮/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, March 8 / 2020 | ★★

୧୬ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


## ମହାପ୍ରଭୁଙ୍କ ଟଙ୍କାରେ ମଉଜ



**ପୁରୀ ଅଫିସ, ୭।୩** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ ଜାରି କରିଛି କଟକଣା। ଏହି ବ୍ୟାଙ୍କର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁ ଆର୍‌ବିଆଇ ଏଭଳି ପଦକ୍ଷେପ ନେଇଛି। ୟେସ୍ ବ୍ୟାଙ୍କର ଏପରି ସ୍ଥିତି ଯୋଗୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୯୨ (୫୪୫ କୋଟି ସ୍ଥାୟୀ ଜମା ଓ ୪୭କୋଟି ଫ୍ଲେକ୍ସି ଜମା) କୋଟି ଟଙ୍କା ଆଶଙ୍କାରେ ରହିଛି। ମହାପ୍ରଭୁଙ୍କ ଏତେ ଗୁଡ଼ାଏ ଟଙ୍କା ଫେରି ପାଇବା ନେଇ ବୁଦ୍ଧିଜୀବୀ, ଅର୍ଥନୀତିଜ୍ଞ, ସେବାୟତ, ଭକ୍ତଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୩୦ଦିନ ମଧ୍ୟରେ ୟେସ୍ ବ୍ୟାଙ୍କରୁ ଜଣେ ଗ୍ରାହକ ସର୍ବାଧିକ ୫୦ହଜାର ଟଙ୍କା ଉଠାଣ କରିପାରିବେ ବୋଲି ଆରବିଆଇ ଘୋଷଣା କରିବା ପରେ ଅସନ୍ତୋଷ ତେଜିଛି। କାରଣ ଏହି ବ୍ୟାଙ୍କରେ ମହାପ୍ରଭୁଙ୍କ ୫୯୨ କୋଟି ରଖାଯାଇଛି। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ଶ୍ରୀମନ୍ଦିର ପରିଚାଳନା କମିଟିର କେହି ବି ମୁହଁ ଖୋଲିବାକୁ ନାରାଜ। ମହାପ୍ରଭୁଙ୍କ ଟଙ୍କା ଘରୋଇ ବ୍ୟାଙ୍କକୁ ଯିବା ପଛରେ କେତେଜଣ ଅଧିକାରୀଙ୍କୁ ସନ୍ତୁଷ୍ଟ କରାଯାଇଛି। ଏକଥା ବିଭିନ୍ନ ଅଧିକାରୀ ଅବଗତ ଥିଲେ ମଧ୍ୟ ମୁହଁ ଖୋଲୁନାହାନ୍ତି। ଚଞ୍ଚକତା କରିଥିବା ଅଧିକାରୀଙ୍କ ବିରୋଧରେ ଏ ପର୍ଯ୍ୟନ୍ତ ସରକାରୀ ସ୍ତରରେ କୌଣସି ପ୍ରକାର ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରସଙ୍ଗକୁ ଅଧିକ ସନ୍ଦେହ ଘେରକୁ ଟାଣିଛି। ଜଣେ ବ୍ୟାଙ୍କ ଅଧିକାରୀଙ୍କ ମତରେ ଗତ ଦୁଇବର୍ଷ ତଳୁ ୟେସ ବ୍ୟାଙ୍କ ଦୁର୍ବଳ ଆର୍ଥିକ ପରିସ୍ଥିତି ଦେଇ ଗତିକରୁଛି। ତଥାପି ଶ୍ରୀମନ୍ଦିର ପ୍ରଶାସନ ଏତେ ଗୁଡ଼ାଏ ଟଙ୍କା ଏହି ବ୍ୟାଙ୍କରେ ଜମା ଦେଇଥିଲା।

ଜଣେ ବରିଷ୍ଠ ସେବାୟତଙ୍କ କହିବାନୁଯାୟୀ ଗତ ଡିସେମ୍ବର ୨୦ରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସଦସ୍ୟମାନେ ହୋହଲ୍ଲା କରିଥିଲେ। କମିଟି ଏବଂ ଅର୍ଥ ସବ୍ କମିଟି ବିନା ଅନୁମୋଦନରେ କିପରି ମହାପ୍ରଭୁଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ସେବାୟତମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ଟଙ୍କା ରଖାଯାଉଥିବାବେଳେ ଘରୋଇ ବ୍ୟାଙ୍କରେ ଜମା ପାଇଁ କିଏ ଅନୁମତି ଦେଇଥିଲେ ବୋଲି ପ୍ରଶ୍ନ ଉଠିଥିଲା। ଗତ ଫେବୃୟାରୀ ୫ରେ ହୋଇଥିବା ପରିଚାଳନା କମିଟି ବୈଠକରେ ପୁନର୍ବାର ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ୟେସ୍ ବ୍ୟାଙ୍କରେ ଟଙ୍କା ଜମା କରିବା ପ୍ରସଙ୍ଗରେ ସମସ୍ତଙ୍କୁ ଅନ୍ଧାରରେ ରଖାଗଲା ବୋଲି ସେବାୟତ ଜଣକ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୁରୀ ଗଜପତି ମହାରାଜା ହେଉଛନ୍ତି ଏହି କମିଟିର ଅଧ୍ୟକ୍ଷ। ଆହୁରି ଉଲ୍ଲେଖ କରାଯାଇପାରେ ଯେ, ଏତେ ଅଧିକ ଅର୍ଥ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ କୌଣସି ଜଣେ ବ୍ୟକ୍ତିର କ୍ଷମତା ରହି ନ ଥାଏ। ସେଥିପାଇଁ ପରିଚାଳନା ☞ପୃଷ୍ଠା-୪









ଦିଲ୍ଲୀ ଆଇଆଇଟିର ୨ ଜଣ ଛାତ୍ର ଏକ ସ୍ମାର୍ଟ ବାଡ଼ି ତିଆରି କରିଛନ୍ତି। ଏହା ବୟସ୍କଙ୍କୁ ସାହାରା ଦେବା ସହିତ ତଳେ ପଡ଼ିବାରୁ ସୁରକ୍ଷା ବି ଦେବ। କୌଣସି ଅସୁବିଧା ସମୟରେ ସ୍ମାର୍ଟ ବାଡ଼ିରେ ଲାଗିଥିବା ସଫ୍ଟୱେର ବୟସ୍କ ବ୍ୟକ୍ତିଙ୍କ ପରିବାର ସଦସ୍ୟ ଏବଂ କେୟାର ଟେକରଙ୍କ ମୋବାଇଲ୍‌କୁ ସତର୍କ ସୂଚନା ପଠାଇବ। ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେଶନ ପାଠ୍ୟକ୍ରମର ପ୍ରଥମ ବାର୍ଷିକ ଛାତ୍ର ଅର୍ଜୁନ ରାଜ ଏବଂ ରଘୁଲ୍ ପି.କେ ମିଳିତଭାବେ ଏହି ସ୍ମାର୍ଟ ବାଡ଼ି ପ୍ରସ୍ତୁତ କରିଛନ୍ତି। ବୟସ୍କଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ଏବେ ତାଙ୍କ ଟିମ୍‌ରେ ୯ ଜଣ ଛାତ୍ର ଯୋଗ ଦେଇଛନ୍ତି।



# ସେଓ ଗଛକୁ ସୁରକ୍ଷା ଦେବ 'ଆଣ୍ଟାଇ ହେଲ୍ ନେଟ'

**ସିକ୍କିମ:** ଭାରତର ଫଳ ଟାଙ୍ଗୁଡ଼ି ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ପର୍ବତ ରାଜ୍ୟ ହିମାଚଳ ପ୍ରଦେଶରେ ସେଓ ଏବଂ ଅନ୍ୟ ସ୍ୱାଦିଷ୍ଟ ଫଳକୁ କରକାପାତରୁ ରକ୍ଷା କରିବାକୁ ସେଠାକାର ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳ ଗଛକୁ ସୁରକ୍ଷା ଦେବାକୁ 'ଆଣ୍ଟାଇ ହେଲ୍ ନେଟ' ବ୍ୟବହାର କରାଯିବ। ଏଥିରେ ଚାଷୀଙ୍କୁ ୫୦% ସବ୍‌ସିଡି ମିଳିବ। ରାଜ୍ୟ ବଜେଟ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଏହି ଘୋଷଣା କରିଛନ୍ତି। କୃଷି ଉତ୍ପାଦନ ସଂରକ୍ଷଣ ଯୋଜନା ଅଧୀନରେ ଏହା କାର୍ଯ୍ୟକାରୀ ହେବ।

ତୁଷାର ଏବଂ କରକାପାତ ଯୋଗୁ ହିମାଚଳର ଚାଷୀ ପ୍ରତିବର୍ଷ ପ୍ରଭୂତ କ୍ଷତି ସହୁଛନ୍ତି। ଏହା ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଉଛି। ତେଣୁ ଫଳଗଛକୁ ସୁରକ୍ଷା ଦେବାକୁ ଆଗେଇ ଆସିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏହି ଯୋଜନାରେ 'ଆଣ୍ଟାଇ ହେଲ୍ ନେଟ୍' କିଣାଯିବ। ଏହାକୁ ବାନ୍ଧିବାକୁ ବାଉଁଶ କିମ୍ବା ଷ୍ଟିଲର ସ୍ଥାୟୀ ଷ୍ଟ୍ରକ୍‌ଚର ନିର୍ମାଣ କରାଯିବ। ଏଥିପାଇଁ ଫଳ ଉଦ୍ୟାନ କରିଥିବା ଚାଷୀଙ୍କୁ ୫୦% ଆର୍ଥିକ ଅନୁଦାନ ମିଳିବ। ଏଥିଲାଗି ରାଜ୍ୟ ବଜେଟରେ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ହିମାଚଳପ୍ରଦେଶର ପ୍ରମୁଖ ୫ଜିଲାରେ ସେଓ ଉତ୍ପାଦନ ବଢ଼ିବାରେ ଲାଗିଛି। ଏଠାରେ ବାର୍ଷିକ ସେଓ କାରବାର ୪,୦୦୦ କୋଟି ଛୁଇଁଛି। ଚଳିତ ବର୍ଷ ୪ କୋଟି ପେଟି ସେଓ ଉତ୍ପାଦନ ହେବ ବୋଲି ଆକଳନ କରିଛି ସେଠାକାର ରାଜ୍ୟ ଉଦ୍ୟାନ ବିଭାଗ। ୨୦୧୯ରେ ୨.୭୫ କୋଟି ପେଟି ସେଓ ଉତ୍ପାଦନ ହୋଇଥିଲା। ଏହି ସଂଖ୍ୟା ୨୦୧୭ରେ ୧.୭୩ କୋଟି, ୨୦୧୮ରେ ୧.୪୨ କୋଟି ପେଟି ରହିଥିଲା। ଏଥିସହ ବଜେଟରେ ଉତ୍ପାଦିତ ସେଓର ଷ୍ଟୋରେଜ କ୍ଷମତା ବଢ଼ାଇବା ଲାଗି ଅଧିକ ଶୀତଳଭଣ୍ଡାର ନିର୍ମାଣ, ଶୀତଳ ଭଣ୍ଡାରରେ ସଂରକ୍ଷଣ ମାତ୍ରା ବୃଦ୍ଧି, ଜଳସେଚନ, ଚାରା ରୋପଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅନ୍ୟପଟେ ହିମାଚଳର ଚେରିର ସାରା ଦେଶରେ ଖାସ୍ ଚାହିଦା ରହିଛି। ତେଣୁ ଏହାର ସୁରକ୍ଷା ଲାଗି ହାଇଡ୍ରୋକୁଲିଂ ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଛି।

ତେବେ ସରକାରଙ୍କ ଏହି ବଜେଟକୁ ଅନେକ ଚାଷୀ ନାପସନ୍ଦ କରିଛନ୍ତି। ସଫଳ ଚାଷୀ ପ୍ରଶାନ୍ତ ସେହଟା କୁହନ୍ତି, କରକାପାତ ସେଓ ଚାଷୀଙ୍କ ପ୍ରମୁଖ ଶତ୍ରୁ। ଯଦିଓ ସରକାର ଚଳିତ ବଜେଟରେ ଚାଷୀଙ୍କ କ୍ଷତିଭରଣା କଥା ଚିନ୍ତା କରିଛନ୍ତି, ତେବେ ଏହା ପର୍ଯ୍ୟାପ୍ତ ନୁହେଁ। ଏଥିପ୍ରତି ଆହୁରି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।



# ମୋଦିଙ୍କ ସମ୍ମାନ ଗ୍ରହଣ କରିବାକୁ ଲିସିପ୍ରିୟା ଅମଙ୍ଗ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନିଜର ଟୁଇଟର ଅକାଉଣ୍ଟକୁ ମହିଳାଙ୍କୁ ସମର୍ପିତ କରିବେ ବୋଲି ଘୋଷଣା କରିଥିଲେ। ଘୋଷିତ ତାଲିକାରେ ପ୍ରେରଣାଦାୟୀ ମହିଳାଙ୍କ ମଧ୍ୟରେ ୮ ବର୍ଷର ଜଣେ ବାଳିକାଙ୍କୁ ସାମିଲ୍ କରାଯାଇଥିଲା। ତେବେ ଏହି ସମ୍ମାନକୁ ଗ୍ରହଣ କରିବାକୁ ନାବାଳିକା ଜଣକ ଅମଙ୍ଗ ହୋଇଛନ୍ତି। ଏହି ନାବାଳିକା ଜଣକ ହେଉଛନ୍ତି ମଣିପୁରର ଲିସିପ୍ରିୟା କଙ୍ଗୁଜମ୍। ସେ ଜଣେ ପରିବେଶକର୍ମୀ ଭାବେ କାମ କରନ୍ତି। ଟୁଇଟରରେ ସେ ଲେଖିଛନ୍ତି ଯେ, ମତେ ସମ୍ମାନିତ କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଏବଂ ସମସ୍ତ ଏମ୍‌ପିଙ୍କୁ ଶୀଘ୍ର ପରିବେଶ ସୁରକ୍ଷା ପାଇଁ ଜଳବାୟୁ ପରିବର୍ତ୍ତନ ଉପଯୋଗୀ ନିୟମ ଜାରି କରିବାର ଆବଶ୍ୟକତା ରହିଛି। ଏବେ ଲିସିପ୍ରିୟାଙ୍କ ଏଭଳି ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜାରି ରହିଛି।

ସୂଚନାଯୋଗ୍ୟ, ୨୦୧୯ରେ ଲିସିପ୍ରିୟାଙ୍କୁ ୱାର୍ଲ୍ଡ ଚିଲ୍‌ଡ୍ରେନ୍ ପିସ୍ ପ୍ରାଇଜ୍ ଭାବେ ଡ.ଏପିଜେ ଅବଦୁଲ୍ଲା କାଲାମ ଚିଲଡ୍ରେନ୍ ଆୱାର୍ଡ ପ୍ରଦାନ କରାଯାଇଥିଲା।



# ସ୍ତ୍ରୀ-ସ୍ୱାମୀ ସମ୍ପର୍କରେ ପାଚେରି ହେଲା କରୋନା

ଆମେରିକା ୱାଶିଂଟନର କିର୍କଲାଣ୍ଡ ସହରରେ ରହନ୍ତି ୮୯ ବର୍ଷୀୟ ଜେନ୍ କ୍ୟାମ୍ବଲ୍ ଓ ତାଙ୍କ ସ୍ତ୍ରୀ ୮୮ ବର୍ଷୀୟା ଡେରେଥୀ । ବିବାହର ୬୦ ବର୍ଷ ହେଲାଣି, କିନ୍ତୁ ଏବେ ଦୁହିଁଙ୍କୁ ଅଲଗା ହେବାକୁ ପଡ଼ିଛି । ଆଉ ଏହାର କାରଣ ହେଉଛି କରୋନା ଭାଇରସ୍ । ଏଇ ଭାଇରସ୍ କାରଣରୁ ଏବେ ୱାଶିଂଟନର ଲାଇଫ୍ କେୟାର ସେଣ୍ଟରରେ ବନ୍ଦୀ ଭଳି ରହୁଛନ୍ତି ଜେନ୍ । ଡେରେଥୀ ତାଙ୍କ ସ୍ୱାମୀଙ୍କୁ ଦେଖା କରିବାକୁ ଆସିଥିଲେ ସତ, କିନ୍ତୁ ଉଭୟଙ୍କ ମଧ୍ୟରେ ଥିଲା କାଚର ଏକ ବିରାଟ ପ୍ରାଚୀର । କରୋନା କାରଣରୁ ଉଭୟ ପରସ୍ପରକୁ ସିଧାସଳଖ ସାକ୍ଷାତ୍ କରିବାର ଅନୁମତି ମିଳିନଥିଲା । ତେଣୁ କାଚ ପ୍ରାଚୀରର ଦୁଇପଟେ ରହି ଦେଖା କରିଛନ୍ତି ଏବଂ ଫୋନରେ ପରସ୍ପର କଥା ହୋଇଛନ୍ତି। ଡେରେଥୀ ତାଙ୍କ ପୁଅ ସହ ସ୍ୱାମୀଙ୍କୁ ଦେଖା କରିବାକୁ ଯାଇଥିଲେ, କିନ୍ତୁ କାଚ ପ୍ରାଚୀର ଦେଇ ଦେଖାକରିବାବେଳେ ଉଭୟ ଅତ୍ୟନ୍ତ ଭାବପ୍ରବଣ ହୋଇ ପଡ଼ିଥିଲେ । ବୃଦ୍ଧ ଦମ୍ପତିଙ୍କର ଏଇ ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ସେଚେନ୍ ଝାଙ୍ଗ ନାମକ ବ୍ୟକ୍ତି ଏକ ସୁନ୍ଦର ଭାବପ୍ରବଣ ଟ୍ୟାଗ୍ ସହିତ ଏଇ ଫଟୋକୁ ପୋଷ୍ଟ କରିଥିଲେ ।



# କର୍କଟ ପୀଡ଼ିତଙ୍କ ପାଇଁ ଛାତ୍ରୀଙ୍କ କେଶ ଦାନ

କୋଏମ୍ବାଟୁର: କର୍କଟ ପୀଡ଼ିତଙ୍କ ପାଇଁ କେତେକ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ତେବେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅସମର୍ଥ ଥିବା ତାମିଲନାଡୁର କୋଏମ୍ବାଟୁରସ୍ଥିତ ଏକ ଘରୋଇ କଲେଜର ୮୦ ଜଣ ଛାତ୍ରୀ ନିଜ କେଶ ଦାନ କରିଛନ୍ତି। କେମୋଥେରାପି ପରେ କର୍କଟ ପୀଡ଼ିତଙ୍କ କେଶ ଉପୁଡ଼ି ଯାଇଥାଏ। ତେଣୁ ଦାନ କରାଯାଇଥିବା କେଶରୁ ୱିଗ୍ ତିଆରି କରି କର୍କଟ ପୀଡ଼ିତଙ୍କୁ ପ୍ରଦାନ କଲେ ସେମାନେ ଖୁସି ହେବେ ବୋଲି ଛାତ୍ରୀମାନେ କହିଛନ୍ତି। କର୍କଟ ପୀଡ଼ିତଙ୍କ ମୁହଁରେ ହସ ଫୁଟାଇବା ଲାଗି ଛାତ୍ରୀମାନେ ଏଭଳି ନିଆରା ପଦକ୍ଷେପ ଆପଣେଇଛନ୍ତି। ଛାତ୍ରୀମାନେ ୮ଇଞ୍ଚ ଲମ୍ବର କେଶ ଦାନ କରିଛନ୍ତି। ଏହି ଅଭିଯାନରେ ୨୦୦ ଛାତ୍ରୀ ସେମାନଙ୍କ କେଶ ଦାନ କରିବେ ବୋଲି ଯୋଜନା ରହିଛି।





# ହଂସ ସ୍ୱୟଂବର

**ନୂଆଦିଲ୍ଲୀ:** ପ୍ରେମ ନିବେଦନ କରିବା ନିମନ୍ତେ କିଏ କେତେ କ'ଣ ଉପାୟ ଅବଲମ୍ବନ କରିଥାନ୍ତି । ଆଜିକାଲି ତ ଯୁବପିଢ଼ି ଏଥିପାଇଁ ଅଜବ କାରନାମା ବି କରୁଛନ୍ତି । ତେବେ ମଣିଷଙ୍କ ଭଳି ହଂସମାନେ ବି ସେମାନଙ୍କ ସାଥୀଙ୍କୁ ସ୍ୱତନ୍ତ୍ର ଢଙ୍ଗରେ ପ୍ରେମ ନିବେଦନ କରିଥାନ୍ତି । ପୁରୁଷ ହଂସମାନେ ମାଈ ହଂସକୁ ଜୀବନସାଥୀ ରୂପେ ବାଛିବା ନିମନ୍ତେ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ଏକ ସ୍ୱତନ୍ତ୍ର ପ୍ରକାରର ନୃତ୍ୟ କରିଥାନ୍ତି । ପୁରୁଷ ହଂସମାନେ ପ୍ରଥମେ ଏକାଠି ହୋଇ ସ୍ୱତନ୍ତ୍ର ପ୍ରକାରର ନାଚ କରିଥାନ୍ତି । ତା'ପରେ ସାଥୀ ହଂସ ଆସି ସେମାନଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରିଥାନ୍ତି । ହଂସମାନଙ୍କର ଏଭଳି ନାଚର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଏକଥା ଚର୍ଚ୍ଚାକୁ ଆସିଛି। ଭିଡିଓଟିକୁ ସର୍ବପ୍ରଥମେ ଶେୟାର କରିଥିଲେ ଆଇଏଫ୍‌ଏସ୍ ଅଫିସର ସୁଧା ରମେନ୍ । ଭିଡିଓରେ ଦଳେ ହଂସ ଏକାଠି ହୋଇ ନାଚ କରି ଏକ ମାଈ ହଂସକୁ ସେମାନଙ୍କ ଆଡକୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି । ସୋସିଆଲ୍ ମିଡିଆରେ ଲୋକେ ହଂସମାନଙ୍କର ଏଇ ନାଚକୁ ସ୍ୱୟଂବର ବୋଲି କହି ରିଟ୍ୱିଟ୍ କରିଛନ୍ତି । ଜୀବନସାଥୀ ଚୟନ ନିମନ୍ତେ ହଂସମାନଙ୍କର ଏଭଳି ନାଚର ଭିଡିଓ ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରିଛି ।

# ଇକୋ ଫ୍ରେଣ୍ଡ୍‌ଲି ନାପକିନ୍

**ମଦୁରାଇ:** କେବେ ସ୍ୱାବଲମ୍ବୀ ହେବାର ଇଚ୍ଛା ତ କେବେ ଅନ୍ୟକୁ ସାହାଯ୍ୟ କରିବା ଇଚ୍ଛା ବେଳେବେଳେ ନୂଆ ଉଦ୍ଭାବନ କରିବାରେ ସାହାଯ୍ୟ କରିଥାଏ । ଏଇ ଯେମିତି ଟି କାନ୍ନାମା । କେରଳ ମଦୁରାଇର ୪୨ ବର୍ଷୀୟା ଏହି ମହିଳାଜଣକ ଏବେ ଗରିବ ମହିଳାଙ୍କ ପାଇଁ ତିଆରି କରୁଛନ୍ତି ବାୟୋଡିଗ୍ରେଡେବୁଲ୍ ନାପକିନ୍ । ଏହାଦ୍ୱାରା ସେ ଏବେ ଗରିବ ମହିଳାମାନଙ୍କୁ କମ୍ ଦାମ୍‌ରେ ନାପକିନ୍ ଯୋଗାଇ ପାରୁଥିବାବେଳେ ନିଜେ ମଧ୍ୟ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇ ପାରୁଛନ୍ତି । କାନ୍ନାମାଙ୍କର ଏଇ ନାପକିନ୍ ଶତ ପ୍ରତିଶତ କଟନରେ ତିଆରି ଏବଂ ଏଥିରେ କୌଣସି ପ୍ରକାରର କେମିକାଲ୍ ଦିଆଯାଇନି । ଏହା ସହିତ ଏଥିରେ ଆଲୋବେରା, ନିମ୍ବ ଏବଂ ତ୍ରିଫଳା ଗୁଣ୍ଡ ବ୍ୟବହାର ହୋଇଥିବାରୁ ତାହା ସହଜରେ ଦୁର୍ଗନ୍ଧ ଦୂର କରିବା ସହ ସଂକ୍ରମଣରୁ ରକ୍ଷା କରିଥାଏ । ତାଙ୍କର ଏହି ଇକୋ ଫ୍ରେଣ୍ଡ୍‌ଲି ନାପକିନ୍ ମହିଳାଙ୍କ ନିକଟରେ ବେଶ୍ ଆଦୃତ ହୋଇପାରିଛି । ପ୍ରତ୍ୟେକଙ୍କ ପାଇଁ ଖାଦ୍ୟ ଯେମିତି ଏକ ଜରୁରୀ ଆବଶ୍ୟକତା ସେହିଭଳି ସାନିଟାରି ନାପକିନ୍ ମଧ୍ୟ ନିହାତି ଆବଶ୍ୟକ । ତେଣୁ ଗ୍ରାମୀଣ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଏଭଳି ଏକ ଇକୋ ଫ୍ରେଣ୍ଡ୍‌ଲି ନାପକିନ୍ ତିଆରି କରିଛନ୍ତି କାନ୍ନାମା ।



# ହଲିଉଡ୍ କଳାକାରଙ୍କ ସହ ଜନ୍ମଦିନ ପାଳିଲେ ଅନୁପମ

**ନ୍ୟୁୟର୍କ:** ବଲିଉଡ୍‌ର ବରିଷ୍ଠ କଳାକାର ଅନୁପମ ଖେର ଶନିବାର ୬୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ସେ ନ୍ୟୁୟର୍କରେ ହଲିଉଡ୍‌ର ଭେଟେରାନ ଆକ୍ଟର ରୋବର୍ଟ ଡି ନିରୋଙ୍କ ସହ ଜନ୍ମଦିନ ପାଳନ କରିଛନ୍ତି। ଏହି ଦୁଇ କଳାକାର ୨୦୧୨ରେ 'ସିଲଭର ଲିନିଙ୍ଗସ୍ ପ୍ଲେବୁକ'ରେ ସ୍କ୍ରିନ୍ ଶେୟାର କରିଥିଲେ। ନିରୋଙ୍କ ସହ ଜନ୍ମଦିନ ପାଳନ କରୁଥିବାର ଏକ ଭିଡିଓ ଅନୁପମ ତାଙ୍କ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ଭିଡିଓରେ ଏକ ମିନିଏଚର କେକ୍‌ରେ କ୍ୟାଣ୍ଡେଲ ଜଳୁଥିବା ବେଳେ ନିରୋ ବାର୍ଥଡେ ସଙ୍ଗ ଗାଇ ଅନୁପମଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି। ଏହାପରେ ଅନୁପମ ତାଙ୍କୁ ଧନ୍ୟବାଦ ଦେଇ କେକ୍ କାଟିବାକୁ ଯାଉଥିବା ଦେଖାଯାଇଛି।



# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ମାର୍ଚ୍ଚ ୮/୨୦୨୦ | Sambalpur, Sunday, March 8 / 2020 | ପୃଷ୍ଠା-୩




## ଝିଅଙ୍କୁ ଟକ୍କର ଦେଉଛନ୍ତି ତନୁଜା

ଝିଅମାନଙ୍କ ସହ ମିଶି ଗାଧୋଉଥିବା ଭେଟେରାନ ଅଭିନେତ୍ରୀ ତନୁଜାଙ୍କ ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

୦୪

୧୪

## ୱାସିମ୍ ଜାଫରଙ୍କ ଅବସର

ପୂର୍ବତନ ଭାରତୀୟ ଓପନର ୱାସିମ୍ ଜାଫର ଶନିବାର କ୍ରିକେଟ୍ର ସମସ୍ତ ଫର୍ମାଟ୍ରୁ ଅବସର ଘୋଷଣା କରିଛନ୍ତି।



# ସ୍ୱାଧୀନତା ସଂଗ୍ରାମୀ ବିପିନ ବିହାରୀ ରଥଙ୍କ ପରଲୋକ

କଟକ ଅଫିସ,୭।୩

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ଆଇନଜୀବୀ ଡ. ବିପିନ ବିହାରୀ ରଥ(୯୦)ଙ୍କ ଶନିବାର ପୂର୍ବାହ୍ଣ ସାଢେ ୧୧ଟାରେ କଟକ ବଡ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ କଟକ କନିକାଛକ ସ୍ଥିତ ବାସଭବନକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ତଥା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ, ବୈଦ୍ୟନାଥ ରଥ, ଜଗନ୍ନାଥ ରଥ, ଝିଅ ମନୋରମା, କଳ୍ପନା ଏବଂ କ୍ରିଷ୍ଣାଙ୍କ ସହ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣିବା ପରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡାଙ୍କ ସମେତ ବହୁ ବିଚାରପତି, ପୂର୍ବତନ ବିଚାରପତି, ବରିଷ୍ଠ ଆଇନଜୀବୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ବିରାଟ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ହାଇକୋର୍ଟକୁ ଅଣାଯାଇ ଶେଷ ସମ୍ମାନ ଦିଆଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ବିଶ୍ୱନାଥ ମୁଖାଗ୍ନି ଦେଇଥିଲେ।

୧୯୩୦ ନଭେମ୍ବର ୨୯ ତାରିଖରେ ଗଞ୍ଜାମ ଜିଲା କୃପାସିନ୍ଧୁପୁର ଶାସନରେ ବିପିନ ଜନ୍ମଗ୍ରହଣ କରିଥିଲେ। ମହାତ୍ମା ଗାନ୍ଧୀ ଏବଂ ନେତାଜୀ ସୁଭାଷ ଚନ୍ଦ୍ର

### ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ



ବୋଷଙ୍କ ପ୍ରେରଣାରେ ମାତ୍ର ୧୦ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ୧୯୪୨ ଅଗଷ୍ଟ ୧୦ରେ ବ୍ରହ୍ମପୁର ମୁଖ୍ୟ ଡାକଘର ସମ୍ମୁଖରେ ଭାରତ ଛାଡ଼ ଆନ୍ଦୋଳନରେ ଭାଗନେଇ ଜେଲ୍ ଯାଇଥିଲେ। ୧୯୬୧ରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ଶିକ୍ଷା ଲାଭ କରିବା ପରେ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭାବେ ଯୋଗଦେଇଥିଲେ। ଏପରି କି ୧୯୬୮ରୁ ୧୯୭୭ ପର୍ଯ୍ୟନ୍ତ ଫରୱାର୍ଡ ବ୍ଲକ ଓଡ଼ିଶା ୟୁନିଟ୍ର ସେ ସଭାପତି ରହିଥିଲେ। ୧୯୮୭ରେ ତାଙ୍କୁ ବରିଷ୍ଠ ☞ପୃଷ୍ଠା-୪

# ନିର୍ବାଚନରେ ରୋକାଯିବ କଳାଧନ

କଟକ ଅଫିସ, ୭।୩

ଗତ ସାଧାରଣ ନିର୍ବାଚନରେ ବିପୁଳ ପରିମାଣରେ କଳାଧନ ବ୍ୟବହାର ହୋଇଛି। ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ନଗଦ ଟଙ୍କା, ନିଶାଦ୍ରବ୍ୟ ଏବଂ ଅଳଙ୍କାର ବଣ୍ଟନ କରାଯାଇଛି। କେଉଁ ରାଜ୍ୟରେ କେତେ ପରିମାଣର କଳାଧନ ବ୍ୟବହାର ହୋଇଥିଲା ସେ ନେଇ ଅନେକ ସୂଚନା ମିଳିଛି। ଫଳରେ ଆଗାମୀ ନିର୍ବାଚନ ସମୟରେ କିଭଳି ଭାବେ କଳାଧନର ବ୍ୟବହାର ରୋକାଯାଇପାରିବ ସେ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଏଜେନ୍ସି ଜରିଆରେ କଳାଧନ ଧରପଗଡ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କଳାଧନ ପ୍ରସଙ୍ଗରେ ଗଠିତ ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଟିମ୍(ଏସ୍ଆଇଟି)ର ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ। କଟକ ତେଲେଙ୍ଗାବଜାରସ୍ଥିତ ଜଷ୍ଟିସ୍ ପଶାୟତଙ୍କ ବାସଭବନରେ ଶନିବାର କଳାଧନ ସମ୍ପର୍କିତ ଏସ୍ଆଇଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ନିର୍ବାଚନ ଆୟୋଗ(ଇସିଆଇ), ପ୍ରବର୍ତ୍ତନ



ଜଷ୍ଟିସ ଅରିଜିତ ପଶାୟତ

ନିର୍ଦ୍ଦେଶାଳୟ(ଇଡି), ସିବିଆଇ, ରାଜ୍ୟ କ୍ରାଇମ୍ବ୍ରାଞ୍ଚ, ଆୟକର ବିଭାଗ, ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ(ସିବିଡିଟି), ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଇନ୍ଡାଇରେକ୍ଟ ଟ୍ୟାକ୍ସ ଆଣ୍ଡ କଷ୍ଟମ୍ସ(ସିବିଆଇଟିସି), ଅର୍ଥନୈତିକ ଗୋଇନ୍ଦା ୟୁନିଟ୍ (ଏଫ୍ଆଇୟୁ), ରାଜ୍ୟ ଭିଜିଲାନ୍ସ, ବାଣିଜ୍ୟକର, ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ ସହ ପ୍ରାୟ ୧୮ଟି ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

ଗତ ନିର୍ବାଚନରେ କେଉଁ ରାଜ୍ୟରେ କେତେ କଳାଧନ ବ୍ୟବହାର ହୋଇଥିଲା ସେ ସମ୍ପର୍କରେ ନିର୍ବାଚନ ଆୟୋଗ ପକ୍ଷରୁ ବୈଠକରେ ତଥ୍ୟ ରଖାଯାଇଥିଲା। ନିର୍ବାଚନ ସମୟରେ ବିଭିନ୍ନ ଏଜେନ୍ସି ପକ୍ଷରୁ ଚଢାଉ କରାଯାଇ ଜବତ ହୋଇଥିବା ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ନିର୍ବାଚନବେଳେ କଳାଧନ ବ୍ୟବହାର ରୋକାଯିବା ପାଇଁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ସଦସ୍ୟମାନେ ମତ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଦୁର୍ନୀତି ଏବଂ ଅର୍ଥନୈତିକ ଅପରାଧ ମାମଲାଗୁଡିକରେ ଅଭିଯୁକ୍ତମାନେ ୬ ମାସରୁ ଅଧିକ ସମୟ ରହିତାଦେଶ ନେଇପାରିବେ ନାହିଁ। ଗିରଫଦାରି ଏବଂ ତଦନ୍ତକୁ ଏଡାଇବା ପାଇଁ ସେମାନେ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ରହିତାଦେଶ ନେଉଛନ୍ତି। ତୁରନ୍ତ ଏହାକୁ ବନ୍ଦ କରାଯିବା ଓ ତ୍ୱରିତ ତଦନ୍ତ ସମ୍ପର୍କରେ ଆଲୋଚନା ହୋଇଥିଲା।

### ଏସ୍ଆଇଟିର ୯ମ ବୈଠକ

- ବ୍ୟବହାର ହେଉଛି ଟଙ୍କା, ନିଶାଦ୍ରବ୍ୟ, ଅଳଙ୍କାର
- ୬ମାସରୁ ଅଧିକ ରହିତାଦେଶ ବଳବତ୍ତର ରହିବନି

ଏଦିଗରେ ବିଭିନ୍ନ ତଦନ୍ତକାରୀ ଏଜେନ୍ସିଗୁଡିକ ମଧ୍ୟରେ ଉତ୍ତମ ସମନ୍ୱୟକୁ ଗୁରୁତ୍ୱ ଦିଆଯାଇଥିଲା। ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତିଗୁଡିକର ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ସବୁବିଭାଗ ସକାରାତ୍ମକ ପଦକ୍ଷେପ ନେଇଛନ୍ତି ବୋଲି ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ପଶାୟତ କହିଛନ୍ତି।

ସୂଚନାଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଏସ୍ଆଇଟିର ୮ଟି ବୈଠକ ପୂର୍ବରୁ ଅନୁଷ୍ଠିତ ହୋଇଯାଇଛି। ୨୦୧୫ ଅକ୍ଟୋବର ୧୭ ତାରିଖରେ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ୨୦୧୬ ଫେବୃୟାରୀ ୨୫ରେ ଦ୍ୱିତୀୟ, ଏପ୍ରିଲ ୨୭ରେ ତୃତୀୟ, ଜୁଲାଇ ୧୫ରେ ଚତୁର୍ଥ, ସେପ୍ଟେମ୍ବର ୧୨ରେ ପଞ୍ଚମ, ୨୦୧୭ ମାର୍ଚ୍ଚ ୨ରେ ଷଷ୍ଠ, ଅଗଷ୍ଟ ୧୪ରେ ସପ୍ତମ ଓ ୨୦୧୯ ଜୁନ୍ ୧୮ ତାରିଖରେ ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବ ବୈଠକଗୁଡିକର ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ ହୋଇସାରିଛି। ଏହି ବୈଠକର ରିପୋର୍ଟ ଆସନ୍ତା ଦୁଇମାସ ମଧ୍ୟରେ ପ୍ରଦାନ କରାଯିବ ବୋଲି ଜଷ୍ଟିସ ପଶାୟତ ସୂଚନା ଦେଇଛନ୍ତି।

### ଆଜିର ସମ୍ପାଦକୀୟ

## ସ୍ଥିତାବସ୍ଥାରେ ପରିବର୍ତ୍ତନ

### ଆଜିର ମନ୍ତବ୍ୟ

"ନିର୍ଭୟା ଦୋଷୀ ନ୍ୟାୟ ବ୍ୟବସ୍ଥାର ମଜାକ୍ ଉଡ଼ାଉଛନ୍ତି। ଏହାକୁ ବନ୍ଦ କରିବା ଲାଗି ତୁରନ୍ତ ଜରୁରୀ ପଦକ୍ଷେପ ଆବଶ୍ୟକ।

-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ


Taste the difference! Vencobb FRESH CHICKEN

07.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers



AIMS GROUP OF INSTITUTIONS

AIMS COLLEGE SAMBALPUR

Fully Residential +2 & +3 Sc. College

FOUNDATION COURSE

Starting From 25th March 2020

Hurry Up.... Limited Seats

PARDHIAPALI, SAMBALPUR

Contact: 7873006705, 6370704305, 7978326206, 7894417902




## ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ଆଜି

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ(ଏମ୍ସିଜି)ରେ ରବିବାର ଆନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍ର ଫାଇନାଲ ମ୍ୟାଚ ଖେଳାଯିବ। ଟାଇଟଲ ପାଇଁ ଏହି ମହାମୁକାବିଲାରେ ଭାରତ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ପାଇଁ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଭାରତୀୟ ୧୬ ବର୍ଷୀୟା ଓପନର ଶେଫାଳି ବର୍ମାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଏହାପୂର୍ବରୁ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ଫଳରେ ଭାରତ ଫାଇନାଲକୁ ଉଠିଥିଲା। ଅନ୍ୟପଟେ ଦକ୍ଷିଣ ଆଫ୍ରିକାକୁ ହରାଇ କ୍ରମାଗତ ଷଷ୍ଠଥର ପାଇଁ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା।

ବିଶେଷ ବିବରଣୀ ଖେଳ ପୃଷ୍ଠାରେ......

# ୪ ଆସନ ପାଇଁ ବିଜେଡିର ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୭।୩ (ବ୍ୟୁରୋ)

ଆସନ୍ତା ଏପ୍ରିଲ ୨ ତାରିଖରେ ଖାଲି ହେବାକୁ ଥିବା ୪ଟି ରାଜ୍ୟ ସଭା ଆସନ ପାଇଁ ବିଜୁ ଜନତା ଦଳ (ବିଜେଡି) ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ସୁବାସ ସିଂ, ମୁନ୍ନା ଖାଁ, ସୁଜିତ କୁମାର ଓ ମମତା ମହାନ୍ତ। ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂଙ୍କ ଇସ୍ତଫା ଗ୍ରହଣ କରି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ବୋର୍ଡର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଗଲା ବୋଲି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୁବାସ ସିଂ ଓଡିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ରହିଥିଲେ।



ସୁଜିତ କୁମାର



ସୁବାସ ସିଂ



ମୁନ୍ନା ଖାଁ



ମମତା ମହାନ୍ତ

ସେ ଦୀର୍ଘଦିନ ଧରି ଶ୍ରମିକ, ବିଭିନ୍ନ ଶ୍ରମିକ ସଂଗଠନ ଏବଂ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଂଗଠନ ସହ ଜଡିତ ଅଛନ୍ତି। ସେହିପରି ମୁନ୍ନା ଖାଁ କେତେକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏଥିସହିତ ବିଜେଡି ସଂଖ୍ୟାଲଘୁ ବ୍ୟାପାର ସଂଗଠନର ଉପଦେଷ୍ଟା ଭାବେ କାର୍ଯ୍ୟରତ ଅଛନ୍ତି। ସୁଜିତ କୁମାର ଅବିଭକ୍ତ କଳାହାଣ୍ଡି ଜିଲାରେ ବିଜେଡି ସଂଗଠନ କଥା ବୁଝୁଛନ୍ତି। ଏଥିସହିତ କଳାହାଣ୍ଡି ଜିଲା ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସେ ଉପଦେଷ୍ଟା ଅଛନ୍ତି। ସେ ହାର୍ଭାର୍ଡ ୟୁନିଭର୍ସିଟିରେ ପବ୍ଲିକ ଆଡ୍ମିନିଷ୍ଟ୍ରେଶନରେ ମାଷ୍ଟର ଡିଗ୍ରୀ କରିଥିବା ବେଳେ ଅକ୍ସଫୋର୍ଡ ୟୁନିଭର୍ସିଟିରୁ ଏମ୍ବିଏ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ମମତା ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ମହିଳା ପ୍ରତିନିଧି ହିସାବରେ ଚୟନ କରିଛନ୍ତି। ସେ ମୟୂରଭଞ୍ଜ ଜିଲାର ବିଜୁ ଜନତା ଦଳ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହିଳା ସଶକ୍ତୀକରଣ ପାଇଁ ଅନେକ କାର୍ଯ୍ୟ କରିଛନ୍ତି।

ଆସନ୍ତା ଏପ୍ରିଲ ୨ ତାରିଖରେ ବିଜେଡି ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ୨୦୧୯ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରୁ ବିଜେଡି ଲୋକ ସଭା ପ୍ରାର୍ଥୀ ହେବା ପାଇଁ ଅନୁଭବ ମହାନ୍ତି ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏଥିଯୋଗୁ ମୋଟ ୪ଟି ଆସନ ଖାଲି ପଡିବ। ଚଳିତ ବିଧାନସଭାରେ ମୋଟ ୧୪୭ଟି ଆସନରୁ ବିଜେଡିର ୧୧୩ଟି ଆସନ ଥିବା ବେଳେ ଭାଜପାର ୨୩ ଏବଂ କଂଗ୍ରେସର ୯ଟି ଆସନ ☞ପୃଷ୍ଠା-୪

# ଇଡି ପଞ୍ଝାରେ ରାଣା କପୁର

ମୁମ୍ବାଇ,୭।୩

ୟେସ୍ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କ ମୋରାଟୋରିୟମ୍ ଲଗାଇଥିବାବେଳେ ବ୍ୟାଙ୍କର ଜମାକାରୀମାନେ ଆତଙ୍କିତ ହୋଇପଡିଛନ୍ତି। ଶୁକ୍ରବାରଠାରୁ ସାରା ଦେଶରେ ଏହି ବ୍ୟାଙ୍କର ଏଟିଏମ୍ ଏବଂ ଶାଖାଗୁଡିକରେ ଲମ୍ବାଧାଡି ଲାଗି ରହିଛି। ଶନିବାର ୟେସ୍ ବ୍ୟାଙ୍କ ଏଟିଏମ୍ ସବୁ ଖାଲି ପଡିଥିବାବେଳେ ବ୍ୟାଙ୍କରେ ଲୋକଙ୍କ ଗହଳି ବଢିଛି। ଏପଟେ ବ୍ୟାଙ୍କର ପ୍ରତିଷ୍ଠାତା ରାଣା କପୁରଙ୍କ ଅଡୁଆ ବଢିଯାଇଛି। ଶୁକ୍ରବାର ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ମୁମ୍ବାଇସ୍ଥିତ ରାଣାଙ୍କ ବାସଭବନ ସମେତ ଅନ୍ୟ କେତେକ ସ୍ଥାନରେ ଇଡି ପକ୍ଷରୁ ଚଢଉ କରାଯାଇଛି। କପୁରଙ୍କ ବିରୋଧରେ ବିଭିନ୍ନ କର୍ପୋରେଟ ସଂସ୍ଥାଙ୍କୁ ଅନୁକମ୍ପାମୂଳକ ଋଣ ପ୍ରଦାନ କରିବା ଅଭିଯୋଗରେ ଇଡି ଲଗାତାର ଜେରା କରିଛି।

ୟେସ୍ ବ୍ୟାଙ୍କ ମାମଲାରେ ତଦନ୍ତକାରୀ ଏଜେନ୍ସିଗୁଡିକ ଯାଞ୍ଚ ଜୋରଦାର କରିଛନ୍ତି। ରାଣାଙ୍କ ବିରୋଧରେ ଲୁକ୍ଆଉଟ ନୋଟିସ ଜାରି ହେବା ପରେ ସେ ଶନିବାର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ(ଡିଏଚ୍ଏଫ୍ଏଲ)କୁ ପ୍ରଦାନ କରାଯାଇଥିବା ଋଣକୁ ନେଇ



ରାଣା କପୁର

ରାଣାଙ୍କ ବାସଭବନ ଉପରେ ଶୁକ୍ରବାର ଚଢାଉ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଇଡି ଅଧିକାରୀମାନେ ତାଙ୍କ ବୟାନ ରେକର୍ଡ କରିଥିଲେ। ଡିଏଚ୍ଏଫ୍ଏଲ୍କୁ ବହୁ କୋଟି ଟଙ୍କାର ଋଣ ପ୍ରଦାନ କରାଯିବା ପରେ ବ୍ୟାଙ୍କର ଏନ୍ପିଏ ସ୍ଥିତି ଖରାପ ହୋଇଯାଇଥିଲା। ଶନିବାର ଅପରାହ୍ନରେ ରାଣାଙ୍କୁ ବାଲାର୍ଡ ଇଷ୍ଟେଟ ଏରିଆରେ ଥିବା ଇଡି କାର୍ଯ୍ୟାଳୟକୁ ଅଣାଯାଇଥିଲା। ଶୁକ୍ରବାର ରାଣାଙ୍କ ବାସ ଭବନ ଉପରେ ଚଢାଉ ବେଳେ ତାଙ୍କୁ ସେଠାରେ ମଧ୍ୟ ଏଜେନ୍ସି ପକ୍ଷରୁ ଜେରା ହୋଇଥିଲା। ବେଆଇନ ଅର୍ଥ କାରବାର ନିରୋଧୀ ଆଇନ(ପିଏମ୍ଏଲ୍ଏ) ବଳରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସେହିଭଳି ବିଭିନ୍ନ କର୍ପୋରେଟ୍ ଏଜେନ୍ସିଗୁଡିକୁ ପ୍ରଦାନ କରାଯାଇଥିବା ଋଣ କ୍ଷେତ୍ରରେ ତାଙ୍କ ଭୂମିକା ଉପରେ ମଧ ଇଡି ତର୍ଜମା କରୁଛି। ଏଭଳି ଅନୁକମ୍ପାମୂଳକ ଋଣ ପ୍ରଦାନ ଦ୍ୱାରା ରାଣା କପୁରଙ୍କ ସ୍ତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ କର୍ପୋରେଟ୍ଗୁଡିକ ପକ୍ଷରୁ ଟଙ୍କା ପଠାଯାଉଥିବାର ଅଭିଯୋଗ ଆସିଛି। ସେହିଭଳି ଦିୱାନ ହାଉସିଂରେ ନିବେଶ ହୋଇଥିବା କର୍ମଚାରୀଙ୍କ ଇପିଏଫ୍ ଟଙ୍କା ନିବେଶକୁ ନେଇ ମଧ୍ୟ ସିବିଆଇ ତଦନ୍ତ କରୁଛି। ବ୍ୟାଙ୍କ ଉପରେ ୫୦ ହଜାର ଟଙ୍କା ଉଠାଣ କଟକଣା ଲଗାଇବା ପରେ ଇଡି ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ଥିତି ବିଗିଡିବା ପରେ ୟେସ୍ ବ୍ୟାଙ୍କ ବର୍ତ୍ତମାନ ଉଠାଣ ସୀମା ୫୦ ହଜାର ଟଙ୍କାକୁ କମାଇ ଦେଇଛି।

ଅନ୍ୟ ପକ୍ଷରେ ସ୍ଥିତିରେ ସୁଧାର ଆଣିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ୟେସ୍ ବ୍ୟାଙ୍କର ଜମାକାରୀ କୌଣସି ମତେ ଆଶଙ୍କାରେ ରହିବା ଆବଶ୍ୟକ ନାହିଁ, ସେମାନଙ୍କ ଅର୍ଥ ବ୍ୟାଙ୍କରେ ସୁରକ୍ଷିତ ରହିଛି ବୋଲି ଶୁକ୍ରବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଗୋଟିଏ ମାସ ମଧ୍ୟରେ ୟେସ୍ ବ୍ୟାଙ୍କର ପୁନର୍ଗଠନ ନେଇ ଯୋଜନା ହାତକୁ ନିଆଯାଇଛି। ଏହି ବ୍ୟାଙ୍କକୁ ସଙ୍କଟରୁ ବାହାରକୁ ଆଣିବା ଲାଗି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍ବିଆଇ) ଆଗ୍ରହୀ ଥିବା ଜଣାପଡିଛି। ଏକ ଖବରଦାତା ସମ୍ମିଳନୀରେ ଷ୍ଟେଟ୍ ବ୍ୟାଙ୍କ ଅଧ୍ୟକ୍ଷ ରଜନୀଶ କୁମାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏସ୍ବିଆଇର ନିବେଶ କିଭଳି ହେବ ସେ ସମ୍ପର୍କରେ ସେ ସୂଚନା ରଖିଛନ୍ତି। ଯୋଜନା କାର୍ଯ୍ୟକାରୀ ହେଲେ ଏସ୍ବିଆଇ ନିକଟକୁ ୟେସ୍ ବ୍ୟାଙ୍କର ୪୯% ଅଂଶଧନ ଆସିବ। ଏହି ବ୍ୟାଙ୍କରେ ଏସ୍ବିଆଇ ଯଦି ଏକ ପ୍ରମୁଖ ଅଂଶୀଦାର ହେବ ତେବେ ଜରୁରୀ ଭିତ୍ତିରେ ୨୪୯୦ କୋଟି ଟଙ୍କା ନିବେଶ କରିବାକୁ ପଡିବ। ଶୁକ୍ରବାର ରିଜର୍ଭ ବ୍ୟାଙ୍କ ୟେସ୍ ବ୍ୟାଙ୍କର ପୁନରୁଦ୍ଧାର ଡ୍ରାଫ୍ଟ ପ୍ଲାନ ଜାରି କରିବା ପରେ ଅନେକ ସମ୍ଭାବ୍ୟ ନିବେଶକ ବ୍ୟାଙ୍କରେ ନିବେଶ ନେଇ ପ୍ରସ୍ତାବ ରଖିଛନ୍ତି। ବ୍ୟାଙ୍କର କେଉଁ ସବୁ ଅସୁବିଧା ରହିଛି ସେଗୁଡିକ ଉପରେ ଟିମ୍ ତର୍ଜମା କରୁଛି। ଯାହାବି ନିବେଶ ହେବ ଆଇନ ସମ୍ମତ ହେବ ବୋଲି କୁମାର କହିଛନ୍ତି।

- ଲୁକ୍ ଆଉଟ ନୋଟିସ ପରେ ଇଡି କାର୍ଯ୍ୟାଳୟରେ ହାଜର
- ପିଏମ୍ଏଲ୍ଏରେ କାର୍ଯ୍ୟାନୁଷ୍ଠାନ
- ୟେସ୍ ବ୍ୟାଙ୍କ ଶାଖାରେ ଭିଡ, ଏଟିଏମ୍ ଖାଲି
- ୟେସ୍ ବ୍ୟାଙ୍କରେ ନିବେଶ କରିବ ଏସ୍ବିଆଇ


DSPL - 305



ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ନାରୀ ହେଉଛି ଶକ୍ତି । ସମାଜର ପ୍ରଗତିରେ ନାରୀର ଭୂମିକା ଅନସ୍ୱୀକାର୍ଯ୍ୟ । ନାରୀକୁ ସମାଜରେ ତାର ହକ୍ ଦେବା ଏବଂ ବିକାଶ ପ୍ରକ୍ରିୟାରେ ନାରୀମାନଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଅନେକ ପ୍ରଗତିଶୀଳ ପଦକ୍ଷେପ ଗ୍ରହଣ କରିଛନ୍ତି । ଆମର ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ରାଜ୍ୟରେ ଏକ ନୀରବ ବିପ୍ଲବ ଆଣିବାରେ ସଫଳ ହୋଇଛି ଏବଂ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ସେମାନଙ୍କ ଉପସ୍ଥିତି ଜାହିର କରିପାରିଛନ୍ତି ।

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଆମର ମା'ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ଏକ ସଶକ୍ତ ଓ ସମୃଦ୍ଧ ଓଡିଶା ଗଠନରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-33001/13/0027/1920



DSPL - 305



ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ବାର୍ତ୍ତା

ଆନ୍ତର୍ଜାତିକ ମହିଳା ଦିବସ-୨୦୨୦ ପାଳନ ଉପଲକ୍ଷେ ମୁଁ ଓଡ଼ିଶାର ମହିଳାମାନଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ସେମାନଙ୍କର ସର୍ବାଙ୍ଗୀନ ଅଭିବୃଦ୍ଧିର କାମନା କରୁଅଛି ।

(ଶ୍ରୀମତୀ ଟୁକୁନି ସାହୁ)

ମନ୍ତ୍ରୀ

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ଓଡ଼ିଶା

OIPR-33001/13/0027/1920

**କିଛି ତଥ୍ୟ**

ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ଆଇନରେ ଗତବର୍ଷ ଡିସେମ୍ବର ସୁଦ୍ଧା ୧୯୦ ମାମଲାର ସମାଧାନ କରାଯାଇଛି। ଏହି କମ୍ପାନୀଗୁଡ଼ିକ ବ୍ୟାଙ୍କଗୁଡ଼ିକଠାରୁ ୩.୮ ଲକ୍ଷ କୋଟି ଟଙ୍କାର ଋଣ ନେଇଥିଲେ।
– ଆଇବିବିଆଇ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................


ସୁଇଟ୍ ପରିବାରବର୍ଗ


ଗୌରବ ପରିବାରବର୍ଗ


ନୂପୁର ପରିବାରବର୍ଗ


ପ୍ରିୟାଂଶୁ ପରିବାରବର୍ଗ


ଶରତ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


- ବିଏମ୍‌ସି କମିଶନରଙ୍କ ସହ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଆଲୋଚନା
- ପୋତାହେବ ଓୟୁଏଟି ଫାର୍ମରେ ଥିବା ୨ ପୋଖରୀ
- ହଟିବ ମାଛ, ମାଂସ ଦୋକାନ, ନାଳ ଉପରେ ବିଛାଯିବ ଜାଲ

# ବିମାନବନ୍ଦର ସମ୍ପ୍ରସାରଣ କାର୍ଯ୍ୟ ଖୁବ୍‌ଶୀଘ୍ର

**ଭୁବନେଶ୍ୱର, ୭।୩(ବ୍ୟୁରୋ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ସମ୍ପ୍ରସାରଣ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ କିଛିଦିନ ମଧ୍ୟରେ ଆରମ୍ଭ ହେବ। ବିଶେଷକରି ବିମାନ ଉଡ଼ାଣରେ ବଡ଼ ବିପଦ ସୃଷ୍ଟି କରୁଥିବା ପକ୍ଷୀଙ୍କୁ ନେଇ ଚିନ୍ତା ବଢ଼ିଛି। ସେହିଭଳି ସମ୍ପ୍ରସାରଣରେ ବସ୍ତି ବାଧକ ସାଜୁଛି। ଏଥିପାଇଁ ଶନିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିମାନବନ୍ଦର ନିର୍ଦ୍ଦେଶକ ଭି.ଭି ରାଓ ଉପସ୍ଥିତ ରହି ବିମାନବନ୍ଦରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ଓୟୁଏଟି ଫାର୍ମ ପରିସର ୪ ପୋଖରୀକୁ ପୋତିବା ସହ ପକ୍ଷୀଙ୍କ ଆଗମନକୁ ରୋକିବା ଦିଗରେ କାର୍ଯ୍ୟ କରିବା, ବିମାନବନ୍ଦର ପଛପଟେ ଅର୍ଥାତ ଜାଗମରା ଅଞ୍ଚଳକୁ ଲାଗିଥିବା ରନ୍‌ୱେ ନିକଟରୁ ଦୋକାନ ବଜାର ହଟାଇବା, ବିମାନବନ୍ଦର ଅଞ୍ଚଳରୁ ସମ୍ ହସ୍ପିଟାଲ ଯାଏ ଥିବା ଏକ ନିର୍ଦ୍ଦିଷ୍ଟ ପରିଧିରୁ ମାଛ ଓ ମାଂସ ଦୋକାନ ହଟାଇବା, ବଡ଼ ବଡ଼ ବିଦ୍ୟୁତ୍ ଖୁଣ୍ଟକୁ ହଟାଇବା, ବିମାନବନ୍ଦର ନିକଟରେ ଥିବା ୨ ବସ୍ତି ହଟାଇବା ଓ ବିମାନବନ୍ଦର ପାର୍ଶ୍ୱ ମୁଖ୍ୟ ନାଳରେ ଘୋଡଣି ପକାଇବା ପାଇଁ ବିମାନବନ୍ଦର ନିର୍ଦ୍ଦେଶକ ରାଓ ବିଏମ୍‌ସି କମିଶନରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ତେବେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଆସନ୍ତା ୨ରୁ ୩ମାସ ମଧ୍ୟରେ ଓୟୁଏଟି ଫାର୍ମରେ ଥିବା ୨ଟି ପୋଖରୀକୁ ପୋତାଯିବ ଓ ଅନ୍ୟ ୨ଟିକୁ ସମ୍ପୂର୍ଣ୍ଣ ଜାଲ ଘେରାଯିବ। ସେହିପରି ରନ୍‌ୱେ ନିକଟ ଦୋକାନ ବଜାରକୁ ହଟାଇବା ପାଇଁ ବିଏମ୍‌ସି ଦକ୍ଷିଣ ପଶ୍ଚିମ ଜୋନର ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀଙ୍କୁ କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ବିମାନବନ୍ଦର ଦେଇ ଯାଇଥିବା ମୁଖ୍ୟ ନାଳଟି ବହୁତ ଚଉଡ଼ା ହୋଇଥିବାରୁ ତାହା ଉପରେ ଘୋଡ଼ଣି ପକାଯାଇପାରିବ ନାହିଁ। ବିଏମ୍‌ସି ଡ୍ରେନେଜ୍ ବିଭାଗର ଏକ ଟିମ୍ ସ୍ଥିତି ପରଖିବା ପରେ ତାହା ଉପରେ ଜାଲ ବିଛାଯିବ। ଅନୁରୂପ ଭାବେ ସେସୁ କର୍ତ୍ତୃପକ୍ଷ କିଛିଦିନ ମଧ୍ୟରେ ବିମାନବନ୍ଦରର ନିର୍ଦ୍ଧାରିତ ପରିଧିରେ ଥିବା ବଡ଼ ବଡ଼ ବିଦ୍ୟୁତ୍ ଖୁଣ୍ଟ ହଟାଇବେ। ମାଛ, ମାଂସ ବ୍ୟବସାୟୀଙ୍କୁ ଥଇଥାନ କରାଯିବା ପରେ ଉଚ୍ଛେଦ କରାଯିବ। ତେବେ ୨ ବସ୍ତିର ଉଚ୍ଛେଦ ସରିଛି, ଏବେ ବିମାନବନ୍ଦର କର୍ତ୍ତୃପକ୍ଷ ବିକାଶ କାର୍ଯ୍ୟ ଆରମ୍ଭ କରିପାରିବେ ବୋଲି ବିଏମ୍‌ସି କମିଶନର ଚୌଧାରୀ ସ୍ପଷ୍ଟ କରିଥିଲେ। ବୈଠକରେ ଆର୍ ଆଣ୍ଡ ବି ବିଭାଗ, ସେସୁ, ଓୟୁଏଟି ଓ ବିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରସୁଛି,**
**ନା କିଆ ଫୁଲ ପରି ବାସୁଛି।**

ତୁଚ୍ଛା ଆସକ୍ତି। ଯେଉଁଠି ଆନ୍ତରିକତା ନ ଥାଏ ସେଠି ସବୁ ସମ୍ପର୍କ ତୁଚ୍ଛ ଲାଗିଥାଏ। ଏପରି ସ୍ଥଳେ ଫମ୍ପା ମାଠିଆ ଭଳି ଉପର ଦେଖାଣିଆ ସ୍ନେହ ଶ୍ରଦ୍ଧାରେ କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଷାଠିଏ ମହଣ ଘିଅ ହେବ,**
**ନା ରାଧା ନାଚିବ।**

ଅସାର ପରିକଳ୍ପନା। ସାମାନ୍ୟ କାର୍ଯ୍ୟ ପାଇଁ ବ୍ୟୟସାପେକ୍ଷ ବ୍ୟବସ୍ଥା। ପରୋକ୍ଷରେ ନ ହବା କଥା। ଏତେ ଯୋଗାଡ଼ ହୋଇ ପାରିବନି କି କାମଟି ହବନି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଝିଅଙ୍କୁ ଟକ୍କର ଦେଉଛନ୍ତି ତନୁଜା



ମୁମ୍ବାଇ: ବଲିଉଡ୍‌ର ୭୬ ବର୍ଷିୟା ଭେଟେରାନ ଅଭିନେତ୍ରୀ ତନୁଜାଙ୍କର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ନୀଳ ରଙ୍ଗର ଏକ ସୁଇମିଙ୍ଗ୍ ସୁଟ୍ ପିନ୍ଧିଥିବା ଦେଖିବାକୁ ମିଳିଛି। ଏହି ଫଟୋ ଝିଅ ତନୀଷାଙ୍କ ଜନ୍ମଦିନ ଅବସରରେ ଉଠାଯାଇଥିଲା। ତନିଷା ଏହି ଫଟୋଟିକୁ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରିଛନ୍ତି। ଏଥିରେ ତାଙ୍କୁ ମା' ତନୁଜାଙ୍କ ସମେତ ଅନ୍ୟ ବନ୍ଧୁଙ୍କ ସହ ମସ୍ତି କରୁଥିବା ଦେଖିବାକୁ ମିଳୁଛି। ଏହି ଫଟୋରେ ତନୁଜାଙ୍କ ଅନ୍ଦାଜକୁ ବେଶ୍ ପ୍ରଶଂସା କରାଯାଉଛି। ପରିଣତ ବୟସରେ ମଧ୍ୟ ତନୁଜା ଅନ୍ୟ ଝିଅମାନଙ୍କୁ ଟକ୍କର ଦେଉଥିବା ଜଣେ ପ୍ରଶଂସକ କମେଣ୍ଟ କରିଛନ୍ତି। ବୟସ ବଢ଼ିବା ସାଙ୍ଗକୁ ମା' ଝିଅ ଅଧିକ ସୁନ୍ଦର ଦେଖାଯାଉଥିବା ଅନ୍ୟ ଜଣେ ପ୍ରଶଂସକ ଲେଖିଛନ୍ତି।

# ୪୫୪ ସରକାରୀ ସ୍କୁଲରେ ଶନିବାର ନୋ ବ୍ୟାଗ୍ ଡେ

**ଛତ୍ରପୁର/ବ୍ରହ୍ମପୁର ଅଫିସ, ୭।୩(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୪୫୪ ସରକାରୀ ସ୍କୁଲରେ ଶନିବାର 'ନୋ ବ୍ୟାଗ୍ ଡେ' ଆରମ୍ଭ ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲାଗି ଏହି ଅଭିନବ ପଦକ୍ଷେପ ଜିଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଛି।

ପରେ ପର୍ଯ୍ୟାୟକ୍ରମେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସରକାରୀ ସ୍କୁଲରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଶନିବାର ଛାତ୍ରୀଛାତ୍ରମାନଙ୍କୁ ସବୁଦିନ ଭଳି ବହିଖାତା ନେଇ ସ୍କୁଲକୁ ଆସିବାକୁ ପଡିବନି । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ଥାନୀୟ ପୁତିଗୋପାଳପୁର ସ୍କୁଲରୁ ଏହାର ଶୁଭାରମ୍ଭ କରିଛନ୍ତି । ମାନସିକ ଓ ବୌଦ୍ଧିକସ୍ତରର ବିକାଶ ପାଇଁ ଚାପମୁକ୍ତ ଶିକ୍ଷା ଦିଆଯିବା ସହ ଚିତ୍ରାଙ୍କନ, ନାଚଗୀତ, ସ୍କୁଲ ସଫେଇ ଏବଂ ଗପ ଶୁଣିବା ଓ କହିବା ଆଦି କରାଯାଉଛି। ସବୁଦିନ ଭଳି ପ୍ରାର୍ଥନା ପରେ ଛାତ୍ରୀଛାତ୍ରମାନେ ସ୍କୁଲ ପରିସର ସଫା କରିଥିଲେ। ଏହାପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କରୋନା ଭାଇରସ୍‌ରୁ ରକ୍ଷା ପାଇବା ପାଇଁ ହାତ ଧୋଇବା, ମାସ୍କ ପିନ୍ଧିବା ଆଦି ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିବା ସହ ନିଜ ଘରେ ହୋଲି ଖେଳିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସ୍ଥାନୀୟ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟକୁ ଜିଲାପାଳ ଯାଇ ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜିକା ବିନୀତା ସେନାପତି, ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବ୍ରହ୍ମପୁରରେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ହିଲ୍‌ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।


ଛତ୍ରପୁର ବ୍ଲକ ପୁତିଗୋପାଳପୁର ସ୍କୁଲରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଗଞ୍ଜାମ ଜିଲା ପୁତିଗୋପାଳପୁର ସ୍କୁଲରୁ ଶୁଭାରମ୍ଭ**

# ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ ଖାଉଟି କମିଶନର ନୂତନ ଅଧ୍ୟକ୍ଷ

**କଟକ ଅଫିସ,୭।୩**

ରାଜ୍ୟ ଖାଉଟି କମିଶନର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ। ୧୯୫୬ ଜୁଲାଇ ୩ ତାରିଖରେ ଜଷ୍ଟିସ ଚୌଧୁରୀ ଜନ୍ମଗ୍ରହଣ କରିଥିଲେ। ରେଭେନ୍‌ଶା ମହାବିଦ୍ୟାଳୟରୁ ବିଏସ୍‌ସି ଏବଂ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ୍‌ରେ ସ୍ନାତକ ହାସଲ କରିଥିଲେ। ଦେଶରେ ଲୋକ ଅଦାଲତ ବ୍ୟବସ୍ଥା ଉପରେ ପିଏଚ୍.ଡି. ଲାଭ କରିଥିଲେ। ବିଚାର ବିଭାଗୀୟ ସେବାରେ କିଛିବର୍ଷ କାର୍ଯ୍ୟ କରିବା ପରେ ତାଙ୍କୁ ୨୦୧୫ ଏପ୍ରିଲ ୧୭ ତାରିଖରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୧୮ ଜୁଲାଇ ୩ ତାରିଖରେ ସେ ଅବସର ଗ୍ରହଣ କରିଥିଲେ।

# ନିଯୁକ୍ତିପତ୍ର ପାଇଲେ ୧୭୮୧ ଶିକ୍ଷକ

**ଭୁବନେଶ୍ୱର, ୭।୩(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ୧୭୮୧ଜଣ ନବନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ଶନିବାର ସୂଚନା ଭବନଠାରେ ନବନିଯୁକ୍ତ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ସହିତ ଦେଶ ଓ ରାଜ୍ୟ ଗଠନ ଦିଗରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। ପିଲାମାନଙ୍କୁ ପ୍ରଥମେ ଭଲ ପାଆନ୍ତୁ ଓ ପରେ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ନିଯୁକ୍ତି ରାଜ୍ୟରେ ଶିକ୍ଷକ ଅଭାବଜନିତ ସମସ୍ୟାର ସମାଧାନ ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ସମେତ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂହ ପୁନିଆ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ଡ. ଗଙ୍ଗାଧର ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା: ବାବୁଙ୍କ ବିଦେଶ ଗସ୍ତରେ ରୋକ୍

**ଭୁବନେଶ୍ୱର, ୭।୩(ବ୍ୟୁରୋ)**

## ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

- ପର୍ଯ୍ୟାପ୍ତ ପରିମାଣର ମାସ୍କ ମହଜୁଦ ରଖିବାକୁ ନିର୍ଦ୍ଦେଶ
- ବାୟୋମେଟ୍ରିକ କଟକଣା କୋହଳ, ସଚେତନତା ଉପରେ ଗୁରୁତ୍ୱ
- ସ୍କୁଲ୍ ଚଟାଣ, ଟେବୁଲ ବିଶୋଧନ କରିବାକୁ ପରାମର୍ଶ

ଦେଶରେ ମାରାତ୍ମକ କରୋନା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଓଡ଼ିଶାରେ ଆତଙ୍କ ଖେଳିଯାଇଛି। ହେଲେ ଏଯାଏ ରାଜ୍ୟରେ କରୋନାରେ କେହି ଆକ୍ରାନ୍ତ ହୋଇ ନ ଥିଲେ ମଧ୍ୟ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ସଜାଗ ରହିବା ସହ ଆଗୁଆ ସତର୍କତା ଓ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କରୋନା ସ୍ଥିତିର ସମୀକ୍ଷା କରିଛନ୍ତି। ତେବେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ଓ ଜିଲାସ୍ତରରେ ଜିଲାପାଳ କରୋନା ସ୍ଥିତିର ନିୟମିତ ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ତଥା ତ୍ୱରିତ ପଦକ୍ଷେପ ନେବା ପାଇଁ ସେମାନଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ। ପର୍ଯ୍ୟାପ୍ତ ପରିମାଣର ମାସ୍କ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବାୟୋମେଟ୍ରିକ କଟକଣା କୋହଳ କରାଯିବ। ଅସୁସ୍ଥ ଥିଲେ ପିଲା ସ୍କୁଲ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବାବୁଙ୍କ ବିଦେଶ ଗସ୍ତ ଉପରେ ମଧ୍ୟ ରୋକ୍ ଲାଗିଛି। ସଚେତନତା ପାଇଁ ସହରର ମୁଖ୍ୟ ସ୍ଥାନଗୁଡ଼ିକରେ ବ୍ୟାନର ଓ ହୋର୍ଡିଂ ଲଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିକୁ ଗ୍ରାମସଭା ମାଧ୍ୟମରେ ସଚେତନ କରିବାକୁ କୁହାଯାଇଛି। ସ୍କୁଲ ଚଟାଣ, ଟେବୁଲ, ଡୋର୍ ହ୍ୟାଣ୍ଡେଲକୁ ବିଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଧ୍ୟ ଆଡ୍‌ଭାଇଜରି ଜାରି କରାଯାଇଛି। କରୋନା ଭାଇରସ୍ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସମସ୍ତ ପୌରାଞ୍ଚଳର ମ୍ୟୁନିସିପାଲ କମିଶନର ଓ ଅର୍ବାନ ଲୋକାଲ ବଡିଜ୍‌ର ଏକ୍‌ଜିକ୍ୟୁଟିଭ୍ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ତୃତୀୟ ପୃଷ୍ଠାରୁ...

## ସ୍ୱାଧୀନତା...

ଆଇନଜୀବୀର ମାନ୍ୟତା ମିଳିଥିଲା। ଓଡ଼ିଶା ଆଇନଜୀବୀ ସଂଘର ଉପସଭାପତି ଓ ସଭାପତି ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ୧୯୯୪-୯୬ ଏବଂ ୧୯୯୬-୯୮ ପର୍ଯ୍ୟନ୍ତ ସେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। କେବଳ ଆଇନ ପେସା ନୁହେଁ ସେ ରାଜନୀତିରେ ମଧ୍ୟ ବେଶ୍ ସକ୍ରିୟ ଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଭାଜପା ରାଜ୍ୟ ଉପସଭାପତି ଏବଂ ଜାତୀୟ ପରିଷଦ ସଦସ୍ୟ ରହିଥିଲେ। ୧୯୯୧ରେ ବ୍ରହ୍ମପୁର ଲୋକସଭା ଆସନରୁ ସେ ଭାଜପାର ପ୍ରାର୍ଥୀ ହୋଇଥିଲେ। ୧୯୯୯ରୁ ୨୦୧୦ ପର୍ଯ୍ୟନ୍ତ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ମହମ୍ମଦ ମୋକିମ, ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ୪ ଆସନ...

ରହିଛି। ଏହି ୪ଟି ଆସନ ମଧ୍ୟରୁ ୩ ଜଣ ବିଜେଡି ପ୍ରାର୍ଥୀ ସହଜରେ ବିଜୟଲାଭ କରିବେ। ଜଣେ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ୩୦ଟି ଆସନର ଆବଶ୍ୟକତା ରହିଛି। ମମତା ମହାନ୍ତଙ୍କୁ ଚତୁର୍ଥ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେଡି ପାଖରେ ୩ଟି ପ୍ରାର୍ଥୀ ପାଇଁ ୯୦ଟି ସିଟ୍ ଥିବା ବେଳେ ଚତୁର୍ଥ ଆସନ ଜିତିବା ପାଇଁ ପ୍ରୟୋଜନ ଥିବା ୩୦ଟି ଭୋଟରୁ ବିଜେଡି ପାଖରେ ମୋଟ ୨୩ଟି ବଳକା ରହୁଛି। ଅର୍ଥାତ ୭ଟି ଭୋଟ କମ ରହୁଛି। ଅପରପଟେ କଂଗ୍ରେସର ୯ ଜଣ ବିଧାୟକ ଥିବାରୁ ବିଧାନସଭା ଗୋଷ୍ଠୀ କୌଣସି ପ୍ରାର୍ଥୀ ଦେବେ ନାହିଁ ବୋଲି ଦଳ ତରଫରୁ ଘୋଷଣା କରାଯାଇଛି।

ଅନ୍ୟପଟେ ବିଜେଡି ସହିତ ଲଢ଼ିବା ପାଇଁ ଭାଜପାର କୌଣସି ନେତା ପ୍ରସ୍ତୁତ ହେଉନାହାନ୍ତି। ରାଜ୍ୟ ସଭା ଖେଳର ଗୋଟି ଚାଳନା ପାଇଁ ଯୋଗ୍ୟ ନେତୃତ୍ୱର ଅଭାବ ରହୁଥିବାରୁ ଗତ ଫେବୃୟାରୀ ୨୮ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ନେତା ଅମିତ ଶାହା ନବୀନ ନିବାସ ଯାଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଭାଜପା ଏବଂ ବିଜେଡି ମିଳିମିଶି କାମ କରିବେ ବୋଲି ଦଳୀୟ ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇସାରିଛନ୍ତି। ସେହି ପରିପ୍ରେକ୍ଷୀରେ ଭାଜପା ତରଫରୁ ମଧ୍ୟ କୌଣସି ପ୍ରାର୍ଥିପତ୍ର ଦାଖଲ କରାଯିବ ନାହିଁ। ଅର୍ଥାତ୍ ବିଜେଡିର ଚତୁର୍ଥ ପ୍ରାର୍ଥୀ ମମତା ମହାନ୍ତଙ୍କର ଜିତିବାର ସମ୍ଭାବନା ଉଜ୍ଜ୍ୱଳ।

ପ୍ରଥମ ପୃଷ୍ଠାରୁ...

## ମହାପ୍ରଭୁଙ୍କ...

କମିଟିର ଅଧ୍ୟକ୍ଷଙ୍କ ସହିତ ମନ୍ଦିର ପ୍ରଶାସକ, ଜିଲାସ୍ତରୀୟ ଉଚ୍ଚ ପଦସ୍ଥ ସରକାରୀ ଅଫିସର ଯେଉଁମାନେ କମିଟିର ସଦସ୍ୟ ଅଛନ୍ତି ଏବଂ ଅର୍ଥ ସବ୍ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନେ ଦାୟୀ।

ସୂଚନା ଦିଆଯାଇପାରେ ଯେ, ଘରୋଇ ବ୍ୟାଙ୍କରେ ଜମା କରାଯାଉଥିବା ବିରାଟ ଅଙ୍କ ପାଇଁ ୟେସ୍ ବ୍ୟାଙ୍କ ଭଳି ସଂସ୍ଥା ଦଶମିକ ୧ କିମ୍ବା ଦଶମିକ ୨ ପ୍ରତିଶତ ଅଧିକ ସୁଧ ଯାଚୁଥାଇପାରନ୍ତି। କିନ୍ତୁ ସ୍ୱଳ୍ପ ଲୋଭରେ ଏହି ନିଷ୍ପତ୍ତି ନିଆଯାଇଥିବାରୁ ଦୂରଦୃଷ୍ଟିର ଅଭାବ ଦେଖାଯାଉଛି। ଏଥିସହିତ ଘରୋଇ ବ୍ୟାଙ୍କରେ ଜମା ଦେଲେ ଗୋଟିଏ ଆର୍ଥିକ ବର୍ଷରେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କୁ ଜମା ରହିଥିବା ପ୍ରତ୍ୟେକ ୧ କୋଟି ପାଇଁ ୧୦ ହଜାର ଟଙ୍କା ମିଳିଥାଏ। ଏହା ବ୍ୟାଙ୍କର ସୁଧହାରଠାରୁ ଭିନ୍ନ। ସେଥିପାଇଁ ସରକାରୀ କର୍ମଚାରୀମାନେ ସାଧାରଣରେ ଘରୋଇ ବ୍ୟାଙ୍କରେ ଟଙ୍କା ରଖି ଅଣାନୁଷ୍ଠାନିକ ଲାଭ ଉଠାଇପାରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କେନ୍ଦ୍ରକୋଣାଧିପଙ୍କ ଷଡ଼ାଷ୍ଟସ୍ଥିତିରୁ ଯାହା ଭାବୁଥିଲେ ତାହା ସହଜ ଓ ସୁବିଧାରେ ପାଇପାରିବେ ନାହିଁ । ଶନିଙ୍କ ଯୋଗୁ କାମଗୁଡ଼ିକ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। କିନ୍ତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରି ପାରନ୍ତି।

**ବୃଷ** ବ୍ୟୟଭାବସ୍ଥ ଶୁକ୍ର ହେତୁ ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାରର କାରଣରୁ ମନଟା ଭଲ ରହିବ ନାହିଁ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇଲେ ଅନର୍ଥର କାରଣ ହୋଇପାରେ। ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** ପାପଯୁକ୍ତ ବୃହସ୍ପତି ଯୋଗୁ ଆଜି ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇପାରିବ ନାହିଁ। ବୁଧଙ୍କ ଦୁର୍ବଳତା କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ।

**କର୍କଟ** ରାଶ୍ୟାଧିପ ସ୍ୱଗୃହସ୍ଥ ଯୋଗୁ ସୁସ୍ଥତା ଫେରି ଆସିବ ଏବଂ ଆର୍ଥିକ ସଙ୍କଟ କ୍ରମଶଃ ଦୂରେଇଯିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରର ଅସଂଗତି ଦୂର କରିବା ସକାଶେ ପଦସ୍ଥବ୍ୟକ୍ତିଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। କୌଣସି ଆନୁଷ୍ଠାନିକ କାମ ସକାଶେ ଦୂରଯାତ୍ରା କରିବାକୁ ପଡ଼ିପାରେ। କଳା, ସାହିତ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ଯୋଗୁ ମନ ଖୁସି ରହିବ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ପରିବହନରେ ଲାଭବାନ୍ ହେବେ।

**କନ୍ୟା** ଗୁରୁମଙ୍ଗଳି ଯୋଗ କେତୁଯୋଗରୁ ଶୁଭଫଳ ପାଇବା ବଦଳରେ ପାରିବାରିକ ଅଶାନ୍ତି ଯୋଗୁ ବ୍ୟସ୍ତ ବିବ୍ରତ ହେବେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ତୁଳା** ତୃତୀୟାଧିପ ମଙ୍ଗଳ ଯୁକ୍ତ ହେତୁ ବନ୍ଧୁଙ୍କୁ ବିଭିନ୍ନ ପ୍ରକାରର କଥା କହିବା କାରଣରୁ ବିବାଦ ବଢ଼ିପାରେ। ଭଲ ସମ୍ପର୍କ ନ ଥିବା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଜ୍ୟେଷ୍ଠା ନକ୍ଷତ୍ରର ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କଳା, ସାହିତ୍ୟ, ପ୍ରକାଶନ, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏ ସମାଧାନ ହୋଇଯିବ।

**ଧନୁ** ସ୍ୱଗୃହୀ ବୃହସ୍ପତି ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବାରେ ଲାଗିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଆତ୍ମୀୟମାନଙ୍କ ସହଯୋଗରେ ପରିବାରରେ ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ଶିଳ୍ପ, ବ୍ୟବସାୟ, ପ୍ରଶାସନ, ରାଜନୀତି, ଗବେଷଣା ଓ ବ୍ୟବସାୟରେ ଉନ୍ନତି କରିବେ।

**ମକର** ସପ୍ତମାଧିପତି ନିଜ ରାଶିରେ ରହି ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇ ପାରନ୍ତି। ଆଜିର ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା, ବାଣିଜ୍ୟ ଏବଂ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**କୁମ୍ଭ** ଭାଗ୍ୟାଧିପତି ସ୍ୱଗୃହକୁ ଦେଖୁଥିବାରୁ ଆଜି ଯାହା ଚାହିଁବେ ତାହା ପାଇବାରେ କୌଣସି ଅସୁବିଧା ହେବନାହିଁ। ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କଲେ ଭଲ ହେବ। କଚେରି ମାମଲା ଫଇସଲା ହେବା ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ** ଶୁକ୍ରଙ୍କ ସୁପ୍ରଭାବରୁ ଆଜି ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କର ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ଆଜି ଯାତ୍ରା, ବ୍ୟବସାୟ ଓ ଲୋକ ସମ୍ପର୍କ କାମ ପାଇଁ ଦିନଟି ବହୁତ ଭଲ ରହିବ।

ଆଜି ଫାଲଗୁନ୍ ଶୁକ୍ଳ ଚତୁର୍ଦ୍ଦଶୀ ରବିବାର, ମାର୍ଚ୍ଚ ୮ ତାରିଖ, ବିଶ୍ୱ ମହିଳା ଦିବସ, ରାଜାଗ୍ନି, ବରାହଦୋଳ, ଓଳକଣା ଓ ବିଦୁରଗାଦି ମେଳଣ, ଭଦ୍ରେଶ୍ୱର ଯାତ୍ରା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ମଘା/ସିଂହ, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୧ମି. ଗତେ ଘ୯।୫୯ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୭ମି. ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୪।୨୨ମି. ଗତେ ଘ୫।୫୦ମି. ମଧ୍ୟେ ରାହୁକାଳ।




# ହୋଲି ଖେଳିବେନି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୩(ବ୍ୟୁରୋ)

ଆସନ୍ତା ୧୦ ତାରିଖରେ ରାଜ୍ୟରେ ହୋଲି ଉତ୍ସବ ପାଳନ ହେବ। କରୋନା ଭୂତାଣୁ ସଂକ୍ରମଣକୁ ନେଇ ସମଗ୍ର ଦେଶରେ ସତର୍କତା ଜାରି କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୋଲି ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ହୋଲି ଖେଳିବେ ନାହିଁ। କରୋନା ଭାଇରସ ଆତଙ୍କ ଯୋଗୁ ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଗତ ଦୁଇ ବର୍ଷ ହେବ ମୁଖ୍ୟମନ୍ତ୍ରୀ ହୋଲି ପାଳନ କରିନାହାନ୍ତି। ଗତବର୍ଷ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ହୋଲି ପାଳନ କରି ନ ଥିଲେ। ସେହିପରି ୨୦୧୮ରେ ସ୍ୱାଇନ ଫ୍ଲୁ ପାଇଁ ମୁଖ୍ୟମନ୍ତ୍ରୀ ହୋଲି ଖେଳି ନ ଥିଲେ।


## ଜରାୟୁ ଗ୍ରୀବା କର୍କଟ ସଚେତନତା...

Brought to you by: Apollo HOSPITALS BHUBANESWAR

**ଜରାୟୁ ଗ୍ରୀବା କର୍କଟ କ'ଣ ?**
ଜରାୟୁ ଗ୍ରୀବା କର୍କଟ ମହିଳାଙ୍କ ଜରାୟୁରୁ ଆରମ୍ଭ ହେଉଥିବା ଏକ କର୍କଟ ରୋଗ। ଜରାୟୁ ହେଉଛି ଗର୍ଭାଶୟର ମୁଖ । ଏହା ମହିଳା ଜନନାଙ୍ଗରୁ ଗର୍ଭାଶୟକୁ ସଂଯୋଗ କରିଥାଏ । ଜରାୟୁ କର୍କଟ ସାଧାରଣତଃ ଜରାୟୁରେ କୋଷିକାଗୁଡ଼ିକର ପରିବର୍ତ୍ତନ ସହିତ ଆରମ୍ଭ ହୋଇଥାଏ, ଯାହା ଡିସ୍‌ପ୍ଲାସିଆ ନାମରେ ପରିଚିତ। ତଳିପେଟ କୋଷିକାଗୁଡ଼ିକରେ ଯଦି ପ୍ରାରମ୍ଭରୁ ଅସ୍ୱାଭାବିକତା ଚିହ୍ନଟ କରାଯାଏ ତେବେ ସେଗୁଡ଼ିକୁ ଦୂର କରି କର୍କଟକୁ ପ୍ରତିରୋଧ କରାଯାଇପାରିବ।

**ଜରାୟୁ ଗ୍ରୀବା କର୍କଟର ଲକ୍ଷଣଗୁଡ଼ିକ କ'ଣ ?**
ପ୍ରାରମ୍ଭିକ ସ୍ତରରେ ଜରାୟୁ ଗ୍ରୀବା କର୍କଟର କୌଣସି ଲକ୍ଷଣ ନ ଥାଏ। କର୍କଟର ଲକ୍ଷଣ ସମୟ ସହିତ ବୃଦ୍ଧି ପାଇଥାଏ । ବିଳମ୍ବିତ ସ୍ତରରେ ଜରାୟୁ ଗ୍ରୀବା କର୍କଟର ଲକ୍ଷଣଗୁଡ଼ିକ ମଧ୍ୟରେ ନିମ୍ନଲିଖିତ ଅନ୍ତର୍ଭୁକ୍ତ ହୋଇପାରେ:

ଅସ୍ୱାଭାବିକ ଭାବେ ଯୋନିରୁ ରକ୍ତସ୍ରାବ କିମ୍ବା ତରଳ ନିଃସରଣ

ଯୌନକ୍ରିୟା ପରେ, ଋତୁସ୍ରାବ ମଧ୍ୟରେ କିମ୍ବା ତଳିପେଟ ପରୀକ୍ଷା ପରେ ରକ୍ତସ୍ରାବ

ଯୌନକ୍ରିୟା କିମ୍ବା ପରିସ୍ରା ସମୟରେ ଯନ୍ତ୍ରଣା

ଯଦି ଆପଣ ଏପରି ଲକ୍ଷଣଗୁଡ଼ିକ ଭୋଗୁଛନ୍ତି, ତେବେ ଦୟାକରି ନିଜର ସ୍ୱାସ୍ଥ୍ୟସେବା ପରାମର୍ଶଦାତାଙ୍କ ସହ ପରାମର୍ଶ କରନ୍ତୁ। ଏହିସବୁ ଲକ୍ଷଣଗୁଡ଼ିକ ଅନ୍ୟକିଛି ସମସ୍ୟା କାରଣରୁ ଦେଖାଦେଇପାରେ, କିନ୍ତୁ ଆପଣ ନିଜ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହ ପରାମର୍ଶ ଦ୍ୱାରା ହିଁ ଆପଣ ନିଶ୍ଚିନ୍ତ ହୋଇପାରିବେ।

**ଜରାୟୁ ଗ୍ରୀବା କର୍କଟର ଆଶଙ୍କାଗତ ଦିଗଗୁଡ଼ିକ କ'ଣ ?**
ଆଶଙ୍କାଗତ ଦିଗର ଅର୍ଥ ହେଉଛି ଏପରି ଦିଗ ଯାହା ରୋଗାକ୍ରାନ୍ତ ହେବାର ସମ୍ଭାବନାକୁ ବୃଦ୍ଧି କରୁଥିବ। ଯେକୌଣସି ମହିଳା ଜରାୟୁ ଗ୍ରୀବା କର୍କଟରେ ପୀଡ଼ିତ ହୋଇପାରିବେ, କିନ୍ତୁ ନିମ୍ନପ୍ରଦତ୍ତ କେତେକ କାରଣକୁ ଦୃଷ୍ଟିରେ ରଖିଲେ କେତେଜଣ ମହିଳାଙ୍କ କ୍ଷେତ୍ରରେ ଉକ୍ତ ରୋଗର ସମ୍ଭାବନା ବୃଦ୍ଧି ପାଇଥାଏ:

- ହ୍ୟୁମାନ୍ ପାପିଲୋମାଭାଇରସ୍ ଭାଇରସ୍ (ଏଚ୍‌ପିଭି)

ଏଚ୍‌ପିଭି ପ୍ରାୟତଃ ସମସ୍ତ ଜରାୟୁ ଗ୍ରୀବା କର୍କଟର କାରଣ। ଉଭୟ ପୁରୁଷ ଓ ମହିଳା ଏଚ୍‌ପିଭିରେ ପୀଡ଼ିତ ହୋଇପାରନ୍ତି।

ଏଚ୍‌ପିଭି ସାଧାରଣତଃ ଆପେ ଆପେ ଦୂର ହୋଇଯାଇଥାଏ, କିନ୍ତୁ ନ ହେଲେ ଏହା ମହିଳାଙ୍କଠାରେ ଜରାୟୁ ଗ୍ରୀବା କର୍କଟର କାରଣ ସାଜିଥାଏ। ଅନେକ ମହିଳା ସେମାନଙ୍କ ଜୀବନକାଳରେ ଏଚ୍‌ପିଭି ସଂକ୍ରମଣର ସମ୍ମୁଖୀନ ହୋଇପାରନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ଜରାୟୁ କର୍କଟ ଭୋଗିଥାନ୍ତି।

**ସ୍କ୍ରିନିଂ ନ କରାଇବା**
ପାଞ୍ଚବର୍ଷରୁ ଅଧିକ ସମୟ ଧରି ପିଏପି (ପାପାନିକୋଲାଓ) ସ୍କ୍ରିନ୍‌ଡ ହୋଇ ନ ଥିବା କିମ୍ବା ଆଦୌ ସ୍କ୍ରିନ୍‌ଡ ହୋଇ ନ ଥିବା ମହିଳାଙ୍କ କ୍ଷେତ୍ରରେ ପ୍ରାୟତଃ ଜରାୟୁ ଗ୍ରୀବା କର୍କଟ ଦେଖାଦେଇଥାଏ। ସ୍କ୍ରିନ୍ ବା ଯାଞ୍ଚ ହୋଇଥିବା ମହିଳା ଯେଉଁମାନଙ୍କ କ୍ଷେତ୍ରରେ ଫଳାଫଳ ଅସ୍ୱାଭାବିକ ଦେଖାଯାଏ କିନ୍ତୁ ସେମାନେ ଯଦି ନିଜର ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହ ସୁସଙ୍ଗତ ସମ୍ପର୍କ ରକ୍ଷା କରି ନ ପାରନ୍ତି ତେବେ ଜରାୟୁ ଗ୍ରୀବା କର୍କଟର ସମ୍ଭାବନା ସେମାନଙ୍କଠାରେ ବୃଦ୍ଧି ପାଇଥାଏ। (କ୍ରମଶଃ...)




ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ, (ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍‌ସର ସର୍ଜନ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


## ଆଜି କ'ଣ କେଉଁଠି

**ଦେବଗଡ଼**

■ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମ, ମିଶନ ଶକ୍ତି ଭବନ, ପଲିଟେକ୍‌ନିକ କଲେଜ ନିକଟ, ପୂର୍ବାହ୍ନ ୧୧ଟା।

■ଗାୟତ୍ରୀ ଯଜ୍ଞ ଅବସରରେ ସାମୂହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ ବ୍ୟାୟାମ, ସଭଗୋଲି ମଣ୍ଡପ, ଦେବଗଡ଼, ସକାଳ ୫ଟା ୩୦।

■ଗାୟତ୍ରୀ ଯଜ୍ଞ ଅବସରରେ ପ୍ରଜ୍ଞା ସଙ୍ଗୀତ, ପ୍ରଜ୍ଞା ପୁରାଣ କଥା ପ୍ରବଚନ, ସଭଗୋଲି ମଣ୍ଡପ, ଦେବଗଡ଼, ସନ୍ଧ୍ୟା ୬ଟା।

■ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦେବଗଡ଼ ଜିଲାର ୪ ଶ୍ରେଷ୍ଠ ମହିଳା ପୋଲିସ କର୍ମଚାରୀ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ, ଡ଼ିପିଓ, ପୂର୍ବାହ୍ନ ୧୦ଟା।

■ପୋଲିସ କର୍ମଚାରୀଙ୍କ ପରିବାରର ମହିଳା ସଦସ୍ୟଙ୍କ ଲାଗି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଜିଲା ମୁଖ୍ୟ ଚିକିତ୍ସାଳୟ, ସକାଳ ୯ଟା।

■ପୋଲିସର ଜନସମ୍ପର୍କ ଶିବିର, କେଲଡ଼ା, ବାରକୋଟ, ପୂର୍ବାହ୍ନ ୧୧ଟା।

■ବିଜୁ ସ୍ମୃତି କମିଟି ପକ୍ଷରୁ ବିଜୁ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ, ସଂସ୍କୃତି ଭବନ ପରିସର, ପୂର୍ବାହ୍ନ ୧୦ଟା।

■କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମ, ଶିମିଳିତା, ପୂର୍ବାହ୍ନ ୧୦ଟା।

■ଜନ ଶିକ୍ଷାନ ସଙ୍ଗଠନ ପକ୍ଷରୁ ମହିଳା ଦିବସ ପାଳନ କାର୍ଯ୍ୟକ୍ରମ, ଦେବଗଡ଼, ପୂର୍ବାହ୍ନ ୯ଟା।

**ସୁବର୍ଣ୍ଣପୁର**

■ଅନ୍ତର୍ଜାତୀୟ ମହିଳା ଦିବସ, କୃଷି ବିଜ୍ଞାନ କେନ୍ଦ୍ର, ପୂର୍ବାହ୍ନ ୧୧ଟା ।

■ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ, ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ପୂର୍ବାହ୍ନ ୧୦ଟା ।

**ବିଜେପୁର**

■ହୋଲି ଦହନ, ଗାନ୍ଧୀପଡା ନିକଟ ପଡିଆ, ସନ୍ଧ୍ୟା ୮ଟା।

**ନୂଆପଡ଼ା**

■ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ପୂର୍ବାହ୍ନ ୧୧ଟା।

■ଆନ୍ତର୍ଜାତିକ ମହିଳା ଦିବସ, ମହାବୀର ଧର୍ମଶାଳା, ଖରିଆର ରୋଡ, ପୂର୍ବାହ୍ନ ୧୦ଟା।

**ଟିଟିଲାଗଡ**

■ମଧୁମେହ ଚିକିତ୍ସା ଶିବିର, ମହାବୀର ପଞ୍ଚାୟତ ଧର୍ମଶାଳା, ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା।

**ବରଗଡ଼**

■ପନିକା ସମାଜର ମାଘ ପୂର୍ଣ୍ଣିମା ମହୋତ୍ସବ, ବିଜୁ ପଟ୍ଟନାୟକ ଟାଉନ ହଲ୍, ସକାଳ ୯ଟା।

**ସମ୍ବଲପୁର**

■ଓସିଏ ସିନିୟର ଆନ୍ତଃ ଜିଲା କ୍ଲବ ଲିଗ୍ କ୍ରିକେଟ ମ୍ୟାଚ, ବିକାଶ ସ୍କୁଲ ଖେଳ ପଡିଆ, ସକାଳ ୮ଟା ।

■କୁଲତା ସମାଜର ମହାସଭା ଉଦ୍‌ଯାପନୀ ଉତ୍ସବ, ଗମ୍ଭାରପଙ୍କ, ପୂର୍ବାହ୍ନ ୧୦ଟା ।

■ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ କର୍ମ ଶିବିର, ଜୟନ୍ତପୁର ନିକଟସ୍ଥ ଦେଦେର ନୂଆଁପାଲି ଉଦୀୟମାନ ମାତୃ କ୍ଷେତ୍ର, ପୂର୍ବାହ୍ନ ସାଢ଼େ ୧୦ଟା ।

■ମହିଳା ଦିବସ କାର୍ଯ୍ୟକ୍ରମ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୦ଟା ।

■ଶ୍ରୀରାମ କଥା କାର୍ଯ୍ୟକ୍ରମ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ଟା ।

■ଶ୍ରୀରାମ କଥାଜ୍ଞାନ ଯଜ୍ଞ, ପର୍ଶୁରାମ ଭବନ, ସନ୍ଧ୍ୟା ୬ଟା ।

■୧୯ତମ ଚୈତ୍ର ଉତ୍ସବ, ରେଙ୍ଗାଲି ବ୍ଲକ ଅନ୍ତର୍ଗତ ପଣ୍ଡୋଲୋଇ, ପୂର୍ବାହ୍ନ ୧୦ଟା ।

■ମହିଳା ଦିବସ, ନାରୀ ସେବା ସଦନ ଗଙ୍ଗାଧର ମଣ୍ଡପ, ଅପରାହ୍ନ ୪ଟା ।

**ଜାମଟିକ୍ରା**

■ଜିଲାସ୍ତରୀୟ ମହିଳା ସମାବେଶ, ଅତାବିରା ଅଗ୍ରସେନ ଭବନ, ସକାଳ ୮ଟା।

# ଚ୍ୟାଉପଟ୍ଟନାୟକ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ

■ ପାଟଶାଣୀ ନିରାଶ
■ ପରାଜିତଙ୍କୁ ନା

ଭୁବନେଶ୍ୱର,୭।୩(ବ୍ୟୁରୋ)

ରାଜ୍ୟ ସଭା ପ୍ରାର୍ଥୀ ହେବା ପାଇଁ ଆଶା ରଖିଥିବା ବିଜେଡିର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ପଦରେ ସନ୍ତୁଷ୍ଟ ହେବାକୁ ପଡିଛି। ବୋର୍ଡର ଅଧ୍ୟକ୍ଷ ଥିବା ସୁବାସ ସିଂଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଚ୍ୟାଉପଟ୍ଟନାୟକଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇ କ୍ୟାବିନେଟ ପାହ୍ୟା ପ୍ରଦାନ କରିଛନ୍ତି। ଲଗାତର ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ଚ୍ୟାଉପଟ୍ଟନାୟକ ଦଳର ସଭାପତିଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ବିଧାନସଭା ନିର୍ବାଚନ ଲଢି ନ ଥିଲେ। ଦଳର ନିଷ୍ପତ୍ତି ଯୋଗୁ ସେ ବ୍ରହ୍ମପୁର ଆସନକୁ ଯୁବ ନେତା ବିକ୍ରମ ପଣ୍ଡାଙ୍କୁ ଛାଡିଥିଲେ। ଦଳ ପ୍ରତି ଅବଦାନ ପାଇଁ ତାଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ପଦବୀ ପ୍ରଦାନ କରାଯାଇଥିବା ଚର୍ଚ୍ଚା ହେଉଛି। ତେବେ ଚ୍ୟାଉ ପଟ୍ଟନାୟକ ଏହି ପଦବୀକୁ ନେଇ ଖୁସି ନ ଥିଲେ ମଧ୍ୟ ସେ ଏହାର ଖୋଲାଖୋଲି ବିରୋଧ କରି ନାହାନ୍ତି। ସେ କହିଛନ୍ତି ଯେ ରାଜ୍ୟ ସଭା ପାଇଁ ଆଶା ଥିଲା। ତଥାପି ଯେଉଁ ଦାୟିତ୍ୱ ମିଳିଛି ତାହାକୁ ନିର୍ବାହ କରିବି।

ଅନ୍ୟପକ୍ଷରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ନାମ ରାଜ୍ୟ ସଭା ପ୍ରାର୍ଥୀ ତାଲିକାରେ ନ ଥିବାରୁ ସେ ନିରାଶ ହୋଇଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ଟିକେଟ ପାଇବାକୁ ପୂର୍ଣ୍ଣ ଭରସା ଓ ବିଶ୍ୱାସ ଥିଲା। କ'ଣ ପାଇଁ କଟିଲି ମୁଁ ଜାଣେନା।

ଗତ ନିର୍ବାଚନରେ ପରାଜିତ ପ୍ରାର୍ଥୀମାନଙ୍କ ମଧ୍ୟରୁ ଅନେକ ରାଜ୍ୟ ସଭା ଯିବାକୁ ଆଶା ବାନ୍ଧିଥିଲେ। ହେଲେ କୌଣସି ପରାଜିତ ପ୍ରାର୍ଥୀଙ୍କୁ ରାଜ୍ୟ ସଭାକୁ ନ ପଠାଇବାକୁ ନବୀନ ନିଷ୍ପତ୍ତି ନେଇଥିବା ନେଇ ଆଲୋଚନା ହେଉଥିଲା। ଶେଷରେ ତାହା ହିଁ ହେଲା। କୌଣସି ପରାଜିତ ପ୍ରାର୍ଥୀଙ୍କୁ ରାଜ୍ୟ ସଭାକୁ ନ ପଠାଇ ନବୀନ ଦଳ ମଧ୍ୟରେ ଏକ ବାର୍ତ୍ତା ଦେଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଗତ ନିର୍ବାଚନରେ ପରାଜିତ ହୋଇଥିବା ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କୁ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

# ୧୦୩୮ ଡାକ୍ତରଙ୍କୁ ନିଯୁକ୍ତି ଦେଲେ ରାଜ୍ୟ ସରକାର

## ମୁଖ୍ୟମନ୍ତ୍ରୀ କହିଲେ ଚିକିତ୍ସା କ୍ଷେତ୍ରରେ ଐତିହାସିକ ଦିନ

ଭୁବନେଶ୍ୱର, ୭।୩(ବ୍ୟୁରୋ)

ରାଜ୍ୟ ସରକାର ଶନିବାର ୧୦୩୮ ଜଣ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ହୋଇଥିବା ନିଯୁକ୍ତି ମଧ୍ୟରେ ଏହାକୁ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଲୋକସେବା ଭବନସ୍ଥିତ କନଭେନ୍‌ଶନ ସେଣ୍ଟରରେ ନୂତନ ଡାକ୍ତରଙ୍କ ଇଣ୍ଡକଶନ୍ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନଟିକୁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନୂଆ ଡାକ୍ତରମାନଙ୍କୁ 'ମୋ ସରକାର' ସଂକଳ୍ପ ପାଠ କରାଇଥିଲେ। ସବୁ ସମୟରେ ସାଧାରଣ ଜନତାଙ୍କ ସେବାକୁ ଧର୍ମ ବିବେଚନା କରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ଧଳ ପ୍ରମୁଖ ଉଦ୍‌ବୋଧନ ରଖିଥିଲେ। ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମର ସୁଫଳ ଯେପରି ଲୋକଙ୍କ ପାଖରେ ପହଞ୍ଚିପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ଏବଂ ଅଧିକାରୀ କହିଥିଲେ। ସେହିଭଳି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିସହିତ ମୋ ସରକାର କାର୍ଯ୍ୟକ୍ରମ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ନେଇ ବକ୍ତବ୍ୟ ରଖିଥିଲେ। ନୂଆ ଡାକ୍ତରମାନେ ରୋଗୀ ସେବାରେ କିପରିଭାବେ ପରିବର୍ଦ୍ଧିତ ଭୂମିକା ଗ୍ରହଣ କରିପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ମୋଟ ମଞ୍ଜୁରୀପ୍ରାପ୍ତ ୮୭୧୯ ଡାକ୍ତରଙ୍କ ମଧ୍ୟରୁ ବର୍ତ୍ତମାନ ୫୪୧୪ ଜଣ ନିୟମିତ ଭାବେ କାର୍ଯ୍ୟ କରୁଛନ୍ତି। ନିକଟରେ ଓପିଏସ୍‌ସି ପକ୍ଷରୁ ୧୪୦୩ ଡାକ୍ତରଙ୍କୁ ଚୟନ କରିଥିବାବେଳେ ଶନିବାର ସେମାନଙ୍କ ମଧ୍ୟରୁ ୧୩୦୮ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେହିଭଳି ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ନିଯୁକ୍ତି କରାଯିବ ବୋଲି ଜଣାପଡିଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2020-T-102

କାର୍ଯ୍ୟର ନାମ: ତିନି ବର୍ଷ (2020-23) ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ବିଭିନ୍ନ କମ୍ପାନୀ ଦ୍ୱାରା ନିର୍ମିତ ରେଫ୍ରିଜରେଟର ଏବଂ ଡିପ୍ ଫ୍ରିଜର(Deep Freezers) ଗୁଡ଼ିକର ମରାମତି ଏବଂ ୱିଣ୍ଡୋ/ସ୍ପ୍ଲିଟ/ଟାୱାର ଏସି ଏବଂ ୱାଟର କୁଲରଗୁଡ଼ିକର ମରାମତି ତଥା ରକ୍ଷଣାବେକ୍ଷଣ ଚୁକ୍ତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 40,07,800.51, EMD (ଟଙ୍କାରେ): 80,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, କାର୍ଯ୍ୟ ଶେଷ ହେବା ଅବଧି : 03 ବର୍ଷ (36)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.03.2020 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ)/ ସମ୍ବଲପୁର
PR-770/K/19-20


# 'ଠିକ୍ ସମୟରେ ପରୀକ୍ଷା, ଫଳ ପ୍ରକାଶ କର'

## କୁଳପତିମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

■ ଅନୁବନ୍ଧିତ କଲେଜକୁ ଆକସ୍ମିକ ପରିଦର୍ଶନ କର
■ କ୍ୟାମ୍ପସରେ ବାହାର ଲୋକଙ୍କ ହସ୍ତକ୍ଷେପ ବରଦାସ୍ତ କରାଯିବନି

ଭୁବନେଶ୍ୱର, ୭।୩(ବ୍ୟୁରୋ)

ବିଶ୍ୱବିଦ୍ୟାଳୟରେ ଠିକ୍ ସମୟରେ ପରୀକ୍ଷା କରାଯିବ। ସେହିପରି ପରୀକ୍ଷା ଫଳ ମଧ୍ୟ ନିର୍ଦ୍ଧାରିତ ସମୟରେ ପ୍ରକାଶ ପାଇବ। ଆସନ୍ତା ଶିକ୍ଷାବର୍ଷରୁ କୌଣସି ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ଶନିବାର ମୁଖ୍ୟମନ୍ତ୍ରୀ ଆଲୋଚନା ସମୟରେ ଏହି ପରାମର୍ଶ ଦେଇଛନ୍ତି। କ୍ୟାମ୍ପସରେ ଅନୁଶାସନ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ୟାମ୍ପସରେ ବାହାର ଲୋକଙ୍କ ହସ୍ତକ୍ଷେପକୁ ବରଦାସ୍ତ କରାଯିବା ଉଚିତ ନୁହେଁ। ଅଣ-ଛାତ୍ର ଏବଂ ଅନଧିକୃତ ବ୍ୟକ୍ତିଙ୍କଠାରୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ମୁକ୍ତ ରଖିବା ଜରୁରୀ। ଆଗାମୀ ନାକ୍ ରେଟିଂ ଏବଂ ଏନ୍‌ଆଇଆର୍‌ଏଫ୍ ର‌୍ୟାଙ୍କିଂରେ ଉନ୍ନତି ଆଣିବାକୁ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କୁଳପତିଙ୍କୁ ପରାମର୍ଶ ଦେଇ କହିଲେ, ମୁଁ ଆଶା କରେ ଆପଣ ସମସ୍ତେ ବିଶ୍ୱବିଦ୍ୟାଳୟ ପରିସର ଭିତରେ ଅଧିକ ସମୟ ଛାତ୍ରୀଛାତ୍ରଙ୍କ ସହିତ କଥାବାର୍ତ୍ତା କରନ୍ତୁ। ଅନୁବନ୍ଧିତ କଲେଜଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରନ୍ତୁ। କୁଳପତି, ବରିଷ୍ଠ ଅଧିକାରୀ ଏବଂ ଅଧ୍ୟାପିକାମାନେ ସମୟ ସମୟରେ ଅନୁବନ୍ଧିତ କଲେଜଗୁଡ଼ିକୁ ଆକସ୍ମିକ ପରିଦର୍ଶନରେ ଯାଆନ୍ତୁ। ଗବେଷଣା, ଅନୁସନ୍ଧାନ ଏବଂ ପ୍ରକାଶନ ପାଇଁ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରନ୍ତୁ। ପ୍ରଫେସର, ଅଧ୍ୟାପକ, ଶିକ୍ଷକ ନିଯୁକ୍ତିରେ ସ୍ୱଚ୍ଛତା ରଖନ୍ତୁ। ପାଣ୍ଠିର କୌଣସି ପ୍ରତିବନ୍ଧକ ରହିବ ନାହିଁ। ରାଜ୍ୟ ସରକାର ସମସ୍ତ ସମ୍ଭାବ୍ୟ ଉପାୟରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସମର୍ଥନ କରିବେ। ଆମ ବିଶ୍ୱବିଦ୍ୟାଳୟଗୁଡ଼ିକ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଶୀଘ୍ର ସଫଳତା ହାସଲ କରିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ଲାଞ୍ଚ ନେଇ ଧରାପଡ଼ିଲେ ଶୁକଳ ଜିଆର୍‌ଏସ୍

ସାକ୍ଷୀଗୋପାଳ, ୭।୩ (ଡି.ଏନ୍.ଏ)

ସତ୍ୟବାଦୀ ବ୍ଲକ ଶୁକଳ ପଞ୍ଚାୟତ ବାଁବରଡା ଗ୍ରାମର ଇନ୍ଦ୍ରମଣି ପଣ୍ଡାଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେବାବେଳେ ଶନିବାର ସେହି ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଛବି ନାରାୟଣ ପଣ୍ଡା ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ପଣ୍ଡା ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଇନ୍ଦ୍ରମଣି ପୁରୀ ଭିଜିଲାନ୍ସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶନିବାର ପୂର୍ବାହ୍ନରେ ଜିଆର୍‌ଏସ୍ ପଣ୍ଡାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଇନ୍ଦ୍ରମଣି ୫ହଜାର ଟଙ୍କା ଦେବା ବେଳେ ପୂର୍ବରୁ ଛପିରହିଥିବା ଭିଜିଲାନ୍ସ ଅଧିକାରୀମାନେ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।


## ପୂର୍ବ ତଟ ରେଳପଥ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-28-19

କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ସ୍ଥିତ ରେଳବାଇ କଲୋନୀ ଠାରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ସର୍ଭିସ୍ ବିଲ୍ଡିଙ୍ଗ, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-I,II,III,IV,V), ସଡ଼କ ଆଲୋକ, ସେଣ୍ଟ୍ରାଲ ହସ୍ପିଟାଲ, ସ୍କ୍ରାପ୍ ୟାର୍ଡ୍/ଜେନେରାଲ ଷ୍ଟୋର ଡିପୋ, ରେଳବାଇ ଷ୍ଟାଡ଼ିୟମ୍‌ରେ ଇଲେକ୍ଟ୍ରିକାଲ ସିଷ୍ଟମ୍ ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,05,44,104.49, EMD (ଟଙ୍କାରେ): 2,52,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-27-19

କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ପୁରୀ ଅଧୀନସ୍ଥ ପୁରୀ-କଣାସ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଭୁବନେଶ୍ୱର ଅଧୀନସ୍ଥ ଭୁବନେଶ୍ୱର-ରାଜଆଠଗଡ଼-ରେଡଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ଼ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ଗଙ୍ଗାଧରପୁର-ମୋଟାରୀ-ନୟାଗଡ଼ ଟାଉନ୍ ସେକ୍ସନର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 8,63,31,419.14, EMD (ଟଙ୍କାରେ): 5,81,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ): ତା.30.03.2020 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ଼
PR-766/K/19-20




## ଜିଲା ଚିଠି
## ଜଗତ୍‌ସିଂହପୁର

### ଟୋକନ ଅବଧି

ଓଡ଼ିଶାରେ ଚଳିତବର୍ଷ ପ୍ରଥମ ଥର ପାଇଁ ଟୋକନ୍ ମାଧ୍ୟମରେ ମଣ୍ଡିରୁ ଧାନ ଉଠୁଛି। ଏହାର ପ୍ରଭାବ ଜଗତ୍‌ସିଂହପୁର ଜିଲାର ଚାଷୀଙ୍କ ଉପରେ ବି ପଡିଛି। ଟୋକନ ବ୍ୟବସ୍ଥା ଜିଲାର ଅଧିକାଂଶ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କାରଣ ଟୋକନ୍ ପାଇଥିବା ଚାଷୀ ୭ଦିନ ଭିତରେ ମଣ୍ଡିରେ ଧାନ ବିକ୍ରି କରି ନ ପାରିଲେ ଏହା ବାତିଲ ହୋଇଯିବ। ଅର୍ଥାତ୍ ନୂଆ ଟୋକନ୍ ପାଇବା ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ ନାହିଁ। ଦୁଃଖର କଥା ହେଲା, ଜିଲାର ଅନେକ ସ୍ଥାନରେ ମିଲରମାନେ ଚାଷୀଙ୍କ ଉପରେ ଭାରି ପଡିଛନ୍ତି। ସେମାନେ ବିଭିନ୍ନ ଆଳ ଦେଖାଇ ମଣ୍ଡିରୁ ଧାନ ନ ଉଠାଇବାରୁ ଟୋକନ ଅବଧି ସରିଯାଉଛି। ଏହାପରେ ଯଥାଶୀଘ୍ର ଟୋକନ ନବୀକରଣ ହେବା କଥା। କିନ୍ତୁ ନବୀକରଣରେ ଯଥେଷ୍ଟ ବିଳମ୍ବ ଯୋଗୁ ଚାଷୀ ସମସ୍ୟାରେ ପଡୁଛି। ଏପରି କି ଅନେକ ଚାଷୀ ମାସାଧିକ କାଳ ହେବ ନୂଆ ଟୋକନ ପାଇବା ପାଇଁ ଅପେକ୍ଷା କରି ନିରାଶ ହେଉଛନ୍ତି। ବାରି, ଦାଣ୍ଡରେ ଅସୁରକ୍ଷିତ ଭାବେ ଧାନ ବସ୍ତା ଗଦା କରି ରଖିଥିବାରୁ ଚାଷୀମାନେ କ'ଣ କରିବେ କିଛି ନିଷ୍ପତ୍ତି ନେଇପାରୁନାହାନ୍ତି। ଏଣେ କାଳବୈଶାଖୀ ଦାଉ ସାଧୁଛି। ଏହି କିଛି ଦିନ ଭିତରେ ବର୍ଷା, ପବନର ତାଣ୍ଡବ ଚାଷୀଙ୍କ ପାଇଁ ବିପଦ ଆଣିଦେଇଛି। ଚାଷୀ କୌଣସି ମତେ ଏହାକୁ ଘୋଡ଼ାଇ ରଖିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଅନେକ ସ୍ଥାନରେ ଧାନ ଓଦା ହୋଇଯାଇଥିବାରୁ ଚାଷୀମାନେ ବେପାରୀଙ୍କୁ କମ୍ ଦରରେ ବିକ୍ରି କରିଦେବାକୁ ମନସ୍ଥ କରିଛନ୍ତି। ଟୋକନ ନବୀକରଣରେ ବିଳମ୍ବ ଯୋଗୁ ଚାଷୀ ବାହାରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି। ନିକଟରେ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ନିମନ୍ତେ ଅନୁଷ୍ଠିତ ୨ୟ ଜିଲାସ୍ତରୀୟ କମିଟି ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ଟୋକନ ଅବଧି ୭ଦିନ ପରିବର୍ତ୍ତେ ୧ ମାସ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ବାସ୍ତବରେ ଟୋକନ ଅବଧି ବଢିଗଲେ ଆଉ ବାତିଲ ହେବ ନାହିଁ। ସରକାର ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଦେଲେ ତାହା କାର୍ଯ୍ୟକାରୀ କରାଯିବ। ଏପରି କି ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ମଧ୍ୟ ଟୋକନ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲାରେ ୧୦୫ଟି ସମିତି ମାଧ୍ୟମରେ ଧାନ ସଂଗ୍ରହ ଚାଲିଛି। ଏହି ଧାନ ଉଠାଇବା ଦାୟିତ୍ୱରେ ଜିଲାର ୨ଟି ଓ ଅନ୍ୟ ଜିଲାର ୨୯ଟି ମିଲର ରାଜ୍ୟ ଯୋଗାଣ ନିଗମ ଦ୍ୱାରା ନିଯୁକ୍ତ ହୋଇଛନ୍ତି। କିନ୍ତୁ ସେମାନଙ୍କ ମନମାନି ଯୋଗୁ ଅନେକ ସ୍ଥାନରୁ ଧାନ ଉଠିବାରେ ବିଳମ୍ବ ହେଉଛି। ଟୋକନ ବାତିଲ ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେଉଛି। ଏହାର ପ୍ରତିକାର ପାଇଁ ପଦକ୍ଷେପ ନିଆଯିବା ଜରୁରୀ ବୋଲି ମତପ୍ରକାଶ ପାଉଛି। - ପ୍ରମୋଦ କୁମାର ନାୟକ

# ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ଆରମ୍ଭ

କୃଷ୍ଣପ୍ରସାଦ,୭।୩(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଘେରି ଉଚ୍ଛେଦ କାର୍ଯ୍ୟ ଶନିବାର ଠାରୁ ଆରମ୍ଭ ହୋଇଛି। ଖଟିଆକୁଦି ଚିଲିକାର ତଳଚତରା ଏବଂ ଉପର ଚତରାରୁ ପ୍ରଥମ ଦିନରେ ୧୨୫୦ ଏକର ଘେରି ମୁକ୍ତ କରାଯାଇଛି । ଉକ୍ତ ମାଟିବନ୍ଧ ଘେରି ଉଚ୍ଛେଦ ନିମନ୍ତେ ଶହେ ଜଣ ଶ୍ରମିକ ନିୟୋଜିତ ହୋଇଛନ୍ତି। ସୁରକ୍ଷା ପାଇଁ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଏଥିନିମନ୍ତେ ୩ଜଣ ଟ୍ୟାସ୍କ ଫୋର୍ସ ଅଫିସର, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ ସ୍ୱାଇଁ, ଏସ୍‌ଡିପିଓ କିଶୋର ମୁଣ୍ଡ, କୃଷ୍ଣପ୍ରସାଦ ତହସିଲଦାର ଜିତେନ୍ଦ୍ର କୁମାର ନାୟକ, ଆଇଆଇସି ଅଭିମନ୍ୟୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଚିଲିକାରୁ ସମ୍ପୂର୍ଣ୍ଣ ଘେରି ମୁକ୍ତ ହେବା ଯାଏ ଏହି ଉଚ୍ଛେଦ କାର୍ଯ୍ୟ ଚାଲିବ ବୋଲି ଜଣାଯାଇଛି ।



ଚିଲିକାରୁ ମାଟିବନ୍ଧ ଘେରି ଉଚ୍ଛେଦ କରାଯାଉଛି।


FORM No. 13
IN THE DEBTS RECOVERY TRIBUNAL, CUTTACK,
C-71, SECTOR-7, CDA, CUTTACK - 753014 (Orissa)
O.A. No. 347/2019

State Bank of India, SARB, Sambalpur ...Applicant
Versus
M/s. Shakti Transport & another ...Defendants

To,
Defendant

1. **M/s. Shakti Transport,** Represented by its Proprietor-Rajendra Kumar Jaiswal, At/P.O.- Plot No.- T4/21, Civil Township, P.S.: Raghunathpalli, Dist.: Sundargarh, Odisha, PIN-769001
2. **Rajendra Kumar Jaiswal,** S/o- Ram Bihari Jaiswal, At/P.O.: Plot No.: T4/21, Civil Township, P.S.: Raghunathpalli, Dist.: Sundargarh, Odisha, PIN-769001

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an O.A. No. 347/19 in the Court of Debts Recovery Tribunal for recovery of **Rs.36,47,120/- (Thirty six lakh forty seven thousand one hundred twenty)** only together with current and future interest, costs and other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **05.05.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of February 2020.**

Sd/- (M.K. Patnaik)
REGISTRAR

# ସ୍ଥିତାବସ୍ଥାରେ ପରିବର୍ତ୍ତନ



ଆକାର ପଟେଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ ଛଅ ବର୍ଷ ହେଲା ଶାସନ କଲେଣି। ନିଜ ଆଦର୍ଶର ପ୍ରତିଷ୍ଠା ପାଇଁ ସେ ଯେଉଁସବୁ ଖେଳ ଖେଳିଚାଲିଛନ୍ତି, ସେଥିରେ ଭାରତର କ୍ଷତି ଘଟୁଛି। ଅତିମାତ୍ରାରେ ଜାତୀୟତାବାଦୀ ଆଦର୍ଶ ମାନେ ଦେଶ ଭିତରେ ସଂଖ୍ୟାଲଘୁଙ୍କ ବିରୋଧରେ ଯିବା ଏବଂ ଦେଶ ବାହାରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ। ଆଡଲ୍‌ଫ ହିଟ୍‌ଲର ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଛଅବର୍ଷ ଶାସନ କ୍ଷମତାରେ ଥିଲେ। ଏହି ଛଅବର୍ଷ ଭିତରେ ସେ ଆକ୍ରମଣାତ୍ମକ ଭାବେ ଜର୍ମାନୀର ସାମରିକ ଶକ୍ତି ଓ ଅର୍ଥନୀତିର ବିକାଶ ଘଟାଇଥିଲେ। ତା' ପରେ ସେ ପୋଲାଣ୍ଡରୁ ଫ୍ରାନ୍ସ ଓ ଡେନ୍‌ମାର୍କରୁ ସିସିଲି ପର୍ଯ୍ୟନ୍ତ ପ୍ରାୟ ସମଗ୍ର ୟୁରୋପ ଜୟ କରିଥିଲେ। ଉକ୍ତ ମହାଦେଶକୁ ତାଙ୍କ ପୂର୍ବରୁ ବା ପରେ ଆଉ କେହି ଏତେ ମାତ୍ରାରେ ନିଜ ନିୟନ୍ତ୍ରଣକୁ ଆଣିପାରି ନ ଥିଲେ। ତା'ପରେ ହିଟ୍‌ଲର ଷ୍ଟାଲିନଙ୍କ ରୁଷିଆ ସହ ଲଢ଼ି ହାରିଗଲେ। ଭାରତର ଦୁଇଟି ଅସମାହିତ ବିବାଦ ଅଛି ଓ ଦୁଇଜଣ ଶତ୍ରୁ ଅଛନ୍ତି। ଗୋଟିଏ ହେଉଛି ଚାଇନା, ଅର୍ଥନୀତିରେ ଯିଏ ଭାରତଠାରୁ ଛଅଗୁଣ ବଡ଼ ଏବଂ ଜାତିସଂଘ ସୁରକ୍ଷା ପରିଷଦରେ ଯିଏ ସ୍ଥାୟୀ ସଦସ୍ୟ ଅଛି। ଅର୍ଥାତ୍ ଭାରତର ଯେକୌଣସି ଗ୍ଲୋବାଲ ଆହ୍ୱାନ ଉପରେ ଚାଇନା ଭିଟୋ ପ୍ରୟୋଗ କରିପାରିବ। ଚାଇନା ସହ ଆମର ବିବାଦ ଏକପ୍ରକାର ସୁପ୍ତ ଅବସ୍ଥାରେ ରହିଛି, ଏହା ସେତେବେଳେ ଜାଗ୍ରତ ହୁଏ ଯେତେବେଳେ ଚାଇନା ସେନା ଭାରତର ବାୟୁସୀମାରେ ପ୍ରବେଶ କରନ୍ତି ବା ଅରୁଣାଚଳକୁ ନିଜର ବୋଲି ଚାଇନା ଦାବି କରେ। ଭାରତ କୌଣସି ଆକ୍ରମଣାତ୍ମକ ପଦକ୍ଷେପ ନିଏ ନାହିଁ ଏବଂ ସ୍ଥିତାବସ୍ଥା ବଜାୟ ରହିବାରେ ଖୁସି ଅଛି। ଏ ସ୍ଥିତାବସ୍ଥାକୁ ପରିବର୍ତ୍ତନ କରିବାକୁ ମୋଦିଙ୍କର କୌଣସି କ୍ଷମତା ବା ଆଗ୍ରହ ନାହିଁ। ଭାରତର ଅନ୍ୟ ବିବାଦଟି ଅଛି ପାକିସ୍ତାନ ସହିତ, ଯାହା ପାଇଁ ଭାରତ ବିଭିନ୍ନ ସମୟରେ ବିଦ୍ରୋହ, ଅନୁପ୍ରବେଶ, ଆକ୍ରମଣ, ଯୁଦ୍ଧ ବିରତି ଉଲ୍ଲଂଘନ ଆଦି ସମସ୍ୟାର ସମ୍ମୁଖୀନ ହେଉଛି। ତେଣୁ ସୁରକ୍ଷା ପାଇଁ ଭାରତକୁ ବିପୁଳ ସେନା ମୁତୟନ କରିବାକୁ ପଡୁଛି। ଏହା ହେଉଛି ବହୁ ବର୍ଷର ପୁରୁଣା ବିବାଦ, ଯାହାର ସମାଧାନ ଭାରତ କରିପାରୁ ନାହିଁ ଏବଂ ଏଥିପାଇଁ ବିପୁଳ ସମ୍ପଦ ଖର୍ଚ୍ଚ ହେଉଛି। ୨୦୨୦ରେ ବି କଶ୍ମୀରର ସମଗ୍ର ନେତୃମଣ୍ଡଳୀକୁ ଭାରତ ଅଟକବନ୍ଦୀ ରଖିବାକୁ ବାଧ୍ୟ ହୋଇଛି- ରାଜ୍ୟକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ। ପାକିସ୍ତାନ ଭାରତଠାରୁ ବହୁତ ଛୋଟ ଦେଶ ଏବଂ ଭାରତର ସାମରିକ ଶକ୍ତି ଓ ଅସ୍ତ୍ରଶସ୍ତ୍ର ଅଧିକ ହେଲେ ମଧ୍ୟ ଏହା ପାକିସ୍ତାନକୁ ଆଜିଯାଏ ଜବତ କରିପାରିନାହିଁ। ତେଣୁ ଦେଶ ବାହାରେ ମାତ୍ରାଧିକ ଜାତୀୟତାବାଦ ଯାହା ଚାହୁଁଛି, ତାହା କରିବାକୁ ଭାରତ କ୍ଷମ ନୁହେଁ। ସୁତରାଂ ଆଭ୍ୟନ୍ତରୀଣ ଜାତୀୟତାବାଦରେ ଭାରତ ହିନ୍ଦୁତ୍ୱ ଉପରେ ଅଧିକ ଗୁରୁତ୍ୱ ଦେଉଛି।

ଭାରତରେ ହିନ୍ଦୁତ୍ୱ ପରି ନାଜି ଜର୍ମାନୀ ସଂଖ୍ୟାଲଘୁଙ୍କୁ ଘୃଣା କରେ। କିନ୍ତୁ ଇହୁଦୀମାନେ ଥିଲେ (୧୯୩୩ରେ ୫.୬୫ ଲକ୍ଷ) ଜର୍ମାନୀ ଲୋକସଂଖ୍ୟାର ମାତ୍ର ୧ ପ୍ରତିଶତରୁ ବି କମ୍। ଅଥଚ ଭାରତରେ ମୁସଲମାନଙ୍କ ସଂଖ୍ୟା ପ୍ରାୟ ୨୦ କୋଟି। ଦେଶର ବଡ଼ ଧରଣର କ୍ଷତି ନ କରି ବା ଦେଶର ସୁନାମରେ ଆଞ୍ଚ ନ ଆଣି ସେମାନଙ୍କୁ କେବେହେଲେ ଉତ୍ପୀଡ଼ିତ ବା ହଇରାଣ କରାଯାଇପାରିବ ନାହିଁ, ଯାହା ଦିଲ୍ଲୀ ଘଟଣାରୁ ସ୍ପଷ୍ଟ ହୋଇଛି। କିନ୍ତୁ ଏମିତି ଚାଲିଲେ ଏହାଦ୍ୱାରା ଦେଶର ବିପୁଳ କ୍ଷତି ହେବ ଏବଂ ଦେଶର ବା କୌଣସି ସମ୍ପ୍ରଦାୟର କିଛି ବି ଲାଭ ହେବ ନାହିଁ।

ମାର୍ଚ୍ଚ ୬ ଶୁକ୍ରବାର ଏକ ଘଟଣାକ୍ରମରେ ପ୍ରଧାନମନ୍ତ୍ରୀ କହିଲେ ଯେ ସେ ସ୍ଥିତାବସ୍ଥାରେ ପରିବର୍ତ୍ତନ ଚାହାନ୍ତି କିନ୍ତୁ ସରକାରଙ୍କ ବିରୋଧୀମାନେ ତାହା ଚାହାନ୍ତି ନାହିଁ। ଉଦାହରଣ ସ୍ୱରୂପ ସେ ତିନୋଟି ଜିନିଷର ତାଲିକା ଦେଇଛନ୍ତି: ତିନି ତଲାକର ଅପରାଧୀକରଣ, ଧାରା ୩୭୦ର ଉଚ୍ଛେଦ ଓ ନାଗରିକତା ସଂଶୋଧନ ଆଇନ। କଥା ହେଉଛି ଏକ ଧର୍ମନିରପେକ୍ଷ ଓ ବହୁସଂଖ୍ୟକବାଦୀ ଦେଶର ସ୍ଥିତାବସ୍ଥାକୁ ପରିବର୍ତ୍ତନ କରି ଏକ କଠୋର ଜାତୀୟତାବାଦୀ ଦେଶରେ ପରିଣତ କରିବାକୁ ଅନ୍ୟ ଭାରତୀୟମାନେ ବିରୋଧ କଲେ। ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ସିଏଏକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଏହା ବିରୋଧରେ ଏକ ପକ୍ଷ ହେବାକୁ ଇଚ୍ଛା କରିଛନ୍ତି। ସରକାର ଓ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ହିନ୍ଦୁମାନଙ୍କୁ ସକାରାତ୍ମକ କିଛି ଦେଇପାରିବ ନାହିଁ। ଏହା ଚାହେଁ ମୁସଲମାନଙ୍କଠାରୁ ସେମାନଙ୍କ ବାବ୍ରି ମସ୍‌ଜିଦ, ସେମାନଙ୍କ ବ୍ୟକ୍ତିଗତ ଆଇନ, କଶ୍ମୀର ଉପରେ ସେମାନଙ୍କ ସାମ୍ବିଧାନିକ ସ୍ୱୟଂଶାସନ କ୍ଷମତା, ସେମାନଙ୍କ ଖାଦ୍ୟ, ସେମାନଙ୍କ ଭୋଟ ଦେବାର ଅଧିକାର ଏବଂ ବର୍ତ୍ତମାନ ସେମାନଙ୍କ ନାଗରିକତ୍ୱ ଛଡ଼ାଇନେବା ପାଇଁ। ଏହା ତା'ର ସମର୍ଥକମାନଙ୍କୁ ସକାରାତ୍ମକ କିଛି ଦେଇପାରିବ ନାହିଁ, କେବଳ ଦେବ ଅସନ୍ତୋଷ ଓ ଘୃଣା। ଏହାକୁ କେବଳ ଅନ୍ୟ ଭାରତୀୟମାନେ ନୁହନ୍ତି ବରଂ ସାରା ବିଶ୍ୱ ବିରୋଧ କରିବା ଉଚିତ ଏବଂ ସ୍ଥିତାବସ୍ଥାରେ ପରିବର୍ତ୍ତନ ଚାହେଁ ବୋଲି କହି ଗର୍ବ କରିବା ଉଚିତ ନୁହେଁ କାରଣ ଏହା ଭାରତକୁ ରସାତଳକୁ ନେଇଯିବ।

ମୋଦି ସରକାର ଅର୍ଥନୈତିକ ପରିଚାଳନାରେ ଦକ୍ଷ ନୁହନ୍ତି। ଭାରତରେ ଆର୍ଥିକ ମାନ୍ଦାବସ୍ଥା ଲାଗିରହିଛି ଏବଂ ଦୁଇବର୍ଷ ହେଲା ପ୍ରତି ତ୍ରୈମାସୀରେ ଅଭିବୃଦ୍ଧି ହାର ହ୍ରାସ ପାଉଛି। ଗତ ଦୁଇ ତ୍ରୈମାସୀରେ ସରକାରଙ୍କ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବିକ୍ରି ହ୍ରାସ ପାଇଛି, ଯାହା ମାନ୍ଦାବସ୍ଥାକୁ ସୂଚାଉଛି। ଭାରତ ଏକ ବୃହତ୍ ଅର୍ଥନୈତିକ ଶକ୍ତି ନୁହେଁ ଏବଂ ନିକଟ ଭବିଷ୍ୟତରେ ବି ହେବନାହିଁ। ମୋଦିଙ୍କ ସମଗ୍ର କାର୍ଯ୍ୟକାଳରେ ରପ୍ତାନି ସ୍ଥାଣୁ ହୋଇଯାଇଛି, ଯାହା ଶୂନ୍ୟ ଅଭିବୃଦ୍ଧିକୁ ସୂଚାଉଛି। ମୋଦିଙ୍କ ଶାସନକାଳରେ ଜିଡିପିକୁ ନିର୍ମାଣ କ୍ଷେତ୍ରର ଅବଦାନ ହ୍ରାସ ପାଇଛି। ବେକାରି ଚରମ ସୀମାରେ ପହଞ୍ଚିଛି। ଏହି ସ୍ଥିତାବସ୍ଥାରେ ପରିବର୍ତ୍ତନ ଆବଶ୍ୟକ, ମୋଦି ଯେଉଁ ସ୍ଥିତାବସ୍ଥା କଥା କହୁଛନ୍ତି ସେଥିରେ ନୁହେଁ। ଅଦୂରଦର୍ଶୀ ପଦକ୍ଷେପମାନ ନେଇ ଅର୍ଥନୀତିକୁ ବିଗାଡ଼ିଦେଲା ପରେ ସେ ଏହାକୁ ସୁଧାରିବା ଚେଷ୍ଟା ଛାଡ଼ିଦେଇଛନ୍ତି। ସେ ସର୍ବନିମ୍ନ ପ୍ରଶାସନ ଲାଗି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଘରୋଇକରଣ ବଦଳରେ ୟେସ୍ ବ୍ୟାଙ୍କ ଓ ପିଏମ୍‌ସି ବ୍ୟାଙ୍କ ରାଷ୍ଟ୍ରାୟତ୍ତ ୟୁନିଟ୍‌ରେ ପରିଣତ ହୋଇଛନ୍ତି। ମୋଦି ମାତ୍ରାଧିକ ଜାତୀୟତାବାଦର ପୁରୋଧା ସାଜିଛନ୍ତି, ଯାହା ଭାରତର ଅଭିବୃଦ୍ଧିକୁ ସଂକୁଚିତ କରିଦେଇଛି ଏବଂ ବାହ୍ୟ ସ୍ଥିତିରେ ପରିବର୍ତ୍ତନ ଆଣିବା ବଦଳରେ ଦେଶ ବ୍ୟାପାରରେ ବିଦେଶୀ ହସ୍ତକ୍ଷେପକୁ ଆମନ୍ତ୍ରଣ କରିଛି। ଏହା ବର୍ତ୍ତମାନର ବାସ୍ତବ ସ୍ଥିତି ଏବଂ ଏହାକୁ ପ୍ରତିରୋଧ କରାଯିବା ଦରକାର।

Email: aakar.patel@gmail.com

# ମୁଁ ସ୍ୱର ଉଠାଏ



ଡ. ଗାୟତ୍ରୀବାଳା ପଣ୍ଡା

"ମୁଁ ସ୍ୱର ଉଠାଏ- ତା'ର ମାନେ ନୁହେଁ ଯେ ମୁଁ ଚିତ୍କାର କରେ, ତା'ର ଅର୍ଥ ହୁଏତ ଏୟା ଯେ ଯେଉଁମାନେ କିଛି କହିପାରୁନାହାନ୍ତି ସେମାନଙ୍କୁ ମୋ ସ୍ୱର ଶୁଭୁ, ମୁଁ ଏଇୟା ହିଁ ଚାହେଁ।" ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇଥିବା ମଲାଲା ୟୁସୁଫ୍‌ଜାଇଙ୍କ ଏହି ବକ୍ତବ୍ୟ ପୃଥିବୀର ପ୍ରତି ମହିଳାଙ୍କୁ ସ୍ୱାବଲମ୍ବନଶୀଳ ଓ ସ୍ୱାଧିକାରସମ୍ପନ୍ନ କରିବାର ଦୃଢ଼ତା ଦିଏ, ମହିଳାଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟ ଓ ସାହସର ସ୍ଥିରତା ସୃଷ୍ଟି କରିଥାଏ। ଆମେରିକାର ନାରୀବାଦୀ ଲେଖକ, ନାଗରିକ ଅଧିକାର କର୍ମୀ ଅଡ୍ରେ ଲର୍ଡଙ୍କ ମତରେ, "ମୁଁ ସେହି ମହିଳାମାନଙ୍କ ପାଇଁ ଲେଖେ, ଯେଉଁମାନେ କଥାବାର୍ତ୍ତା କରନ୍ତି ନାହିଁ, ଯେଉଁମାନଙ୍କର ସ୍ୱର ନାହିଁ କାରଣ ସେମାନେ ଖୁବ୍ ଭୟଭୀତ, କାରଣ ଆମକୁ ନିଜ ଅପେକ୍ଷା ଭୟକୁ ଅଧିକ ସମ୍ମାନ ଦେବାକୁ ଶିକ୍ଷା ଦିଆଯାଇଛି, ଆମକୁ ଶିକ୍ଷା ଦିଆଯାଇଛି ଯେ ନୀରବତା ଆମକୁ ରକ୍ଷା କରିବ।" ରାଜନୀତିଜ୍ଞ ଓ ଚିନ୍ତକ ଏଡ୍‌ମଣ୍ଡ ବୁର୍କଙ୍କ ମତରେ, "ମନ୍ଦ ଶକ୍ତିର ବିଜୟ ପାଇଁ ଯାହା ଦରକାର ତାହା ହେଉଛି ଭଲ ପୁରୁଷ ଓ ମହିଳାମାନେ କିଛି ନ କରିବା।" ଆଜି ଏକବିଂଶ ଶତାବ୍ଦୀରେ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଅଭୂତପୂର୍ବ ସଫଳତା ସତ୍ତ୍ୱେ, ମହିଳାମାନଙ୍କର ପୁରୁଷଙ୍କ ସହିତ ସମଦକ୍ଷତା ପ୍ରତିପାଦନ ସତ୍ତ୍ୱେ ଆମ ସାମାଜିକ ବ୍ୟବସ୍ଥାରେ ମହିଳାଙ୍କୁ ହିଂସା ଓ ଲିଙ୍ଗଗତ ବୈଷମ୍ୟର ଶିକାର ହେବାକୁ ପଡୁଛି। ମହିଳାମାନଙ୍କୁ ସମାନ ଅଧିକାର ବା ଲିଙ୍ଗଗତ ସମାନତା ପ୍ରଦାନ ଏବଂ ମହିଳା ସଶକ୍ତୀକରଣ ଇତ୍ୟାଦି ପ୍ରସଙ୍ଗରେ ଆମ ସମାଜର ରୂଢ଼ିବାଦୀ ଚିନ୍ତାଧାରା ସହ ଯୁଗଯୁଗାନ୍ତରରୁ ଚଳିଆସୁଥିବା କୁସଂସ୍କାର ହିଁ ମହିଳା ଉତ୍ପୀଡ଼ନର କାରଣ ସାଜିବାରେ ଲାଗିଛି। ଅର୍ଥନୈତିକ ସମୃଦ୍ଧି ସହିତ ସମାନ୍ତରାଳ ଭାବରେ ବଢ଼ିଚାଲିଛି ମହିଳାଙ୍କ ପ୍ରତି ଅତ୍ୟାଚାର ଓ ହିଂସା।

ମିଳିତ ଜାତିସଂଘର ମହିଳା ହିଂସା ଦୂରୀକରଣ ଘୋଷଣାନାମା ଅନୁଯାୟୀ 'ମହିଳା ଓ ପୁରୁଷ ମଧ୍ୟରେ ଅସମାନ କ୍ଷମତା ବଣ୍ଟନର ପରିଣାମ ଏବଂ ନାରୀ ବିରୋଧରେ ହିଂସା ଏକ ସୁଦୃଢ଼ ସାମାଜିକ ଅସ୍ତ୍ର; ଯାହା ମାଧ୍ୟମରେ ମହିଳାଙ୍କୁ ବାଧ୍ୟ କରାଯାଏ ପୁରୁଷ ତୁଳନାରେ ଏକ ଅଧସ୍ତନ ପଦବୀରେ ରହିବା ନିମନ୍ତେ'।

ଭାରତୀୟ ପିଙ୍ଗଳ କୋଡ୍ ମହିଳାଙ୍କ ପ୍ରତି ଅପରାଧକୁ ୭ ଭାଗରେ ବିଭକ୍ତ କରିଛି, ଯଥା- ବଳାତ୍କାର, ଯୌତୁକଜନିତ ହତ୍ୟା, ବଳପୂର୍ବକ ଅପହରଣ, ଶାରୀରିକ ଓ ମାନସିକ ନିର୍ଯ୍ୟାତନା, ଯୌନ ଉତ୍ପୀଡ଼ନ, ରାସ୍ତାଘାଟରେ ହଇରାଣହରକତ, ବାଳିକା ଚୋରା ଚାଲାଣ। ଏତଦ୍‌ବ୍ୟତୀତ ମହିଳାଙ୍କ ପ୍ରତି ହିଂସାର ଆଉ କେତୋଟି ପ୍ରକାର ହେଉଛି ଅନରକିଲିଂ, ଏସିଡ୍ ଆଟାକ୍ ଏବଂ ଯୌନାଙ୍ଗ ଛେଦନ। ହିଂସା ଯେକୌଣସି ପ୍ରକାର ହେଉ- ଶାରୀରିକ, ମାନସିକ ଅବା ଆବେଗିକ, ପ୍ରତି କ୍ଷେତ୍ରରେ ମହିଳାଙ୍କ ଅଧିକାର କ୍ଷୁଣ୍ଣ ହୋଇଥାଏ, ତା'ର ଜୀବନ, ସ୍ୱାଭାବିକ ବଞ୍ଚିବାର ଗତି ବ୍ୟାହତ ହୋଇଥାଏ।

ଆମ ଭାରତୀୟ ସମାଜରେ ଲିଙ୍ଗଗତ ସମାନତା ଆଧାରରେ ଜଣେ ଭାରତୀୟ ମହିଳା ଯଦିଓ କିଛିଟା ଅଧିକାର ପାଇଛନ୍ତି, ସେଗୁଡ଼ିକ ବାସ୍ତବ କ୍ଷେତ୍ରରେ କେତେଦୂର କାର୍ଯ୍ୟକାରୀ ହୋଇପାରୁଛି ତାହା

## ବିଶ୍ୱ ମହିଳା ଦିବସ ଉପଲକ୍ଷେ

ଆଲୋଚ୍ୟ ବିଷୟ। ଏହି ଅଧିକାରଗୁଡ଼ିକ ହେଉଛି: ୧- ମହିଳାମାନଙ୍କର ସମାନ ଦରମା ପାଇବାର ଅଧିକାର। ସମାନ ଦରମା ଅଧିନିୟମ ଓ ତାଲିକାଭୁକ୍ତ ବ୍ୟବସ୍ଥା ଅନୁଯାୟୀ ଦରମା କିମ୍ବା ବେତନକୁ ଲିଙ୍ଗ ଆଧାରରେ ଭେଦଭାବ କରାଯାଇପାରିବ ନାହିଁ। ପୁରୁଷଙ୍କ ତୁଳନାରେ କାର୍ଯ୍ୟରତ ମହିଳାଙ୍କର ସମାନ ଦରମା ପାଇବାର ଅଧିକାର ଅଛି। ୨- ମହିଳାମାନଙ୍କର ସମ୍ମାନ ଓ ମର୍ଯ୍ୟାଦାର ଅଧିକାର ଅଛି। କୌଣସି ଏକ ଘଟଣାରେ ଯଦି ଜଣେ ମହିଳା ଅଭିଯୁକ୍ତ, ତେବେ ତାଙ୍କ ଉପରେ ଯେକୌଣସି ଡାକ୍ତରୀ ପରୀକ୍ଷା ଅନ୍ୟ ଜଣେ ମହିଳାଙ୍କ ଉପସ୍ଥିତିରେ କରାଯିବା ଆବଶ୍ୟକ। ୩- କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ବିରୋଧରେ ଅଭିଯୋଗ ଦାଖଲ କରିବାର ଅଧିକାର। କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ପ୍ରତି ହେଉଥିବା ଯୌନ ନିର୍ଯ୍ୟାତନାକୁ ରୋକିବା ପାଇଁ ମାନ୍ୟବର ସୁପ୍ରିମ୍‌କୋର୍ଟ ୧୯୯୭ରେ ଦେଇଥିବା ଐତିହାସିକ ରାୟ 'ବିଶାଖା ଗାଇଡଲାଇନ୍' ଅନୁଯାୟୀ ପ୍ରତ୍ୟେକ ସରକାରୀ, ବେସରକାରୀ, ସଂଗଠିତ ଓ ଅସଂଗଠିତ ସଂସ୍ଥା ବା ଅନୁଷ୍ଠାନ ଯୌନ ନିର୍ଯ୍ୟାତନା ପ୍ରତିରୋଧ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ କମିଟି ଗଠନ କରିବେ, ଯାହା ଜଣେ ମହିଳାଙ୍କ ନେତୃତ୍ୱରେ ହେବ। ଏଥିରେ ଅଧାରୁ ଅଧିକ ମହିଳା ସଦସ୍ୟ ରହିବେ। କମିଟିରେ ତୃତୀୟ ପକ୍ଷ ଭାବରେ ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ମଧ୍ୟ ରହିବେ, ଯାହାଙ୍କର ମହିଳାଙ୍କ ସଂକ୍ରାନ୍ତ ମାମଲାରେ ଦକ୍ଷତା ଥିବ। ୪- ଘରୋଇ ହିଂସା ବିରୋଧରେ ଅଭିଯୋଗ ଦାଖଲ କରିବାର ଅଧିକାର। ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଦେବାକୁ କେନ୍ଦ୍ର ସରକାର ୨୦୦୫ରେ ଏକ ଆଇନ ପ୍ରଣୟନ କରିଛନ୍ତି। ଉକ୍ତ ଆଇନରେ ମହିଳାଙ୍କ ପ୍ରତି ଯେପରି କୌଣସି ପ୍ରକାର ଶାରୀରିକ, ମାନସିକ, ବାଚନିକ, ଆର୍ଥିକ, ଆବେଗିକ ଓ ଯୌନ ବିଷୟକ ଅପବ୍ୟବହାର ଓ ଆଘାତ ନ ହୁଏ, ସେଥିପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି। ୫- ବଳାତ୍କାର ପୀଡ଼ିତା ବା ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ମହିଳାଙ୍କର ପରିଚୟ ଅଜ୍ଞାତ ରଖିବାର ଅଧିକାର। ପୀଡ଼ିତାଙ୍କ ଗୋପନୀୟତା ସୁରକ୍ଷିତ ଅଛି କି ନାହିଁ ନିଶ୍ଚିତ କରିବାକୁ ଜଣେ ମହିଳା, ଯିଏ ଯୌନ ଶୋଷଣର ଶିକାର ହୋଇଥିବେ, ଏହି ମାମଲାର ବିଚାର ଚାଲିଥିଲାବେଳେ କିମ୍ବା ମହିଳା ପୋଲିସ୍ ଅଧିକାରୀଙ୍କ ଉପସ୍ଥିତିରେ ଏକାକୀ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ତାଙ୍କ ବିବୃତି ରେକର୍ଡ କରିପାରିବେ। ୬-ମାଗଣା ଆଇନ ସହାୟତା ପାଇବା ପାଇଁ ମହିଳାଙ୍କର ଅଧିକାର। ଆଇନ ସେବା ପ୍ରାଧିକରଣ ନିୟମ ଅନୁଯାୟୀ ମହିଳା ବଳାତ୍କାର ପୀଡ଼ିତାଙ୍କୁ ମାଗଣା ଆଇନ ସହାୟତା କିମ୍ବା ଆଇନ ସେବା ପ୍ରାଧିକରଣରୁ ସହାୟତା ମିଳିବ। ୭- ମହିଳାମାନଙ୍କୁ ରାତିରେ ଗିରଫ ନ କରିବାର ଅଧିକାର ଅଛି। ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ଯଦି କୌଣସି ବ୍ୟତିକ୍ରମ ମାମଲା ନ ହୁଏ, ତେବେ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ଜଣେ ମହିଳାଙ୍କୁ ଗିରଫ କରାଯାଇପାରିବ ନାହିଁ। ୮- ମହିଳାଙ୍କର ଭର୍ଚୁଆଲ୍ ଅଭିଯୋଗ ପଞ୍ଜୀକରଣ କରିବାର ଅଧିକାର। ୯- ନିଜ ଫଟୋର ଅସଦ୍ ଓ ଅଶ୍ଳୀଳ ଉପସ୍ଥାପନା ଓ ବ୍ୟବହାର ବିରୋଧରେ ଅଭିଯୋଗ କରିବାର ଅଧିକାର। ଜଣେ ମହିଳାଙ୍କ ଫଟୋ ବା ଚିତ୍ର (ତାଙ୍କ ରୂପ କିମ୍ବା ଶରୀରର ଯେକୌଣସି ଅଂଶ)ର ଯେକୌଣସି ପ୍ରକାର ଅଶ୍ଳୀଳ ଓ ଅପମାନଜନକ ଉପସ୍ଥାପନା ଏକ ଦଣ୍ଡନୀୟ ଅପରାଧ। ୧୦- ମହିଳାଙ୍କୁ ଅନୁସରଣ କରାଯିବା ବିରୋଧରେ ଅଧିକାର। ଯେକୌଣସି ରୂପରେ ଜଣେ ମହିଳାଙ୍କୁ ଅନୁସରଣ କରିବା ଏକ ଅପରାଧ। ୧୧- ଜିରୋ ଏଫ୍‌ଆଇଆର୍ ପାଇଁ ମହିଳାମାନଙ୍କର ଅଧିକାର। ଘଟଣାଟି ଯେଉଁଠାରେ ଘଟିଛି କିମ୍ବା ଏକ ନିର୍ଦ୍ଦିଷ୍ଟ ଅଧିକାର ଅଧୀନରେ ଯେକୌଣସି ପୋଲିସ୍ ଷ୍ଟେଶନରେ ଏକ ଏଫ୍‌ଆଇଆର୍ ଦାଖଲ କରାଯାଇପାରିବ, ଜିରୋ ଏଫ୍‌ଆଇଆର୍ ପରେ ସେହି ପୋଲିସ୍ ଷ୍ଟେଶନ୍‌କୁ ମାମଲାଟି ସ୍ଥାନାନ୍ତର କରାଯାଇପାରିବ, ଯାହା ଅଧୀନରେ ଏହି ମାମଲା ରହିଛି।

ଆମେରିକୀୟ ଫିଲ୍ମ ନିର୍ମାତା, ବ୍ୟଙ୍ଗ ଲେଖକ ଜୋସ୍ ହ୍ୱେଡନ୍‌ଙ୍କ ମତରେ, 'ସମାନତା ଏକ ଧାରଣା ନୁହେଁ, ଏକ ଆବଶ୍ୟକତା। ଏହା ମାଧ୍ୟାକର୍ଷଣ ପରି। ଏହି ପୃଥିବୀରେ ଉଭୟ ପୁରୁଷ ଓ ମହିଳା ଏକାଠି ଛିଡ଼ାହେବା ଆବଶ୍ୟକ। ପ୍ରତ୍ୟେକ ସଂସ୍କୃତିରେ ମହିଳାଙ୍କ ପ୍ରତି ଥିବା ବିଦ୍ୱେଷ ଭାବ ମାନବ ସ୍ଥିତିର ପ୍ରକୃତ ଅଂଶ ନୁହେଁ। ଏହା ଜୀବନକୁ ଅସନ୍ତୁଳିତ କରେ, ପ୍ରତ୍ୟେକ ପୁରୁଷ ଓ ମହିଳାଙ୍କ ଆତ୍ମାରୁ ସ୍ୱାଭାବିକତା ଶୋଷିନିଏ, ଯିଏ ଏହି ଅସନ୍ତୁଳନକୁ ସାମ୍ନା କରେ।'

ଏହି ଅସନ୍ତୁଳନ, ଅସମାନତାକୁ ଅତିକ୍ରମ କରିବା ପାଇଁ ମହିଳାମାନେ ଶିକ୍ଷିତ ହେବା ନିତାନ୍ତ ଆବଶ୍ୟକ। ଗାନ୍ଧିଜୀ କହୁଥିଲେ, 'ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର ଯାହା ମହିଳାଙ୍କୁ ସମସ୍ତ ବିପଦସଙ୍କୁଳ ଅବସ୍ଥାରୁ ମୁକୁଳେଇପାରିବ। ଶିକ୍ଷାର ଆଲୋକ ହିଁ ମହିଳାଙ୍କ ଜୀବନରୁ ଅନ୍ଧାର ଦୂରକରି ତାଙ୍କର ଚଲାପଥକୁ ଉଜ୍ଜ୍ୱଳ କରିପାରିବ।' ତେଣୁ ଶିକ୍ଷିତ, ସ୍ୱାବଲମ୍ବୀ ଓ ସଶକ୍ତ ନାରୀ ହିଁ ଅନ୍ୟାୟ, ଅତ୍ୟାଚାର ଓ ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉଠାଇବାରେ ସମର୍ଥ ହେବ ଏବଂ ଆଜି ଏହି ସ୍ୱର ଅଧିକରୁ ଅଧିକ ଉଠିବା ଜରୁରୀ।

ଫ୍ଲାଟ୍ ନଂ-୮୦୪, ଟାୱାର-୩, ବିପୁଲ୍ ଗାର୍ଡେନ୍ସ, ଘାଟିକିଆ, ଭୁବନେଶ୍ୱର, gayatribalap@gmail.com

# 'ଗ୍ୟାପ୍ ଇଙ୍କ୍' ସିଇଓ

## ବ୍ୟକ୍ତିତ୍ୱ



ସୋନିଆ ସିଙ୍ଗଲ

ପୁରୁଷ, ମହିଳା ଓ ଶିଶୁମାନଙ୍କ ପାଇଁ ପୋଷାକ ପରିଚ୍ଛଦ ଓ ବ୍ୟକ୍ତିଗତ ଆବଶ୍ୟକତା ମେଣ୍ଟାଇବା ସକାଶେ ଖୁଚୁରା ପଦାର୍ଥ ଯୋଗାଉଥିବା କମ୍ପାନୀ ବିଷୟରେ ଆଲୋଚନା କଲା ବେଳେ ବିଶ୍ୱ ସ୍ତରରେ ଆଗଧାଡ଼ିରେ ଆସୁଥିବା କମ୍ପାନୀ ମଧ୍ୟରେ ଗ୍ୟାପ୍ ଇଙ୍କ୍ ଅନ୍ୟତମ। ବିଶ୍ୱର ୯୦ ରାଷ୍ଟ୍ରରେ ଏହି କମ୍ପାନୀ ଦ୍ୱାରା ମାନ୍ୟତା ପାଇଥିବା ଷ୍ଟୋର୍‌ଗୁଡ଼ିକ ସାମଗ୍ରୀ ବିକ୍ରି କରିବାର ସୁଯୋଗ ପାଉଛନ୍ତି। ଇ-କମର୍ସ ସାଇଟ୍ ମାଧ୍ୟମରେ ଏହାର ପଦାର୍ଥମାନ ବିକ୍ରି ହେବାରେ ଲାଗିଛି। ଏଭଳି ଏକ ନାମକରା କମ୍ପାନୀର ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଭାରତୀୟ-ଆମେରିକୀୟ ସୋନିଆ ସିଙ୍ଗଲ ନିଯୁକ୍ତି ପାଇବା ପରେ ଏବେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାର ବଳୟକୁ ଆସିଛି। ପେପ୍‌ସିକୋ ମୁଖ୍ୟ ଭାବେ ୨୦୧୮ରେ ପଦବୀ ପରିତ୍ୟାଗ କରିଥିବା ଇନ୍ଦ୍ରା ନୁଇଙ୍କ ପରେ ଏକ ଫର୍ଚୁନ୍-୫୦୦ କମ୍ପାନୀର ଭାରତୀୟ-ଆମେରିକୀୟ ମହିଳା ସିଇଓ ହେବାରେ ସୋନିଆ ଗୌରବ ଅର୍ଜନ କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ସୋନିଆଙ୍କୁ ଏଭଳି ପଦବୀ ମିଳିବା ଭାରତୀୟ ମହିଳାଙ୍କୁ ଉତ୍ସାହିତ କରିବା ସ୍ୱାଭାବିକ।

ଭାରତୀୟ ଦମ୍ପତି ସୁଷମା ଓ ସତ୍ୟ ସିଙ୍ଗଲଙ୍କ କନ୍ୟା ସୋନିଆ ଭାରତରେ ଜନ୍ମଗ୍ରହଣ କରିଥିଲେ। ପରିବାର କାନାଡ଼ାକୁ ଯିବା ପରେ ସୋନିଆଙ୍କ ଗଠନାତ୍ମକ ବର୍ଷଗୁଡ଼ିକ ସେହିଠାରେ ହିଁ କଟିଥିଲା। ଏହା ପରେ ସୋନିଆ ଆମେରିକା ଚାଲିଯାଇଥିଲେ। ୧୯୯୩ରେ କେଟେରିଂ ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ସେ ୧୯୯୫ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରୁ ମାନୁଫାକ୍‌ଚରିଂ ସିଷ୍ଟମ୍ସ ଇଞ୍ଜିନିୟରିଂରେ ସ୍ନାତକୋତ୍ତର କରିଥିଲେ। ଫର୍ଚୁନ୍ ୫୦୦ କମ୍ପାନୀରୁ ତାଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ସେ ୧୦ ବର୍ଷ ସନ୍ ମାଇକ୍ରୋସିଷ୍ଟମ୍ ଓ ୬ ବର୍ଷ ଫୋର୍ଡ ମୋଟର କମ୍ପାନୀରେ ବିତାଇଥିଲେ। ଏହି ବୃହତ୍ କମ୍ପାନୀରେ ଦୀର୍ଘବର୍ଷ କାର୍ଯ୍ୟ କରିବା ଭିତରେ ସେ ବହୁ ଅଭିଜ୍ଞତା ଅର୍ଜନ କରିଥିଲେ। ଏହା ପରେ ସେ ବିଶ୍ୱର ଅନ୍ୟତମ ଯୋଗାଣ ଶୃଙ୍ଖଳ ଗ୍ୟାପ୍ ଇଙ୍କ୍‌ରେ ଯୋଗ ଦେଇଥିଲେ। ସେଥିରେ ସେ ଗ୍ୟାପ୍ ଇଙ୍କ୍ ୟୁରୋପର ପରିଚାଳନା ନିର୍ଦ୍ଦେଶକ ହୋଇଥିଲେ। ତାଙ୍କ ନେତୃତ୍ୱରେ ୨୦୧୬ରୁ ୨୦୧୮ ଯାଏ କମ୍ପାନୀ ବହୁବିଧ କ୍ଷେତ୍ରରେ ଉନ୍ନତି ଲାଭ କରିଥିଲା। ଏପରି କି ଆମେରିକା, କାନାଡ଼ା ଓ ମେକ୍ସିକୋର ୧,୨୦୦ ଷ୍ଟୋର୍‌ରେ କମ୍ପାନୀର ସାମଗ୍ରୀ ଖୁବ୍ ବେପାର କରିଥିଲା। ଏଥିସହିତ ଗ୍ୟାପ୍ ଇଙ୍କ୍ ଆମେରିକାରେ ସର୍ବାଧିକ ବୈଶିଷ୍ଟ୍ୟ ବହନ କରୁଥିବା ଖୁଚୁରା ଯୋଗାଣ ଶୃଙ୍ଖଳ ହୋଇପାରିଥିଲା। ସୋନିଆଙ୍କ ଏକନିଷ୍ଠ କାର୍ଯ୍ୟ ଓ ଟିମ୍‌ର ନେତୃତ୍ୱ ନେବାର କଳା ତାଙ୍କୁ ଉପରକୁ ଉଠିବାରେ ସାହାଯ୍ୟ କରିଥିଲା। ୧,୩୫,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ ବିଶ୍ୱବ୍ୟାପୀ ଚାଲୁଥିବା ଷ୍ଟୋରଗୁଡ଼ିକକୁ ପରିଚାଳନା ଲାଗି ଯେଉଁ ବ୍ୟାବସାୟିକ ଦକ୍ଷତା ଲୋଡ଼ା ପଡୁଥିଲା, ତାହାକୁ ସୋନିଆ ନିଜର ସୂକ୍ଷ୍ମ ବୁଦ୍ଧି ବଳରେ ଆଗେଇ ନେଇପାରିଥିବାରୁ ସେ ସର୍ବୋଚ୍ଚ ପଦବୀରେ ବସିପାରିଛନ୍ତି ବୋଲି କୁହାଯାଉଛି।

କେବଳ ବ୍ୟବସାୟ ଜଗତ ନୁହେଁ, ଲୋକଙ୍କୁ ସେବା କରିବା ଲାଗି ଯେତେବେଳେ ଯେଉଁଠାରେ ଆବଶ୍ୟକ ପଡ଼ିଛି, ସୋନିଆ ନିଜକୁ ସେଥିରେ ସାମିଲ କରିଛନ୍ତି। ଫିଲାନ୍‌ଥ୍ରୋପି ବା ମାନବପ୍ରେମ ସୃଷ୍ଟି କଲା ଭଳି ସେବାରେ ସେ ନିୟୋଜିତ କରିବାକୁ ଯାଇ ଗ୍ୟାପ୍ ଫାଉଣ୍ଡେସନ ବୋର୍ଡ ଅଫ୍ ଟ୍ରଷ୍ଟିଜ୍ ଏବଂ ବୋର୍ଡ ଅଫ୍ ଗଭର୍ନର୍ସ ଫର୍ ବୟେଜ୍ ଆଣ୍ଡ୍ ଗାର୍ଲସ କ୍ଲବ୍ ଅଫ୍ ଆମେରିକାରେ କାର୍ଯ୍ୟ କରିବାକୁ ପସନ୍ଦ କରିଛନ୍ତି। ସାନ୍‌ଫ୍ରାନ୍‌ସିସ୍‌କୋ ବିଜନେସ୍ ଟାଇମ୍ସ ପକ୍ଷରୁ କର୍ପୋରେଟ୍ ଜଗତ ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ୨୦୧୮ରେ 'ଦି ୫୦ ମୋଷ୍ଟ ପାୱାରଫୁଲ୍ ମମ୍ ଅଫ୍ ୨୦୧୮' ଏବଂ 'ମୋଷ୍ଟ ଇନ୍‌ଫ୍ଲୁଏନ୍‌ସିଆଲ ୱେମେନ୍ ଇନ୍ ବିଜନେସ୍ ଅଫ୍ ୨୦୧୮'ରେ ମଧ୍ୟ ସମ୍ମାନିତ କରାଯାଇଛି। ସୋନିଆଙ୍କ ବ୍ୟକ୍ତିଗତ ଜୀବନ କହିଲେ ସ୍ୱାମୀ ଜୋ ମକ୍‌ଗ୍ରାଥ୍ ଏବଂ ଦୁଇ ସନ୍ତାନକୁ ନେଇ ତାଙ୍କ ସଂସାର।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଥରେ ଜଣେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା କହିଥିଲେ 'ଯଦି ତୁମ ପାଖରେ କୌଣସି କାର୍ଯ୍ୟ କରିବାର ଦକ୍ଷତା ରହିଛି ତେବେ ତାହା ତୁମେ ମାଗଣାରେ କର ନାହିଁ'। କିନ୍ତୁ କେରଳର ଆଲୁଭାନିବାସୀ ସାଜି ଭାଲାସେରି ଏଥିରେ ଏକମତ ନୁହନ୍ତି। ସେ ଦିନବେଳା ଷ୍ଟିଲ୍ ଫର୍ନିଚର ତିଆରି କରି ପେଟ ପୋଷୁଥିଲେ ବି ତାଙ୍କ ମୂଳ ଲକ୍ଷ୍ୟ ରହିଛି ସୁଇମିଂ ମାଧ୍ୟମରେ ଖୁସି ବାଣ୍ଟିବା। ସେ ଏବେ ସ୍କୁଲ୍ ପିଲା, ବୟସ୍କ ତଥା ଦୃଷ୍ଟିବାଧିତଙ୍କୁ ମାଗଣାରେ ସୁଇମିଂ ପ୍ରଶିକ୍ଷଣ ଦେଉଛନ୍ତି। ୫ ବର୍ଷ ବୟସର ପିଲାଠାରୁ ଆରମ୍ଭ କରି ୬୫ ବର୍ଷର ବୃଦ୍ଧ ପର୍ଯ୍ୟନ୍ତ ସାଜିଙ୍କଠାରୁ ସୁଇମିଂ ଶିଖୁଛନ୍ତି। ଏକ ଦଶନ୍ଧି ହେବ ସେ ଏହି କାର୍ଯ୍ୟ କରିଆସୁଛନ୍ତି। ପ୍ରଥମେ ସାଜି ତାଙ୍କର ଓ ତାଙ୍କ ବନ୍ଧୁଙ୍କର ତିନି ଜଣ ପିଲାଙ୍କୁ ସୁଇମିଂ ଶିଖାଇବା ଆରମ୍ଭ କରିବା ପରେ ଏବେ ସୁଦ୍ଧା ୩୨୦୦ ଲୋକଙ୍କୁ ଏହା ଶିଖାଇ ସାରିଲେଣି। ବୟସ୍କମାନଙ୍କ ପାଇଁ ଡିସେମ୍ବରରୁ ମାର୍ଚ୍ଚ ଓ ପିଲାମାନଙ୍କ ଲାଗି ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ସେ ପ୍ରଶିକ୍ଷଣ ଦେଉଛନ୍ତି। ସୁଇମିଂ ଅଭ୍ୟାସ ଆଲୁଭା ନଦୀରେ ସକାଳ ୬ରୁ ୯.୩୦ ଯାଏ ଚାଲେ। ଅଭ୍ୟାସ ସମୟରେ ସୁରକ୍ଷା ପାଇଁ ସାଜି ଗୋଟିଏ ସେଫ୍ଟି ବୋଟ୍ ଓ ଗୋଟିଏ ଆମ୍ବୁଲାନ୍ସର ବ୍ୟବସ୍ଥା କରିଛନ୍ତି ଯାହା ସବୁବେଳେ ମିଳିଥାଏ। ସାଜିଙ୍କଠାରୁ ସୁଇମିଂ ଶିକ୍ଷା କରିବା ପରେ ମନୋଜ ନାମକ ଜଣେ ଦୃଷ୍ଟିବାଧିତ ବାଳକ କେରଳର ଦୀର୍ଘତମ ନଦୀ ପାର କରିପାରିଛନ୍ତି। ଏହା ସହ ମାଲୁ ସିକା ବି ଭେମ୍ବନାଦ ହ୍ରଦ ପାର କରିବାରେ ପ୍ରଥମ ମହିଳା ହୋଇପାରିଛନ୍ତି।

## ଚିରନ୍ତନୀ

ତୀବ୍ର ଜାଳ ନ ପାରେଁ ସହି
ପରଶି ମନ ଅନ୍ତର
କରୁଣ ତବ କରୁଣା ତହିଁ
ଅରୁଣ ବାରେ ସଞ୍ଚର। (ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୯୫

- ତୁଙ୍ଗଭଦ୍ରା ନଦୀବନ୍ଧରୁ ଜଳ ଛାଡିବା ନେଇ କର୍ନାଟକ ଓ ଆନ୍ଧ୍ରପ୍ରଦେଶମଧ୍ୟରେଥିବାଜଳବଣ୍ଟନବିବାଦରସମାଧାନ।
- ଚାଇନା ସରକାର ନିଜ ଦେଶରେ ରୁଗ୍‌ଣ ହୋଇ ଯାଉଥିବା ସଂସ୍ଥାଗୁଡିକୁ ବନ୍ଦ କରିଦେବାକୁ ସ୍ଥିର କରିଛନ୍ତି।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 6 | 1 | C | E | 3 | | | | 0 | 2 | 9 |
| | | | | | 2 | | | | | 7 | | | | |
| | 9 | 4 | | 8 | | | B | | | | D | | | |
| | | | 3 | 5 | | | | | | 6 | | | A | B |
| | 1 | | | 4 | | A | | | | | | | 3 | |
| E | 2 | | 7 | | 4 | B | 0 | | | 3 | | | 5 | |
| | | 9 | | | | 2 | | | A | E | C | | | D |
| 8 | | | | | | 1 | 7 | E | B | | | 3 | | |
| | A | | E | | | | | | | | 5 | 7 | | |
| | | C | | | | | 3 | | 9 | | | 1 | | 2 |
| | | | 4 | D | | | 9 | | | 0 | | | C | |
| | | | | 7 | | | | | | 1 | | 8 | | 3 |
| D | 5 | | A | | | E | | | | | 2 | | | |
| 2 | | 7 | | | B | D | 5 | C | | | | E | 1 | |
| A | 8 | | | 3 | | | | 2 | | | B | | 7 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଗାଢ଼ ରେଖାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | C | 4 | 1 | D | 6 | 7 | 8 | A | B | 0 | 3 | 9 | 5 | 2 |
| 7 | 1 | 6 | B | A | 0 | D | 2 | 5 | 9 | E | 8 | 3 | 4 | C |
| D | B | 9 | E | 2 | 8 | C | 3 | 0 | 7 | 4 | 5 | 6 | 1 | A |
| 8 | 2 | 5 | 4 | 3 | 7 | 9 | 1 | B | C | 6 | A | 0 | D | E |
| A | 0 | 3 | 9 | 5 | C | 4 | E | 6 | D | 2 | 1 | 7 | B | 8 |
| 2 | E | 8 | C | B | 5 | A | D | 3 | 0 | 7 | 6 | 1 | 9 | 4 |
| C | 6 | A | 7 | 8 | 1 | 0 | 9 | 4 | 5 | D | 2 | B | E | 3 |
| 9 | 3 | D | 6 | 4 | 2 | 1 | C | 7 | A | B | E | 5 | 8 | 0 |
| B | 4 | 7 | 0 | E | 3 | 5 | 6 | 2 | 8 | 1 | 9 | A | C | D |
| 1 | 5 | 0 | A | 9 | D | 8 | B | E | 3 | C | 4 | 2 | 7 | 6 |
| 3 | A | 2 | D | C | 4 | 6 | 5 | 8 | 1 | 9 | B | E | 0 | 7 |
| 5 | 9 | C | 2 | 7 | E | 3 | 0 | 1 | 6 | 8 | D | 4 | A | B |
| 4 | D | B | 5 | 6 | 9 | E | 7 | C | 2 | A | 0 | 8 | 3 | 1 |
| 0 | 7 | E | 8 | 1 | B | 2 | A | 9 | 4 | 3 | C | D | 6 | 5 |
| 6 | 8 | 1 | 3 | 0 | A | B | 4 | D | E | 5 | 7 | C | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ପୋକନ ଇଂଲିଶ ଭେଳିକି

ମହାଶୟ,

ସରକାର କହିଦେଲେ ଏଣିକି ପ୍ରାଥମିକ ବିଦ୍ୟାଳୟରୁ ସ୍ପୋକନ୍ ଇଂଲିଶ ଶିକ୍ଷା ଦିଆଯିବ। କିନ୍ତୁ ବର୍ତ୍ତମାନ ଓଡିଆ ମାଧ୍ୟମ ସ୍କୁଲରେ ଅଧ୍ୟୟନରତ ୬ଷ୍ଠ, ୭ମ ଶ୍ରେଣୀ ପିଲା ଓଡିଆ ବର୍ଣ୍ଣମାଳା ବି ଠିକ୍ ଭାବରେ ଜାଣିନାହାନ୍ତି। ଇଂଲିଶରେ ଏ ଓ ଆନ୍ କେଉଁଠି ବସିବ କହିପାରିବେ ନାହିଁ। ଏପରି ପରିସ୍ଥିତିରେ ସେମାନେ ସ୍ପୋକନ ଇଂଲିଶ ଶିଖିବେ କିପରି? ପୁଣି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସ୍ପୋକନ୍ ଇଂଲିଶ ପଢାଇବାକୁ ସମର୍ଥ ତ? ଗଣଶିକ୍ଷା ବିଭାଗ ଏହା ବିଚାର କରିବା ଉଚିତ। ଓଡ଼ିଆ ପିଲା ଯେମିତି ଇଂଲିଶରେ ଦୁର୍ବଳ, ଇଂଲିଶ ମାଧ୍ୟମ ପିଲା ବି ସେମିତି ଓଡିଆରେ ଦୁର୍ବଳ। ଏ ନେଇ ଉପାୟ କ'ଣ?

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିଜ୍ଞାନ ମେଳା

ବିଜ୍ଞାନ ଯୋଗୁ ମାନବ ବଞ୍ଚିପାରୁଛି। ପିଲାମାନଙ୍କୁ ବିଜ୍ଞାନ ସମ୍ବନ୍ଧରେ ସଚେତନ କରିବା, ସେମାନଙ୍କ ମନରେ ବିଜ୍ଞାନ ସମ୍ବନ୍ଧରେ ଶ୍ରଦ୍ଧା ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲରେ ବିଜ୍ଞାନ ମେଳା ଆୟୋଜନ କରାଯାଉଛି। ବର୍ତ୍ତମାନ ପରିସ୍ଥିତିରେ ବିଜ୍ଞାନକୁ ଛାଡି ମଣିଷ କ୍ଷଣେମାତ୍ର ବଞ୍ଚିପାରିବ ନାହିଁ। ରାତି ପାହିଲେ ଆମକୁ ବିଜ୍ଞାନ ଉପରେ ନିର୍ଭର କରିବାକୁ ପଡୁଛି। ବିଜ୍ଞାନ ଯୋଗୁ ମଣିଷ ଚନ୍ଦ୍ର ଓ ମଙ୍ଗଳ ଅଭିଯାନ କରିପାରୁଛି। ତେବେ ବିଜ୍ଞାନ ଯେତେ ଉନ୍ନତି କଲେ ବି ମହାପ୍ରକୃତିର ଗତିପଥକୁ ପ୍ରତିହତ କରିବା ଅସମ୍ଭବ। ବୈଜ୍ଞାନିକ ପ୍ରକୃତିର କୋପ ଆଗରେ ହାର ମାନିବା ନିଶ୍ଚିତ। ତେଣୁ ଆମେ ବିଜ୍ଞାନ ଗବେଷଣା ସହିତ ପ୍ରକୃତି ଓ ପରିବେଶର ସୁରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦେବା ଉଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### କୃଷିର ଉନ୍ନତିରେ ବାଧକ ଟଙ୍କିକିଆ ଚାଉଳ

ବର୍ତ୍ତମାନ ସରକାର କୃଷିର ଉନ୍ନତି ଚାହୁଁଛନ୍ତି। କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ଏ ଟଙ୍କିକିଆ ଚାଉଳ ଓ ଗହମ ବନ୍ଦ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ କୃଷିରେ ଉନ୍ନତି ହେବା ଅସମ୍ଭବ। ଟଙ୍କିକିଆ ଚାଉଳ ଲୋକମାନଙ୍କୁ ପଙ୍ଗୁ କରିଦେଇଛି। ଆଗରୁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ତା' କ୍ଷେତରେ ଖଟି ସୁନାର ଫସଲ ଆଦାୟ କରୁଥିଲା। ସେ ବେଳ ଆଉ ନାହିଁ। ବିନା ପରିଶ୍ରମରେ ଘରେ ବସି ଚାଉଳ ଗଣ୍ଡାକ ଯଦି ମିଳିଯାଉଛି ତେବେ ସେ ଏତେ ପାଣିକାଦୁଅରେ ଘାଣ୍ଟିହେବ କାହିଁକି। ଯିଏ ମାଗି ଖାଇଲାଣି ସିଏ ଲାଗି ଖାଇବ ନାହିଁ। ଆଜି ଶହ ଶହ ଏକର ଜମି ଗାଁ ଗାଁରେ ପଡିଆ ପଡିଛି। ପ୍ରକୃତରେ ଯଦି ସରକାର କୃଷିର ଉନ୍ନତି ଚାହୁଁଛନ୍ତି ତେବେ ଯଥାଶୀଘ୍ର ଏ ଟଙ୍କିକିଆ ଚାଉଳ, ଗହମ ବନ୍ଦ କରି କୃଷି ଭିତ୍ତିଭୂମି ତିଆରିରେ ମନୋନିବେଶ କରନ୍ତୁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ମାଳତୀ ନଦୀରୁ ମୃତଦେହ ଉଦ୍ଧାର

**ସମ୍ବଲପୁର, ୭।୩ (ବ୍ୟୁରୋ):** ଧମା ଥାନା ଅଧୀନ ଗୁଲୁଣ୍ଡିପାଲି ନିକଟ ମାଳତୀ ନଦୀରୁ ଶନିବାର ଅପରାହ୍ନ ୨ଟାରେ ପୋଲିସ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କ ବୟସ ଆନୁମାନିକ ୪୦ ବର୍ଷ ହେବ ବୋଲି ପୋଲିସ କହିଛି। ନଦୀକୁ ଗାଧୋଇବାକୁ ଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

### ଭାରତୀୟ ଅର୍ଥନୀତିରେ କରୋନା ପ୍ରଭାବ ଶୀର୍ଷକ ଆଲୋଚନା

**ସମ୍ବଲପୁର, ୭।୩ (ବ୍ୟୁରୋ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ବାଣିଜ୍ୟ ବିଭାଗ ପକ୍ଷରୁ ଭାରତୀୟ ଅର୍ଥନୀତିରେ କରୋନା ଭାଇରସ୍‌ର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭାଗ ସହକାରୀ ଅଧ୍ୟାପକ ଡ. ପ୍ରିୟବ୍ରତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ରିସଭ ସୋନି, ବିଦ୍ୟା ସୁନାଇନି, ଦେବସ୍ମିତା ପଣ୍ଡା, ମନୀଷା ଶତପଥୀ ନିବନ୍ଧ ପାଠ କରିଥିଲେ ।







ଶନିବାର ସମ୍ବଲପୁର ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ ଉତ୍ସବରେ କସ୍ତୁରବା ଗାନ୍ଧୀ ମାତୃନିକେତନ ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରୁଛନ୍ତି (ବାମ)। ମୋ ସ୍କୁଲ ଅଭିଯାନ ଫଟୋ ପ୍ରଦର୍ଶନୀକୁ ଛାତ୍ରୀଛାତ୍ର ଦେଖୁଛନ୍ତି (ମଝି)। ମୋ ସ୍କୁଲ ଅଭିଯାନ ଉତ୍ସବରେ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

# ମୋ ସ୍କୁଲ ଅଭିଯାନ ବର୍ତ୍ତମାନର ଛାତ୍ରଙ୍କ ସହ ପୁରାତନ ଛାତ୍ରଙ୍କୁ ଏକାଠି କରିଛି

**ସମ୍ବଲପୁର, ୭।୩ (ବ୍ୟୁରୋ)**

ସମ୍ବଲପୁର ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ ଉତ୍ସବ ଶନିବାର ବୁଢ଼ାରଜା ସରକାରୀ ହାଇସ୍କୁଲ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ୯ଟି ବ୍ଲକରୁ ମୋ ଶିକ୍ଷା ଅଭିଯାନ ସମ୍ପର୍କିତ ଫଟୋ ପ୍ରଦର୍ଶନୀକୁ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ଯୁଗଳେଶ୍ୱରୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସେ କହିଥିଲେ ଯେ, ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ପୁରାତନ ଛାତ୍ର ଓ ବର୍ତ୍ତମାନର ଛାତ୍ରଙ୍କୁ ମୋ ସ୍କୁଲ ଅଭିଯାନ ଏକାଠି କରିଛି। ଏହାଦ୍ୱାରା ସ୍କୁଲଗୁଡିକ ବିକଶିତ ହେବା ଲକ୍ଷ୍ୟ ରହିଛି । ଜିଲା ବିଜ୍ଞାନ ନିରୀକ୍ଷକ କୁଳମଣି ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ବିବରଣୀ ଉପସ୍ଥାପନ କରିଥିଲେ । ୯ଟି ସ୍କୁଲରୁ ଆସିଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ମହୁଲପାଲି କସ୍ତୁରବା ଗାନ୍ଧୀ ମାତୃ ନିକେତନ ଛାତ୍ରୀମାନେ ସ୍ୱାଗତ ନୃତ୍ୟ ଓ ବୁଢ଼ାରଜା ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ର ଆବାହନୀ ସଂଗୀତ ଗାନ କରିଥିଲେ । ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କରୋନା ସଚେତନତା ବାର୍ତ୍ତା ଦେଇଥିଲେ । ବାମରାର କିଶନ କୁମାର ନାୟକ, ଧନକଉଡାର ସନ୍ତୋଷ କୁମାର ଅଗ୍ରୱାଲ, ଜମନକିରାର ପ୍ରକାଶ ଚନ୍ଦ୍ର ନାୟକ, ଝୁଝୁମୁରାର ଦିବ୍ୟକିଶୋର ପ୍ରଧାନ, କୁଚିଣ୍ଡାର କୃଷ୍ଣ ଚନ୍ଦ୍ର ନାୟକ, ମାନେଶ୍ୱରର ରାଧାକାନ୍ତ ସେଠ, ନାକଟିଦେଉଳର ଧିରେନ୍ଦ୍ର ରାଉଲ, ରେଢ଼ାଖୋଲର ଶତ୍ରୁଘନ ସ୍ୱାଇଁ, ରେଙ୍ଗାଲି ବ୍ଲକର ଦୁର୍ଗାପ୍ରସାଦ ସାହୁ ମୋ ସ୍କୁଲ ଅଭିଯାନ ବିଷୟରେ ଆଲୋକପାତ କରିଥିଲେ । ଡ. ଗୌରିଦାଶ ପଧାନ ଓ ସନ୍ଧ୍ୟାରାଣୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବୁଢ଼ାରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମନୋଜ କୁମାର ମେଣ୍ଡୋଲି, ପ୍ରଶାନ୍ତି କୁମାର ପାଢ଼ଯୋଶୀ, ଜଗବନ୍ଧୁ ବେହେରା, ସୁଧାଂଶୁ ଷଣ୍ଢ, ହରିନାରାୟଣ ପଣ୍ଡା, କ୍ଷୀରୋଦ ତାଣ୍ଡିଆ, ବନବାସ ପ୍ରଧାନ, ଦୀପାଳି ଚୌଧୁରୀ, ଅମିତ ବେହେରା, ରାକେଶ ସାହୁ, ସଞ୍ଜିବ ସାହୁ, ପ୍ରଦୀପ ସାହୁ, ଅଶୋକ ସାହୁ, କୁନାଲ କାଲୋ, ନିରଞ୍ଜନ ସେଠ, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ମଙ୍ଗଳ କଳସ ଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ ।

## ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଦେବଗଡ଼,୭।୩(ଡି.ଏନ.ଏ.)**

ସ୍ଥାନୀୟ ସଭାଗୋଲିଠାରେ ଶାନ୍ତିକୁଞ୍ଜ,ହରିଦ୍ୱାରସ୍ଥିତ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ତତ୍ତ୍ୱାବଧାନରେ ଦେବଗଡ଼ ଗାୟତ୍ରୀ ପରିବାର ଦ୍ୱାରା ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ ଶୁକ୍ରବାର ଶୁଭାରମ୍ଭ ହୋଇଛି । ଏହି ଉପଲକ୍ଷେ ମଙ୍ଗଳ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନରରେ ଶତାଧିକ ମହିଳା ପ୍ରଧାନପାଟ ଜଳପ୍ରପାତକୁ ଯାଇ କଳସୀରେ ଜଳସଂଗ୍ରହ କରିଥିଲେ । ସନ୍ଧ୍ୟାରେ ପ୍ରଜ୍ଞା ସଙ୍ଗୀତ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ଦ୍ୱିତୀୟ ଦିବସରେ ସାମୁହିକ ଜପ, ଧ୍ୟାନ, ପ୍ରଜ୍ଞାଯୋଗ ବ୍ୟାୟାମ, ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଯଜ୍ଞ, ସଂସ୍କାର କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ଏବଂ ସନ୍ଧ୍ୟାରେ ପ୍ରଜ୍ଞା ସଙ୍ଗୀତ,ପ୍ରବଚନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦେବଗଡ଼ ଗାୟତ୍ରୀ ପରିବାରର ମୁଖ୍ୟ ଡ. ବିଳାସିନୀ ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି ।

## ଡିଆଇପିଆର୍‌ଓଙ୍କୁ ଧମକ ଅଭିଯୋଗରେ ୫ ଗିରଫ

**ସମ୍ବଲପୁର୭।୩(ବ୍ୟୁରୋ)**



ପୋଲିସ ହେପାଜତରେ ଗିରଫ ୫ ଅଭିଯୁକ୍ତ ।

- ୩ ଅଭିଯୁକ୍ତଙ୍କ ନାଁ କହୁନାହିଁ ପୋଲିସ
- ଅଭିଯୁକ୍ତଙ୍କ ଟିଆଇ ପରେଡ୍ କରାଯିବ

ସମ୍ବଲପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ ନାଏକଙ୍କୁ ଅପରହଣ ଓ ଧମକ ଚମକ ଦେବା ଅଭିଯୋଗରେ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏମାନେ ହେଲେ ବିଭାଗର ସରକାରୀ ଡ୍ରାଇଭର ଦେବାନନ୍ଦ ରନବିଡା (୫୭), ଷ୍ଟୋର କିପର ଅଶ୍ୱିନୀ ମକାର (୫୭) ଓ ଅନ୍ୟ ୩ଜଣ। ହେଲେ ଟିଆଇ ପରେଡ ପାଇଁ ଅନ୍ୟ ୩ ଅଭିଯୁକ୍ତଙ୍କ ନାମ ପୋଲିସ କହୁନାହିଁ । ଏମାନଙ୍କ ନିକଟରୁ ଡିଆଇପିଆରଓଙ୍କ ଦସ୍ତଖତ ଥିବା ଏକ ସାଧା ପେପର ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୫୪/୨୦) ରୁଜୁ ହୋଇଛି। ଏମାନଙ୍କ ନାମରେ ଅପହରଣ, ହତ୍ୟାଧମକ ଓ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ନେଇ ଦଫା ଲାଗିଛି। ଶନିବାର ଏସପି ଅଫିସ ସମ୍ମିଳନୀ କକ୍ଷରେ ଏସ୍‌ପି କନୱର ବିଶାଳ ସିଂ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯେ ଡ୍ରାଇଭର ରନବିଡାଙ୍କ ସହ ଡିଆଇପିଆରଓଙ୍କ ବଚସା ହୋଇଥିଲା । ତେଣୁ ସେ ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ୨୮ ତାରିଖ ଡିଆଇପିଆରଓ ସମ୍ବଲପୁର ଷ୍ଟେଶନରୁ ଅଫିସକୁ ଫେରୁଥିଲା ବେଳେ ଅନ୍ୟମାନଙ୍କ ସହଯୋଗରେ ସେ ଅପହରଣ କରିଥିଲେ। ଧମକ ଚମକ ଦେଇ ସାଦା କାଗଜରେ ଦସ୍ତଖତ ନେଇ ଛାଡି ଦେଇଥିଲେ।

ସୂଚନା ଯୋଗ୍ୟ, ଏଠାରେ କାର୍ଯ୍ୟରତ ଦିଲୀପ ସାମନ୍ତରାୟଙ୍କ ଡିସେମ୍ବର ୩୧ ତାରିଖ ବଦଳି ହୋଇଛି। ତାଙ୍କସ୍ଥାନରେ ଢେଙ୍କାନାଳରେ କାର୍ଯ୍ୟରତ ଡିଆଇପିଆରଓ ନାଏକଙ୍କୁ ଅବସ୍ଥାପିତ କରାଯାଇଛି। ହେଲେ ଫେବୃୟାରୀ ମାସ ପର୍ଯ୍ୟନ୍ତ ନାଏକ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ । ତେଣୁ ବିଭାଗ ପକ୍ଷରୁ ତାଙ୍କୁ ନୋଟିସ କରାଯାଇଥିଲା । ଏହି ନୋଟିସ ପାଇଲା ପରେ ଫେବୃୟାରୀ ୨୦ ତାରିଖ ନାଏକ କାର୍ଯ୍ୟରେ ଯୋଗ ଦେଇ ପୁଣି ଚାଲି ଯାଇଥିଲେ । ଫେବୃୟାରୀ ୨୬ ତାରିଖ ଭୁବନେଶ୍ୱର ଏକ ବୈଠକରେ ଯୋଗଦେଇ ସମ୍ବଲପୁର ଫେରିଥିଲେ। ହେଲେ କାର୍ଯ୍ୟାଳୟ ନିକଟରେ ୪/୫ ଜଣ ବ୍ୟକ୍ତି ତାଙ୍କୁ ମାଉଜର ଦେଖାଇ ଅପହରଣ କରି ନେଇଥିଲେ। ମାଡପିଟ କରି ଭୟଭୀତ କରିଥିଲେ। ସାଧା କାଗଜରେ ଦସ୍ତଖତ କରାଇ ଛାଡି ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା।



## ଡାକ୍ତରଙ୍କ ଡେପୁଟେଶନ ବାତିଲ ଦାବି

**ସମ୍ବଲପୁର/ରେଙ୍ଗାଲି,୭।୩ (ବ୍ୟୁରୋ/ଡି.ଏନ.ଏ.)**

ରେଙ୍ଗାଲି ବ୍ଲକ୍ ଖିଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅଭିଜିତ ଶର୍ମାଙ୍କ ଡେପୁଟେଶନ ଆଦେଶକୁ ବାତିଲ କରାଯାଉ। ଜିଲାସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଏହି ଦାବି ହୋଇଛି। ସପ୍ତାହକୁ ସେ ୩ ଦିନ ଲଇଡା ଡାକ୍ତରଖାନାକୁ ଯିବାକୁ ଆଦେଶ ଆସିଛି। ଏହା ଫଳରେ ଏଠାକୁ ଆସୁଥିବା ରୋଗୀ ହଇରାଣ ହେବେ। ତେବେ ପୂର୍ବରୁ ମଧ୍ୟ ଏଠାରେ ଏଭଳି ପରିସ୍ଥିତି ଉପୁଜି ଥିଲା। ହେଲେ ସ୍ଥାନୀୟ ଲୋକେ ବିରୋଧ କରିବାରୁ ସେତେବେଳେ ନିର୍ଦ୍ଦେଶ ବାତିଲ କରାଯାଇଥିଲା । ଏବେ ପୁଣି ଡେପୁଟେଶନ ନିର୍ଦ୍ଦେଶ କେଉଁ ଆଧାରରେ କରାଯାଇଛି ବୋଲି ଅଭିଯୋଗ କରାଯାଇଛି। ଅଭିଯୋଗ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶଶିଭୂଷଣ ପଟେଲ କହିଛନ୍ତି ଯେ, ୨ ଦିନ ଭିତରେ ସମସ୍ୟାର ସମାଧାନ ହୋଇଯିବ। ଖିଣ୍ଡା ସରପଞ୍ଚ ନୀଳାବତି ଓରାମଙ୍କ ନେତୃତ୍ୱରେ ଏକ ଦଳ ସିଡିଏମଓଙ୍କୁ ଭେଟି ଥିଲେ।

## ଫଟୋରେ ଖବର







ଶନିବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ନେତୃତ୍ୱ ଓ ମହିଳାଙ୍କ ସଶକ୍ତୀକରଣ ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ (ବାମ) । ସମ୍ବଲପୁର ମନ୍ଦଲିଆସ୍ଥିତ ଅନୋଖା ଶ୍ୟାମ ମନ୍ଦିର ଆୟୋଜିତ ଫଗୁନ ଉତ୍ସବ ଉପଲକ୍ଷେ ନିଶାନ ଯାତ୍ରା (ମଝି) । ରେଙ୍ଗାଲି ବ୍ଲକ ଘିଚାମୁରା ପଞ୍ଚାୟତ ଡେରବାଠାରେ ଚାଲିଥିବା ଅଷ୍ଟମ ଆଞ୍ଚଳିକ ବିରାଟ ଧନୁଯାତ୍ରାର ଶନିବାର ପଞ୍ଚମ ସନ୍ଧ୍ୟା କଂସ ମହାରାଜଙ୍କ ରାଜଦରବାରରେ ରାଜ ଅତିଥିଗଣ । (ଫଟୋ–ରେଙ୍ଗାଲି ।)

**PARADIP PORT TRUST**

**e-TENDER CALL NOTICE**

Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4". EMD** cost Rs.**1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**

**Executive Engineer**
**Harbour Works Division-III**
**PPT/PR/702/19-20 Dt.06.03.2020**




ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଉଛି ।

## ଜିଲା ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତିମେଳା

**ଦେବଗଡ଼,୭।୩(ଡି.ଏନ.ଏ.)**

ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ପରିସରରେ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ଜିଲା ଶିକ୍ଷା ଅଧିକାରୀ ବେହେରା ୧୭ ଜଣ ଡିଗ୍ରୀ ସ୍ନାତକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଏହି ମେଳାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ,ରାଜାବାସୁଦେବ ହାଇସ୍କୁଲର ପ୍ରଧାନଶିକ୍ଷକ ଗୋପବନ୍ଧୁପ୍ରଧାନ, ଜିଲା ବିଜ୍ଞାନ ନିରୀକ୍ଷକ ସୁଶୀଳ କୁମାର ପରିଡା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ କୁମାର ବିଶ୍ୱାଳ ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ନବ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦିଗଦର୍ଶନ ଦେଇଥିଲେ ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଦେବଗଡ଼,୭।୩(ଡି.ଏନ.ଏ.)**

ବାରକୋଟ ଡିଗ୍ରୀ କଲେଜରେ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ କଲେଜର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ ମହାବିଦ୍ୟାଳୟର ଅଧ୍ୟକ୍ଷା ସନ୍ତୋଷିନୀ ଶତପଥି ସମ୍ମାନିତ ଅତିଥି ଭାବେ ଓ ବାରକୋଟ ଫରେଷ୍ଟ ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ରହିଥିବା କହିଥିଲେ । ପ୍ରାରମ୍ଭରେ ସଂଯୋଜିକା ଭୁବନେଶ୍ୱରୀ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।




ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିରରେ ମଞ୍ଚାସୀନ ଅତିଥି ।

**PANCHAYAT SAMITI, SINAPALI, DIST.- NUAPADA**

**NO.565 /DEV** **BID IDENTIFICATION No. PS- SINAPALI / 01 / 2019-20** **Dtd.06.03.2020**

The Block Development Officer, Sinapali on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building/ Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the work | Approximate value of work (Rs. in lakh) | Period of Completion | Class of Contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Culvert with Guard wall on the road from Jharbandha to Makarguda via Portipada | 17,45,622.00 | 4 months | D&C | 17460.00 | 6720.00 |
| 2. | Improvement of road from Nangalbod to Golabeda Via Tangripada with RCC culvert | 18,74,031.00 | 4 months | D&C | 18740.00 | 6720.00 |
| 3. | Construction of Addl. Class room (02 Nos.) at Chatiaguda, Ashram School | 7,84,933.00 | 4 months | D&C | 7850.00 | 4480.00 |
| 4. | Construction of Addl. Class room (02 Nos.) at Timanpur, Ashram School | 7,84,933.00 | 4 months | D&C | 7850.00 | 4480.00 |

1. The sale of the Bid document shall start from Dt 11.03.2020 and close on Dt.20.03.2020 at 4.00 P.M. in the office of the undersigned. Bids shall be received by this office up to 5.00 PM on date 20.03.2020 through Registered Post / Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
2. The details Bid documents will also be available in the District website http://nuapada.nic.in from 11.03.2020 to 20.03.2020.
3. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours everyday except on Sunday & public Holidays till last date of sale and receipt of tender papers.
4. The Bid will be opened on Dt.21.03.2020 at 11.30 AM in the office of the undersigned in the presence of the bidders or their authorized representatives.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer,**
**Sinapali Block**



ବିଶ୍ୱର କୌଣସି ଦେଶ ସମସ୍ତଙ୍କୁ ସ୍ୱାଗତ କରେନାହିଁ। ଆମେ ଭାରତରେ ଥିବା ବାହାର ଲୋକଙ୍କୁ ବିଦାକରିବା ଲାଗି ଆଇନ ପ୍ରଣୟନ କରି ପ୍ରୟାସ ଆରମ୍ଭ କରିଛୁ। ଏଭଳି ପ୍ରୟାସକୁ ସମାଲୋଚନା କରାଯିବା ଠିକ୍ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସିଏଏକୁ ନେଇ ବିରୋଧ କରାଯିବା ଠିକ୍ ନୁହେଁ, ଏହା ଦେଶହିତ ଲାଗି ଉଦ୍ଦିଷ୍ଟ। ଜାତିସଂଘ ମାନବାଧିକାର ପରିଷଦ ପକ୍ଷରୁ ଜମ୍ମୁ-କଶ୍ମୀର ସ୍ଥିତିକୁ ନେଇ କରାଯାଇଥିବା ସମାଲୋଚନା ମଧ ଭୁଲ୍ ଥିଲା ବୋଲି ସେ କହିଛନ୍ତି।

# ୯୪ ଦେଶକୁ ବ୍ୟାପିଲାଣି କରୋନା



ତାଇପେଇଠାରେ କରୋନା ଭୟରେ ଯାତ୍ରୀମାନେ ମାସ୍କ ପିନ୍ଧିଛନ୍ତି।



ଡିବ୍ରୁଗଡ଼ ବିମାନବନ୍ଦରରେ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଉଛି।

ପ୍ୟାରିସ୍,୭।୩(ଏଏଫ୍‌ପି)

ମାରାତ୍ମକ କରୋନା ଭୂତାଣୁ କାୟା ବିସ୍ତାର କରି ଚାଲିଛି। ବର୍ତ୍ତମାନ ସୁଦ୍ଧା ଏହା ୯୪ ଦେଶକୁ ବ୍ୟାପିଲାଣି। ଏଥିରେ ସଂକ୍ରମିତଙ୍କ ସଂଖ୍ୟା ୧,୦୧,୯୮୮ରେ ପହଞ୍ଚିଥିବାବେଳେ ୩୪୯୧ ଜଣଙ୍କ ଜୀବନ ଗଲାଣି। ଦିନକ ମଧ୍ୟରେ ୧୧୪୬ ନୂଆ ରୋଗୀ ଚିହ୍ନଟ ହୋଇଥିବାବେଳେ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ଚାଇନାରେ ରୋଗୀ ସଂଖ୍ୟା ୮୦,୬୫୧ ହୋଇଥିବାବେଳେ ୩୦୭୦ ଜଣଙ୍କ ମୃତ୍ୟୁ ହୋଇଛି। ଚାଇନା ବାହାରେ ମୋଟ ୨୧,୩୩୭ ଜଣଙ୍କୁ କରୋନା ସଂକ୍ରମିତ ହୋଇଥିବାବେଳେ ୪୨୧ ଜଣଙ୍କ ଜୀବନ ଯାଇଛି। ଇରାନରେ ୧୦୭୬ ନୂଆ ରୋଗୀ ଚିହ୍ନଟ ହେବା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୮୨୩ରେ ପହଞ୍ଚିଛି। ସେଠାରେ ୧୪୫ ଜଣ ପ୍ରାଣ ହରାଇଲେଣି। ସଂକ୍ରମଣ ସନ୍ଦେହରେ ୧୬ ହଜାରରୁ ଅଧିକ ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ରଖାଯାଇଛି। ଚାଇନା ପରେ ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଦକ୍ଷିଣ କୋରିଆରେ ଦୁଇଟି ଆପାର୍ଟମେଣ୍ଟକୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଦକ୍ଷିଣ କୋରିଆରେ ସଂକ୍ରମିତଙ୍କ ସଂଖ୍ୟା ୬୭୬୭ ଓ ମୃତ୍ୟୁସଂଖ୍ୟା ୪୪ରେ ପହଞ୍ଚିଛି। ଚାଇନାର କ୍ୱାନ୍‌ଝୋଉରେ ଥିବା ଏକ ହୋଟେଲରେ କରୋନା ସନ୍ଦିଗ୍ଧମାନଙ୍କୁ ମେଡିକାଲ ପର୍ଯ୍ୟବେକ୍ଷଣରେ ରଖାଯାଇଥିବାବେଳେ ଉକ୍ତ ହୋଟେଲ ଭୁଶୁଡ଼ି ପଡିଛି। ଫଳରେ ୨୩ ଜଣ ଭଗ୍ନାବଶେଷ ତଳେ ରହିଯାଇଛନ୍ତି।

# ଭାରତରେ କରୋନା ରୋଗୀ ସଂଖ୍ୟା ୩୪

ନୂଆଦିଲ୍ଲୀ,୭।୩

ଶନିବାର ଆଉ ୩ ଜଣଙ୍କଠାରେ କରୋନା ପଜିଟିଭ୍ ଜଣାପଡିବା ପରେ ଦେଶରେ ରୋଗୀ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ନୂଆ ୩ କରୋନା ସଂକ୍ରମିତଙ୍କ ମଧ୍ୟରୁ ଦୁଇଜଣଙ୍କ ଘର ଲଦାଖରେ ଓ ଜଣେ ତାମିଲନାଡୁର। ଲଦାଖର ଉକ୍ତ ବ୍ୟକ୍ତି ପୂର୍ବରୁ ଇରାନ ଯାଇଥିଲେ। ସେହିପରି ତାମିଲନାଡୁର ସଂକ୍ରମିତ ବ୍ୟକ୍ତିଜଣକ କିଛିଦିନ ତଳେ ଓମାନ ଯାଇଥିଲେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭୁଟାନରେ କରୋନା ପଜିଟିଭ୍ ଜଣାପଡ଼ିଥିବା ଦୁଇ ଆମେରିକୀୟଙ୍କ ସଂସ୍ପର୍ଶରେ ଆସିଥିବା ୧୫୦ରୁ ଊର୍ଦ୍ଧ୍ୱ ଭାରତ ଆସିଥିବାବେଳେ ସେମାନଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି।

କରୋନା ସଂକ୍ରମଣ ହ୍ରାସ ଲାଗି ସରକାର ଶନିବାର ନାଗରିକମାନଙ୍କ ପାଇଁ ସାନି ଭ୍ରମଣ କଟକଣା ଜାରି କରିଛନ୍ତି। ଚାଇନା, ଇରାନ, କୋରିଆ, ଇଟାଲୀ ଓ ଜାପାନ ନ ଯିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଜରୁରୀ କାର୍ଯ୍ୟ ନ ଥିଲେ ଅନ୍ୟ ସଂକ୍ରମିତ ଦେଶକୁ ନ ଯିବା ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ଭିଜା କ୍ଷେତ୍ରରେ ମଧ କଟକଣା ଜାରି ହୋଇଛି। ଜାପାନ, ଦକ୍ଷିଣ କୋରିଆ, ଇଟାଲୀ, ଇରାନର ନାଗରିକଙ୍କ ପାଇଁ ମାର୍ଚ୍ଚ ୩ ପୂର୍ବରୁ ଜାରି ଭିଜାକୁ ସ୍ଥଗିତ ରଖାଯାଇଛି। ଉପରୋକ୍ତ

## ଜାରି ହେଲା ସାନି ଭ୍ରମଣ କଟକଣା | ଇରାନରୁ ଆସିଲା ଭାରତୀୟଙ୍କ ସ୍ୱାବ୍ ନମୁନା

ଦେଶରୁ କେହି ଜରୁରୀ କାର୍ଯ୍ୟରେ ଭାରତ ଆସିବାକୁ ଥିଲେ ଭାରତୀୟ ଦୂତାବାସ କିମ୍ବା ବାଣିଜ୍ୟିକ ଦୂତାବାସରେ ସାନି ଭିଜା ଆବେଦନ କରିବାକୁ କୁହାଯାଇଛି।

ଇରାନର ତେହେରାନରୁ କରୋନା ସନ୍ଦିଗ୍ଧ ଭାରତୀୟଙ୍କ ସ୍ୱାବ୍ ନମୁନା ବିମାନ ଯୋଗେ ଅଣାଯାଇଛି। ଶନିବାର ଭୋର ୫ଟା ୩୦ରେ ଉକ୍ତ ବିମାନ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଏଠାରୁ କେତେଜଣ ଇରାନୀ ନାଗରିକଙ୍କୁ ନେଇ ଫେରିଯାଇଛି। ଅଣାଯାଇଥିବା ସ୍ୱାବ୍ ନମୁନାକୁ ପୁଣେର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଭାଇରୋଲୋଜି (ଏନ୍‌ଆଇଭି)କୁ ପରୀକ୍ଷା ପାଇଁ ପଠାଯିବ। କରୋନା ସଂକ୍ରମିତ ଇରାନରେ ପାଖାପାଖି ୨୦୦୦ ଭାରତୀୟ ରହିଛନ୍ତି। ଏହା ବ୍ୟତୀତ ପାରସ୍ୟ ଉପସାଗରୀୟ ଦେଶରେ ମଧ ସମାନ ସଂଖ୍ୟକ ଭାରତୀୟ ରହିଛନ୍ତି। ସେମାନଙ୍କୁ ଫେରାଇ ଆଣିବା ଲାଗି ଇରାନ କର୍ତ୍ତୃପକ୍ଷଙ୍କ ସହ ସରକାର ଆଲୋଚନା ଚଳାଇଛନ୍ତି। ଏବେ ଭାରତରେ ୫୨ଟି ଲାବରେଟୋରୀରେ ନମୁନା ପରୀକ୍ଷା କରାଯାଉଥିବାବେଳେ ୫୭ ଲାବ୍‌କୁ ନମୁନା ସଂଗ୍ରହରେ ନିୟୋଜିତ କରାଯାଇଛି। ୬ ତାରିଖ ସୁଦ୍ଧା ମୋଟ ୪୦୫୮ ନମୁନା ପରୀକ୍ଷା କରାଯାଇଛି। ଇଟାଲୀୟ ଦମ୍ପତିଙ୍କୁ ବାଦ୍ ଦେଲେ ରାଜସ୍ଥାନରୁ ସଂଗୃହୀତ ସବୁ ନମୁନା କରୋନା ନେଗେଟିଭ୍ ଥିବା ପରୀକ୍ଷାରୁ ଜଣାପଡିଛି।

# ଗୁଜବଠାରୁ ଦୂରେଇ ରୁହନ୍ତୁ

**ନୂଆଦିଲ୍ଲୀ,୭।୩(ପି.ଟି.):** କରୋନା ଭୂତାଣୁକୁ ନେଇ ବିଭିନ୍ନ ଗୁଜବ ପ୍ରଚାର ହେବାରେ ଲାଗିଛି। ସେଭଳି ଗୁଜବଠାରୁ ନିଜକୁ ଦୂରେଇ ରଖିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଏହା ପରିବର୍ତ୍ତେ ଡାକ୍ତରମାନଙ୍କ ପରାମର୍ଶ ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। କାହାକୁ ଭେଟିବା ବେଳେ କରମର୍ଦ୍ଦନ ନ କରି 'ନମସ୍ତେ' କହି ସମ୍ଭାଷଣ କରନ୍ତୁ। ସାଧାରଣତଃ ଏଭଳି ସମୟରେ ଗୁଜବର ଦ୍ରୁତ ପ୍ରସାର ହୋଇଥାଏ। କିଏ କହେ ଏହା ଖାଅନି ତ ପୁଣି କିଏ କହେ ଏହା କରନାହିଁ। କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ଅମୁକ ଜିନିଷ ଖାଆନ୍ତୁ ବୋଲି କେହି କହିବେ। ଏଭଳି ଗୁଜବରୁ ଯଥାସମ୍ଭବ ଦୂରେଇ ରହିବା ସହ ନିଜେ ଚିକିତ୍ସକ ନ ହୋଇ ଡାକ୍ତରଙ୍କ ପରାମର୍ଶ ନେବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ସାରା ବିଶ୍ୱ ଏବେ 'ନମସ୍ତେ' ଅଭ୍ୟାସକୁ ଆପଣାଇଲାଣି। ଯଦି କୌଣସି କାରଣରୁ ଆମେ ଉକ୍ତ ଅଭ୍ୟାସଠାରୁ ଦୂରେଇ ଯାଇଛେ, ଏବେ ତାହାକୁ ପୁଣିଥରେ ଫେରାଇ ଆଣିବାର ପ୍ରକୃଷ୍ଟ ସମୟ ବୋଲି ମୋଦି କହିଛନ୍ତି।



ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

# ସିଏଏ ବିରୋଧୀ ଆନ୍ଦୋଳନ ପଛରେ ପାକିସ୍ତାନ

ନୂଆଦିଲ୍ଲୀ, ୭।୩

## ଗୋଇନ୍ଦା ରିପୋର୍ଟ
## ଷଡଯନ୍ତ୍ରରେ ଇରାନ୍, ତୁର୍କୀ ସାମିଲ

ସିଏଏକୁ ନେଇ ଭାରତରେ ଦେଖାଦେଇଥିବା ହିଂସାକାଣ୍ଡ ପଛରେ ପାକିସ୍ତାନର ପ୍ରଚ୍ଛନ୍ନ ହାତ ରହିଥିବା ଖବର ପଦାକୁ ଆସିଛି। ବ୍ୟାପକ ଅର୍ଥ ଓ ନିର୍ଦ୍ଦେଶ ସତ୍ତ୍ୱେ ଗତ ମାର୍ଚ୍ଚ ୩-୪ରେ ସିଏଏ ବିରୋଧୀ ଆନ୍ଦୋଳନରେ ସେଭଳି ଲୋକ ନ ହେବାରୁ ପାକ୍ କାର୍ଯ୍ୟକର୍ତ୍ତା ଇଲେକ୍ଟ୍ରୋନିକ୍ ବାର୍ତ୍ତାଳାପ ଓ ଗାଳିମନ୍ଦ କରିଥିବା ଜଣାପଡ଼ିଛି। ଏଭଳି ଘଟଣା ଲୋକଲୋଚନକୁ ଆସିବା ପରେ ପୋଲିସ ଓ ଫୋରେନ୍‌ସିକ ଟିମ୍ ଯାଞ୍ଚ ଆରମ୍ଭ କରିଛି। ଏଥିସହ ହିଂସାକାଣ୍ଡରେ ଘରପୋଡ଼ି ଓ ଗାଡ଼ିମୋଟର ଜଳାସ୍ଥାନଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ପାକ୍ ସମର୍ଥକମାନେ ୨୦୦୨ ଗୁଜରାଟ ଦଙ୍ଗା ଭଳି ଦିଲ୍ଲୀ ଦଙ୍ଗାକୁ ଦେଖିବା ଲାଗି ଚାହୁଁଥିଲେ। ପାକିସ୍ତାନୀମାନେ ଭାରତୀୟ ଯୁବ କଠୋରପନ୍ଥୀ ମୁସଲମାନଙ୍କୁ ଉସୁକାଇ ଭାଷଣ ଓ ଭିଡିଓ ଦ୍ୱାରା ଉତ୍ତର ଭାରତରେ ମୋଦି ସରକାର ବିରୋଧରେ ବିଦ୍ରୋହ କରିବାକୁ ଉତ୍ସାହିତ କରିଥିଲେ। ପାକିସ୍ତାନର ବନ୍ଧୁରାଷ୍ଟ୍ର ଇରାନ୍, ତୁର୍କୀ ମଧ ଏଥିରେ ସାମିଲ ଥିଲା ବୋଲି କୁହାଯାଇଛି। ଜେନିଭାରେ ଅନୁଷ୍ଠିତ ଜାତିସଂଘ ମାନବାଧିକାର ପରିଷଦ ବୈଠକରେ ପାକିସ୍ତାନ ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରଚଣ୍ଡ କରିଥିଲା। ଏଥିରେ ଥିବା ପାକିସ୍ତାନର ଚିରସ୍ଥାୟୀ ସଦସ୍ୟ ଭାରତରେ ସାମ୍ପ୍ରଦାୟିକତା ଓ ଫାସୀବାଦ କଥା ଉଠାଇଥିଲେ। ହିଂସା ରୋକିବା ଓ ମୁସଲମାନଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ସେ ହାଇ କମିଶନରଙ୍କ ସହାୟତା ଲୋଡ଼ିଥିଲେ।

# ସୌଦି ରାଜପରିବାରର ୩ ଅଟକ



ପ୍ରିନ୍ସ ମହମ୍ମଦ ବିନ୍ ନାୟେଫ୍



ପ୍ରିନ୍ସ ଅହମଦ ବିନ୍ ଅବଦୁଲ୍ଲାଜିଜ

## କ୍ରାଉନ ପ୍ରିନ୍ସଙ୍କ ବିରୋଧରେ ବିଦ୍ରୋହ ଉଦ୍ୟମ ଅଭିଯୋଗ

**ରିୟାଧ,୭।୩(ପି.ଟି.):** ସୌଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନଙ୍କ ବିରୋଧରେ ବିଦ୍ରୋହ ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗରେ ରାଜ ପରିବାରର ଦୁଇ ବରିଷ୍ଠ ଯୁବରାଜଙ୍କ ସମେତ ୩ ଜଣଙ୍କୁ ଅଟକ ରଖାଯାଇଛି। ଅନ୍ୟପକ୍ଷରେ କ୍ରାଉନ୍ ପ୍ରିନ୍ସ ପୁଣିଥରେ ତାଙ୍କ ହାତମୁଠା ମଜଭୁତ କରିବା ଲାଗି ଉଦ୍ୟମ କରୁଥିବା କୁହାଯାଉଛି। ରାଜା ସଲମାନଙ୍କ ଭାଇ ପ୍ରିନ୍ସ ଅହମଦ ବିନ୍ ଅବଦୁଲ୍ଲାଜିଜ୍ ଅଲ୍-ସୌଦ, ପୁତୁରା ପ୍ରିନ୍ସ ମହମ୍ମଦ ବିନ୍ ନାୟେଫ୍‌ଙ୍କୁ ସୁରକ୍ଷାକର୍ମୀମାନେ ଶୁକ୍ରବାର ସେମାନଙ୍କ ଘରୁ ଉଠାଇନେଇଛନ୍ତି। ସେମାନଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ହୋଇଥିଲା ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। ପ୍ରିନ୍ସ ନାୟେଫ୍‌ଙ୍କ ସାନଭାଇ ନୱାଫ ବିନ୍ ନାୟେଫଙ୍କୁ ମଧ ଅଟକ ରଖାଯାଇଛି। ପୂର୍ବରୁ କ୍ରାଉନ ପ୍ରିନ୍ସ ନିଜ କ୍ଷମତା ବଢ଼ାଇବା ପାଇଁ କେତେକ ପ୍ରମୁଖ ମୌଲବୀ, କର୍ମୀ, ପ୍ରିନ୍ସ ଓ ବ୍ୟବସାୟୀଙ୍କୁ ବନ୍ଦୀ କରିଥିଲେ। ୨୦୧୮ ଅକ୍ଟୋବରରେ ଇସ୍ତାନବୁଲ୍ ବାଣିଜ୍ୟିକ ଦୂତାବାସରେ ସମାଲୋଚକ ଜମାଲ ଖାଶୋଗୀଙ୍କୁ ହତ୍ୟା ଘଟଣାରେ ପ୍ରିନ୍ସ ମହମ୍ମଦ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଥିଲେ। ୨୦୧୭ ଜୁନ୍‌ରେ ପୂର୍ବତନ କ୍ରାଉନ୍ ପ୍ରିନ୍ସ ନାୟେଫ୍‌ଙ୍କୁ ପଛରେ ପକାଇ ପ୍ରିନ୍ସ ମହମ୍ମଦ ଆରବ ରାଜ ସିଂହାସନର ଉତ୍ତରାଧିକାରୀ ହୋଇଥିଲେ।

## ଇତିହାସର ଆଇନାରେ
## ମାର୍ଚ୍ଚ ୮ର ପ୍ରମୁଖ ଘଟଣା

୧୯୨୪ ମାର୍ଚ୍ଚ ୮ରେ ଆମେରିକାର ଉଟାହ ଅନ୍ତର୍ଗତ କ୍ୟାଷ୍ଟଲ ଗେଟ ନିକଟରେ ଥିବା ଏକ କୋଇଲା ଖଣିରେ ୨୦ ମିନିଟ ମଧ୍ୟରେ ୩ ଭୟଙ୍କର ବିସ୍ଫୋରଣ ହେବାରୁ ସେଠାରେ କାମ କରୁଥିବା ସମସ୍ତ ୧୭୨ ଶ୍ରମିକ ପ୍ରାଣ ହରାଇଥିଲେ। ବିସ୍ଫୋରଣରେ ଛାତ, ମୁଖ୍ୟ ଗେଟ ଉଡ଼ିଯାଇଥିବା ବେଳେ ଚାରିପଟ ଧୂଆଁମୟ ହୋଇଯାଇଥିଲା।

୨୦୧୪ ମାର୍ଚ୍ଚ ୮ରେ ମାଲେସିଆ ଏୟାରଲାଇନ୍ସର ଏକ ବିମାନ କୁଆଲାଲୁମ୍ପୁରରୁ ବେଜିଂ ଅଭିମୁଖେ ଯାତ୍ରା କରୁଥିବା ବେଳେ କେଉଁଆଡ଼େ ନିଖୋଜ ହୋଇଯାଇଥିଲା। ଯାତ୍ରାକରିବାର ୩୮ ମିନିଟ ପରେ ଏଟିସି ରାଡାର ବାହାରକୁ ଚାଲିଯାଇଥିଲା। ଏଥିରେ ଥିବା ସମସ୍ତ ୨୩୯ ଯାତ୍ରୀ ପ୍ରାଣ ହରାଇଥିଲେ।

# ଅସ୍ଥାନାଙ୍କୁ ସିବିଆଇର କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୭।୩

- ଗ୍ରହଣ କଲେ କୋର୍ଟ
- ମଧ୍ୟସ୍ଥ ମନୋଜ ପ୍ରସାଦଙ୍କୁ ସମନ

ଲାଞ୍ଚ ଗ୍ରହଣ ମାମଲାରେ ସିବିଆଇର ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ଏବଂ ଡିଏସ୍‌ପି ଦେବେନ୍ଦ୍ର କୁମାରଙ୍କୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କ୍ଲିନ୍‌ଚିଟ୍ ଦେଇଛି। ଶନିବାର ସିବିଆଇ ସ୍ୱତନ୍ତ୍ର କୋର୍ଟ ଉକ୍ତ କ୍ଲିନ୍‌ଚିଟ୍‌କୁ ଗ୍ରହଣ କରିଥିବାରୁ ଅସ୍ଥାନାଙ୍କ ପାଇଁ ବଡ଼ ଆଶ୍ୱସ୍ତି ହୋଇଛି। ଅନ୍ୟପକ୍ଷରେ ସିବିଆଇର ଚାର୍ଜଶିଟ୍‌କୁ ମଧ ଅଦାଲତ ବିଚାରକୁ ନେଇଛନ୍ତି। ଅସ୍ଥାନା ଓ ଦେବେନ୍ଦ୍ରଙ୍କ ବିରୋଧରେ ତଦନ୍ତ ଆଗେଇବା ପାଇଁ ଯଥେଷ୍ଟ କାରଣ ନାହିଁ ବୋଲି ସ୍ୱତନ୍ତ୍ର ସିବିଆଇ ବିଚାରପତି ସଞ୍ଜୀବ ଅଗ୍ରୱାଲ ମତ ଦେଇଛନ୍ତି। ସିବିଆଇ ଡିଏସ୍‌ପି ଦେବେନ୍ଦ୍ରଙ୍କୁ ୨୦୧୮ରେ ଗିରଫ କରାଯାଇ ପରେ ଜାମିନରେ ଛଡ଼ାଯାଇଥିଲା। ଚାର୍ଜଶିଟ୍‌ରେ ଅଭିଯୁକ୍ତ ଥିବା ମଧ୍ୟସ୍ଥ ମନୋଜ ପ୍ରସାଦଙ୍କୁ କୋର୍ଟ ସମନ ଜାରି କରିଛନ୍ତି। ଏହାବ୍ୟତୀତ ପ୍ରସାଦଙ୍କ ଭାଇ ସୋମେଶ୍ୱର ଶ୍ରୀବାସ୍ତବ ଓ ଶ୍ୱଶୁର ସୁନୀଲ ମିତ୍ତଲଙ୍କୁ ମଧ ସମନ ଜାରି କରାଯାଇଛି। ସେମାନଙ୍କୁ ଏପ୍ରିଲ ୧୩ରେ ହାଜର ହେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତରେ ଅସ୍ଥାନାଙ୍କ ବିରୋଧରେ କୌଣସି ପ୍ରମାଣ ମିଳିଲେ ସିବିଆଇ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିପାରିବ ବୋଲି କୋର୍ଟ କହିଛନ୍ତି।

# ରାମମନ୍ଦିର ଲାଗି ମହାରାଷ୍ଟ୍ର ଦେବ କୋଟିଏ

ମୁମ୍ବାଇ/ଅଯୋଧ୍ୟା, ୭।୩

- ଅଯୋଧ୍ୟାରେ ଉଦ୍ଧବ ଠାକ୍‌ରେ
- ଭାଜପାଠାରୁ ଦୂରେଇଛୁ ହିନ୍ଦୁତ୍ୱରୁ ନୁହେଁ



ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ମହାରାଷ୍ଟ୍ର ସରକାର କୋଟିଏ ଟଙ୍କା ଟ୍ରଷ୍ଟକୁ ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ଭାବେ ୧୦୦ ଦିନ ପୂରଣ କରିବା ଅବସରରେ ଅଯୋଧ୍ୟା ଗସ୍ତ କରିଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହା ଶନିବାର ପ୍ରକାଶ କରିଛନ୍ତି। ତାଙ୍କ ସହ ସ୍ତ୍ରୀ ରଶ୍ମୀ ଓ ପୁଅ ଆଦିତ୍ୟ ମଧ ଅଯୋଧ୍ୟା ଗସ୍ତକରି ଅଯୋଧ୍ୟାରେ ପ୍ରାର୍ଥନା କରିଛନ୍ତି। ପୁଣି ଥରେ ଏଠାକୁ ଆସି ସରଯୁ ନଦୀରେ ଆଳତି କରିବି ବୋଲି ଉଦ୍ଧବ କହିଛନ୍ତି। ରବିବାର ଏଠାରୁ ସେ ଲକ୍ଷ୍ନୌ ଯାଇ ଖବରଦାତାଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶଥାଉ କି, ପୂର୍ବରୁ ଶିବସେନା ଏମ୍‌ପି ସଞ୍ଜୟ ରାଉତ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏଆଇଏମ୍‌ଆଇଏମ୍ ମୁଖ୍ୟ ଆସାଦୁଦ୍ଦିନ ଓୱାଇସି ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଅନ୍ୟ ପ୍ରମୁଖ ନେତାମାନେ ଅଯୋଧ୍ୟା ଆସି ଭଗବାନ ଶ୍ରୀରାମଙ୍କୁ ପ୍ରାର୍ଥନା କରିବା ଲାଗି ଅନୁରୋଧ କରିଥିଲେ।

ଭାଜପାଠାରୁ ଶିବସେନା ଅଲଗା ହୋଇ ମହା ବିକାଶ ଅଘାଡ଼ି ସରକାର ଗଠନ କରିଥିଲେ ହେଁ ହିନ୍ଦୁତ୍ୱ ସହ ରହିଥିବା ଉଦ୍ଧବ କହିଛନ୍ତି। ଭାଜପା ହିନ୍ଦତ୍ୱ ନୁହେଁ, ହିନ୍ଦୁତ୍ୱ ଅଲଗା ଜିନିଷ। କଂଗ୍ରେସ ଓ ଏନ୍‌ସିପି ଭଳି ଭିନ୍ନ ଆଦର୍ଶଯୁକ୍ତ ଦଳ ସହ ମିଶି ସରକାର ଗଠନ କରିଥିଲେ ହେଁ ଆମେ ହିନ୍ଦୁତ୍ୱ ସହ ରହିଛୁ ଓ ରହିବୁ ବୋଲି ସେ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT 90783-45815
gmail-fusionmicrofinance2020@gmail.com

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

BUSINESS BUSINESS

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଆମେ ବି ପାରିବୁ

**ଲକ୍ଷ୍ୟ ଥିଲା ସ୍ୱରୋଜଗାରକ୍ଷମ ହେବା। ମନରେ ବି ଥିଲା ଅଦମ୍ୟ ସାହସ। ପୁଣି ଖାତିର ନ ଥିଲା ସମାଜର ଟାହିଟାପରାକୁ। ଆଉ ଏହି ନିଶା ହିଁ ପ୍ରମାଣ କରି ଦେଖାଇଲାଯେ, କୌଣସି କ୍ଷେତ୍ରରେ ପୁରୁଷଠୁଁ କମ୍ ନୁହେଁ ନାରୀ। ଆଜି ବିଶ୍ୱ ମହିଳା ଦିବସ ଅବସରରେ କେତେଜଣ ଝିଅଙ୍କ ସମ୍ପର୍କରେ ଜାଣିବା, ଯେଉଁମାନେ ନିଜ ପେସା ଭାବେ ଏଭଳି କିଛି କାର୍ଯ୍ୟକୁ ବାଛି ନେଇଛନ୍ତି, ଯାହାକି ଦୀର୍ଘଦିନ ଧରି ପୁରୁଷଙ୍କ ପେସା ଭାବେ ସମାଜରେ ଥିବା ଭ୍ରାନ୍ତ ଧାରଣା ଦୂର କରିଛି...**



ହିମାନୀ-ରାଜଶ୍ରୀ-ମାନସୀ


ରିଙ୍କି


ରୁବି

**କୌଶଳ ଜଣାଥିଲେ ସବୁ କାର୍ଯ୍ୟ ସହଜ:** ଯେଉଁଠି ଅକାତକାତ ପାଣିରେ ଡଙ୍ଗାରେ ବସିବାକୁ ଲୋକେ ଭୟ କରନ୍ତି, ସେଠି ଜଣେ ଝିଅ ହୋଇ ଡଙ୍ଗା ଚଳାଇ ଯାତ୍ରୀଙ୍କୁ ନଦୀ ପାର କରାଉଥିବା ଦୃଶ୍ୟ ଦେଖି ଯେକେହି ବି ତାଙ୍କ ସାହସର ପ୍ରଶଂସା ନ କରି ରହିପାରେନି। ଅଳ୍ପ ବୟସରୁ ଏଭଳି ଏକ ଦୁଃସାହସିକ କାର୍ଯ୍ୟକୁ ନିଜ ପେସା ଭାବେ ବାଛି ନେଇଛନ୍ତି ବାଙ୍କୀ ଚର୍ଚ୍ଚିକା ସାହିର ତିଲୋତ୍ତମା ଏବଂ ଗଦାଧର ବେହେରାଙ୍କ ଝିଅ ରିଙ୍କି। ବର୍ତ୍ତମାନ ସେ ବାଙ୍କୀ ଅଟୋନୋମସ୍ କଲେଜରେ ଯୁକ୍ତ ୩ ବାଣିଜ୍ୟ ବିଭାଗର ୨ୟ ବର୍ଷ ଛାତ୍ରୀ। ସେ କୁହନ୍ତି, ବାପାଙ୍କଠାରୁ ମାତ୍ର ୭ ବର୍ଷ ବୟସରେ ହିଁ ଡଙ୍ଗା ଚଳାଇବାର କୌଶଳ ଶିଖିଥିଲି। ତାଙ୍କ ଉପସ୍ଥିତିରେ ଅନେକଥର ଯାତ୍ରୀଙ୍କୁ ନଦୀ ପାର ମଧ୍ୟ କରାଇଥିଲି। ହେଲେ ବାପାଙ୍କ ଅସୁସ୍ଥତା ଯୋଗୁ ଘର ଚଳିବା କଷ୍ଟ ହୋଇପଡ଼ିଲା, ଆଉ ପରିବାରର ବଡ଼ ଝିଅ ହିସାବରେ ଏହି କୌଳିକ ବୃତ୍ତିକୁ ଆପଣେଇ ନେଇଥିଲି। ଦୀର୍ଘ ୮ ବର୍ଷ ହେବ ଏହି କାର୍ଯ୍ୟ କରି ପରିବାର ଚଳାଇବା ସହ ପାଠପଢ଼ା ଖର୍ଚ୍ଚ ମଧ୍ୟ ତୁଲାଉଛି। ଯଦିଓ ଏଠାରୁ ୯ କି.ମି. ଦୂରରେ ବ୍ରିଜ୍ ନିର୍ମାଣ ହେବା ପରେ ଯାତ୍ରୀଙ୍କ ସଂଖ୍ୟା ଟିକେ କମିଛି, ତଥାପି ଦିନକୁ ପ୍ରାୟ ୩୦ ଥର ପର୍ଯ୍ୟନ୍ତ ଡଙ୍ଗାରେ ଯାତ୍ରୀଙ୍କୁ ନଦୀପାର କରାଉଛି। ଜଣେ ଝିଅ ହୋଇ ଡଙ୍ଗା ଚଳାଇବାକୁ କେହିକେହି ପସନ୍ଦ କରୁ ନ ଥିବା କଥା ଶୁଣିଲେ ଯେତିକି କଷ୍ଟ ନ ଲାଗେ, ଏହି କାର୍ଯ୍ୟ ପାଇଁ ଯେବେ ଅଧିକାଂଶ ମୋ ସାହସକୁ ପ୍ରଶଂସା କରନ୍ତି, ତାହା ମୋତେ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଥାଏ। ତେବେ ଡଙ୍ଗାଚଲା ଭିତରେ ପହଁରିବା କାର୍ଯ୍ୟ ବେଶ୍ ଭଲ ଭାବେ ଶିଖିଥିବାରୁ ଭବିଷ୍ୟତରେ ସୁଇମିଂରେ କିମ୍ବା ସେନାବାହିନୀରେ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛି।

**ଉଦ୍ୟମ ବଳରେ ଲକ୍ଷ୍ୟ ହାସଲ ସମ୍ଭବ:** ବିଏସ୍.ସି. ପାଠପଢ଼ା ପରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲକ୍ଷ୍ୟ ନେଇ ଭୁବନେଶ୍ୱର ଆସିଥିଲେ ଦୁଇ ବାନ୍ଧବୀ ଯାଜପୁରର ରାଜଶ୍ରୀ ମଲ୍ଲିକ ଏବଂ କେନ୍ଦୁଝରର ମାନସୀ ଦାସ। ସେଠାରେ ସେମାନଙ୍କର ଦେଖାହେଲା ବିକମ୍ ପାସ୍ କରି ଏମ୍‌ବିଏ ପଢ଼ା ପ୍ରସ୍ତୁତି ଲାଗି ବାରିପଦାରୁ ଆସିଥିବା ହିମାନୀ ଦାସଙ୍କ ସହ। ସେମାନେ ମଞ୍ଚେଶ୍ୱରଠାରେ ଘରଭଡ଼ା ନେଇ ଏକାଠି ରହିଲେ। ଧୀରେ ଧୀରେ ସେମାନଙ୍କ ମଧ୍ୟରେ ବନ୍ଧୁତା ଯେତିକି ନିବିଡ଼ ହେଉଥିଲା, ସେମାନଙ୍କ ଚିନ୍ତାଧାରା ବି ସେମିତି ମିଶୁଥିଲା। ସଭିଏଁ ଚାହୁଁଥିଲେ ପରିବାର ଉପରେ ନିର୍ଭର ନ କରି ନିଜ ପଢ଼ାଖର୍ଚ୍ଚ ନିଜେ ତୁଲାଇବାକୁ। ତେଣୁ ସେମାନେ ମିଳିତ ଉଦ୍ୟମରେ ଆରମ୍ଭ କରିଛନ୍ତି ଭୁବନେଶ୍ୱର ପଳାସୁଣୀ ଛକରେ ଏକ ରୋଡ୍ ସାଇଡ୍ ଫୁଡ୍ କର୍ନର(ବେଷ୍ଟି ପଏଣ୍ଟ)। ପ୍ରତିଦିନ ଅପରାହ୍ନ ପ୍ରାୟ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ହେଉଥିବା ସେମାନଙ୍କର ଏହି ଫୁଡ୍ କର୍ନରରେ ମିଳୁଛି ଗରମ ଗରମ ଚା, ସ୍ୱିଟ୍ କର୍ନ, ବିଭିନ୍ନ ପ୍ରକାରର ମୋମୋ ଏବଂ ଅଣ୍ଡାସିଝା, ପୋଚ୍, ଆମ୍‌ଲେଟ୍ ଭଳି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ। ତେବେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ବେଶ୍ ସ୍ୱାଦିଷ୍ଟ ହେଉଥିବାରୁ ସନ୍ଧ୍ୟା ହେବାମାତ୍ରେ ଅଧିକ ଗ୍ରାହକଙ୍କ ଗହଳି ଜମିବା ସହ ବେଶ୍ ଭଲ ଦି' ପଇସା ରୋଜଗାର ମଧ୍ୟ ହେଉଛି। ହିମାନୀ କୁହନ୍ତି, 'କାହା ଉପରେ ନିର୍ଭର ନ କରି ପ୍ରଥମେ ଏକ ଛୋଟ ଲୋନ୍ ନେଇ ଏହି ଫୁଡ୍ କର୍ନର ଆରମ୍ଭ କରିଥିଲୁ। ଆମର ଲକ୍ଷ୍ୟ ଥିଲା ନିଜ ପଢ଼ାଖର୍ଚ୍ଚ ନିଜେ ତୁଲେଇବା। ତେଣୁ କେହି କେହି ଏହା ପୁଅମାନଙ୍କ କାମ ବୋଲି ଆମକୁ କହିଥିଲେ ସୁଦ୍ଧା ଆମେ ପଛଘୁଞ୍ଚା ଦେଇ ନ ଥିଲୁ। ସବୁଠୁ ବଡ଼ କଥା ହେଉଛି, ଝିଅ ହୋଇ ଆମେ ଏହି କାର୍ଯ୍ୟ କରିବୁ ଜାଣି ପରିବାର ଏବଂ ପରିଚିତ ଲୋକେ ଆମକୁ ସପୋର୍ଟ କରିଥିଲେ।' ଆମେ କେବଳ ୟୁଟ୍ୟୁବ୍ ଦେଖି ଏହି ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଶିଖିଛୁ। ତେଣୁ ଯେତେବେଳେ ଗ୍ରାହକ ଆମ ପ୍ରସ୍ତୁତ ଖାଦ୍ୟ ସ୍ୱାଦିଷ୍ଟ ବୋଲି ପ୍ରଶଂସା କରନ୍ତି, ବେଶ୍ ଖୁସି ଲାଗେ ବୋଲି ପ୍ରକାଶ କରନ୍ତି ରାଜଶ୍ରୀ। ତେବେ ଆତ୍ମନିର୍ଭରଶୀଳ ହେବା ଲାଗି କୌଣସି କାର୍ଯ୍ୟ ଛୋଟ ବା ବଡ଼ ନୁହେଁ କିମ୍ବା କୌଣସି କାର୍ଯ୍ୟ ଝିଅ ନ କରିପାରିବେ ଭାବିବା ଠିକ୍ ନୁହେଁ। କୌଣସି କାର୍ଯ୍ୟ ଲାଗି ମନରେ ଇଚ୍ଛା ଆଉ ଏଥିପାଇଁ ଆବଶ୍ୟକ ଉଦ୍ୟମ କଲେ ଲକ୍ଷ୍ୟ ହାସଲ କରିବା ସମ୍ଭବ ବୋଲି ମତ ଦିଅନ୍ତି ମାନସୀ।

**ପେସା ଦେଉଛି ଆତ୍ମସନ୍ତୋଷ:** ରୁବି ସାହୁ। ଶ୍ରୀକ୍ଷେତ୍ରରେ ଜଣେ ଯୁବତୀ ଅଟୋଚାଳକ ଭାବେ ଏବେ ବେଶ୍ ଚର୍ଚ୍ଚାରେ। ପିଲାଟିଦିନୁ ଅନେକ ବାଧାବିଘ୍ନ ଦେଇ ଗତି କରିଛି ତାଙ୍କ ଜୀବନ। ମା'ବାପାଙ୍କ ଅବହେଳା ଏବଂ ଅନ୍ୟାନ୍ୟ ପରିସ୍ଥିତି ବାଧ କରିଛି ତାଙ୍କୁ ଖୁବ୍ କମ୍ ବୟସରେ ଘର ଛାଡ଼ିବାକୁ। ତା' ପରେ ଆରମ୍ଭ ହୋଇଛି ଏତେ ବଡ଼ ଦୁନିଆରେ କୁନି ଝିଅଟିର ଏକା ବଞ୍ଚିବାର ସଂଘର୍ଷ। ପ୍ରଥମେ ଖୋର୍ଦ୍ଧାସ୍ଥିତ ନିଜ ଘର ଛାଡ଼ିବା ପରେ ପେଟ ପୋଷିବାକୁ ହୋଟେଲ୍‌ରେ ବାସନ ବି ମାଜିଛନ୍ତି। ଏହାପରେ ମଧ୍ୟ କିଛି ବର୍ଷ ବିଭିନ୍ନ ସ୍ଥାନରେ ଅନେକ କଷ୍ଟରେ କଟିଥିଲା। ତା'ପରେ ଜଗତ୍‌ସିଂହପୁର ନାଉଗାଁରେ ରହୁଥିବା ଜଣେ ଡାକ୍ତରଙ୍କ ଘରେ ରହି କାମ କରିବାର ସୁଯୋଗ ମିଳିଲା। ସେଠାରେ ସେମାନେ ତାଙ୍କୁ ନିଜ ଝିଅ ଭଳି ସ୍ନେହ ଶ୍ରଦ୍ଧା କଲେ। ସେଠାରେ ପ୍ରାୟ ୮ ବର୍ଷ ରହିବା ପରେ ସେ ଚାଲି ଆସିଥିଲେ ପୁରୀ। ଆଉ ସ୍ୱାବଲମ୍ବୀ ହେବା ଲାଗି ଏକ ଅଟୋ କିଣିଲେ। ସେ କୁହନ୍ତି, ପିଲାବେଳୁ ଏ ପର୍ଯ୍ୟନ୍ତ ଯାହା କିଛି ସଞ୍ଚୟ କରିଥିଲି, ସେଥିରେ ଅଟୋ କିଣିଛି। ଯଦିଓ ଜଣେ ଝିଅ ହୋଇ ଏହି କାର୍ଯ୍ୟ କରୁଥିବାରୁ ଅନେକ ଟାହିଟାପରା ଶୁଣିବାକୁ ମିଳୁଛି, ଷ୍ଟାଣ୍ଡରେ ଅଟୋ ରଖିବା ବେଳେ କିମ୍ବା ପାସେଞ୍ଜର ଉଠାଇବା ବେଳେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ତଥାପି ହାର ମାନିନାହିଁ। ମୋ ମତରେ କୌଣସି ବୃତ୍ତି କେବଳ ପୁରୁଷଙ୍କ ଲାଗି ଉଦ୍ଦିଷ୍ଟ ତା' ନୁହେଁ, ଆଗ୍ରହ ଏବଂ ସାହସ ଥିଲେ ନାରୀ ବି ସବୁକାର୍ଯ୍ୟ ଲାଗି ସମର୍ଥ। ତା'ଛଡା ସତ୍‌ପଥରେ ରୋଜଗାର ଲାଗି ଏପରି କାର୍ଯ୍ୟ ବାଛିଥିବାରୁ କୌଣସି ବାଧାବିଘ୍ନ ମୋତେ ପ୍ରଭାବିତ କରିପାରୁନି ବରଂ ଏଥିରେ ମୋତେ ଆତ୍ମସନ୍ତୋଷ ମିଳୁଛି।

**– ପୌର୍ଣ୍ଣମାସୀ**

## ହୋଲିରେ ଆଖିର ସୁରକ୍ଷା



ରଙ୍ଗର ଉତ୍ସବ ହୋଲିରେ ଭଳିକିଭଳି ରଙ୍ଗ ଖେଳର ମଜା ନେବାକୁ ସମସ୍ତଙ୍କ ଭିତରେ ଉତ୍କଣ୍ଠା ଭରି ରହିଥାଏ। ହେଲେ କେବେକେବେ ଏହି ରଙ୍ଗ ଖେଳ ପରବର୍ତ୍ତୀ ସମୟରେ ଶରୀର ପାଇଁ ବିଭିନ୍ନ ସମସ୍ୟାର କାରଣ ସାଜିଥାଏ। କାରଣ କେତେକ ରଙ୍ଗରେ ଥିବା କେମିକାଲ ଶରୀର ପାଇଁ ହାନିକାରକ। ବିଶେଷକରି ଚକ୍ଷୁ ଭଳି ସମ୍ବେଦନଶୀଳ ଅଙ୍ଗରେ ଏଭଳି କ୍ଷତିକାରକ କେମିକାଲ ରଙ୍ଗ ପଡ଼ିଲେ, ସଂକ୍ରମଣ ହେବା ସହ ଚକ୍ଷୁ ନଷ୍ଟ ହୋଇ ଅନ୍ଧ ହୋଇଯିବାର ମଧ୍ୟ ଆଶଙ୍କା ଥାଏ।

– ସାଧାରଣତଃ ହୋଲି ରଙ୍ଗରେ ଅନେକ କେମିକାଲ ମିଶିଥାଏ। ସେଗୁଡ଼ିକ ହେଲା ମାଲାକାଇଟ୍ ଗ୍ରୀନ୍, ରୋଡ଼ାମିନ୍, ଜେନ୍‌ସିଆନ୍ ଭାଓଲେଟ୍, ଲେଡ୍ ଅକ୍ସାଇଡ୍ (କଳାରଙ୍ଗ), କପର ସଲ୍‌ଫେଟ୍ (ଶାଗୁଆ ରଙ୍ଗ), ଆଲୁମିନିୟମ୍ (ସିଲଭର ରଙ୍ଗ) ମର୍କ୍ୟୁରି ସଲ୍‌ଫେଟ୍ (ଲାଲ ରଙ୍ଗ) ଆଦି। ଏହା ଆଖିରେ ପଡ଼ିଲେ, ଆଖି ଲାଲ ହେବା ସହ କୁଣ୍ଡାଇ ହୁଏ, ଲୁହ ବହିଥାଏ ଏବଂ ଝାପ୍‌ସା ଦେଖାଯାଏ।



– ବେଳେବେଳେ ଏଭଳି ରଙ୍ଗ ସଂସ୍ପର୍ଶରେ ଆସିବା ଦ୍ୱାରା ଆଖିରେ କେମିକାଲ ଇଞ୍ଜୁରି ହୋଇଥାଏ। ଫଳରେ ଆଖିରେ ଆଲର୍ଜି ହୋଇ କୁଣ୍ଡେଇ ହୁଏ। ଘା' ହେବା ସହ ଲେଞ୍ଜରା ବୋହିଥାଏ। ଖରାକୁ ଅନାଇଲେ କଷ୍ଟ ହୁଏ ଏବଂ ଆଖି ଫୁଲିଯାଏ।

– ହୋଲି ରଙ୍ଗରୁ ଆଖିକୁ ରକ୍ଷା କରିବାକୁ ହେଲେ ମୁହଁରେ ମାସ୍କ ପିନ୍ଧିବା ସହ ଚଷମା ପିନ୍ଧିବା ଆବଶ୍ୟକ। ମୁଣ୍ଡରେ ମଧ୍ୟ ଏଭଳି କେମିକାଲ ରଙ୍ଗ ବୋଳିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ସ୍କିନ୍ ଆଲର୍ଜି ହୋଇ କେଶ ଝଡ଼ିଥାଏ ଏବଂ ଏହି ରଙ୍ଗ କେବେକେବେ ମୁଣ୍ଡରୁ ଆଖିକୁ ବୋହି ଆସେ ଏବଂ ବେଶ୍ କ୍ଷତି ପହଞ୍ଚାଇଥାଏ।

– ମାସ୍କ, ଗ୍ଲାସ୍ ଆଦି ବ୍ୟବହାର କରିବା ପରେ ମଧ୍ୟ ଯଦି ଆଖିରେ ରଙ୍ଗ ଲାଗି ଯନ୍ତ୍ରଣା ହୁଏ, ତେବେ ସର୍ବପ୍ରଥମେ ବିଶୁଦ୍ଧ ପାଣିରେ ଆଖିକୁ ଭଲଭାବେ ଧୋଇ ଦିଅନ୍ତୁ। ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଆଖିରେ ଡ୍ରପ୍ ପକାନ୍ତୁ।

– ମନେରଖନ୍ତୁ ହୋଲି ଖେଳିବାକୁ ଚାହୁଁଥିଲେ ପ୍ରାକୃତିକ ରଙ୍ଗ, ଅର୍ଗାନିକ୍ ଅବିର, ଫଗୁ ଆଦି ବ୍ୟବହାର କରନ୍ତୁ। ରଙ୍ଗ ଖେଳିବା ପୂର୍ବରୁ ଦେହ, ହାତ, ମୁହଁ ଚାରିଆଡ଼େ ଭଲଭାବେ ତେଲ ଲଗାଇ ଦିଅନ୍ତୁ। ଯଦି ଆପଣ କଂଟାକ୍ଟ ଲେନ୍ସ ବ୍ୟବହାର କରୁଛନ୍ତି, ତେବେ ରଙ୍ଗ ଖେଳିବା ବେଳେ ଏହାକୁ କାଢ଼ି ରଖିଦିଅନ୍ତୁ।

**– ଡା. ସୋନାଲି ଷଡ଼ଙ୍ଗୀ**
ଚକ୍ଷୁରୋଗ ବିଶେଷଜ୍ଞ
ମୋ– ୭୯୭୮୯୪୫୫୫୨

ଜାଣନ୍ତୁ ଦୁନିଆ

## ଷ୍ଟାଚ୍ୟୁ ଅଫ୍ ଲିବର୍ଟି

**ପୃଥିବୀରେ ରହିଛି ଅନେକ ଆଶ୍ଚର୍ଯ୍ୟଜନକ ସ୍ଥାପତ୍ୟ, ଯାହା ମଧ୍ୟରୁ ଆମେରିକାର ନ୍ୟୁୟର୍କ ସହରରେ ଥିବା ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଅନ୍ୟତମ। ଆସନ୍ତୁ ଜାଣିବା ଏ ସମ୍ପର୍କରେ କିଛି ରୋଚକ କଥା...**

- ଏହାକୁ ଫ୍ରେଞ୍ଚ ମୂର୍ତ୍ତିକାର ଫ୍ରେଡେରିକ୍ ଅଗଷ୍ଟ ବାର୍ଥୋଲ୍ଡି ଡିଜାଇନ୍ କରିଥିବା ବେଳେ ଆଭ୍ୟନ୍ତରୀଣ ନିର୍ମାଣ କାର୍ଯ୍ୟ ଇଞ୍ଜିନିୟର ଗଷ୍ଟେଭ୍ ଇଫେଲ୍ ତଦାରଖ କରିଥିଲେ।
- ଏହାକୁ ନିର୍ମାଣ କରିବା ଲାଗି ୩୦୦ ଭିନ୍ନଭିନ୍ନ ପ୍ରକାରର ହାତୁଡ଼ି ବ୍ୟବହାର କରାଯାଇଥିଲା।
- ଆମେରିକା ଏବଂ ଫ୍ରାନ୍ସ ମଧ୍ୟରେ ବନ୍ଧୁତାର ପ୍ରତୀକ ଭାବେ ୧୮୮୬ ମସିହା ଅକ୍ଟୋବର ୨୮ ତାରିଖରେ ଆମେରିକା ରାଷ୍ଟ୍ରପତି ଗ୍ରୋଭର କ୍ଲିଭ୍‌ଲାଣ୍ଡଙ୍କ ଉପସ୍ଥିତିରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉଦ୍‌ଘାଟନ ହୋଇଥିଲା।
- ଏହା ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ବି ସ୍ଥାନ ପାଇଥିଲା।
- ଏହାର ପ୍ରକୃତ ନାମ ହେଉଛି ଲିବର୍ଟି ଏନ୍‌ଲାଇଟେନିଂ ଦି ୱାର୍ଲ୍ଡ।
- ଏହି ମୂର୍ତ୍ତି ହାତରେ ଧରିଥିବା ମଶାଲ ଏବଂ ବହିରେ ଆମେରିକାର ସ୍ୱତନ୍ତ୍ରତା ଘୋଷଣା ହେବା ଦିବସ ଜୁଲାଇ ୪, ୧୭୭୬ ଖୋଦିତ ହୋଇଛି।
- ୧୯୨୪, ଅକ୍ଟୋବର ୧୫ ତାରିଖରେ ଏହାକୁ ଆମେରିକାର ଜାତୀୟ କୀର୍ତ୍ତିର ମାନ୍ୟତା ମିଳିଥିଲା।
- ଏହି ଷ୍ଟାଚ୍ୟୁର ରଙ୍ଗ ସବୁଜ ଦେଖାଯାଉଥିଲେ ହେଁ ବାସ୍ତବରେ ଏହାକୁ ଏପରି ରଙ୍ଗ କରାଯାଇ ନାହିଁ। ଏହାକୁ ନିର୍ମାଣ କରିବା ଲାଗି ବ୍ୟବହାର କରାଯାଇଥିବା ପିତ୍ତଳ ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ସମୟକ୍ରମେ ଏହାର ରଙ୍ଗ ପରିବର୍ତ୍ତିତ ହୋଇ ଏପରି ହୋଇଛି।
- ଏହି ମୂର୍ତ୍ତିର ଉଚ୍ଚତା ୯୩ ମିଟର ହୋଇଥିବା ବେଳେ ଓଜନ ୨୦୪ ମେଟ୍ରିକ୍ ଟନ୍।
- ମୂର୍ତ୍ତିର ମୁକୁଟରେ ୨୫ଟି ଝରକା ରହିଛି। ସେଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ୩୫୪ ପାହାଚ ଚଢ଼ିବାକୁ ହୋଇଥାଏ।
- ଏହି ମୁକୁଟରେ ଥିବା ୭ଟି କଣ୍ଟା ୭ଟି ମହାଦେଶକୁ ସୂଚାଇଥାଏ।
- ଏହି ମୂର୍ତ୍ତି ବର୍ଷକୁ ପ୍ରାୟ ୬୦୦ଥର ବଜ୍ରାଘାତର ଶିକାର ହୋଇଥାଏ। ଏହାର ଫଟୋ ପ୍ରଥମ ଥର ପାଇଁ ୨୦୧୦ରେ ଉଠାଯାଇଥିଲା।
- ଏହି ଷ୍ଟାଚ୍ୟୁ ସ୍ଥାପନା କରାଯାଇଥିବା ଆଇସ୍‌ଲାଣ୍ଡର ପ୍ରକୃତନାମ ବେଡ୍‌ଲଇ ଆଇସ୍‌ଲାଣ୍ଡ ହୋଇଥିବା ବେଳେ ୧୯୫୬ରେ ଏହାକୁ ପରିବର୍ତ୍ତନ କରାଯାଇ ଲିବର୍ଟି ଆସ୍‌ଲାଣ୍ଡ କରାଗଲା।
- ଏହା ୧୯୦୨ ମସିହା ପର୍ଯ୍ୟନ୍ତ ଏକ ଲାଇଟ୍ ହାଉସ୍ ଭାବେ ମଧ୍ୟ କାର୍ଯ୍ୟ କରୁଥିଲା।



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ....... ରାଜ୍ୟ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ଚାକିରି ସମୟ ସୀମା ବୃଦ୍ଧି ଯୋଜନା ବନ୍ଦ କରାଯାଇଛି ?
୨– ଡିଏସ୍‌ଏଲ୍‌ଆର୍‌ର ଫୁଲ୍‌ଫର୍ମ .......... ?
୩– ୱାନ୍ ଲାଇଫ୍ ଇଜ୍ ନଟ୍ ଏନଫ୍ ପୁସ୍ତକର ଲେଖକ .......... ?
୪– ଓସ୍କାର ପାଇଥିବା ବେଷ୍ଟ ଆନିମେଟେଡ୍ ଫିଚର ଫିଲ୍ମ ୨୦୨୦ ............ ?
୫– ସେଣ୍ଟର ଫର୍ ଡିଏନ୍‌ଏ ଫିଙ୍ଗରପ୍ରିଣ୍ଟିଂ ଆଣ୍ଡ ଡାଇଗ୍ନୋଷ୍ଟିକ୍ସର ହେଡ୍‌କ୍ୱାର୍ଟର ......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ବ୍ୟୁରୋ ଅଫ୍ ସିଭିଲ୍ ଆଭିଏସନ୍ ସିକ୍ୟୁରିଟି
୨ ରେଡିଓ ଏବଂ ବିବିଧତା
୩ ରୋମ୍
୪ ଭିନେସ୍ ଫୋଗଟ୍
୫ ୨୫ଟି

## ଉତ୍ତର ଦାତା


ରୁକ୍‌ସାନା, କେନ୍ଦ୍ରାପଡ଼ା


ମନୋଜ ମହାରଣା, ଭୁବନେଶ୍ୱର


ସ୍ୱାଗତ ପୂଜାହାରୀ, ସୋନପୁର


ବିଶ୍ୱରଞ୍ଜନ ମହାନ୍ତି, ତାଳଚେର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
–ଫ୍ରାନ୍‌ସିସ୍ ବାକନ

## ସଂକ୍ଷେପରେ

### ବଡ଼ସାହିର ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଘୁଞ୍ଚିଲା

**ପଡିଆବାହାଲ, ୭।୩ (ଡି.ଏନ.ଏ):** ଯୁଯୁମୁରା ବ୍ଲକ ଘିନୁପାଲି ପଞ୍ଚାୟତ ବଡସାହିର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଏପ୍ରିଲ ୧ ଓ ୨ ତାରିଖରେ ହେବାକୁ ଥିଲା। ହେଲେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ଏପ୍ରିଲ ୧୧ ଓ ୨୨ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ଆୟୋଜିତ ହେବ। ଜୟନ୍ତୀ କମିଟିର ସଭାପତି ଜୟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ସମ୍ପାଦକ ଗଙ୍ଗାଧର ବଘାର ଓ ଜୟନ୍ତୀ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

### ଲୁଟ୍ ଅଭିଯୋଗରେ ୨ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୭।୩ (ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ଲୁଟ୍ ଅଭିଯୋଗରେ ଶନିବାର ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନିତେଶ ବାରିକ ଓ ଭାନୁ ଶିକା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ବରଗଡ଼ ଜିଲା ଭେଡେନର ଘନଶ୍ୟାମ ନାଏକ ତାଙ୍କର ସମ୍ପର୍କୀୟଙ୍କୁ ଧରି ଚିକିତ୍ସା ଲାଗି ଭିମସାର ଆସିଛନ୍ତି। ସେ କେନାଲକୁ ଗାଧୋଇବାକୁ ଯାଇଥିଲାବେଳେ ଦୁଇ ଅଭିଯୁକ୍ତ ଆସି ତାଙ୍କ ପାଖରୁ ୩ ହଜାର ଟଙ୍କା ଲୁଟି ନେଇଥିଲେ।

### ଜିଏମ୍‌ୟୁ ସଂସ୍କୃତ ବିଭାଗରେ ସଂଗୋଷ୍ଠୀ କାର୍ଯ୍ୟକ୍ରମ

**ସମ୍ବଲପୁର, ୭।୩ (ବ୍ୟୁରୋ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସଂସ୍କୃତ ବିଭାଗ ପକ୍ଷରୁ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଡ. ସୁନେଲି ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଡ. ସୁଶ୍ରୀ ସସ୍ମିତା ପତିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଡ. ପ୍ରଶାନ୍ତ କୁମାର ସେଠୀ, ସାଲୋ ବେଶ୍ରା, ଧର୍ମରାଜ ବାଗ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦ୍ୟୁମ୍ନ ବଘାର, ହେମନ୍ତ ବରିହା, ସୋନାଲିକା ସାହୁ, ଜ୍ଞାନଭାରତ ଭୋଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ଛାତ୍ର ଉମାଶଙ୍କର ଗୁରୁ ମନ୍ତ୍ରପାଠ କରିଥିଲେ। ଡ. ପ୍ରଶାନ୍ତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗୋଷ୍ଠୀ ବିଭାଗ ଆଲୋଚନାଚକ୍ର ସମ୍ପାଦକ ସୌମ୍ୟରଞ୍ଜନ ବଡପଣ୍ଡା ସୂଚନା ପ୍ରଦାନ କରିଥିଲେ।

# ଆପରାଧିକ କାର୍ଯ୍ୟକଳାପକୁ ସମର୍ଥନ ଦିଅନି

**ନାକଟୀଦେଉଳ, ୭।୩ (ଡ଼ି.ଏନ.ଏ.)**

ନାକଟୀଦେଉଳରେ ଅବସ୍ଥିତ ସିଆରପିଏଫ ସି/୧୨ବାଟାଲିୟନ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଡ଼େପୁଟି କମାଣ୍ଡାଣ୍ଟ ସଞ୍ଜୟ କୁମାର ଏଥିରେ ସଭାପତିତ୍ୱ କରିଥିଲେ। କମାଣ୍ଡାଣ୍ଟ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟର ସଫଳତା ଯେପରି ପହଞ୍ଚି ପାରିବ ସେ ଦିଗରେ ସିଆରପିଏଫ ସର୍ବଦା ଚେଷ୍ଟିତ। ଯେ କୌଣସି କ୍ଷେତ୍ରରେ ଜନସାଧାରଣ ଆବଶ୍ୟକ ସ୍ଥଳେ ସିଆରପିଏଫ ପୋଲିସର ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ଅଞ୍ଚଳରେ ମାଓବାଦୀ ଭଳି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ସ୍ଥାନୀୟ ଲୋକେ ସମର୍ଥନ ନ ଦେଇ ସିଆରପିଏଫକୁ ସହଯୋଗ କରିବାକୁ ନିବେଦନ କରିଥିଲେ।

ଜନସାଧାରଣ ସିଆରପିଏଫକୁ ଶତ୍ରୁ ନ ଭାବି ମିତ୍ରତାର ହାତ ବଢାଇବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରୀୟ ଯବାନ ଏବଂ ଜନସାଧାରଣଙ୍କ ମଧ୍ୟରେ ରହିଥିବା ଦୂରତାକୁ ଦୂର କରିବାର ଏକ ଏହା ମାଧ୍ୟମ ବୋଲି ସେ ପ୍ରକାଶ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ଡ଼ଇଁଚା ବାପୁଜୀ ହାଇସ୍କୁଲର ସହକାରୀ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା, କମାଣ୍ଡାଣ୍ଟ ପ୍ରମୋଦ ସାହୁଙ୍କ ସ୍ତ୍ରୀ କାଦମ୍ବିନୀ ସାହୁ, ନାକଟୀଦେଉଳ ସ୍ନାତକ କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁ, ସାହେବୀ ସରପଞ୍ଚ ଯଶୋବନ୍ତୀ ମାଝି, ଜାମୁଯୋରୀ ସରପଞ୍ଚ ଅଜିତ କୁମାର ପ୍ରଧାନ, ବାଟଗାଁର ପୂର୍ବତନ ସେନାକର୍ମଚାରୀ ବାଲ୍ମୀକି କିସାନ ଏବଂ ସରାପାଲି ସରପଞ୍ଚ ପ୍ରିୟମ୍ବଦା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୪୦ଜଣଙ୍କୁ ଚଷମା, ୫୦ଜଣଙ୍କୁ ୱାଟର ଷ୍ଟୋରେଜ, ୫୦ଜଣଙ୍କୁ କଡ଼େଇ,୫୦ ଜଣଙ୍କୁ କମ୍ବଳ, ୨୦ଜଣଙ୍କୁ ୱାଟର ଫିଲ୍ଟର, ୧୦ଜଣକଙ୍କୁ ସୋଲାର ଲାଇଟ, ୨୦ଜଣଙ୍କୁ ପ୍ଲାଷ୍ଟିକ ଦରି, ୧୦ଟି କ୍ଲବ ଏବଂ ୮ଟି ସ୍କୁଲକୁ ଖେଳ ସାମଗ୍ରୀ, ୧୦୦ଛାତ୍ରୀଛାତ୍ରଙ୍କୁ ବ୍ୟାଗ, ଖାତା, କମ୍ପାସ ବକ୍ସ ସହିତ ୬ଶହ ମହିଳାଙ୍କୁ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିଲା। ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଯୋଶୀଙ୍କ ପରିଚାଳନାରେ ଜବାନମାନେ ସହଯୋଗ କରିଥିଲେ। ସରାପାଲି, ସାହେବୀ, ନାକଟିଦେଉଳ, ଶିମିଳିପାଳ, ଘୋଷରାମାଳ, ବାଟଗାଁ, ଜାମୁଯୋରୀ, ଡ଼ଇଁଚା ଆଦି ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ।




ଜନ ସମ୍ପର୍କ ଶିବିରରେ ସିଆରପିଏଫ ଅଧିକାରୀ ବିଭିନ୍ନ ଉପକରଣ ବଣ୍ଟନ କରୁଛନ୍ତି।



କାଦୋବାହାଲି ଗାଁରେ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିରରେ ଅତିଥିମାନେ।

# ଲୋକଙ୍କୁ ସହଯୋଗ ମାଗିଲା ପୋଲିସ

**ରେଢ଼ାଖୋଲ, ୭।୩ (ଡି.ଏନ.ଏ.)**

ରେଢ଼ାଖୋଲ ଥାନା ଅଧୀନ କାଦୋବାହାଲି ଗାଁରେ ପୋଲିସ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କାଦୋବାହାଲି ସରପଞ୍ଚ ସଂଜିତ ତିରିଆ, ଡଇଁଚା ସରପଞ୍ଚ ପ୍ରବୀଣ ପ୍ରଧାନ, ଘୋଷରାମାଳ ସରପଞ୍ଚ ଅମିତ ପାନା, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ରିଜର୍ଭ ଇନ୍ସପେକ୍ଟର ମଧୁସୂଦନ ପ୍ରଧାନ, ସୁବେଦାର ହିମାଂଶୁ ଶେଖର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ପୋଲିସ ସହିତ ଉତ୍ତମ ସମ୍ପର୍କ ରଖିବା ସହିତ ସହଯୋଗ କରି ଅଞ୍ଚଳର ବିକାଶରେ ସହଭାଗୀ ହେବାକୁ ଏସ୍‌ଡିପିଓ ସ୍ୱାଇଁ ଓ ଥାନା ଅଧିକାରୀ ସାମଲ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆଦିବାସୀ ନୃତ୍ୟ, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ନାକଟୀଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୁରଭି ସାମଲ ଓ ଡାକ୍ତର ବିଷ୍ଣୁପ୍ରସାଦ ମହାନ୍ତି ଯୋଗଦେଇ ଅଞ୍ଚଳର ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବିତରଣ କରିଥିଲେ। ପୋଲିସ ପକ୍ଷରୁ ବୟସ୍କଙ୍କୁ ଶୀତବସ୍ତ୍ର, ଖେଳାଳିଙ୍କୁ ଖେଳ ଉପକରଣ ଓ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ଏହି ଜନସମ୍ପର୍କ ଶିବିରରେ ଘୋଷରାମାଳ, ଡଇଁଚା ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ୧୮ରୁ ଫେଡେରେଶନ୍ କପ୍ ଟେନିସ୍ କ୍ରିକେଟ ଚାମ୍ପିୟନଶିପ୍

**କୁଚିଣ୍ଡା, ୭।୩ (ଡି.ଏନ.ଏ.)**

କୁଚିଣ୍ଡାସ୍ଥିତ ମୁକୁନ୍ଦି ଷ୍ଟାଡିୟମରେ ମାର୍ଚ୍ଚ ୧୮ରୁ ୨୨ ପର୍ଯ୍ୟନ୍ତ ଫେଡେରେସନ୍ କପ୍ ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ପଞ୍ଜାବ, ଚଣ୍ଡିଗଡ, ଜାମ୍ମୁକାଶ୍ମୀର, ତାମିଲନାଡୁ, ଗୋଆ, କେରଳ, ଓଡିଶା, ଝାରଖଣ୍ଡ, ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟର ଖେଳାଳିମାନେ ଯୋଗ ଦେବେ। ସ୍ଥାନୀୟ ଟାଉନ ହଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ସେହେୱାର ମିତ୍ର ଏହି ସୂଚନା ଦେଇଛନ୍ତି। ପୂର୍ବତନ ବିଧାୟକ ରବିନାରାୟଣ ନାଏକ, କୁଚିଣ୍ଡା ଆଥଲେଟିକ ଆସୋସିଏଶନ୍‌ର ସମ୍ପାଦକ କ୍ଷିତିଶ ଚନ୍ଦ୍ର ଭୋଇ, ମହିଳା ଟେନିସ କ୍ରିକେଟ ଆସୋସିଏଶନ୍‌ର ସଭାନେତ୍ରୀ ରାଜଶ୍ରୀ ମିତ୍ର, ଓଡିଶା ଟେନିସ କ୍ରିକେଟର ବାସୁଦେବ ଓଝା, କୁମାରେଶ ଦାଶଭାୟା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଟେନିସ କ୍ରିକେଟ ଆସୋସିଏସନ୍ ଅଫ୍ ଇଣ୍ଡିଆ ଓ ଇଣ୍ଟରନ୍ୟାଶନାଲ କ୍ରିକେଟ ଫେଡେରେଶନ ଅନୁବନ୍ଧିତ ଓଡିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ୍ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ।



ଖବରଦାତା ସମ୍ମିଳନୀରେ ଆୟୋଜକ ସୂଚନା ଦେଉଛନ୍ତି।



# କରୋନା ଭୟ: ଚିକେନ କିଲୋ ୪୦

**ବାମରା, ୭।୩ (ଡି.ଏନ.ଏ)**

ଚୀନରୁ ଜନ୍ମିତ କରୋନା ଭାଇରସ ସାରା ବିଶ୍ୱରେ କାୟା ମେଲାଇଲାଣି। ସହରଠାରୁ ଆରମ୍ଭ କରି ଗାଁ ଗହଳି ପର୍ଯ୍ୟନ୍ତ ଏହାର ଚର୍ଚ୍ଚା ଜୋର ଧରିଛି । କରୋନାକୁ ନେଇ ଅନେକ ଗୁଜବ ମଧ୍ୟ ବ୍ୟାପିଛି । ଏହାର ସିଧାସଳଖ ପ୍ରଭାବ ପଡିଛି କୁକୁଡା ବ୍ୟବସାୟ ଉପରେ । ସମ୍ବଲପୁର ଜିଲା ବାମରା ବ୍ଲକରେ ବ୍ରଏଲର କୁକୁଡା ଦର ହ୍ରାସ ପାଇଛି । ଶନିବାର କୁକୁଡା କିଲୋ ୪୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି । ଗତ ଏକ ମାସ ପୂର୍ବରୁ ବ୍ରଏଲର କୁକୁଡା କିଲୋ ପ୍ରତି ୨୦୦ ଟଙ୍କା ଭିତରେ ବିକ୍ରି ହୋଇଆସୁଥିଲା। ସାମାଜିକ ଗଣମାଧ୍ୟମରେ ବ୍ୟାପିଥିବା ବିଭିନ୍ନ ଗୁଜବ ଯୋଗୁ କୁକୁଡା ବ୍ୟବସାୟ ମାନ୍ଦା ଅବସ୍ଥାରେ ପହଞ୍ଚିଥିବା ବ୍ୟବସାୟୀମାନେ କହିଛନ୍ତି । ଏହାର ବିଶେଷ କ୍ଷତି କୁକୁଡା ଫାର୍ମ ମାଲିକ ଓ ହୋଲସେଲ ବିକ୍ରେତାଙ୍କୁ ହୋଇଥିବା ସେମାନେ କହିଛନ୍ତି । ବ୍ୟବସାୟ ମାନ୍ଦା ଯୋଗୁ ଖୁଚୁରା ବ୍ୟବସାୟୀଙ୍କ ଆମଦାନୀ ମଧ୍ୟ ପ୍ରଭାବିତ ହୋଇଛି । ବ୍ରଏଲର କୁକୁଡା ମାଂସ ଦ୍ୱାରା କରୋନା ଭୂତାଣୁ ବ୍ୟାପିବାର ଗୁଜବ ନେଇ ଡାକ୍ତର ଦିବେନ୍ଦୁ ସାହୁ କହିଛନ୍ତି ଯେ, ଏହି ଭାଇରସ ଏକ ସଂକ୍ରମିତ ବ୍ୟକ୍ତି କିମ୍ବା ପଶୁ ପକ୍ଷୀ ଦ୍ୱାରା ଅନ୍ୟଙ୍କୁ ବ୍ୟାପିବାର ଯଥେଷ୍ଟ ଆଶଙ୍କା ରହିଛି । ପଶୁ ପକ୍ଷୀ ମଧ୍ୟ ଏହା ବ୍ୟାପିବାର ମାଧ୍ୟମ ହୋଇପାରିବେ। ତେଣୁ ସତର୍କତା ଦୃଷ୍ଟିରୁ ବର୍ତ୍ତମାନ ମାଂସାହାରରୁ ଦୂରେଇ ରହିବା ଦରକାର ବୋଲି ସେ ମତ ରଖିଛନ୍ତି।

# ଶିକାରୀ ଧରିବାରେ ବନ ବିଭାଗ ବିଫଳ

**ସମ୍ବଲପୁର,୭।୩ (ବ୍ୟୁରୋ)**

**ଦାନ୍ତ ପାଇଁ ଦନ୍ତା ଶିକାର ଘଟଣା**
- ସାମାନ୍ୟ ଆହତ ଥିବା ଜାଣିଥିଲା ବିଭାଗ
- ଆକ୍ରୋଶରେ ମାରିଥିବା ସନ୍ଦେହ

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଇଚ୍ଛାପାଳ ଗ୍ରାମ ନିକଟରେ ବୁଧବାର ଏକ ଦନ୍ତା ହାତୀର ମୃତଦେହ ମିଳିଛି। ଏହି ଦନ୍ତାକୁ ଦାନ୍ତ ପାଇଁ ଶିକାର କରାଯାଇଥିବା ବନ ବିଭାଗ ସ୍ପଷ୍ଟ ହୋଇଛି। ଏହାର ତଦନ୍ତ ଆରମ୍ଭ ହୋଇଛି। ହେଲେ ଶିକାରୀର ସୁରାକ ଏ ପର୍ଯ୍ୟନ୍ତ ବନ ବିଭାଗ ପାଇ ପାରିନାହିଁ । ହେଲେ ଏ ସମ୍ପର୍କରେ ବନ ବିଭାଗ କହିଛି ଯେ, ହାତୀଟିର ବାମ ଗୋଡରେ ସାମାନ୍ୟ ଆହତ ଥିବା ଜଣାପଡିଥିଲା । ହେଲେ ତାହାର ଗତିବିଧି ସ୍ୱାଭାବିକ ରହିଥିଲା । ରେଢାଖୋଲ, ଧମା, ସଦର ରେଞ୍ଜ, ପଡିଆବାହାଲ ରେଞ୍ଜ ଅଧୀନରେ ଲୋକମାନଙ୍କ ଧନ ସମ୍ପତ୍ତି ନଷ୍ଟ କରୁଥିଲା।

ଅବଶ୍ୟ ଟ୍ରାକ୍‌ରେ ରହିଥିଲା। ତେଣୁ ହାତୀକୁ ଆକ୍ରୋଶମୂଳକ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି। ହାତୀ ହତ୍ୟାରେ ଯେଉଁମାନେ ବି ଜଡିତ ଥିବେ ସମସ୍ତଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷେ ଏହି ରେଞ୍ଜ ଅଧୀନ ବସିଆପଡା ଗାଁ ନିକଟରେ କିଛି ମାସ ପୂର୍ବରୁ ଏକ ୬ ବର୍ଷର ଦନ୍ତା ହାତୀର ଶିକାର କରାଯାଇଥିଲା। ବିଦ୍ୟୁତ୍ ତାର ଦ୍ୱାରା ହାତୀକୁ ଶିକାର କରାଯାଇଥିଲା। ଦନ୍ତାର ୨ଟି ଛୋଟ ଦାନ୍ତକୁ ଶିକାରୀ ନେଇଯାଇଥିଲେ। ବନ ବିଭାଗ ଚଢାଉ କରି ଏକ ଗଛର କୋରଡରୁ ଦୁଇ ଦାନ୍ତକୁ ଉଦ୍ଧାର କରିଥିଲା । ଘଟଣାକୁ ୪ ମାସ ବିତିଯାଇଥିଲେ ମଧ୍ୟ ଶିକାରୀଙ୍କୁ ଧରିବାରେ ବନ ବିଭାଗ ବିଫଳ ହୋଇଛି । ତେଣୁ ଏଥର ଏହି ଦନ୍ତାକୁ ଶିକାର କରିଥିବା ଅଭିଯୁକ୍ତଙ୍କୁ ମଧ୍ୟ ବନ ବିଭାଗ ଯେ ଧରି ପାରିବ ତାହା ସନ୍ଦେହ ସୃଷ୍ଟି ହେଉଛି। ତେବେ ଏ ନେଇ ସଦର ରେଞ୍ଜର ଗୌରୀ ଦାସ କହିଛନ୍ତି ଯେ, ପୂର୍ବ ଘଟଣାରେ ୩ ଜଣଙ୍କ ପରିଚୟ ମିଳିଛି। ସେମାନେ ଫେରାର ଥିବାରୁ ଗିରଫ କରାଯାଇ ପାରୁନାହିଁ।

# ଭିତରେ ସଭା, ବାହାରେ ବିରୋଧ

**ସମ୍ବଲପୁର, ୭।୩ (ବ୍ୟୁରୋ)**

ସମ୍ବଲପୁର ପାନ୍ଥନିବାସ ବୀର ସୁରେନ୍ଦ୍ର ସାଏ ସଭା କକ୍ଷରେ ଶନିବାର ନିର୍ମାଣ ଶ୍ରମିକ ସପ୍ତାହ ପାଳନବେଳେ ବାହାରେ ଏହାକୁ ବିରୋଧ କରାଯାଇଛି। ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା । ସଭାପତି ପ୍ରଶାନ୍ତ ପାଢୀ, ଭକ୍ତବନ୍ଧୁ ମାଝି, ତ୍ରିନାଥ ରନବିଡା, ରୋହିତ୍ଦସ ସାହୁ, ଟିକୁ ମିର୍ଦ୍ଧା, ଯତୀନ୍ଦ୍ର ସାହୁ, ମମତା ପଣ୍ଡା, ହେମନ୍ତ କୁମାର ସାହୁ, ମହେଶ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଉ ନାହିଁ। ସରକାରୀ ସହାୟତା ଦିଆଯାଉ ନାହିଁ। ବରମ୍ବାର ଆଲୋଚନା କଳାପରେ ମଧ୍ୟ ପ୍ରତିଶ୍ରୁତି ଦିଆଯାଉଛି, ହେଲେ ପାଳନ କରାଯାଉ ନାହିଁ ବୋଲି ଏମାନେ ଅଭିଯୋଗ କରିଥିଲେ।



ସମ୍ବଲପୁର ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳନବେଳେ ବାହାରେ ବିକ୍ଷୋଭ କରାଯାଉଛି ।

# ପାର୍କ, ପାଠାଗାର ନିର୍ମାଣ କାମ ତ୍ୱରାନ୍ୱିତ କର

**ରେଢାଖୋଲ,୭।୩ (ଡି.ଏନ.ଏ.)**

ରେଢାଖୋଲ ବ୍ଲକର ସମସ୍ତ ପଞ୍ଚାୟତରେ ନିର୍ମାଣାଧୀନ ଗ୍ରାମୀଣ ପାର୍କ ଓ ପାଠାଗାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଶନିବାର ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ୧୫ ତାରିଖ ସୁଦ୍ଧା ନିର୍ମାଣ କାମ ଶେଷ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ କହିଛନ୍ତି। ମୋଚିବାହାଲ, ଚାରମାଳ, ଗରଗଡବାହାଲ ଓ ବଡବାହାଲ ପଞ୍ଚାୟତରେ ନିର୍ମାଣାଧୀନ ପାର୍କ ଓ ପାଠାଗାର ବୁଲି ଦେଖିଥିଲେ। ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରି ସ୍ତ୍ରୀ ଓ ପ୍ରସୂତି ୱାର୍ଡକୁ ଯାଇ ଲେବର ରୁମ୍ ବୁଲି ଦେଖିଥିଲେ। ଏହାକୁ ଉନ୍ନତ କରିବାକୁ ଏସ୍‌ଡିଏମଓ ବିପିନ ବିହାରି ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ବେଳେ ବିଡିଓ ପରିକ୍ଷିତ ସାହୁ, ଏପିଓ ଗୋପାଳ ପଟେଲ, ସହକାରୀ ଯନ୍ତ୍ରୀ ବିକ୍ରମ ମୁର୍ମୁ, ସରପଞ୍ଚ ସୁଶାନ୍ତ ପ୍ରଧାନ, ସୁପ୍ରଭା ପ୍ରଧାନ, ଦୀପ୍ତିବାଳା ଗଡନାୟକ, ସନ୍ତୋଷ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଶୁଭମ୍ ସାକ୍‌ସେନା କାର୍ଯ୍ୟର ତଦାରଖ କରୁଛନ୍ତି।

## ଫଟୋରେ ଖବର




ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଉଛି।

# ଛାତ୍ରୀଛାତ୍ର ପାଠ୍‌ପଢ଼ି ଯିବେ ୨ କି.ମି.

**ଜମନକିରା, ୭।୩ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ କଟଙ୍ଗପାଣି ପଁଚେତ୍ ଅଧୀନ ଫୁଲକୁସମ ଗାଁର ଲାଗି ଆସିଥିବାର ଅଙ୍ଗନୱାଡି କେନ୍ଦ୍ରଟା ଗାଁରୁ ଦୁଇ କି.ମି. ଦୂରେ ତିଆର କରାଯାଇଛେ। ଏନ୍‌ତାଥି ଛୋଟ ଛୋଟ ଛୁଆମାନେ କେନ୍‌ଥେଇ ପଢ଼ିଯିବେ ଆର କେନ୍ଦ୍ରଟା କାହାର ସୁଆର୍‌ଥକେ ନେଇ ତିଆର ହେଇଛେ ବଲି ଜନ ଗାଁବାସୀ ପ୍ରଶ୍ନ କରିଛନ୍। ସୂଚନା ଅନ୍‌ସାରେ କଟଙ୍ଗପାଣି ପଁଚେତ୍ ଫୁଲକୁସମ ପ୍ରାଥମିକ ସ୍କୁଲ ପାସେ ଅଙ୍ଗନୱାଡି କେନ୍ଦ୍ର କରି ଛୁଆମାନକୁ ପାଠ୍ ପଢ଼ାଯାଉଥିଲା। ହେଲେ ବ୍ଲକ ପରଶାସନ ନୂତନ ଅଙ୍ଗନୱାଡି କେନ୍ଦ୍ର ଫୁଲକୁସମରେ ନାଇଁକରି କରି ୨ କି.ମି. ଦୂରିଆ କଲାପାଟ ଗାଁରେ ତିଆର କରିଛେ। ଇଆଡ଼େ ଫୁଲକୁସମ ଗାଁରେ ଅଧିକା ଛୁଆ ରହିଥିଲାବେଲେ କେନ୍ ହିସାବେ ବ୍ଲକ କତ୍ତୁରପକ୍ଷ କଲାପାଟ ଗାଁରେ କେନ୍ଦ୍ର ତିଆରି କଲେ ବଲି ଗାଁବାସୀ ପ୍ରଶ୍ନ କରିଛନ୍। ଇ ବାବ୍‌ଦେ ବ୍ଲକ କନିଷ୍ଠ ଯନ୍ତ୍ରୀ ରମେଶ ମହାପାତ୍ରଙ୍କୁଁ ପଚ୍‌ରାଲାରୁ ଅଙ୍ଗନୱାଡି ଉପରେ ନିରଭର କରୁଥିବାର ଲୁକ୍‌କୁ ନେଇ ଗୁଟେ ବଇଠକ୍ କରାଯାଇଥିଲା। ସେମାନେ କହେବାର ହିସାବେ କଲାପାଟରେ କେନ୍ଦ୍ରଟା ତିଆର କରାଯାଇଛେ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଜମନକିରା ସିଡିପିଓ ଜୟଶ୍ରୀ ପଟ୍ଟନାୟକଙ୍କୁଁ ପଚ୍‌ରାଲାରୁ ମୁଇଁ ଟ୍ରେନିଂରେ ଥିଲାବେଲେ ମୋତେ ବ୍ଲକ ପରଶାସନ ନାଇଁ ଜନେଇ କରି ଅଙ୍ଗନୱାଡି କେନ୍ଦ୍ରର କୁଠା ତିଆର କରିଛନ୍। ଇ ବାବ୍‌ଦେ ମୁଇଁ ଉପଜିଲାପାଳକୁଁ ବି ଜନେଇଛେଁ ବଲି ସେ କହିଥିଲେ।

## କାହାର ଲାଗି ଅଙ୍ଗନୱାଡି



ଅସତାଇ ଭାବେ ଅଙ୍ଗନୱାଡି ଛାତ୍ରୀଛାତ୍ର ସ୍କୁଲ ବାରନ୍ଦାରେ ପାଠ ପଢୁଛନ୍।

ଗତ ୨୦୧୭ରୁ ୟେସ୍ ବ୍ୟାଙ୍କ ସ୍ଥିତି ଉପରେ ସରକାର ନଜର ରଖିଛନ୍ତି। କେଉଁଠାରେ ସମସ୍ୟା ରହିଛି ପ୍ରକୃତ ସ୍ଥିତି ସରକାର ଅନୁଧ୍ୟାନ କରିବେ।

–ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



୨୦ ଜୋନାଲ ଏବଂ ପ୍ରଶାସନିକ କାର୍ଯ୍ୟାଳୟର ମିଶ୍ରଣ ଚଳିତ ବର୍ଷ ଜୁନ ଶେଷ ସୁଦ୍ଧା ଶେଷ ହେବା ନେଇ ଆଶାବାଦୀ ରହିଛୁ।

–ପଦ୍ମଜା ଚୁନ୍ଦୁ, ଇଣ୍ଡିଆନ ବ୍ୟାଙ୍କ ସିଇଓ



# ଏସ୍‌ବିଆଇ ହାତକୁ ଯିବ ୟେସ୍ ବ୍ୟାଙ୍କ

ମୁମ୍ବାଇ,୭–୩

### ନୂଆ ପୁନର୍ଗଠନ ଯୋଜନା






ରଜନୀଶ୍ କୁମାର

- ଷ୍ଟେଟ ବ୍ୟାଙ୍କ ଅଧିଗ୍ରହଣ କରିବ ୪୯% ଅଂଶଧନ
- ୨୪୫୦ କୋଟି ଟଙ୍କାରେ କିଣିବ ୨୪୫ କୋଟି ଶେୟାର
- ଶୀଘ୍ର ଗଠନ ହେବ ନୂଆ ବୋର୍ଡ
- ଏସ୍‌ବିଆଇର ୧୦ ହଜାର କୋଟି ପାଣ୍ଠି ବ୍ୟବସ୍ଥା

କ୍ଷତି ଗ୍ରସ୍ତ ୟେସ୍ ବ୍ୟାଙ୍କର ୪୯% ଅଂଶଧନ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ହାତକୁ ଯିବ। ଶନିବାର ବ୍ୟାଙ୍କ ପକ୍ଷରୁ ଏଭଳି ଘୋଷଣା କରାଯାଇଛି। ଏସ୍‌ବିଆଇ ୟେସ୍ ବ୍ୟାଙ୍କର ୪୯% ଅଂଶଧନ ୨୪୫୦ କୋଟି ଟଙ୍କାରେ କ୍ରୟ କରିବ। ଏହାବାଦ ପୁନର୍ଗଠିତ ବ୍ୟାଙ୍କର ସମସ୍ତ ଜମା ଏବଂ ଲାଏବିଲିଟି ସମାନ ଢଙ୍ଗରେ ପରିଚାଳିତ ହେବ। ୟେସ୍ ବ୍ୟାଙ୍କରେ ୨୪୫ କୋଟି ଶେୟାର ରହିଛି। ଏହାର ଶେୟାର ପିଛା ମୂଲ୍ୟ ୨ ଟଙ୍କା ଥିବା ବେଳେ ଏସ୍‌ବିଆଇ ୨୪୫ କୋଟି ଶେୟାର ଇସ୍ୟୁ କରିବ। ଏହାର ଶେୟାର ପିଛା ମୂଲ୍ୟ ୧୦ ଟଙ୍କା ରହିବ। ଏହିଭଳି ଭାବେ ମୋଟ୍ ୨୪୫୦ କୋଟି ଟଙ୍କାର ଶେୟାର ଜାରି କରାଯିବ। ଏହି ଶେୟାର ଗୁଡିକ ୟେସ୍ ବ୍ୟାଙ୍କର ୪୯% ଶେୟାର କ୍ୟାପିଟାଲ ବୋଲି ଏସ୍‌ବିଆଇ ପକ୍ଷରୁ କୁହାଯାଇଛି। ପୁନର୍ଗଠିତ ବ୍ୟାଙ୍କରେ ପୁଞ୍ଜି ପ୍ରଦାନ କରାଯାଇ ସାରିବା ପରେ ଏସ୍‌ବିଆଇ ଆଗାମୀ ୩ ବର୍ଷ ପୂରଣ ନ ହେବା ଅଂଶଧନକୁ ୨୬%ରୁ କମ୍ କରିପାରିବ ନାହିଁ। ଶୀଘ୍ର ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟର୍ସ ନିଯୁକ୍ତ କରାଯିବ। ୟେସ୍ ବ୍ୟାଙ୍କରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ, ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରହିବେ। ନବଗଠିତ ବୋର୍ଡରେ ଏସ୍‌ବିଆଇର ଜଣେ ନୋମିନି ନିର୍ଦ୍ଦେଶକ ରହିବେ। ଆର୍‌ବିଆଇ ଜଣେ ଅତିରିକ୍ତ ନିର୍ଦ୍ଦେଶକଙ୍କୁ ବୋର୍ଡରେ ନିଯୁକ୍ତ କରିବ। ବୋର୍ଡରେ ଏମାନେ ଗୋଟିଏ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ ବୋଲି ଏସ୍‌ବିଆଇ ପକ୍ଷରୁ ସୂଚନା ରହିଛି।

କ୍ଷତିଗ୍ରସ୍ତ ଘରୋଇ କ୍ଷେତ୍ର ବ୍ୟାଙ୍କ ୟେସ୍ ବ୍ୟାଙ୍କର ପୁନରୁଦ୍ଧାର ଲାଗି ରିଜର୍ଭ ବ୍ୟାଙ୍କ ଡ୍ରାଫ୍ଟ ସ୍କିମ ଶୁକ୍ରବାର ଜାରି କରି ସାରିଛି। ଏହି ବ୍ୟାଙ୍କରେ ନିବେଶ ନେଇ ଷ୍ଟେଟ୍ ବ୍ୟାଙ୍କ ରେ ନିବେଶ ନେଇ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଆଗ୍ରହୀ ରହିଛି। ଏହାବାଦ ଏସ୍‌ବିଆଇ ୧୦ ହଜାର କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଥିବା ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ଶନିବାର ସୂଚନା ଦେଇଛନ୍ତି। ୟେସ୍ ବ୍ୟାଙ୍କ ପୁନରୁଦ୍ଧାର ଯୋଜନା ସମ୍ପର୍କରେ ସୂଚନା ଦେଇ କୁମାର କହିଛନ୍ତି ଯେ, ଷ୍ଟ୍ରାଟେଜିକ ଇନଭେଷ୍ଟର ବ୍ୟାଙ୍କକୁ ୪୯% ଅଂଶଧନ ହାସଲ କରିବାକୁ ପଡିବ। ବ୍ୟାଙ୍କରେ ପୁଞ୍ଜି ପ୍ରଦାନ କରାଯିବା ପରଠାରୁ ୩ ବର୍ଷ ଯାଏ ୨୬%ରୁ କମ୍ କରିପାରିବେ ନାହିଁ। ୟେସ୍ ବ୍ୟାଙ୍କରେ ନିବେଶ ସୁଯୋଗ ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାର କରିବା ଲାଗି ଏସ୍‌ବିଆଇ ବୋର୍ଡ ନୀତିଗତ ମଞ୍ଜୁରୀ ପ୍ରଦାନ କରିଛି। ଯଦି ଏସ୍‌ବିଆଇ ୟେସ୍ ବ୍ୟାଙ୍କରେ ପ୍ରମୁଖ ନିବେଶକ ହୁଏ ତେବେ ଏହାକୁ ୪୯% ଅଂଶଧନ ହାସଲ କରିବାକୁ ପଡିବ। ଏହାବାଦ ତୁରନ୍ତ ଭିତ୍ତିରେ ୨୪୫୦ କୋଟି ଟଙ୍କା ନିବେଶ କରିବାକୁ ହେବ।

କୁମାର ଖବରଦାତାଙ୍କୁ କହିଛନ୍ତି ଯେ, ଏସ୍‌ବିଆଇ ଏହି ଯୋଜନା ଲାଗି ୧୦ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିସାରିଛି। ବ୍ୟାଙ୍କରେ ଅଧିକ ପୁଞ୍ଜି ନିବେଶ ଆବଶ୍ୟକତା ପଡିଲେ ତେବେ ଏ ଦିଗରେ ଯୋଜନା ହାତକୁ ନିଆଯିବ। ବର୍ତ୍ତମାନ ୟେସ୍ ବ୍ୟାଙ୍କ ବଜାରରୁ ପୁଞ୍ଜି ଉଠାଇବା ଲାଗି ଅସୁବିଧା ସାମ୍ନା କରୁଛି। ଚଳିତ ଆର୍ଥିକବର୍ଷ ଲାଗି ତ୍ୱରିତ ଭିତ୍ତିରେ ୨ ବିଲିୟନ ଡଲାରର ପୁଞ୍ଜି ଆବଶ୍ୟକତା ରହିଛି। ଆର୍‌ବିଆଇର ଡ୍ରାଫ୍ଟ ସ୍କିମ ପେପର ହସ୍ତଗତ ହୋଇଥିବା ବେଳେ ନିବେଶ ଏବଂ ବିଭିନ୍ନ ଆଇନଗତ ଧାରା ଉପରେ ବିଚାର କରାଯାଉଥିବା କୁମାର ସ୍ପଷ୍ଟ କରିଛନ୍ତି। ଏ ଦିଗରେ କୌଣସି ନିର୍ଯାସ ବାହାରିବା ପରେ ରିଜର୍ଭ ବ୍ୟାଙ୍କକୁ ଉତ୍ତର ରଖାଯିବ।

## ସରକାରଙ୍କ ନିୟନ୍ତ୍ରଣକୁ ଆସୁ ଘରୋଇ ବ୍ୟାଙ୍କ: ବ୍ୟାଙ୍କ ସଂଘ

ଘରୋଇ କ୍ଷେତ୍ର ବ୍ୟାଙ୍କରେ ଗୋଟିଏ ପରେ ଗୋଟିଏ ସମସ୍ୟା ଦେଖା ଦେଉ ଥିବାରୁ ଏ ନେଇ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ (ଏଆଇବିଇଏ) ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ୟେସ୍ ବ୍ୟାଙ୍କ ଭଳି ଘଟଣା ପ୍ରତି ରିଜର୍ଭ ବ୍ୟାଙ୍କ ଉତ୍ତରଦାୟୀ ହେବା ଉଚିତ। ସବୁ ଘରୋଇ କ୍ଷେତ୍ର ବ୍ୟାଙ୍କକୁ ସରକାର ନିୟନ୍ତ୍ରଣକୁ ନିଅନ୍ତୁ ବୋଲି ସଂଘ ପକ୍ଷରୁ ସରକାରଙ୍କୁ କୁହାଯାଇଛି। ଲୋକଙ୍କ କଷ୍ଟ ଉପାର୍ଜିତ ଅର୍ଥ ବ୍ୟାଙ୍କରେ ରହୁଥିବା ବେଳେ କିଛି ଲୋକଙ୍କ ଭୁଲ ପାଇଁ ଲୋକମାନେ ହଇରାଣ ହେଉଛନ୍ତି। ଏଭଳି ଭୁଲ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଜମାକାରୀଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଜରୁରୀ ଭିତ୍ତିରେ ସରକାର ୟେସ୍ ବ୍ୟାଙ୍କକୁ ନିୟନ୍ତ୍ରଣରେ ରଖନ୍ତୁ ବୋଲି ଏଆଇବିଇଏ ସାଧାରଣ ସମ୍ପାଦକ ସି.ଏଚ୍.ଭେଙ୍କଟଚଲମ କହିଛନ୍ତି।

## ସରକାରଙ୍କ ଭୁଲ ଯୋଗୁ ସମସ୍ୟା: ଚିଦାମ୍ବରମ୍



ୟେସ୍ ବ୍ୟାଙ୍କ ସମସ୍ୟାକୁ ନେଇ ଶନିବାର କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାରଙ୍କ ଭୁଲ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସେ ମତବ୍ୟକ୍ତ କରିଛନ୍ତି। ବିତ୍ତୀୟ ଅନୁଷ୍ଠାନ ପରିଚାଳନା କ୍ଷେତ୍ରରେ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଭୁଲ ପରିଚାଳନା ଯୋଗୁ ୟେସ୍ ବ୍ୟାଙ୍କ ଭଳି ସମସ୍ୟା ସାମ୍ନାକୁ ଆସିଥିବା କହି କେନ୍ଦ୍ର ସରକାରଙ୍କୁ ଚିଦାମ୍ବରମ୍ ଟାର୍ଗେଟ କରିଛନ୍ତି। ଏହି ଘଟଣା ଉପରେ ରିଜର୍ଭ ବ୍ୟାଙ୍କ ତୁରନ୍ତ ତଦନ୍ତ କରିବା ନେଇ ସେ ଦାବି କରିଛନ୍ତି। ଏହାବାଦ ଲୋକଙ୍କ ଭରସା ଜଡିତ ଥିବାରୁ ଉତ୍ତରଦାୟିତ୍ୱ ସହ ଏହି ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଚିଦାମ୍ବରମ୍ ମତ ରଖିଛନ୍ତି। ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ହେଉଥିବା ନିବେଶକୁ ସେ ନିନ୍ଦା କରିଛନ୍ତି। ୟେସ୍ ବ୍ୟାଙ୍କ ବ୍ୟାଙ୍କିଙ୍ଗ ନୁହେଁ ବେଆଇନ କାମରେ ଜଡିତ ଥିଲା। ବେଆଇନ ଋଣ ପ୍ରଦାନ ଦ୍ୱାରା ସ୍ଥିତି ଖରାପ ହୋଇଥିବା ବେଳେ ଏଥିଲାଗି ସରକାର ମଧ୍ୟ ଦାୟୀ ରହିଥିବା ସେ ଅଭିଯୋଗ କରିଛନ୍ତି।

# ଲୁମିନସ୍‌ର ପ୍ରିମିୟମ ଫ୍ୟାନ୍ ରେଞ୍ଜ



ଭୁବନେଶ୍ୱର,୭–୩

ଲୁମିନସ୍ ପାୱାର ଟେକ୍ନୋଲୋଜି ପକ୍ଷରୁ ପ୍ରିମିୟମ ଫ୍ୟାନ ରେଞ୍ଜର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ସିଗ୍‌ନେଚର ଶୃଙ୍ଖଳାରେ ଏହି ଫ୍ୟାନଗୁଡିକୁ ବଜାରକୁ ଆଣିଛି। ନ୍ୟୁୟର୍କ ମାଡିସନ, ଜୟପୁର ମହଲ, ରିଓ ବେଲ୍‌ଏୟାର, ରିଓ କ୍ୟାବାନା ଥିମ୍‌ରେ କମ୍ପାନୀ ୪ ନୂଆ ଫ୍ୟାନ ଉପଲବ୍ଧ କରାଉଛି। ପ୍ରିମିୟମ ବର୍ଗରେ ଫ୍ୟାନ ବିକ୍ରି ବଢୁଥିବାରୁ ଏହାକୁ ଧ୍ୟାନରେ ରଖି କମ୍ପାନୀ ନୂଆ ଯୋଜନା ହାତକୁ ନେଇଛି। କମ୍ପାନୀର ଫ୍ୟାନ ବାଣିଜ୍ୟକୁ ଡିଜାଇନର ଫ୍ୟାନ ରେଞ୍ଜ ୨୫% ଯୋଗଦାନ ରଖିବା ନେଇ ଏହା ଆଶା ପ୍ରକଟ କରିଛି। ପ୍ରିମିୟମ ଫ୍ୟାନ ବର୍ଗଦ୍ୱାରା ଅଭିବୃଦ୍ଧି ନେଇ ଯୋଜନା ରଖାଯାଇଥିବା ଲୁମିନସ୍ ପାୱାର ଟେକ୍ନୋଲୋଜିର ବରିଷ୍ଠ ଉପସଭାପତି ଜିତେନ୍ଦର ଅଗ୍ରୱାଲ ସୂଚନା ଦେଇଛନ୍ତି। ନୂଆ ଫ୍ୟାନଗୁଡିକରେ ଗ୍ରାହକମାନେ ଲକ୍ସୁରୀ ଏବଂ ଡିଜାଇନ ବିକଳ୍ପ ଲାଭ କରିପାରିବେ।

# ଓଡିଏମ୍ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ଜାତୀୟ ସମ୍ମାନ




ଭୁବନେଶ୍ୱର,୭–୩: ପଟିଆ ଶିଶୁ ବିହାର ସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ସଧାରାଣୀ ସ୍ୱାଇଁଙ୍କୁ ଜାତୀୟ ସମ୍ମାନ ମିଳିଛି। ସୃଜନାତ୍ମକ ଶ୍ରେଣୀ ଶିକ୍ଷା 'ଆଇ ଟିଚ୍ ମାଇଁ ପ୍ୟାରେଣ୍ଟସ' ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍ଏଚ୍ଆର୍‌ଡି) ମନ୍ତ୍ରୀ ରମେଶ ପୋଖରିଆଲ, ସ୍ୱାଇଁଙ୍କୁ ନୂଆଦିଲ୍ଲୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ କରିଛନ୍ତି। ଶ୍ରୀ ଅରବିନ୍ଦ ସମାଜ ଏବଂ ଜେଡଆଇଆଇଇଆଇ ପକ୍ଷରୁ ଆଇଆଇଟି ନୂଆଦିଲ୍ଲୀରେ ଓଡିଶାରୁ ୧୧ ଜଣ ପ୍ରତିଭାବାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ପ୍ରକାଶ ଜାଭଡେକର, ଅନୁରାଗ ସିଂ ଠାକୁର, ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଉଦବୋଧନ ହେଇଥିଲେ। ସିକିମ, ପୁଡୁଚେରୀ ଏବଂ ନାଗାଲାଣ୍ଡର ଶିକ୍ଷା ସଚିବ, ନୀତି ଆୟୋଗ ସଚିବ, ଏନ୍‌ସିଟିଇର ମୁଖ୍ୟ ଡ.ସତ୍‌ବୀର ବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳତା ଲାଗି ସ୍ୱାଇଁଙ୍କୁ ଓଡିଏମ୍ ସ୍କୁଲର ପ୍ରତିଷ୍ଠାତା ସତ୍ୟବ୍ରତ ମୀନକେତନ, ପରିଚାଳିକା ଇନ୍ଦୁମତି ରାୟ, ଉପନିର୍ଦ୍ଦେଶକ ସ୍ୱୟମ ସତ୍ୟେନ୍ଦୁ ଶୁଭେଚ୍ଛା ଜଣାଇଛନ୍ତି।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ




ଭୁବନେଶ୍ୱର,୭–୩: ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଗଜଜ୍ୟୋତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ମାଷ୍ଟରସେଫ୍ ପ୍ରତିଯୋଗିତା, ଓପନ ମାଇକ, ରୋଡ ଶୋ, ରଙ୍ଗୋଲି ଏବଂ ଫେସପେଣ୍ଟିଂ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାବାଦ ଷ୍ଟ୍ରିଟ ପ୍ଲେ, ଆର୍ଟ ଆଣ୍ଡ କ୍ରାଫ୍ଟ, ଷ୍ଟ୍ରିଟ ମ୍ୟୁଜିକ ଶୋ ଆୟୋଜନ ନେଇ ଯୋଜନା ରହିଛି। ପ୍ରୋଜେକ୍ଟ ଏକ୍ସପୋରେ ଛାତ୍ରୀଛାତ୍ର ଏବଂ ଫାକଲଟି ନିଜର ପ୍ରୋଜେକ୍ଟ, ପ୍ରଡକ୍ଟ ଏବଂ ଏକ୍ସପେରିମେଣ୍ଟ ପ୍ରଦର୍ଶନ କରିଛନ୍ତି। ଆଖ ପାଖ କଲେଜ ଏବଂ ସ୍କୁଲରୁ ଛାତ୍ରୀଛାତ୍ର ପରିଦର୍ଶନ କରି ପ୍ରକଳ୍ପଗୁଡିକୁ ଦେଖିଛନ୍ତି। ୩୦ରୁ ଊର୍ଦ୍ଧ୍ୱ ଷ୍ଟଲ ସ୍ଥାପନ କରାଯିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କୌଶଳ ପ୍ରଦର୍ଶନ କରାଯାଇଛି। ଏହି ସମୟ ମଧ୍ୟରେ ସ୍କୁଲ ଅଫ୍ ଫାର୍ମାସୀ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଏବଂ ଆଖି ପରୀକ୍ଷା କ୍ୟାମ୍ପ ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସୁପ୍ରିୟା ପଟ୍ଟନାୟକ, ଏକାଡେମିକ ଡିନ ଡ.ପ୍ରଶାନ୍ତ ମହାନ୍ତି, ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ପାଢୀ ଏବଂ ଆଡମିଶନ ମୁଖ୍ୟ ସୁକାନ୍ତ ପରିଡା ଏହି ଅବସରରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଛନ୍ତି।


## ORISSA STATE AIDS CONTROL SOCIETY (OSACS)

(Department of Health & Family Welfare), Government of Odisha

Letter No.IX-OSACS-ART-08/2019-20(P): 957/OSACS Dated:07.03.2020

**CORRIGENDUM**

**Against the previous Advertisement No. IX-OSACS-ART-08/2019-20/38/OSACS Dated: 03.01.2020**

The Orissa State AIDS Control Society (OSACS) on behalf of the ART Plus Centre, ART Centres, Facility Integrated (FI)-ART Centres and Link ART Plus Centres invites applications from eligible candidates who are citizens of India to fill-up different category of posts as per the place of posting mentioned below to be posted on contractual basis for implementation of HIV/AIDS programme in the State under National AIDS Control Programme (NACP) as per the details mentioned below :

| Sl. No. | Category of Post | Place of Posting | No. of Post | Monthly consolidated Remuneration (Rs.) |
|---|---|---|---|---|
| 1 | Counsellor | ART Centre, DHH, Angul / Balasore / Puri | 03 | 13,000/- |
| 2 | Lab. Technician | ART Centre, MKCG Medical College, Berhampur/ DHH, Balangir/ Bhadrak/ Puri | 04 | 13,000/- |
| 3 | Data Manager | ART Centre, Veer Surendra Sai Institute of Medical Sciences & Research (VIMSAR), Burla, Sambalpur / DHH, Angul / Balasore, Balangir/ Capital Hospital, Bhubaneswar | 05 | 13,000/- |
| 4 | Staff Nurse | ART Centre, MKCG Medical College, Berhampur/ DHH, Nabarangpur/SDH, Bhanjanagar / FI-ART Centre, DHH, Rayagada / Link ART Centre Plus, CHC, Aska / Khallikote / Polasara | 07 | 13,000/- |
| 5 | Care Coordinator | SDH, Bhanjanagar | 01 | 6,000/- |

Eligible candidates for the above mentioned posts should have maximum age limit of 45 years and all the applicants are hereby requested to apply directly to the concerned Nodal Officer of ART Centres & FI-ART Centres and Medical Officer I/C of Link ART Plus Centres through Registered Post Speed Post only as per the address mentioned in the website by superscription of the post for apply on the top of the envelope and submit their bio-data and other required documents in the prescribed format on or before 16th March, 2020.

The prescribed format for submission of application, remuneration, qualification, experience, duties & responsibilities, other terms and conditions along with the address to whom apply are available in the websites of www.osacs.nic.in and www.orissa.gov.in. The authority reserves the right to accept reject any or all application(s) without assigning any reasons thereof.

**N.B.:** Those who have already applied for the eligible posts to the respective centres, they are requested to need not apply again. The application(s) submitted to Orissa State AIDS Control Society (OSACS), Bhubaneswar office will summarily be rejected without assigning any notice thereof.

**Sd./- Project Director**

**2nd Floor, Oil Odisha Building, Nayapalli, Bhubaneswar, Ph: (0674) 2395415/2393235 Fax: 2394560 E-mail: orissasacs@gmail.com; sacorissa@sify.com; sacs_orissa@nacoindia.org**

## ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍

omfed www.omfed.com

ଡି-୨, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭

**ଖାଉଟି ଜନସାଧାରଣଙ୍କ ନିମନ୍ତେ ସୂଚନା**

No.CAD-1073 :- ଏତଦ୍ୱାରା ଓମ୍‌ଫେଡ୍‌ର ସମସ୍ତ ଖାଉଟିମାନଙ୍କୁ ଜଣାଇ ଦିଆଯାଉଅଛି କି, ଚାଷୀମାନଙ୍କଠାରୁ ଦୁଗ୍ଧର ସଂଗ୍ରହ ମୂଲ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ପ୍ୟାକେଟ୍ ଦୁଗ୍ଧର ଦର ତା୦୮।୦୩।୨୦୨୦ରିଖଠାରୁ ଲିଟର ପିଛା ୨ଟଙ୍କା ବୃଦ୍ଧି କରିଛନ୍ତି। ନିମ୍ନରେ ନୂତନ ଦୁଗ୍ଧ ମୂଲ୍ୟସୂଚୀ ପ୍ରଦାନ କରାଗଲା।

| ଦୁଗ୍ଧର ପ୍ରକାର | ପୂର୍ବ ଦର | ବର୍ଦ୍ଧିତ ଦର |
|---|---|---|
| ଟୋନ୍‌ଡ ଦୁଗ୍ଧ (୫୦୦ ମି.ଲି.) | ଟ.୧୯.୦୦ | ଟ.୨୦.୦୦ |
| ପ୍ରିମିୟମ ଦୁଗ୍ଧ (୫୦୦ ମି.ଲି.) | ଟ.୨୨.୦୦ | ଟ.୨୩.୦୦ |
| ଗୋଲ୍ଡ ପ୍ରିମିୟମ (୫୦୦ ମି.ଲି.) | ଟ.୨୨.୦୦ | ଟ.୨୩.୦୦ |

ଓମ୍‌ଫେଡ୍ ନିକଟରେ ବର୍ତ୍ତମାନ ଗଚ୍ଛିତ ଥିବା ପୁରୁଣା ପଲିଥିନ୍ ସରିବା ପର୍ଯ୍ୟନ୍ତ ଛପାଥିବା ଦର ପରିବର୍ତ୍ତେ ନୂତନ ଦରରେ ଖାଉଟିମାନେ ଦୁଗ୍ଧ କ୍ରୟ କରିବେ। ଏଥିରେ ଓଡ଼ିଶାର ଖାଉଟି ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ।

**ପରିଚାଳନା ନିର୍ଦ୍ଦେଶକ**

OIPR- 06063/11/0014/1920

## Institute of Hotel Management Catering Technology & Applied Nutrition

VEER SURENDRASAI NAGAR, BHUBANESWAR-751010

Website: www.ihmbbs.org, Email: hospitality@ihmbbs.org

**TENDER CALL NOTICE**

Quotations are invited for AMC for **(i)** Supply of Office Stationery **(ii)** Supply of Cleaning Materials **(iii)** Maintenance of Gas Appliances and Supply of Vehicles (Minibus and Cab. Etc.)

Interested registered shops/firms may visit our website **www.ihmbbs.org** for details.

**Sd/- Principal**

## DISTRICT PROJECT OFFICE SAMAGRA SHIKSHA, NABARANGPUR

**No.649 SC/ST/2020 Date: 03.03.2020**

**TENDER FOR PRINTING AND SUPPLY OF Teacher's ID cards to elementary teachers of Govt. School of Nabarangpur District**

Sealed tenders under two bid system are invited in prescribed format from the registered Offset Printing firms for printing and supply of Teacher's ID cards. The details of the Tender Paper along with the terms & conditions can be downloaded from website www.opepa.in or www.nabarangpur.nic.in from 10.00 A.M. of dt.03.03.2020 to 5.30 P.M. of dt.06.04.2020. The tender shall be opened at 11.00 A.M. on dt.07.04.2020 in the office of the District Project Coordinator, Samagra Shiksha, Nabarangpur in the presence of the bidders or their authorized representatives.

**By order of Collector-cum-Chairperson**
**Sd./- District Project Coordinator,**
**RTE-SS, Nabarangpur**

GOVERNMENT OF ODISHA

## HOUSING & URBAN DEVELOPMENT DEPTT. OFFICE OF THE MUNICIPAL COUNCIL, BELPAHAR

Tel.: 06645-250458, Fax: 06645-250236, E-mail: nacbelpahar@gmail.com

**"e-Procurement Notice"**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| Sl. No. | Bid Reference No. | Bid Identification No. | Name of the Work | Package No. | Estimated Cost (In Laksh) | Period of Completion | Date & Time for availability of the bid documents in the portal | Last date & time for receipt of bids in the portal | Submission of hard copies of uploaded documents | Date & Time for opening of Technical Bid | Name & address of the Officer Inviting Bid |
|---|---|---|---|---|---|---|---|---|---|---|---|
| 1. | EO/BPHM/10/2019-20 | 2020_ORULB_60533 | Reclamation of Water bodies at Belpahar Municipality i.e. Gumadera Suru Kanta, Muchhbahal Kanta. | II | 284.61 | 12 Calendar Months | From Dt.09.03.2020 at 10.00 A.M. to Dt.25.03.2020 upto 5.00 P.M. | Dt.25.03.2020 upto 5.00 P.M. | From Dt.26.03.2020 at 10.00 A.M. to Dt.30.03.2020 upto 5.00 P.M. | 11.00 A.M. and onwards on Dt.31.03.2020 | Executive Officer, Belpahar Municipality |
| 2. | EO/BPHM/11/2019-20 | 2020_ORULB_60534 | Reclamation of Water bodies at Belpahar Municipality i.e. Junadihi Bandha, Jurabaga Kanta. | III | 349.22 | 12 Calendar Months | | | | | |
| 3. | EO/BPHM/12/2019-20 | 2020_ORULB_60535 | Reclamation of Water bodies at Belpahar Municipality i.e. Junadihi Kanta. | IV | 294.29 | 12 Calendar Months | | | | | |
| 4. | EO/BPHM/13/2019-20 | 2020_ORULB_60536 | Reclamation of Water bodies at Belpahar Municipality i.e. Garrakhai Kanta. | V | 245.39 | 12 Calendar Months | | | | | |
| 5. | EO/BPHM/14/2019-20 | 2020_ORULB_60537 | Reclamation of Water bodies at Belpahar Municipality i.e. Gountia Kanta. | VI | 338.76 | 12 Calendar Months | | | | | |

Further the details can be seen from the procurement portal: **www.tendersorissa.gov.in**. If any addendum/corrigendum/cancellation of tender shall be published in the above website only.

**Sd./- Executive Officer, Belpahar Municipality**



"ଦୁଇ ବର୍ଷ ପୂର୍ବେ ପାକିସ୍ତାନ ଟୁର୍‌ରେ ଆସିବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡକୁ ୱେଷ୍ଟଇଣ୍ଡିଜ ଖେଳାଳିଙ୍କୁ ଜଣ ପିଛା ୨୫,୦୦୦ ଡଲାର ଦେବାକୁ ପଡ଼ିଥିଲା ।
–ଏହେସାନ ମନି, ପାକିସ୍ତାନ କ୍ରିକେଟ ବୋର୍ଡ ମୁଖ୍ୟ

"ରବିବାର ଫାଇନାଲରେ ଭାରତର ବିସ୍ଫୋରକ ବ୍ୟାଟ୍ସଓମ୍ୟାନ ଶେଫାଳି ବର୍ମାଙ୍କୁ ରୋକିବାକୁ ହେଲେ ଅଷ୍ଟ୍ରେଲିଆକୁ ମାଇଣ୍ଡ ଗେମ୍ ଖେଳିବାକୁ ପଡ଼ିବ ।
–ଡାନି ୟାଟ୍, ଇଂଲଣ୍ଡ ଓପ୍‌ନିଂ ବ୍ୟାଟ୍ସଓମ୍ୟାନ



## ସଂକ୍ଷେପରେ

### ଦେବାଶିଷଙ୍କୁ ଟାଇଟଲ୍



**ଭୁବନେଶ୍ୱର, ୭।୩ (ସ୍ପୋର୍ଟ୍ସ ବ୍ୟୁରୋ):** କୋଲକାତାର ବେଙ୍ଗଲ ଟେନିସ ଆସୋସିଏଶନ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ବାଳକ ସୁପର୍ ସିରିଜ ପ୍ରତିଯୋଗିତାରେ ଓଡ଼ିଶାର ଦେବାଶିଷ ସାହୁ ଚାମ୍ପିୟନ ହୋଇଛନ୍ତି। ବାଳକ ସିଙ୍ଗଲ୍ସ ବର୍ଗର ଫାଇନାଲରେ ଦେବାଶିଷ ୬-୩, ୬-୩ ସିଧାସଳଖ ସେଟ୍‌ରେ ମଣିପୁରର ଅଶ୍ୱଜିତ୍ ସଞ୍ଜମଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏଥିପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲା ଦେବାଶିଷ ୭-୬ (୧), ୬-୨ ସେଟ୍‌ରେ ପଞ୍ଜାବର ରିଜୁଲ ଭାଟିଆଙ୍କୁ ହରାଇଥିଲେ। ଏହି ପ୍ରତିଯୋଗିତାରେ ଚାମ୍ପିୟନ ହେବା ସହ ଦେବାଶିଷ ୫୦ ଏଆଇଟିଏ ପଏଣ୍ଟ ଅର୍ଜନ କରିଛନ୍ତି।

### ଡେଭିସ କପ୍‌ରେ ହାତ ମିଳାଇଲେ ନାହିଁ ଖେଳାଳି

**ପ୍ୟାରିସ, ୭।୩(ଏଏଫ୍‌ପି)-** କରୋନା ଭାଇରସ୍ ଆତଙ୍କ ସତ୍ତ୍ୱେ ଡେଭିସ କପ୍ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ମ୍ୟାଚ୍ ଶେଷ ହେବା ପରେ ଖେଳାଳିମାନେ ହାତ ମିଳାଇ ନ ଥିଲେ। କରୋନା ଭାଇରସ୍ ଯୋଗୁ ଖେଳାଳିଙ୍କୁ ହାତ ନ ମିଳାଇବାକୁ ପରାମର୍ଶ ଦିଆଯାଇଛି। ଏଣୁ ସେମାନେ ପରସ୍ପରକୁ ଫିଷ୍ଟ ବମ୍ପସ ଦେଇଥିଲେ। ମ୍ୟାଚ୍‌ବେଳେ ବଲ ବୟ ଓ ଗର୍ଲ ଖେଳାଳିଙ୍କ ଟାଉଲଠାରୁ ଦୂରେଇ ରହିଥିଲେ। ଏପରି କି ମ୍ୟାଚ୍ ସମ୍ପୂର୍ଣ୍ଣ ଖାଲି ଏରିନାରେ ଖେଳାଯାଇଥିଲା। ଅଷ୍ଟ୍ରେଲିଆରୁ ଜାପାନ, ସେଠାରୁ ୟୁରୋପ ଓ ଦକ୍ଷିଣ ଆମେରିକାରେ ୧୨ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି। ପୂର୍ବରୁ ଡିଫେଣ୍ଡିଂ ଚାମ୍ପିୟନ ସ୍ପେନ, ୨୦୧୯ ରନର୍ସଅପ୍ କାନାଡା, ସେମିଫାଇନାଲିଷ୍ଟ ଗ୍ରେଟ ବ୍ରିଟେନ ଓ ରୁଷିଆ, ୱାଇଲ୍ଡକାର୍ଡ ଫ୍ରାନ୍ସ ଓ ସର୍ବିୟା ନଭେମ୍ବରରେ ମାଡ୍ରିଡ୍‌ଠାରେ ଫାଇନାଲ ଖେଳିବେ।

### ନିରପେକ୍ଷ ଭେନ୍ୟୁରେ ଖେଳାଯିବ ଏସିଆ କପ୍

**କରାଚୀ, ୭।୩ (ପି.ଟି.):** ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଏସିଆ କପ୍ ନିରପେକ୍ଷ ଭେନ୍ୟୁରେ ଅନୁଷ୍ଠିତ ହେବ। ଏହା ଶନିବାର ସ୍ୱୀକାର କରିଛନ୍ତି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମୁଖ୍ୟ ଏହଶାନ ମାନି। ନିକଟରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଥିଲେ, ସୁରକ୍ଷାଗତ କାରଣରୁ ପାକିସ୍ତାନରେ ଭାରତ ଖେଳିପାରିବ ନାହିଁ। ଏଣୁ ଏସିଆ କପ୍ ୟୁଏଇଠାରେ ଖେଳାଯିବ। ସେତେବେଳେ ଏହାକୁ ଅସ୍ୱୀକାର କରିଥିଲେ ମାନି। କିନ୍ତୁ ଶନିବାର ପିସିବି ମୁଖ୍ୟ ନିଜ ମନ୍ତବ୍ୟ ବଦଳାଇ ଦେଇଛନ୍ତି। ଆମକୁ ଏସିଆନ କ୍ରିକେଟ କାଉନ୍ସିଲ(ଏସିସି)ର ସମସ୍ତ ଆସୋସିଏଟ୍ ସଦସ୍ୟଙ୍କ ଲାଭ ସମ୍ପର୍କରେ ଚିନ୍ତା କରିବାକୁ ପଡ଼ିବ। ପାକିସ୍ତାନ ଗସ୍ତ ଲାଗି ଭାରତ ରାଜି ନ ଥିବାରୁ ଆମେ ଏସିଆ କପ୍ ଆୟୋଜନ କରିବା ଉଚିତ ହେବ ନାହିଁ। ଏଣୁ ନିରପେକ୍ଷ ଭେନ୍ୟୁ ହିଁ ଏକମାତ୍ର ବିକଳ୍ପ। ମାତ୍ର ଏ ସମ୍ପର୍କରେ ଏସିସି ସଦସ୍ୟ ନିଷ୍ପତ୍ତି ନେବେ ବୋଲି ମାନି କହିଛନ୍ତି।

### ବାଂଲାଦେଶର ବୃହତ୍ ବିଜୟ

**ସିଲହେଟ, ୭।୩:** ବର୍ଷା ବାଧାପ୍ରାପ୍ତ ଜିମ୍ବାୱେ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ଡକ୍‌ୱର୍ଥ/ଲୁଇସ୍ ନିୟମରେ ୧୨୩ ରନରେ ବିଜୟୀ ହୋଇଛି। ଟସ୍ ହାରି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୪୩ ଓଭରରେ ୩ ଉଇକେଟ ହରାଇ ୩୨୨ ରନ ସଂଗ୍ରହ କରିଥିଲା। ପୁଣି ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା କାରଣରୁ ଜିମ୍ବାୱେ ସମ୍ମୁଖରେ ସମାନ ୪୩ ଓଭରରେ ୩୪୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ଜିମ୍ବାୱେ ୩୭.୩ ଓଭରରେ ୨୧୮ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା।

# କ୍ରିକେଟକୁ ୱାସିମ ଜାଫରଙ୍କ ଅଲ୍‌ବିଦା



**ମୁମ୍ବାଇ, ୭।୩ (ପି.ଟି.):** ପୂର୍ବତନ ଭାରତୀୟ ଓପନର ୱାସିମ ଜାଫର ଶନିବାର କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିସହ ଏକ ଯୁଗର ଅବସାନ ଘଟିଛି। ୪୨ ବର୍ଷୀୟ ଜାଫର ଅନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ୩୧ ଟେଷ୍ଟରେ ପ୍ରତିନିଧିତ୍ୱ କରି ୩୪.୧୧ ହାରରେ ୧,୯୪୪ ରନ୍ କରିଥିଲେ। ଛୋଟିଆ କ୍ୟାରିୟରରେ ୫ ଶତକ ଓ ୧୧ ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ହେଉଛି ୨୧୨। ପ୍ରଥମତଃ ମୁଁ ସବୁକିଛି ପାଇଁ ଭଗବାନଙ୍କୁ ଧନ୍ୟବାଦ ଦେଉଛି। ଭଗବାନ ମୋତେ ଏହି କ୍ରୀଡ଼ାରେ ଖେଳିବା ଲାଗି ପ୍ରତିଭା ଦେଇଥିଲେ। କ୍ରିକେଟ କ୍ୟାରିୟର ଜାରି ରଖିବାକୁ ପରିବାର ବର୍ଗ ମୋତେ ଉତ୍ସାହିତ କରିଥିଲେ। ମୋର ସମସ୍ତ କୋଚ୍‌ଙ୍କୁ ଅନେକ ଅନେକ ଧନ୍ୟବାଦ୍। ସ୍କୁଲବେଳେ କୋଚ୍ ମୋ ପ୍ରତିଭାକୁ ଚିହ୍ନଟ କରି ଅଧିକ ତୀକ୍ଷ୍ଣ କରିଥିଲେ। ମୋ ଉପରେ ବିଶ୍ୱାସ ଦେଖାଇଥିବାରୁ ଚୟନକର୍ତ୍ତାଙ୍କ ନିକଟରେ ମୁଁ କୃତଜ୍ଞ ବୋଲି ରଣଜୀ ଟ୍ରଫି ଇତିହାସର ସର୍ବାଧିକ ରନ୍ କରିଥିବା ଜାଫର କହିଛନ୍ତି। ସେ ଦେଶର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ରଣଜୀ ଟୁର୍ନାମେଣ୍ଟରେ ୧୨ ହଜାର ରନ୍ କରିଛନ୍ତି। ସର୍ବାଧିକ ୧୫୦ ରଣଜୀ ମ୍ୟାଚ୍ ଖେଳିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ୱେଷ୍ଟଇଣ୍ଡିଜରେ ଦ୍ୱିଶତକ ହାସଲ କରିଥିବା ଅଳ୍ପ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଜାଫର ଅନ୍ୟତମ। ସେ ସେଣ୍ଟ ଲୁସିଆଠାରେ ୨୧୨ ରନ୍‌ର ଇନିଂସ ଖେଳିଥିଲେ। ସେ କ୍ୟାରିୟରରେ ପ୍ରାୟତଃ ମୁମ୍ବାଇ ପାଇଁ ଖେଳିଥିଲେ। ଗତ ତିନି ସିଜନ ହେଲା ସେ ବିଦର୍ଭ ପାଇଁ ଖେଳୁଥିଲେ। ତାଙ୍କ ପ୍ରତିନିଧିତ୍ୱରେ ବିଦର୍ଭ କ୍ରମାଗତ ଦୁଇ ଥର ରଣଜୀ ଚାମ୍ପିୟନ ହୋଇଥିଲା। ଷ୍ଟାଇଲିଶ ଶଟ୍ ଲାଗି ଜଣାଶୁଣା ଜାଫରଙ୍କ କଭର ଡ୍ରାଇଭ ସ୍ୱତନ୍ତ୍ର ଥିଲା। ୧୯୯୬-୯୭ ସିଜନରେ ଜାଫର ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିଲେ। ସେ ୨୬୦ ମ୍ୟାଚ୍‌ରେ ୧୯,୪୧୦ ରନ୍ କରିଥିଲେ।

**ଜାଫରଙ୍କ କ୍ୟାରିୟର**

| ଫର୍ମାଟ | ଟେଷ୍ଟ | ଦିନିକିଆ | ପ୍ରଥମ ଶ୍ରେଣୀ | ଲିଷ୍ଟ-ଏ |
|---|---|---|---|---|
| ମ୍ୟାଚ୍ | ୩୧ | ୨ | ୨୫୬ | ୧୧୮ |
| ରନ୍ | ୧,୯୪୪ | ୧୦ | ୧୯,୨୧୧ | ୪,୮୪୯ |
| ଶତକ\ଅର୍ଦ୍ଧଶତକ | ୫/୧୧ | ୦/୦ | ୫୭/୮୯ | ୧୦/୩୩ |
| ଶ୍ରେଷ୍ଠ ସ୍କୋର | ୨୧୨ | ୧୦ | ୩୧୪* | ୧୭୮* |

**ରଣ୍‌ଜୀ ଟ୍ରଫିରେ ଜାଫରଙ୍କ କୃତିତ୍ୱ**

- ଏକମାତ୍ର ଖେଳାଳି ଭାବେ ୧୫୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିଛନ୍ତି
- ୧୦ ହଜାର ରନ୍ ସଂଗ୍ରହ କରିବାରେ ଏକମାତ୍ର ବ୍ୟାଟ୍ସମ୍ୟାନ
- ୪୦ରୁ ଊର୍ଦ୍ଧ୍ୱ ଶତକ ଅର୍ଜନ
- ୮୦ ଥର ୫୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ସ୍କୋର
- ୨୦୦ରୁ ଅଧିକ କ୍ୟାଚ୍ ଧରିଛନ୍ତି।

### ଭାରତ-କାତାର ମ୍ୟାଚ୍ ସମ୍ପର୍କରେ ନିଷ୍ପତ୍ତି ମଙ୍ଗଳବାର

**ନୂଆଦିଲ୍ଲୀ, ୭।୩ (ପି.ଟି.):** ମାରାତ୍ମକ କରୋନା ଭାଇରସ ଆଶଙ୍କାରେ କାତାର ବିପକ୍ଷରେ ଖେଳାଯିବାକୁ ଥିବା ଭାରତର ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଥିବା ବିଷୟକୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ଶନିବାର ସ୍ପଷ୍ଟ କରିଛି। ଏହି ମ୍ୟାଚ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମାର୍ଚ୍ଚ ୨୬ରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା। ସେହିପରି ଜୁନ ୯ରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯିବାକୁଥିବା ମ୍ୟାଚକୁ ମଧ୍ୟ ସ୍ଥଗିତ ରଖାଯିବ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଳ ଦାସ ପ୍ରକାଶ କରିଛନ୍ତି। ଆସନ୍ତା ମଙ୍ଗଳବାର ନୂଆଦିଲ୍ଲୀରେ ଏଏଫ୍‌ସି (ଏସିଆନ ଫୁଟ୍‌ବଲ କନଫେଡେରେଶନ) ଏବଂ ଏଆଇଏଫ୍‌ଏଫ୍ ଅଫିସିଆଲଙ୍କ ମଧ୍ୟରେ ଏକ ବୈଠକ ବସିବ। ଏଥିରେ ଅନ୍ୟାନ୍ୟ ପ୍ରସଙ୍ଗ ସମେତ ଭାରତର ଅବଶିଷ୍ଟ ବିଶ୍ୱକପ୍ କ୍ୱାଲିଫାୟର୍ସ ମ୍ୟାଚଗୁଡ଼ିକ ଲାଗି ନୂଆ ତାରିଖ ସ୍ଥିର କରାଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## କ୍ୱାର୍ଟରରେ ମେରିକମ, ପଙ୍ଘାଲ

**ଅମାନ (ଜୋର୍ଡାନ), ୭।୩ (ପି.ଟି.):** ଭାରତର ଷ୍ଟାର ମହିଳା ବକ୍ସର ଏମ୍.ସି. ମେରିକମ (୫୧ କିଗ୍ରା) ଓ ଅମିତ ପଙ୍ଘାଲ (୫୨କେଜି) ଏଠାରେ ଚାଲିଥିବା ଏସିଆନ କ୍ୱାଲିଫାୟର୍ସରେ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଶନିବାର ମେରିକମ୍ ପ୍ରିକ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ୫-୦ରେ ନ୍ୟୁଜିଲାଣ୍ଡର ତାସମିନ୍ ବେନିଙ୍କୁ ପରାସ୍ତ କରିଥିଲେ। ୩୭ ବର୍ଷୀୟା ମେରିକମ୍ ଯଦି ସେମିଫାଇନାଲ୍‌ରେ ପ୍ରବେଶ କରନ୍ତି ତେବେ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବେ। ସେହିଭଳି ପୁରୁଷ ବିଭାଗରେ ଅମିତ୍ ମଙ୍ଗୋଲିଆର ଏଙ୍ଖମାନାଦାଖ ଖାର୍‌ଖୁଙ୍କୁ ହରାଇ ଦେଇଛନ୍ତି। ଅଲିମ୍ପିକ ଟିକେଟ ହାସଲ କରିବା ଲାଗି ତାଙ୍କୁ ଆଉ କେବଳ ଗୋଟିଏ ବିଜୟ ଦରକାର। ଗତବର୍ଷ ପ୍ରଥମ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଥିବା ପଙ୍ଘାଲ ଏଠାରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି। ଖାର୍‌ଖୁଙ୍କ ବିପକ୍ଷରେ ସେ ୩-୨ ବିଭାଜିତ ନିଷ୍ପତ୍ତିରେ ବିଜୟୀ ହୋଇଥିଲେ। ପଙ୍ଘାଲ ବର୍ତ୍ତମାନ ଫିଲିପାଇନ୍ସର କାର୍ଲୋ ପାଲାମଙ୍କୁ ଭେଟିବେ। ଏହି ବକ୍ସରଙ୍କୁ ପଙ୍ଘାଲ ୨୦୧୮ ଏସିଆନ ଗେମ୍ସ ସେମିଫାଇନାଲ ଏବଂ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ପରାସ୍ତ କରିଥିଲେ।

**ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସ**



ଏମ୍.ସି. ମେରିକମ୍

ବର୍ତ୍ତମାନ ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନ ପଙ୍ଘାଲ ପ୍ରଥମ ଦୁଇ ରାଉଣ୍ଡ ଲଢେଇରେ ଆକ୍ରମଣାତ୍ମକ ପ୍ରଦର୍ଶନ ସହ ପ୍ରାଧାନ୍ୟ ବିସ୍ତାର କରିଥିଲେ। ମାତ୍ର ଅନ୍ତିମ ୩ ମିନିଟ୍ ଲଢେଇରେ ମଙ୍ଗୋଲିଆନ ବକ୍ସର ପ୍ରତ୍ୟାବର୍ତ୍ତନ କରି ଚାପ ସୃଷ୍ଟି କରିଥିଲେ। ଏହି ବିଜୟ ଦ୍ୱାରା ଭାରତୀୟ ବକ୍ସର ଗତ ବର୍ଷ ବିଶ୍ୱ ମିଲିଟାରୀ ଗେମ୍ସ ପରାଜୟର ପ୍ରତିଶୋଧ ନେଇଛନ୍ତି। ଶନିବାର ଅନୁଷ୍ଠିତ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ପ୍ରି-କ୍ୱାର୍ଟରଫାଇନାଲ ବାଉଟ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ଗୌରବ ସୋଲାଙ୍କି (୫୭କେଜି) ଟପ୍ ସିଡ୍ ଉଜ୍‌ବେକିସ୍ତାନର ମିରାଜିଜ୍‌ବେକ୍ ମିର୍ଜାଖାଲିଲୋଭଙ୍କଠାରୁ ୧-୪ରେ ହାରି ଯାଇଛନ୍ତି।

### ପାଣ୍ଡ୍ୟାଙ୍କ ପାଇଁ ବାରିକେଡ୍ ଭାଙ୍ଗିଲେ ଫ୍ୟାନ

**ନବି ମୁମ୍ବାଇ, ୭।୩:** କ୍ରିକେଟରଙ୍କ ଫ୍ୟାନମାନେ ମ୍ୟାଚ୍‌ବେଳେ ନିଜ ଷ୍ଟାରଙ୍କୁ ଦେଖିବା ପାଇଁ ବାରିକେଡ୍ ଭାଙ୍ଗିବା କିଛି ନୂଆ କଥା ନୁହେଁ। ଡି. ୱାଇ. ପାଟିଲ ଷ୍ଟାଡିୟମରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିସ୍ଫୋରକ ଶତକ ପରେ ପ୍ରଶଂସକମାନେ ଗ୍ରାଉଣ୍ଡକୁ ପ୍ରବେଶ କରିଥିଲେ। ବିପିସିଏଲ ବିପକ୍ଷ ପ୍ରଥମ ସେମିଫାଇନାଲରେ ରିଲାଏନ୍ସ ୱାନ ପକ୍ଷରୁ ଖେଳୁଥିବା ହାର୍ଦ୍ଦିକ ୫୫ ବଲରେ ୧୫୮ ରନ୍‌ର ଇନିଂସ ଖେଳିଥିଲେ। ପୂରା ଷ୍ଟାଡିୟମ ହାର୍ଦ୍ଦିକ.. ହାର୍ଦ୍ଦିକ ନାରାରେ ଗୁଞ୍ଜରି ଉଠିଥିଲା।

### ପର୍ଯ୍ୟବେକ୍ଷଣରେ ରହିପାରେ ରୁଷିଆ ମହିଳା ଫୁଟ୍‌ବଲ ଟିମ୍

**ମସ୍କୋ, ୭।୩ (ଏଏପି):** କରୋନା ଭାଇରସ୍ ଆତଙ୍କ ଯୋଗୁ ସମଗ୍ର ବିଶ୍ୱରେ କ୍ରୀଡ଼ା ଇଭେଣ୍ଟ ଆୟୋଜନରେ ବାଧା ସୃଷ୍ଟି ହୋଇଛି। ଜର୍ମାନୀରେ ଗୋଟିଏ ଗେମ୍ ଖେଳି ଫେରିଥିବା ରୁଷିଆର ମହିଳା ଫୁଟ୍‌ବଲ ଟିମ୍‌କୁ ୧୪ ଦିନ ପର୍ଯ୍ୟବେକ୍ଷଣରେ ରଖାଯାଇପାରେ। ଟିମ୍ ଡାକ୍ତର ଏଡୁଆର୍ଡ ବେଜୁଗ୍ଲୋଭ ପ୍ରକାଶ କରିଛନ୍ତି। ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତଦନୁସାରେ ଜର୍ମାନୀ ସମେତ କରୋନା ଭାଇରସ ସଂକ୍ରମଣ ଦେଖିବାକୁ ମିଳିଥିବା ଦେଶଗୁଡ଼ିକରୁ କେହି ଆସିଲେ ସେମାନଙ୍କୁ ୧୪ ଦିନ ଅଲଗା ରଖାଯିବ ଏବଂ ସେମାନଙ୍କର ଡାକ୍ତରୀ ପରୀକ୍ଷା ହେବ। ବର୍ତ୍ତମାନ ଖେଳାଳିଙ୍କ ସ୍ୱାସ୍ଥ୍ୟ ପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ମେୟରଙ୍କ ନିର୍ଦ୍ଦେଶନାମା ଅନୁସାରେ ମହିଳା ଫୁଟ୍‌ବଲ ଖେଳାଳିମାନଙ୍କୁ କିଛି ଦିନ ପୃଥକ ଭାବେ ରଖାଯିବା ସମ୍ଭାବନା ରହିଛି। ଶୁକ୍ରବାର ଜର୍ମାନୀ ସହର ୱିଜ୍‌ବାଡେନ୍‌ଠାରେ ୟୁରୋପିଆନ ଚାମ୍ପିୟନଶିପ୍‌ର ଏକ କ୍ୱାଲିଫାଇଙ୍ଗ ମ୍ୟାଚ ଖେଳାଯାଇଥିଲା। ଏଥିରେ ରୁଷିଆ ୫-୦ ଗୋଲରେ କୋସୋଭକୁ ପରାସ୍ତ କରିଥିଲା। ଏସିଆର କେନ୍ଦ୍ରାଞ୍ଚଳ ସହର କିରଗିଜସ୍ତାନରେ ଏପର୍ଯ୍ୟନ୍ତ ଜଣେ ହେଲେ କରୋନା ଭାଇରସ ସଂକ୍ରମିତ ଦେଖିବାକୁ ମିଳି ନାହିଁ। ହେଲେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏଦେଶରେ ଆଗକୁ ହେବାକୁ ଥିବା କ୍ରୀଡ଼ା ଇଭେଣ୍ଟଗୁଡ଼ିକ ସ୍ଥଗିତ ରଖାଯାଇଛି। ସ୍ୱଟଲାଣ୍ଡର ଜଣେ ରଗ୍‌ବୀ ଖେଳାଳିଙ୍କଠାରେ କରୋନା ଭାଇରସ ଠାବ କରାଯିବା ପରେ ବ୍ରିଟେନରେ ଗ୍ଲାସ୍‌ଗୋସ୍ଥିତ ସ୍କଟଷ୍ଟୋନ୍ ଲେଜର କମ୍ପ୍ଲେକ୍ସକୁ ବନ୍ଦ କରିଦିଆଯାଇଛି।

## ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

**ପୋଚେଫ୍‌ଷ୍ଟ୍ରୁମ୍, ୭।୩:** ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ୨୭ଟି ବଲ୍ ବାକି ରଖି ୬ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ଏହି ଦିନିକିଆରେ ସବୁ ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା କ୍ଲିନ୍ ସୁଇପ୍ କରିଛି। ସ୍ଥାନୀୟ ସେନୱେଜ ପାର୍କ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୫୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ମାର୍ନସ ଲାବୁସେନ ୧୦୮ ରନର ଶତକୀୟ ପାଳି ଖେଳିଥିବା ବେଳେ ଡି'ଅର୍ସି ଶର୍ଟ ୩୬, ମିଚେଲ ମାର୍ଶ ୩୨, ଅଧିନାୟକ ଆରୋନ ଫିଞ୍ଚ୍ ୨୨, ଷ୍ଟିଭେନ୍ ସ୍ମିଥ ୨୦ ରନ କରି ଆଉଟ ହୋଇଥିଲେ। ଝେ ରିଚାର୍ଡସନ ୨୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକାର ଅନରିଚ ନୋର୍ଜ ଓ ଜେ.ଜେ. ସ୍ମୁଟ୍ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୪ ଉଇକେଟ ହରାଇ ୨୫୮ ରନ କରି ବିଜୟ ହାସଲ କରିଛି। ଦଳ ତରଫରୁ ସ୍ମୁଟ ସର୍ବାଧିକ ୮୪, ହେନରିଚ କ୍ଲାସେନ ଅପରାଜିତ ୬୮, କାଏଲ ଭେରେଇନ୍ ୫୦, ଓପନର ଜାନେମାନ ମଲାନ ୨୩, ଅଧିନାୟକ କ୍ୱିଣ୍ଟନ ଡିକକ୍ ୨୬ ରନ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ବୋଲିଂରେ ଜୋଶ ହାଜେଲଉଡ ୨, କେନ ରିଚାର୍ଡସନ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ୨ ଉଇକେଟ ନେବା ସହ ୮୪ ରନର ଉପଯୋଗୀ ପାଳି ଖେଳିଥିବା ଦକ୍ଷିଣ ଆଫ୍ରିକା ଅଲ-ରାଉଣ୍ଡର ସ୍ମୁଟ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି କ୍ଲାସେନ ପ୍ଲେୟାର ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର:**
ଅଷ୍ଟ୍ରେଲିଆ ୫୦ ଓଭରରେ ୨୫୪/୭
(ଲାବୁସେନ- ୧୦୮, ଶର୍ଟ- ୩୬, ମାର୍ଶ- ୩୨, ଫିଞ୍ଚ୍- ୨୨, ନୋର୍ଜ- ୨/୩୫, ସ୍ମୁଟ୍- ୨/୪୨)।
ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୫୮/୪
(ସ୍ମୁଟ୍- ୮୪, କ୍ଲାସେନ- ୬୮*, ଭେରେଇନ- ୫୦, ହାଜେଲଉଡ- ୨/୩୭)।



ଶତକ ହାସଲକାରୀ ମାର୍ନସ ଲାବୁସେନ।

## ଟପ୍ ୨୦ରେ ଶରଥ-ସାଥିୟାଁ

**ନୂଆଦିଲ୍ଲୀ, ୭।୩ (ପି.ଟି.):** ଭାରତୀୟ ଡବଲ୍ସ ଯୋଡ଼ି ଅଚନ୍ତା ଶରଥ କମଲ ଓ ଜ୍ଞାନସେକରନ ସାଥିୟାଁ ସଦ୍ୟ ପ୍ରକାଶିତ ଆଇଟିଟିଏଫ୍ ପୁରୁଷ ଡବଲ୍ସ ୱାର୍ଲ୍ଡ ର୍‌ୟାଙ୍କିଙ୍ଗର ଟପ୍ ୨୦ରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଆନ୍ଥୋନୀ ଅମଲରାଜ ସିଙ୍ଗଲ୍ସ ଟପ୍ ୧୦୦ ମଧ୍ୟରେ ପ୍ରବେଶ କରିଛନ୍ତି। ଗତ ମାସରେ ହଙ୍ଗେରିଆନ ଓପନ୍ ଟେବୁଲ ଟେନିସ ଟୁର୍ନାମେଣ୍ଟରେ ଶରଥ-ସାଥିୟାଁ ଯୋଡ଼ି ରୌପ୍ୟ ଜିତିଥିଲେ। ଦୁହେଁ ସଦ୍ୟ ପ୍ରକାଶିତ ର୍‌ୟାଙ୍କିଙ୍ଗ ତାଲିକାରେ ୨୦ ସ୍ଥାନ ଉପରକୁ ଉଠି ୧୭ତମ ସ୍ଥାନରେ ପହଞ୍ଚିଛନ୍ତି। ତାମିଲନାଡୁ ଟେବୁଲ ଟେନିସ ଖେଳାଳି ଅମଲରାଜ ୭ ସ୍ଥାନ ଡେଇଁ ଟପ୍ ୧୦୦ରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ର୍‌ୟାଙ୍କିଙ୍ଗରେ ସୁତୀର୍ଥା ମୁଖାର୍ଜୀ ୫୧ ସ୍ଥାନ ପଦୋନ୍ନତି ପାଇବା ସହ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୦୯ତମ ର୍‌ୟାଙ୍କିଙ୍ଗ ହାସଲ କରିଛନ୍ତି।



ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାରେ ଶନିବାର ଲଙ୍ଗଜମ୍ପ ଅବସରରେ ଜଣେ ପ୍ରତିଯୋଗୀ।

### ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା ଉଦ୍‌ଯାପିତ

**ଭୁବନେଶ୍ୱର, ୭।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱରରେ ଚାଲିଥିବା ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାର ୨୫ତମ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୩ ତାରିଖରୁ ଏହି ପ୍ରତିଯୋଗିତା ଚାଲିଥିଲା। ଶନିବାର ୫ମ ତଥା ଅନ୍ତିମ ଦିବସ ସୁଦ୍ଧା ଛତିଶଗଡ଼ ୧୧୧ (୪୯ ସ୍ୱର୍ଣ୍ଣ, ୩୯ ରୌପ୍ୟ ଓ ୨୩ ବ୍ରୋଞ୍ଜ), କର୍ଣ୍ଣାଟକ ୧୧୪ (୪୭ ସ୍ୱର୍ଣ୍ଣ, ୨୯ ରୌପ୍ୟ ଓ ୩୮ ବ୍ରୋଞ୍ଜ) ଓ କେରଳ ୭୭ (୨୪ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୨୯ ବ୍ରୋଞ୍ଜ) ପଦକ ଜିତି ଯଥାକ୍ରମେ ଟେବୁଲ ତାଲିକାର ପ୍ରଥମ ୩ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଓଡ଼ିଶା ମୋଟ୍ ୨୨ (୮ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ ବ୍ରୋଞ୍ଜ) ପଦକ ସହ ୧୦୬ ପଏଣ୍ଟ ପାଇ ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ହକି, ସନ୍ତରଣ, ବ୍ରିଜ, ରାଇଫଲ, ଶୁଟିଂ ଓ ଆଥ୍‌ଲେଟିକ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଗତ ବର୍ଷ ଛତିଶଗଡ଼ରେ ଅନୁଷ୍ଠିତ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ମୋଟ୍ ୧୨ ପଦକ ଜିତିଥିଲେ।

### ୱେଷ୍ଟଇଣ୍ଡିଜକୁ ଅଧିକ ଅର୍ଥ ଦିଆଯାଇଥିଲା

**କରାଚୀ, ୭।୩ (ପି.ଟି.):** ଦୁଇ ବର୍ଷ ପୂର୍ବେ ୱେଷ୍ଟଇଣ୍ଡିଜ ଦଳ ଅନ୍ତର୍ଜାତୀୟ ଟି୨୦ ସିରିଜ୍ ପାଇଁ ପାକିସ୍ତାନ ଗସ୍ତ କରିଥିଲା। ଏଥିନେଇ ଭ୍ରମଣକାରୀ ଦଳର ସଦସ୍ୟଙ୍କୁ ଅଧିକ ଅର୍ଥ ଦିଆଯାଇଥିଲା ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ଏହସାନ ମାନି କହିଛନ୍ତି। ନ୍ୟାଶନାଲ ଆସେମ୍ବଲି ଷ୍ଟାଣ୍ଡିଂ କମିଟିରେ ପିସିବି ମୁଖ୍ୟ ମାନି କହିଛନ୍ତି, ବୋର୍ଡ ପାକିସ୍ତାନ ଗସ୍ତ କରିଥିବା ପ୍ରତ୍ୟେକ ୱେଷ୍ଟଇଣ୍ଡିଜ ଖେଳାଳିଙ୍କୁ ୨୫ ହଜାର ଆମେରିକୀୟ ଡଲାର ଦେଇଥିଲା। ଏହା ଭାରତୀୟ ମୁଦ୍ରାରେ ପ୍ରାୟ ସାଢ଼େ ୧୮ ଲକ୍ଷ ଟଙ୍କା। ସେହିଭଳି ଅନ୍ୟ ଏକ ଦଳକୁ ପାକିସ୍ତାନରେ ଅନ୍ତର୍ଜାତୀୟ ସିରିଜ୍ ଖେଳିବା ଲାଗି ଖେଳାଳି ପିଛା ୧୫ ହଜାର ଡଲାର ପ୍ରଦାନ କରାଯାଇଥିଲା।

"ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତୀୟ ବୋଲରମାନଙ୍କୁ କିପରି ସାମ୍ନା କରିବ ସେନେଇ ଅଷ୍ଟ୍ରେଲିଆ ଅଭ୍ୟାସ କରିଛି ।
—ମେଗ୍ ଲାନିଂ, ଅଷ୍ଟ୍ରେଲିଆ ଅଧିନାୟିକା



"ଅଷ୍ଟ୍ରେଲିଆ ଓ ଭାରତ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ଜିତିବା ସାମର୍ଥ୍ୟ ରଖିଥିବାରୁ ଉଭୟ ଦଳ ଚାପରେ ରହିବା ସ୍ୱାଭାବିକ ।
—ହରମନପ୍ରୀତ କୌର, ଭାରତୀୟ ଅଧିନାୟିକା



## ସଂକ୍ଷେପରେ

### ଜନ୍ମଦିନକୁ ସ୍ମରଣୀୟ କରିବେ ହର୍ମନପ୍ରୀତ୍

**ମେଲବୋର୍ନ, ୭।୩:** ଆୟୋଜକ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ରବିବାର ସ୍ଥାନୀୟ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍ସିଜି)ରେ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳାଯିବ। ଭାରତୀୟ ଦଳର ଅଧିନାୟିକା ହର୍ମନପ୍ରୀତ୍ କୌରଙ୍କ ୩୧ତମ ଜନ୍ମଦିନ ରବିବାର ପଡୁଥିବାରୁ ତାଙ୍କ ପାଇଁ ଏହି ମ୍ୟାଚ୍ ବେଶ୍ ସ୍ୱତନ୍ତ୍ର ରହୁଛି। ଅଷ୍ଟ୍ରେଲିଆକୁ ହରାଇ ଭାରତକୁ ପ୍ରଥମଥର ଟି୨୦ ବିଶ୍ୱକପ୍ ଚାମ୍ପିୟନ କରାଇବା ସହ ଜନ୍ମଦିନକୁ ଅଧିକ ସ୍ମରଣୀୟ କରିବା ଲକ୍ଷ୍ୟରେ ସେ ରହିଛନ୍ତି। ଭାରତୀୟ ମହିଳା କ୍ରିକେଟ୍ ଦଳର ଏହି ପ୍ରମୁଖ ବ୍ୟାଟ୍ସମ୍ୟାନ ପଞ୍ଜାବର ମୋଗା ସହରରେ ୮ ମାର୍ଚ୍ଚ ୧୯୮୯ରେ ଜନ୍ମ ଗ୍ରହଣ କରିଥିଲେ। ପ୍ରଥମ ଭାରତୀୟ ଅଧିନାୟିକା ଭାବେ ହର୍ମନପ୍ରୀତ୍ ଭାରତୀୟ ଦଳକୁ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌କୁ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି। ହର୍ମନପ୍ରୀତ୍‌ଙ୍କ ପରିବାର ମଧ୍ୟ ଷ୍ଟାଡିୟମରେ ଉପସ୍ଥିତ ରହି ତାଙ୍କ ଖେଳକୁ ଉପଭୋଗ କରିବେ।

### ଫାଇନାଲ ପାଇଁ ୭୫ ହଜାର ଟିକେଟ୍ ବିକ୍ରି

**ମୁମ୍ବାଇ,୭।୩:** ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍ସିଜି)ରେ ରବିବାର ଆୟୋଜକ ତଥା ଚାରି ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ର ୪୮ ଘଣ୍ଟା ପୂର୍ବରୁ ୭୫ ହଜାର ଟିକେଟ ବିକ୍ରି ହୋଇସାରିଛି। ଏ ନେଇ ଟି୨୦ ବିଶ୍ୱକପ୍‌ର ଟୁଇଟର ପୃଷ୍ଠାରେ ଶେୟାର କରାଯାଇଛି। ଏହା ଯେକୌଣସି ମହିଳା କ୍ରିକେଟ ମ୍ୟାଚ୍‌ବେଳେ ଯୋଗ ଦେଇଥିବା ଦର୍ଶକଙ୍କ ସଂଖ୍ୟାଠାରୁ ଅଧିକ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ମହିଳା କ୍ରିକେଟ ସମ୍ପର୍କିତ କାର୍ଯ୍ୟକ୍ରମର ମୁଖ୍ୟ ସାରା ଷ୍ଟାଇଲ ଟୁଇଟ୍ କରିଛନ୍ତି, କେବଳ ଶୁକ୍ରବାର ପ୍ରଶଂସକମାନେ ୧୫ ହଜାର ଟିକେଟ କିଣିଛନ୍ତି। ଭାରତ ଆର୍ମି ପକ୍ଷରୁ ମଧ୍ୟ ଅଧିକ ସଂଖ୍ୟକ ଟିକେଟ୍ କିଣାଯାଇଛି। ଏହି ଲୋକପ୍ରିୟ ଗ୍ରୁପ ବିଶ୍ୱର ବିଭିନ୍ନ ଦେଶରେ ଯାଇ ଭାରତୀୟ ପୁରୁଷ ଦଳକୁ ସମର୍ଥନ କରନ୍ତି। ଏବେ ଭାରତ ଆର୍ମି ମହିଳା ଦଳକୁ ସମର୍ଥନ କରିବା ପାଇଁ ଏମ୍ସିଜିରେ ଉପସ୍ଥିତ ରହିବ। ମହିଳା ଟି୨୦ ବିଶ୍ୱକପ୍ ପୂର୍ବରୁ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଫାଇନାଲରେ ଅଧିକ ସଂଖ୍ୟାରେ ଯୋଗଦେବାକୁ ପ୍ରଶଂସକଙ୍କୁ ଅନୁରୋଧ କରିଥିଲେ।

### ଅସ୍ତ୍ରୋପଚାର କରାଇବେ ଏଲିସ୍ ପେରି

**ମେଲବୋର୍ନ,୭।୩(ପି.ଟି.):** ଷ୍ଟାର ଅଷ୍ଟ୍ରେଲିଆନ ମହିଳା ଅଲରାଉଣ୍ଡର ଏଲିସ୍ ପେରି ଆହତ ସମସ୍ୟା ଯୋଗୁ ୬ ମାସ ପାଇଁ କ୍ରିକେଟରୁ ବାଦ୍ ପଡ଼ିଛନ୍ତି। ଆସନ୍ତା ସପ୍ତାହରେ ତାଙ୍କ ମାଂସପେଶୀ ଜନିତ ସମସ୍ୟା ଲାଗି ଅସ୍ତ୍ରୋପଚାର କରାଯିବ। ନ୍ୟୁଜିଲାଣ୍ଡ ବିପକ୍ଷ ଅଷ୍ଟ୍ରେଲିଆର ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ତାଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଏହି ସମସ୍ୟା ଯୋଗୁ ୨୯ ବର୍ଷୀୟା ଅଲରାଉଣ୍ଡର କ୍ୟାରିୟରର ସବୁଠୁ ଲମ୍ବା ସମୟ ପାଇଁ କ୍ରିକେଟରୁ ବ୍ରେକ ପାଇଛନ୍ତି। ଚଳିତବର୍ଷର ଶ୍ରେଷ୍ଠ ଆଇସିସି କ୍ରିକେଟର ପେରି ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଖେଳିପାରିବେ ନାହିଁ। ଏଥିସହିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର କ୍ୱାଲିଫାୟର୍ସବେଳେ ଖେଳାଯିବାକୁ ଥିବା ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ମଧ୍ୟ ଅଂଶଗ୍ରହଣ କରିପାରିବେ ନାହିଁ।

# ପ୍ରଥମ ଟାଇଟଲ ଲକ୍ଷ୍ୟରେ ଭାରତ

ମେଲବୋର୍ନ, ୭।୩ (ପି.ଟି.)



ଟ୍ରଫି ସହ ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଂ ଓ ଭାରତର ହରମନ୍‌ପ୍ରୀତ୍ କୌର୍।

ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ଆୟୋଜନ ହେବ। ଟାଇଟଲ ପାଇଁ ଫାଇନାଲରେ ଗତଥରର ଚାମ୍ପିୟନ ତଥା ଆୟୋଜକ ଅଷ୍ଟ୍ରେଲିଆ ଓ ଭାରତ ମୁହାଁମୁହିଁ ହେବେ। ପ୍ରଥମଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହେବାର ସୁଯୋଗ ପାଇଛି ଭାରତ। ଅନ୍ୟପଟେ ୪ଥର ଟାଇଟଲ ହାସଲ କରିସାରିଥିବା ଅଷ୍ଟ୍ରେଲିଆ ଏଠାରେ ବିଜୟୀ ହୋଇ ପଞ୍ଚମଥର ପାଇଁ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଘରୋଇ ପରିବେଶରେ ରେକର୍ଡ ସଂଖ୍ୟକ ଦର୍ଶକଙ୍କ ସାମ୍ନାରେ ଅଷ୍ଟ୍ରେଲିଆକୁ ହରାଇବା ଭାରତ ପାଇଁ ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ୍।

ଅପରାଜେୟ ରହିବା ସହ ଭାରତ ଗ୍ରୁପ୍ ଏ'ର ଶୀର୍ଷରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲା। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ବର୍ଷା ଯୋଗୁ ବାତିଲ ହେବା ଫଳରେ ଗ୍ରୁପ୍ ଟପ୍ପର ହୋଇଥିବାରୁ ଭାରତ ପ୍ରଥମଥର ପାଇଁ ଫାଇନାଲକୁ ଉଠିଥିଲା। ସେହିପରି ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାକୁ ହରାଇ କ୍ରମାଗତ ଷଷ୍ଠଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା।

୧୬ ବର୍ଷୀୟା ବିସ୍ଫୋରକ ଓପନର ଶେଫାଳି ବର୍ମାଙ୍କ ଜବରଦସ୍ତ ବ୍ୟାଟିଂ ଓ ସ୍ପିନରମାନଙ୍କ ସ୍ଥିର ପ୍ରଦର୍ଶନ ଭାରତକୁ ଚଳିତ ବିଶ୍ୱକପ୍‌ରେ ବେଶ୍ ସଫଳ କରାଇଛି। କିନ୍ତୁ ଦୁଇ ତାରକା ବ୍ୟାଟ୍ସମ୍ୟାନ ସ୍ମୃତି ମାନ୍ଧନା ଓ ହରମନପ୍ରୀତ କୌର ଏପର୍ଯ୍ୟନ୍ତ ଚମକ ଦେଖାଇପାରିନାହାନ୍ତି। ତେବେ ଫାଇନାଲ ମ୍ୟାଚ୍‌ରେ ଏହି ଦୁଇ ଅଭିଜ୍ଞ ଖେଳାଳିଙ୍କୁ ନିଜ ଦକ୍ଷତା ଅନୁରୂପ ଖେଳିବାକୁ ପଡିବ। ଭାରତ ଟାଇଟଲ ହାସଲ କରିବାକୁ ହେଲେ ଏହି ଦୁଇ ଖେଳାଳି ଉପଯୋଗୀ ଇନିଂସ ଖେଳିବା ଜରୁରୀ ହୋଇପଡିଛି। ଏଥିସହିତ ଭାରତକୁ ତା'ର ମିଡଲ ଅର୍ଡର ପ୍ରଦର୍ଶନରେ ସୁଧାର ଆଣିବାକୁ ହେବ। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନମାନେ ସାମାନ୍ୟ ଅସ୍ଥିର ପ୍ରଦର୍ଶନ କରୁଛନ୍ତି। କେବଳ ସେତିକି ନୁହେଁ, ଭାରତକୁ ଚାପର ସଫଳ ମୁକାବିଲା କରିବାକୁ ହେବ। ଏହା ଏକ ହାଇଭୋଲ୍ଟେଜ ମ୍ୟାଚ୍ ହୋଇଥିବାରୁ ଭାରତୀୟ ଖେଳାଳିଙ୍କୁ ଧୈର୍ଯ୍ୟର ସହ ଅଷ୍ଟ୍ରେଲିଆର ମୁକାବିଲା କରିବାକୁ ହେବ।

ଅଷ୍ଟ୍ରେଲିଆ ଗତ ତ୍ରିରାଷ୍ଟ୍ରୀୟ ସିରିଜ ଫାଇନାଲରେ ଭାରତକୁ ପରାସ୍ତ କରିଥିଲା। ଗତ ୭ଟି ସଂସ୍କରଣରେ ଅଷ୍ଟ୍ରେଲିଆ କ୍ରମାଗତ ଷଷ୍ଠଥର ପାଇଁ ଫାଇନାଲକୁ ଉଠିଛି। ହାଇ ପ୍ରେସର ଗେମ୍‌ରେ କିଭଳି ଖେଳିବାକୁ ହୁଏ ଅଷ୍ଟ୍ରେଲିଆ ଖେଳାଳିଙ୍କୁ ବେଶ୍ ଭଲଭାବେ ଜଣାଅଛି। ଭାରତ ୨୦୧୭ ଦିନିକିଆ ବିଶ୍ୱକପ୍ ଫାଇନାଲ ଓ ୨୦୧୮ ଟି୨୦ ବିଶ୍ୱକପ୍ ସେମି ଫାଇନାଲରେ ଇଂଲଣ୍ଡଠାରୁ ପରାସ୍ତ ହୋଇଥିଲା। ତେଣୁ ଏହି ପରାଜୟରୁ ଭାରତ ବହୁତ କିଛି ଶିକ୍ଷା କରିଥିବ ବୋଲି ଆଶା କରାଯାଉଛି। ଶେଫାଳିଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା ଠିକ୍ ନୁହଁ। କିନ୍ତୁ ସେ ଆଉ ଏକ ବିସ୍ଫୋରକ ଇନିଂସ ଖେଳିବେ ବୋଲି ଆଶା କରାଯାଉଛି। ସେହିପରି ମାନ୍ଧନା ଓ ହରମନପ୍ରୀତ ଶସ୍ତାରେ ଉଇକେଟ ନ ଫୋପାଡି ନିଜ ଅଭିଜ୍ଞତାରୁ ଫାଇଦା ଉଠାଇ ଅଧିକ କିଛି କରିବା ସହ ଦଳକୁ ଦିଗ୍‌ଦର୍ଶନ ଦେବେ ବୋଲି ଆଶା କରାଯାଉଛି। ଶେଫାଳି ସଫଳ ହୋଇ ନ ଥିଲେ ଭାରତ ଫାଇନାଲରେ ପହଞ୍ଚିବା ଅସମ୍ଭବ ହୋଇପଡିଥାନ୍ତା। କାରଣ ମିଡଲଅର୍ଡରରେ ଏବେବି ବହୁତ ଦୁର୍ବଳତା ଅଛି। ତେଣୁ ଭାରତକୁ ଏହି ଦୁର୍ବଳତା ଦୂର କରିବାକୁ ପଡିବ। ଲୋୟର ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ମଧ୍ୟ ଯୋଗଦାନ କରିବାକୁ ହେବ। ଗ୍ରୁପ୍ ପର୍ଯ୍ୟାୟରେ ଭାରତ କୌଣସି ମ୍ୟାଚ୍‌ରେ ୧୫୦ କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିପାରିନାହିଁ। ଭାରତର ଏହି ଦୃଷ୍ଟାନ୍ତମୂଳକ ସଫଳତା ପଛରେ ଶୃଙ୍ଖଳିତ ବୋଲିଂର ଭୂମିକା ରହିଛି।

ଲେଗ୍ ସ୍ପିନର ପୁନମ ଯାଦବ ଫିଙ୍ଗର ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମେଗା ସ୍କଟଙ୍କ ସହ ସେ ୯ ଉଇକେଟ ହାସଲ କରି ସର୍ବାଧିକ ସଫଳ ବୋଲରର ମାନ୍ୟତା ପାଇଛନ୍ତି। ଦ୍ରୁତ ବୋଲର ଶିଖା ପାଣ୍ଡେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ବାମହାତୀ ସ୍ପିନ ଯୋଡି ରାଧା ଯାଦବ ଓ ରାଜେଶ୍ୱରୀ ଗାଏକ୍ୱାଡ଼ ମଧ୍ୟ ଶୃଙ୍ଖଳିତ ପ୍ରଦର୍ଶନ କରିଛନ୍ତି। ପୁନମଙ୍କୁ ଅଷ୍ଟ୍ରେଲିଆ ଖେଳାଳିମାନେ କିପରି ସାମ୍ନା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। କାରଣ ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ବେଶ୍ ସମସ୍ୟାରେ ପକାଇଥିଲେ ପୁନମ। ଫାଇନାଲ ମ୍ୟାଚ୍ ପାଇଁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ୭୫, ୦୦୦ ଟିକେଟ ବିକ୍ରି ହୋଇସାରିଛି। ମୋଟ ଉପରେ ୯୦,୦୦୦ ଟିକେଟ ବିକ୍ରି ହୋଇଯିବ ବୋଲି ଆଶା କରାଯାଉଛି। ଏକ ମହିଳା ମ୍ୟାଚ୍‌ରେ ଏତେ ସଂଖ୍ୟକ ଟିକେଟ ବିକ୍ରି ହେବା ନିଶ୍ଚିତ ଭାବେ ଏକ ବଡ଼ କଥା।

ଅପରପକ୍ଷରେ ମେଗ୍ ଲାନିଂଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଘରୋଇ ଦର୍ଶକଙ୍କ ସମର୍ଥନ ହାସଲ କରି ପ୍ରଭାବୀ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଅବଶ୍ୟ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଭାରତୀୟ ଦର୍ଶକ ମଧ୍ୟ ଉପସ୍ଥିତ ରହିବେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଏଲିସା ହିଲିଙ୍କ ସ୍ୱାମୀ ତଥା କ୍ରିକେଟର ମିଚେଲ ଷ୍ଟାର୍କ ମଧ୍ୟ ଏହି ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମରେ ଉପସ୍ଥିତ ରହିବେ। ତାଙ୍କୁ ଅନୁମତି ମିଳିବା ପରେ ସେ ଦକ୍ଷିଣ ଆଫ୍ରିକା ଗସ୍ତ ଅଧାରୁ ଆସି ମେଲବୋର୍ନରେ ପହଞ୍ଚିଛନ୍ତି।

ଆଘାତ ସମସ୍ୟ ଅଷ୍ଟ୍ରେଲିଆକୁ ଚିନ୍ତାରେ ପକାଇଛି। ଆରମ୍ଭରୁ ଦ୍ରୁତ ବୋଲର ଟେଲା ଭ୍ଲାଏମିଙ୍କ୍ ଓ ଅଲ-ରାଉଣ୍ଡର ଏଲିସ୍ ପେରୀ ଇଞ୍ଜୁରି କାରଣରୁ ସେମିଫାଇନାଲ ପୂର୍ବରୁ ଦଳରୁ ବାଦ୍ ପଡିଛନ୍ତି। ଏହି ଡବଲ ଝଟ୍‌କା ସତ୍ତ୍ୱେ ଦମ୍‌ଦାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଛି। ଆମେ ବିଜୟୀ ହୋଇ ଚାମ୍ପିୟନ ହେବା ପାଇଁ ପଡିଆକୁ ଓହ୍ଲାଇବୁ ବୋଲି ଲାନିଂ କହିଛନ୍ତି। ପାଖାପାଖି ୯୦ ହଜାର ଦର୍ଶକଙ୍କ ସାମ୍ନାରେ ଏକ ହାଇଭୋଲ୍ଟେଜ ଫାଇନାଲ ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଆମେ ଉତ୍ସାହିତ ଅଛୁ। ମ୍ୟାଚ୍ ଓ ଖେଳକୁ ଉପଭୋଗ କରିବା ସହ ବିଜୟୀ ହୋଇ ଟାଇଟଲ ହାସଲ କରିବାକୁ ପ୍ରୟାସ କରିବୁ ବୋଲି ଭାରତୀୟ ଅଧିନାୟକ ହରମନପ୍ରୀତ ମ୍ୟାଚ୍ ପୂର୍ବରୁ କହିଛନ୍ତି। ପିଚ୍ ତଥା ଉଇକେଟ ଫ୍ଲାଟ ଓ ହାର୍ଡ ହେବ। ପାଗ ମଧ୍ୟ ସଫା ରହିବ। ମ୍ୟାଚ୍ ନିଶ୍ଚିତ ରୂପେ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ। ସୁପର ସନ୍‌ଡେରେ ଏକ ସୁପର ଶୋ ଦେଖିବାକୁ ବିଶ୍ୱବ୍ୟାପୀ ପ୍ରଶଂସକ ଏକ ସୁଯୋଗ ପାଇବେ।

### ଟି୨୦ ବିଶ୍ୱକପ୍‌ରେ ଭାରତ

| ବର୍ଷ | ଫଳାଫଳ |
|---|---|
| ୨୦୦୯ | ସେମିଫାଇନାଲ |
| ୨୦୧୦ | ସେମିଫାଇନାଲ |
| ୨୦୧୨ | ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ |
| ୨୦୧୪ | ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ |
| ୨୦୧୬ | ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ |
| ୨୦୧୮ | ସେମିଫାଇନାଲ |

### ଆଇସିସି ମହିଳା ଟି୨୦ ବିଶ୍ୱକପ୍

- **ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମାନ୍ଧନା, ଶିଖା ପାଣ୍ଡେ, ପୁନମ ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ବେଦା କ୍ରିଷ୍ଣମୂର୍ତ୍ତୀ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ, ପୂଜା ବସ୍ତ୍ରକାର, ତାନିୟା ଭାଟିଆ, ରାଧା ଯାଦବ, ହରଲିନ ଦେଓଲ, ଅରୁନ୍ଧତି ରେଡ୍ଡୀ, ଶେଫାଳି ବର୍ମା ଓ ରିଚା ଘୋଷ।
- **ଅଷ୍ଟ୍ରେଲିଆ ଦଳ:** ମେଗ୍ ଲାନିଙ୍ଗ (ଅଧିନାୟିକା), ରାଚେଲ ହେନ୍ସ, ମେଗାନ ସ୍କଟ, ଅଲିସା ହିଲି, ଏଲିସ ପେରୀ, ଜେସ ଜୋନସିନ, ଡେଲିସା କିମିନ୍ସ, ବେଥ ମୁନି, ନିକୋଲା କେରୀ, ଆଶଲେ ଗାର୍ଡନର, ସୋଫଇ ମୋଲିନେଉକ୍ସ, ଜର୍ଜିଆ ୱାରେହାମ, ଏରିନ ବର୍ନ୍ସ, ମୋଲି ଷ୍ଟ୍ରାନୋ ଓ ଆନ୍ନାବେଲ ସଦରଲାଣ୍ଡ।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ଅପରାହ୍ଣ ୧୨.୩୦ | ମେଲବୋର୍ନ | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ |

## ଦୁଇ ପ୍ରଧାନମନ୍ତ୍ରୀଙ୍କ ଟୁଇଟର ଯୁଦ୍ଧ

**ନୂଆଦିଲ୍ଲୀ, ୭।୩ (ପି.ଟି.):** ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳିବା ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଟୁଇଟରରେ ଯୁଦ୍ଧ ତଥା କଥା କଟାକଟି ଦେଖିବାକୁ ମିଳିଛି। ଦୁଇ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ଭାରତ ଯେତେବେଳେ ଫାଇନାଲ ଖେଳିବାକୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍ସିଜି)କୁ ଓହ୍ଲାଇବ ସେତେବେଳେ ସାରା ଷ୍ଟାଡିୟମ କେବଳ ନୀଳ (ଭାରତୀୟ ଜର୍ସିର ରଙ୍ଗ) ସମୁଦ୍ରରେ ପରିଣତ ହେବ ବୋଲି ମୋଦି ଆଶା ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନଙ୍କ ଏକ ଟୁଇଟ୍‌ର ଜବାବ ରଖି ପ୍ରଧାନମନ୍ତ୍ରୀ ମୋଦି ଏହି କଥା କହିଛନ୍ତି। ପୂର୍ବରୁ ମୋଦିଙ୍କୁ ଟ୍ୟାଗ କରି ମୋରିସନ ଉଲ୍ଲେଖ କରିଛନ୍ତି ଯେ, ଷ୍ଟାଡିୟମରେ ବହୁସଂଖ୍ୟାରେ ଦର୍ଶକ ଉପସ୍ଥିତ ରହିବେ ଓ ଦୁଇ ଶ୍ରେଷ୍ଠ ଦଳ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଏହା ଏକ ସୁନ୍ଦର ତଥା ରୋମାଞ୍ଚକ ମ୍ୟାଚ୍ ହେବାକୁ ଯାଉଛି। ସବୁଆଡେ ଅଷ୍ଟ୍ରେଲିଆର ଚମକ ଦେଖିବାକୁ ମିଳୁଛି ବୋଲି ସେ ଟୁଇଟ କରିଛନ୍ତି। ମୋଦି ମଧ୍ୟ ଟୁଇଟ୍ କରି ଏହାର ଜବାବ ରଖିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକୁ ଯାଉଛନ୍ତି, ଏହାଠାରୁ କୌଣସି ବଡ଼ କଥା ନାହିଁ। ଦୁଇ ଦଳକୁ ମୋର ଶୁଭେଚ୍ଛା ଓ ବିଶ୍ୱ ମହିଳା ଦିବସ ପାଇଁ ଅଭିନନ୍ଦନ। ଯେଉଁ ଦଳ ଭଲ ଖେଳିବ ସେହି ଦଳ ଚାମ୍ପିୟନ ହେବ ବୋଲି ମୋଦି ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ନୀଳ ପାହାଡ଼ ଭଳି ଏମ୍ସିଜି ପୂରା ନୀଳ ରଙ୍ଗରେ ଝଲସିବ ବୋଲି ସେ ଟୁଇଟ୍ କରି ଜବାବ ରଖିଛନ୍ତି।

### ମୋଦିଙ୍କ ଶୁଭେଚ୍ଛା

## ଭାରତୀୟ ଦଳ ସହ ପପ୍ ଗାୟିକା ପେରୀ



ପପ୍ ସିଙ୍ଗର କେଟି ପେରୀଙ୍କ ସହ ଭାରତୀୟ ଦଳର ଖେଳାଳିମାନେ।

**ମେଲବୋର୍ନ, ୭।୩:** ଫାଇନାଲ ମ୍ୟାଚ୍‌ର ଅବ୍ୟବହିତ ପୂର୍ବରୁ ଆମେରିକାର ଜଣାଶୁଣା ମହିଳା ପପ୍ ଗାୟିକା କେଟି ପେରୀ ଉଭୟ ଅଷ୍ଟ୍ରେଲିଆ ଓ ଭାରତୀୟ ଦଳର ସଦସ୍ୟମାନଙ୍କୁ ଭେଟିଛନ୍ତି। ପ୍ରଥମ ସନ୍ତାନର ଜନନୀ ହେବାକୁ ଯାଉଥିବା ପେରୀ ଓ ତାଙ୍କ ସ୍ୱାମୀ ତଥା ହଲିଉଡ ଅଭିନେତା ଓର୍ଲାଣ୍ଡୋ ବ୍ଲୁମ୍ ଫାଇନାଲ ପୂର୍ବରୁ ବିଶ୍ୱକପ୍‌ର ଉଦ୍‌ଯାପନୀ ଉତ୍ସବରେ ଦୁଇଟି ଗୀତ ଗାଇବେ। ବିଶ୍ୱ ମହିଳା ଦିବସରେ ଏହି ମ୍ୟାଚ୍ ଆୟୋଜନ ହେବାକୁ ଯାଉଥିବାରୁ ପୂରା ଷ୍ଟାଡିୟମ ମହିଳା କେନ୍ଦ୍ରୀକ ହେବ ବୋଲି ପେରୀ ଆଶା ପ୍ରକାଶ କରିଛନ୍ତି। ଗର୍ଭଧାରଣ କରିବା ସତ୍ତ୍ୱେ ସଙ୍ଗୀତ ପରିବେଷଣ କରିବାକୁ ଯାଉଛି। ଏହି ମେଗା ଇଭେଣ୍ଟରେ ସବୁ ବୟସବର୍ଗର ଲୋକ ଓ ବିଶ୍ୱର କୋଣ ଅନୁକୋଣରୁ ଦର୍ଶକ ଉପସ୍ଥିତ ରହିବେ। ଉଦ୍‌ଯାପନୀ ଉତ୍ସବରେ ଜବରଦସ୍ତ ସଙ୍ଗୀତ ନୃତ୍ୟ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି।



ଆଇଏସ୍ଏଲ୍ ସେମିଫାଇନାଲ ପୂର୍ବରୁ ବେଙ୍ଗାଲୁରୁ ଏଫ୍ସି ଖେଳାଳିଙ୍କ ଅଭ୍ୟାସ।

## ଫାଇନାଲ ଲକ୍ଷ୍ୟରେ ଏଟିକେ, ବେଙ୍ଗାଲୁରୁ

### ଇଣ୍ଡିଆନ ସୁପର୍ ଲିଗ୍

**କୋଲକାତା, ୭।୩:** ହିରୋ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ରବିବାର ଘରୋଇ ଏଟିକେ ଓ ବେଙ୍ଗାଲୁରୁ ଏଫ୍ସି ପରସ୍ପରକୁ ଭେଟିବେ। ଉଭୟ ଦଳ ମଧ୍ୟରେ ଏହା ଦ୍ୱିତୀୟ ଲେଗ୍ ସେମିଫାଇନାଲ ମ୍ୟାଚ୍। ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଏହି ମ୍ୟାଚ୍ ଖେଳାଯିବ। ଏଥିପୂର୍ବରୁ ଦୁଇ ଦଳ ମଧ୍ୟରେ ଗତ ରବିବାର ଖେଳାଯାଇଥିବା ପ୍ରଥମ ଲେଗ୍ ସେମିଫାଇନାଲ ମ୍ୟାଚ୍‌ରେ ବେଙ୍ଗାଲୁରୁ ୧-୦ ଗୋଲରେ ବିଜୟୀ ହୋଇ ଅଗ୍ରଣୀ ରହିଛି। ତେଣୁ ରବିବାର ଖେଳାଯିବାକୁ ଥିବା ଏହି ୨ୟ ଲେଗ୍ ସେମିଫାଇନାଲ ଜିତି ସୁନୀଲ ଛେତ୍ରୀଙ୍କ ଦଳ ଫାଇନାଲରେ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଘରୋଇ ଏଟିକେ ବୃହତ୍ ଗୋଲ ବ୍ୟବଧାନରେ ଏହି ମ୍ୟାଚ୍ ଜିତି ଫାଇନାଲରେ ସ୍ଥାନ ହାସଲ କରିବାକୁ ଉଦ୍ୟମ କରିବ। ଚଳିତ ସିଜନରେ ଘରୋଇ ଗ୍ରାଉଣ୍ଡରେ ଏଟିକେର ପ୍ରଦର୍ଶନ ବେଶ୍ ପ୍ରଭାବୀ ରହିଛି। ଏଟିକେ ଘରୋଇ ଗ୍ରାଉଣ୍ଡରେ ମୋଟ୍ ୯ ମ୍ୟାଚ୍ ଖେଳି ୬ ବିଜୟ ହାସଲ କରିଛି। ଯେଉଁଥିରେ ୧୮ ଗୋଲସ୍କୋର କରିଛି। ପୂର୍ବରୁ ଲିଗ୍ ପର୍ଯ୍ୟାୟ ମୁକାବିଲାରେ ଉଭୟ ଦଳ ଏହି ଗ୍ରାଉଣ୍ଡରେ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌କୁ ଏଟିକେ ୧-୦ ଗୋଲରେ ବିଜୟୀ ହୋଇଥିଲା। ତେଣୁ ଘରୋଇ ଗ୍ରାଉଣ୍ଡରେ ଏଟିକେକୁ ପରାସ୍ତ କରିବା ବେଙ୍ଗାଲୁରୁ ପାଇଁ ବେଶ୍ କଷ୍ଟସାଧ ହେବ।

## ରଣଜୀ ଫାଇନାଲରେ ଖେଳିବେ ପୂଜାରା

**ରାଜକୋଟ, ୭।୩ (ପି.ଟି.):** ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ସୌରାଷ୍ଟ୍ର ପକ୍ଷରୁ ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି ଫାଇନାଲରେ ଖେଳିବେ। ଏ ନେଇ ଶନିବାର ସ୍ପଷ୍ଟ ହୋଇଛି। ସୋମବାରଠାରୁ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଘରୋଇ କ୍ରିକେଟର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଜୟଦେବ ଉନାଡ୍‌କଟଙ୍କ ନେତୃତ୍ୱରେ ଶନିବାର ଘୋଷିତ ୧୭ ଜଣିଆ ସୌରାଷ୍ଟ୍ର ଦଳରେ ପୂଜାରା ସ୍ଥାନ ପାଇଛନ୍ତି। ଗୁଜରାଟ ବିପକ୍ଷ ସେମିଫାଇନାଲ ଜିତିବା ପରେ ପୂଜାରାଙ୍କ ସହ ଯୋଗାଯୋଗରେ ଥିବା ଉନାଡକଟ କହିଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଫାଇନାଲରେ ଖେଳାଇବାକୁ ଇଚ୍ଛା ପ୍ରକାଶ କରିଥିଲା। କିନ୍ତୁ ବିସିସିଆଇ ଏହାକୁ ଅସ୍ୱୀକାର କରି ନେଇଥିଲା।



ସଙ୍ଗୀତା ରାୟ

**ସଙ୍ଗୀତା ରାୟ।** ବୟସ ୩୯ । ତାଙ୍କ ଘର ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ଗଣେଶନଗରରେ। ସ୍ୱାମୀ ବାବୁ ରାୟଙ୍କ ଗୋଟିଏ ଛୋଟ କିରାନା ଦୋକାନ ରହିଛି। ସ୍ୱାମୀଙ୍କ ଦୋକାନରୁ ଆୟ ହେଉଥିବା ଅର୍ଥରେ ଝିଅମାନଙ୍କ ପାଠ ପଢ଼ା ଓ ରୋଗିଣା ଶାଶୁଙ୍କ ଔଷଧ ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନି। ଏଣୁ ପରିବାର ପ୍ରତିପୋଷଣରେ ସହଭାଗିତା ହେବା ପାଇଁ ୨୦୧୫ରେ ସେ ଘରୁ ଗୋଡ କାଢ଼ିଛନ୍ତି। ଝାରସୁଗୁଡା କିସାନ ଛକସ୍ଥିତ ଏକ ପେଟ୍ରୋଲ ପମ୍ପରେ ତାଙ୍କୁ ପ୍ରଥମେ କାମ ମିଳିଥିଲା। ସଙ୍ଗୀତା କହିଛନ୍ତି, ସେ ସ୍ୱାବଲମ୍ବୀ ହେବା ପାଇଁ ଘରୁ ଗୋଡ କାଢ଼ି ଥିଲେ, ମାତ୍ର ଅଳ୍ପ ପଢି ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏଣୁ ସେ ତାଙ୍କ ଝିଅମାନଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

# ସଂଘର୍ଷ, ସଫଳତାର କାହାଣୀ

କିଏ କହେ ନାରୀ ଦୁର୍ବଳା ଓ ଅବଳା । ଆଉ କିଏ କହେ ନାରୀ ଜୀବନ ଚୁଲି ମୁଣ୍ଡକୁ । ହେଲେ ଏ ସବୁକୁ ଭୁଲ ପ୍ରମାଣିତ କରିଛନ୍ତି ଆଜିର ନାରୀ । ଆଜି ବିଶ୍ୱ ମହିଳା ଦିବସ ଅବସରରେ ସେମାନଙ୍କ ସଂଘର୍ଷ ଓ ସଫଳତାର କାହାଣୀକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା.. ।

## ସ୍ୱାବଲମ୍ବୀ କରିଛି ଛେଳି ଚାଷ



ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଝାଙ୍କପାଲି ପଞ୍ଚାୟତ ମୁଣ୍ଡେର (ଖଲିଆପାଲି)ର ମନ୍ଦାକିନୀ ଭୋଇ, ସ୍ୱାମୀ କୁଳମଣି ମୁଣ୍ଡେର, ଗୋଟିଏ ପୁଅ ଓ ଗୋଟିଏ ଝିଅଙ୍କୁ ନେଇ ତାଙ୍କ ପରିବାର। ପରିବାରର ଆର୍ଥିକ ପରିସ୍ଥିତି ସଜାଡିବାକୁ ଯାଇ ୨୦୦୮ରେ ଗାଁର କେତେଜଣ ମହିଳାଙ୍କୁ ନେଇ ଏସ୍ଏଚ୍‌ଜି ଗଠନ କରିଥିଲେ ସେ । ଗ୍ରାମ୍ୟ ବ୍ୟାଙ୍କରୁ ୬୦ ହଜାର ଟଙ୍କା ଋଣ ନେଇଥିଲେ । ଏହାକୁ ସମସ୍ତେ ଭାଗ କରି ସେଥିରେ ୪/୫ଟି ଲେଖାଏଁ ଛେଳି କିଣି ଚାଷ କରିବା ଆରମ୍ଭ କରିଥିଲେ। ହେଲେ ୨ ବର୍ଷ ପରେ ଅଜଣା ରୋଗରେ ମନ୍ଦାକିନୀ ପାଳିଥିବା ଛେଳି ସହ ଅନ୍ୟ ମହିଳାଙ୍କ ଛେଳିଗୁଡିକର ମୃତ୍ୟୁ ଘଟିଥିଲା। ଏଥିରେ ଭାଙ୍ଗି ନ ପଡି ଧୀରେ ଧୀରେ ସମସ୍ତେ ବ୍ୟାଙ୍କ ଋଣ ପରିଶୋଧ କଲେ। ହେଲେ ବୀମା ଟଙ୍କା ମିଳିଲା ନାହିଁ। ତଥାପି ଛେଳି ଚାଷକୁ ଆଉଥରେ ଆରମ୍ଭ କରିବା ପାଇଁ ମନ୍ଦାକିନୀ ଅଣ୍ଟା ଭିଡିଲେ। ସ୍ଥାନୀୟ ଜଣେ ବ୍ୟକ୍ତିଙ୍କଠାରୁ କିଛି ଟଙ୍କା ଧାର ଆଣି ସେ ଛେଳି କିଣିଥିଲେ । ନିଜ ଉଦ୍ୟମରେ ସେ ପୁଣିଥରେ ଛେଳି ଚାଷ ଆରମ୍ଭ କଲେ। ଆଜି ମନ୍ଦାକିନୀ ଜଣେ ସଫଳ ଛେଳି ଚାଷୀ ଭାବେ ପରିଚିତ । ଏବେ ତାଙ୍କ ପାଖରେ ୭୦ରୁ ଅଧିକ ଛେଳି ଅଛନ୍ତି। ସ୍ୱାମୀ କୁଳମଣି, ପୁଅ ଚିତ୍ତରଞ୍ଜନ ସହଯୋଗ କରନ୍ତି। ଛେଳି ଚାଷ ସହିତ ଅଢେଇ ଏକର ଜମିରେ ଧାନ ଓ ପନି ପରିବା ଚାଷ କରନ୍ତି। କୁଳମଣି କୁହନ୍ତି, ଗୋଟିଏ ଛେଳି ୪ରୁ ୮ ହଜାର ଟଙ୍କାରେ ବିକ୍ରି ହୁଏ। ବାର୍ଷିକ ପ୍ରାୟ ୨ ଲକ୍ଷରୁ ଅଧିକ ଟଙ୍କା ଲାଭ ହୋଇଥାଏ। ବର୍ଷା ଓ ଶୀତ ଋତୁରେ ଛେଳିମାନେ ଅଜଣା ରୋଗରେ ପଡନ୍ତି। କିଛି ଛେଳି ମରିଯାଆନ୍ତି। ତେଣୁ ଲାଭ ଅଂଶ କିଛି କମି ଯାଇଥାଏ। ତଥାପି ଆମେ ଏଥିରେ ସଫଳତା ପାଇଛୁ। ଏହାର ସବୁ ଶ୍ରେୟ ମନ୍ଦାକିନୀ ପାଇବେ ବୋଲି ସ୍ୱାମୀ କୁଳମଣି ସ୍ୱୀକାର କରିଛନ୍ତି।

– ଶୁଭାଶୀଷ ପାଢ଼ୀ

ଆଜି ବିଶ୍ୱ ମହିଳା ଦିବସ

## ଅନ୍ଧାରି ମୁଲକର ଆଲୋକ

ବରଗଡ଼ ଜିଲା ମାଓବାଦୀ ଅଧ୍ୟୁଷିତ ପାଇକମାଲ ବ୍ଲକ ଟେମରି ଗ୍ରାମର ଚାରୁବାଳା ବାରିକ । ଡାକ ନାମ ଦୀପା । ଏକ ମଧ୍ୟବିତ୍ତ ପରିବାରରେ ତାଙ୍କ ଜନ୍ମ । ବାପା ଅମୃତଲାଲ ଜଣେ ଚାଷୀ, ମା' ସୁଷମା ଅଙ୍ଗନୱାଡ଼ି କର୍ମୀ । ଏବେ ସ୍ନାତକୋତ୍ତର(ଶିକ୍ଷା) ପଢୁଥିବା ଦୀପା ଓଡ଼ିଶା ସରକାର ତଥା ଜିଲା ପ୍ରଶାସନ ପାଖରେ ଜଣେ ପରିଚିତ ନାମ । ପ୍ରତ୍ୟେକ ଜିଲାର ଅସହାୟ, ଦୁଃଖୀଙ୍କ ବନ୍ଧୁ ସାଜିଛନ୍ତି ସେ । ପାଠପଢ଼ା ସହିତ ଅସହାୟଙ୍କୁ ସହାୟତା ପାଇଁ ଦୀପା ପ୍ରତିଦିନ ସରକାର, ଜିଲା ପ୍ରଶାସନ ସହିତ ଯୋଗାଯୋଗରେ ରୁହନ୍ତି। ସାମାଜିକ ଗଣମାଧ୍ୟମରେ ଲୋକଙ୍କ ସମସ୍ୟା ଉପସ୍ଥାପନ କରିବା ତାଙ୍କର ପ୍ରତିଦିନର କାମ । ଏଥିରେ ସେ ସଫଳତା ମଧ୍ୟ ପାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଥିବା ଦୀପା ଅନ୍ୟମାନଙ୍କ ପାଇଁ ଏକ ଦୃଷ୍ଟାନ୍ତ ସାଜିଛନ୍ତି ।



ଦୀପା ବାରିକ ।

କେବଳ ଅସହାୟ ଲୋକଙ୍କୁ ସହାୟତା କରିବାରେ ଦୀପାଙ୍କ କାର୍ଯ୍ୟ ସୀମିତ ରହି ନାହିଁ । ଓଡ଼ିଶାର ପ୍ରାୟ ସମସ୍ତ ଜିଲାର ସମସ୍ୟାଗୁଡ଼ିକୁ ଖବରକାଗଜରେ ଦେଖି ସାମାଜିକ ଗଣମାଧ୍ୟମ(ଟୁଇଟର୍)ରେ ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ସରକାର ତଥା ପ୍ରଶାସନକୁ ଅନୁରୋଧ କରିଥାନ୍ତି । ତାହା ଅଧିକାଂଶ ସମାଧାନ ମଧ୍ୟ ହୋଇଥାଏ । ଗ୍ରାମର ସୌକିଲାଲ ପ୍ରଧାନଙ୍କୁ ୯୮ହଜାର ଟଙ୍କା ଘରଭଙ୍ଗା ସହାୟତା ହେଉ ଅବା ଦ୍ରୋଣ ବନଛୋରଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଚିକିତ୍ସା ସହାୟତା ମିଳିବାରେ ଦୀପାଙ୍କ ସହଯୋଗ ରହିଛି । ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଅର୍ଦ୍ଧନିର୍ମିତ କୁଡ଼ାସିଙ୍ଗା ନାଲା, କୋରାପୁଟ ଜିଲା ବୈପାରୀଗୁଡ଼ ନୂଆଗାଁ ଗ୍ରାମର ୧୭ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ନବରଙ୍ଗପୁର ବାଇଗାଁ ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇବା ଭଳି ୧୦୮୮ଟି ସମସ୍ୟା ଦୀପା ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ। ସେଥିମଧ୍ୟରୁ ଅଧିକାଂଶର ସମାଧାନ ହୋଇପାରିଥିବା ଦୀପା କହିଛନ୍ତି ।

– ପ୍ରେମାନନ୍ଦ ଖମାରୀ

**ସ୍ନେହା କ୍ଷେତ୍ରୀ।** ବୟସ ୨୨। ଝାରସୁଗୁଡା ସହର ଓଏମ୍‌ପିରେ ତାଙ୍କ ଘର। ପିଲାଟି ଦିନୁ ଜଜ୍ ହେବାକୁ ଆଶା ରଖିଥିବା ସ୍ନେହାଙ୍କୁ କିନ୍ତୁ ବାଧକ ସାଜିଥିଲା ତାଙ୍କ ପରିବାରର ଆର୍ଥିକ ଅନଟନ। ଏବେ ଓଏମ୍‌ପି ଛକ ସ୍ଥିତ ପେଟ୍ରୋଲ ପମ୍ପରେ ତେଲ ଦେବା କାମ କରୁଛନ୍ତି ସେ। ଯାହା ଦରମା ମିଳୁଛି ସେଥିରେ ପରିବାର ଚଳାଇବା ସହ ସେ ସମ୍ବଲପୁରର ଏକ ଆଇନ ମହାବିଦ୍ୟାଳୟରେ ପଢୁଛନ୍ତି। ଏହା ସହ ଦୂର ନିରନ୍ତର ଶିକ୍ଷାରେ ଏମ୍ଏ ମଧ୍ୟ କରୁଛନ୍ତି। ଏଥିସହିତ ଓଜେଏସ ପାଇଁ ପ୍ରସ୍ତୁତ ହେଉଛନ୍ତି । ସ୍ନେହା କୁହନ୍ତି, ମୋର ଓ ବାପାଙ୍କ ସ୍ୱପ୍ନ ପୂରଣ କରିବା ଲାଗି ମୁଁ ଏହି କାମ କରୁଛି।



ସ୍ନେହା କ୍ଷେତ୍ରୀ

**କସ୍ତୁରି ସିଂ।** ବୟସ ୩୫ । ତାଙ୍କ ଘର ବ୍ରଜରାଜନଗରର ତେଲେନପାଲିରେ। ସ୍ୱାମୀ ଅନିଲ ସିଂ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଘରେ ୪ ପୁଅ ଓ ରୋଗିଣା ଶାଶ । ସ୍ୱାମୀଙ୍କ ଅଳ୍ପ ଦରମାରେ ତାଙ୍କ ଘର ଚଳାଇବା ଓ ପୁଅମାନଙ୍କ ପାଠ ପଢ଼ା ଖର୍ଚ୍ଚ ସହ ରୋଗିଣା ଶାଶୁଙ୍କ ଚିକିତ୍ସା କରିବା ଅସମ୍ଭବ ହୋଇ ପଡିଥିଲା। ବହୁ ଚିନ୍ତା କରିବା ପରେ ୨୦୦୮ରେ ଘରୁ ଗୋଡ କାଢ଼ିଥିଲେ। ଝାରସୁଗୁଡା କିସାନ ଛକ ସ୍ଥିତ ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟ କରୁଛନ୍ତି । ସେ ପାଉଥିବା ଦରମା ଓ ସ୍ୱାମୀଙ୍କ ଦରମାରେ ଘର ଚଳୁଛି। ତାଙ୍କ କହିବା ମୁତାବକ ମହିଳାମାନେ ଅବହେଳିତ ବୋଲି କହି ଚୁପ୍ ହୋଇ ବସି ରହୁଛନ୍ତି। ଏହା କେବଳ ଏକ ଦୁର୍ବଳ ମାନସିକତା। ମାନସିକତା ପରିବର୍ତ୍ତନ କରି ସ୍ୱାବଲମ୍ବୀ ହେବା ପାଇଁ ଉଦ୍ୟମ କଲେ ନିଶ୍ଚିତ ଭବେ ସଫଳତା ମିଳିବ।

– ରବି ଚଲାନ୍



କସ୍ତୁରି ସିଂ

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ପ୍ରଦ୍ୟୁମ୍ନ



ସତ୍ୟଜିତ୍



ସୟାଦ୍



ସୁଶାନ୍ତ

ସେଲ୍‌ଫି ଉଠାନ୍ତୁ ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ମହିଳାଙ୍କୁ ଦଳି ଦେଲା ହାତୀ

ରେଢାଖୋଲ,୭।୩(ଡି.ଏନ.ଏ)

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡରେ ହାତୀ ଉପଦ୍ରବ ବଢିବାରେ ଲାଗିଛି। ଶନିବାର ସନ୍ଧ୍ୟାରେ ଏହି ବନଖଣ୍ଡର ବଡବାହାଲ ରେଞ୍ଜ ଅନ୍ତର୍ଗତ ହେମାମୁରା ଗ୍ରାମରେ ଜଣେ ମହିଳାଙ୍କୁ ହାତୀ ଦଳି ଦେଇ ଖଣ୍ଡବିଖଣ୍ଡିତ କରିଦେଇଛି। ଏହି ମହିଳା ଜଣକ ହେଲେ ପ୍ରଭାତି ପ୍ରଧାନ (୫୫)। ସନ୍ଧ୍ୟାରେ ପ୍ରଭାତି ଗାଁ ମୁଣ୍ଡକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବାବେଳେ ହାତୀ ହାବୁଡରେ ପଡି ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବାକୁ ଯାଇଥିଲେ। ଶେଷରେ ତାଙ୍କ ମୃତଦେହ ମିଳିଥିଲା। ହେଲେ ଖବର ପାଇ ମଧ ବନ ବିଭାଗ କିମ୍ବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଗାଁ ଲୋକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ହାତୀ ଆକ୍ରମଣରେ ବହୁ ଧନ ଜୀବନ ନଷ୍ଟ ହେଉଥିଲେ ହେଁ ବନ ବିଭାଗ ହାତୀ ଘଉଡାଇବା ନେଇ କୌଣସି ପଦକ୍ଷେପ ନେଉ ନାହିଁ। ଏଣୁ ଗ୍ରାମବାସୀଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ କ୍ଷତିପୂରଣ ଦେବା ସହ ହାତୀକୁ ଘଉଡାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।




## ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

### ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ



ଆତ୍ମସମର୍ପଣ କରିଥିବା ମାଓବାଦୀ ଦମ୍ପତିଙ୍କ ସହ ଖବରଦାତା ସମ୍ମିଳନୀରେ ଏସ୍‌ପି କେ. ଶିବା ସୁବ୍ରମଣି ଓ ସିଆର୍‌ପିଏଫ୍ ଅଧିକାରୀ।

**ରାଉରକେଲା ଅଫିସ, ୭।୩**

ଓଡ଼ିଶା–ଝାଡ଼ଖଣ୍ଡ ସୀମାରେ ଦୀର୍ଘ ଦିନ ହେବ ସକ୍ରିୟ ମାଓବାଦୀ ଦମ୍ପତି ଶନିବାର ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ରାଜୁ କାୟମ ଓ ଅନୀତା ମାର୍ଲା। ଦୁହେଁ ୨୦୧୧ରେ ମାଓବାଦୀ କ୍ୟାମ୍ପରେ ଯୋଗ ଦେଇଥିଲେ। ୧୦ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଜଣେ ମାଓବାଦୀ ନେତାଙ୍କ ପ୍ରରୋଚନାରେ ପଡ଼ି ରାଜୁ କ୍ୟାମ୍ପରେ ଯୋଗ ଦେଇଥିଲେ। ମାଓବାଦୀ କ୍ୟାଡର ସନ୍ଦିପଙ୍କ ତତ୍ତ୍ୱାବଧାନରେ ତାଙ୍କୁ ୨୦୧୨ରେ ବନ୍ଧୁକ ଚାଳନା ଶିକ୍ଷା ଦିଆଯାଇଥିଲା। ପରେ ସେ ଅଧିକ ତାଲିମ ନେଇ ବିଭିନ୍ନ ଆକ୍ରମଣ ଯୋଜନାରେ ସାମିଲ ହୋଇଥିଲେ। ଏହି ଠାରେ ହିଁ ରାଜୁ ୨୦୧୩ରେ ଆର୍ମଡ କ୍ୟାଡର ଅନୀତାଙ୍କୁ ବିବାହ କରିଥିଲେ। ଉଭୟ ଝାଡ଼ଖଣ୍ଡ କୋଲହନ ଅଞ୍ଚଳରେ ରହି କାମ କରିବା ଆରମ୍ଭ କରିଥିଲେ। ମଝିରେ ମଝିରେ ଓଡ଼ିଶା ଝାଡ଼ଖଣ୍ଡ ସୀମା ସୁନ୍ଦରଗଡ଼ ଜିଲାର କୋଇଡା, କିରିବୁରୁ, ହତନା ଏବଂ କେ. ବଲାଙ୍ଗ ଅଞ୍ଚଳକୁ ଆସୁଥିଲେ। ୨୦୧୩ରୁ ୧୭ ମଧରେ ଉଭୟ ଏକାଧିକ ସଙ୍ଗଠିତ ଆକ୍ରମଣରେ ସାମିଲ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅନୀତା ମାଓବାଦୀ କ୍ୟାମ୍ପରେ ସାମିଲ ବେଳେ ମାତ୍ର ୯ମ ଶ୍ରେଣୀରେ ପାଠ ପଢୁଥିବା କହିଛନ୍ତି। ସେ ଚକ୍ରଧରପୁର ଅଞ୍ଚଳର ଏକ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ୨୦୧୪ ଗ୍ରୀଷ୍ମ ଅବକାଶରେ ନିଜ ପୈତୃକ ଗ୍ରାମ ଇଚ୍ଛାହାତୁ ଯାଇଥିଲେ। ଗାଁରେ ଥିବା ବେଳେ ଅନୀତା ରାଜୁଙ୍କ ଦ୍ୱାରା ପ୍ରଭାବିତ ହୋଇ ମାଓବାଦୀ କ୍ୟାମ୍ପରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। ପରେ ଅତୀତା ମାଓବାଦୀ କ୍ୟାଡର ସନ୍ଦିପ ଓ ଚଞ୍ଚଳଙ୍କ ଠାରୁ ବନ୍ଧୁକ ଚାଳନା ଶିକ୍ଷା କରିଥିଲେ। ମାଓବାଦୀ କ୍ୟାମ୍ପରେ ରହଣି କାଳରେ ଉଭୟ ସ୍ୱାମୀ ସ୍ତ୍ରୀ ଝାଡ଼ଖଣ୍ଡ ରାଜ୍ୟର ବହୁ ସ୍ଥାନରେ ସଙ୍ଗଠିତ ଆକ୍ରମଣରେ ସାମିଲ ଥିବା ପୋଲିସକୁ ସୂଚନା ମିଳିଛି। ତେବେ ମାଓବାଦୀ ଆଦର୍ଶରୁ ମୁହଁ ଫେରାଇ ଦୁହେଁ ସାମାଜିକ ମୁଖ୍ୟ ସୋତ୍ରରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରି ରାଉରକେଲା ପୋଲିସ ଜରିଆରେ ଆତ୍ମସମର୍ପଣ କରିଥିବା କୁହାଯାଇଛି। ଏନେଇ ଶନିବାର ଅପରାହ୍ନରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି କେ. ଶିବା ସୁବ୍ରମଣି ଓ ସିଆର୍‌ପିଏଫ୍ ଅଧିକାରୀ ଉପସ୍ଥିତ ରହି ସୂଚନା ଦେଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



# ଗଛ ପଡ଼ି ବୃଦ୍ଧା ମୃତ

**ବିନିକା,୭।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମ ହରିଜନ ପଡ଼ାରେ ଶନିବାର ଏକ ସଜନା ଗଛ ଉପୁଡି ପଡିବାରେ ଏହା ତଳେ ଚାପିହୋଇ ଜଣେ ବୃଦ୍ଧା ମୃତ୍ୟୁ ଘଟିଛି। ମୃତାହେଲେ ବାସନ୍ତୀ ମହାନନ୍ଦ(୭୦)। ମିଳିଥିବା ସୂଚନା ମୁତାବକ ଶନିବାର ସକାଳ ପ୍ରାୟ ୭ଟାରେ ବାସନ୍ତୀ ଘର ବାରଣ୍ଡାରେ ବସିଥିଲେ। ଏହି ସମୟରେ ଘର ସମ୍ମୁଖରେ ଥିବା ଏକ ବଡ଼ ସଜନା ଗଛ ଉପୁଡି ତାଙ୍କ ଉପରେ ପଡିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ବାସନ୍ତୀଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ବାଙ୍କିଘିର୍ଡି ରାଜସ୍ୱ ନିରୀକ୍ଷକ ଫିରୋଜ ମେହେର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତୁରନ୍ତ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବିହୋଇଛି।

# ୬ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା କାୟାକଳ୍ପ ପୁରସ୍କାର

**ସୋନପୁର,୭।୩(ନି.ପ୍ର.)**

## ଉଲୁଣ୍ଡା ସିଏଚ୍‌ସି ରାଜ୍ୟରେ ଦ୍ୱିତୀୟ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ୨୦୧୯-୨୦ ବର୍ଷ ନିମନ୍ତେ କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟଙ୍କ ଚିଠି ଅନୁଯାୟୀ ସିଏଚ୍‌ସିସ୍ତରରେ ଏହା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ନିକଟରେ ଏକ ରାଜ୍ୟସ୍ତରୀୟ ଉତ୍ସବରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଶସ୍ତିପତ୍ର ସହ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିବ। ଜିଲାର ଡୁଙ୍ଗୁରିପାଲି ସିଏଚସି ରାଜ୍ୟରେ ୧୦ତମ ସ୍ଥାନରେ ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୧ ଲକ୍ଷ ଟଙ୍କାର ସାନ୍ତ୍ୱନାମୂଳକ ପୁରସ୍କାର ମିଳିବ। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି) ସ୍ତରରେ ହରଡଖୋଲ ଜିଲାରେ ପ୍ରଥମ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଶସ୍ତିପତ୍ର ସହ ୨ ଲକ୍ଷ ଟଙ୍କାର ଅର୍ଥରାଶି ମିଳିବ। ସେହିପରି ମୁର୍ସୁଣ୍ଡି, ରାମପୁର ଓ ମହାଦେବପାଲି ପିଏଚ୍‌ସିକୁ ପ୍ରଶସ୍ତିପତ୍ର ସହ ୫୦ ହଜାର ଟଙ୍କା ଲେଖାଏଁ ସାନ୍ତ୍ୱନାମୂଳକ ଅର୍ଥରାଶି ମିଳିବ ବୋଲି ଜଣାପଡିଛି। ୨୦୧୫ ମସିହାଠାରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ସମସ୍ତ ସରକାରୀ ଚିକିତ୍ସାଳୟଗୁଡିକରେ ମାନବୃଦ୍ଧି ନିମନ୍ତେ ଏହି ପୁରସ୍କାର ଦିଆଯାଉଛି। ମୁଖ୍ୟତଃ ଡାକ୍ତରଖାନାର ଉନ୍ନତୀକରଣ, ସଫେଇ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ପରିଚାଳନା, ରୋଗ ନିୟନ୍ତ୍ରଣ, ସହାୟକ ସେବା, ହାଇଜେନିକ୍ ପ୍ରମୋଶନ ଓ ରୋଗୀ ସେବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ନେଇ ଏହି ଚୟନ ହୋଇଥାଏ। ଗତ ଅକ୍ଟୋବର ମାସରେ ରାଜ୍ୟର ଏକ କମିଟି ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ପରିଦର୍ଶନ କରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ରିପୋର୍ଟ ଦେଇଥିଲେ। ଏହି ପୁରସ୍କାର ରାଶିର ୭୫% ରୋଗୀ କଲ୍ୟାଣ ସମିତି ପାଇଁ ଓ ୨୫% ଅନୁଷ୍ଠାନର କର୍ମଚାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବୋଲି ଜଣାପଡିଛି।



ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପୁଷ୍ଟି ସାଧନ କେନ୍ଦ୍ର।

# କଳାପଥର ପ୍ୟାକ୍ସ ଡିଇଓଙ୍କୁ କାର୍ଯ୍ୟରୁ ଅନ୍ତର

**ସୋନପୁର,୭।୩(ନି.ପ୍ର.)**

## ଧାନକିଣାରେ ଅନିୟମିତତା

ଉଲୁଣ୍ଡା ବ୍ଲକ କଳାପଥର ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ର ଡାଟା ଏଣ୍ଟ୍ରି ଅପରେଟର ମାନସ ରଞ୍ଜନ ପଧାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ପ୍ୟାକ୍ସ ପରିଚାଳକ ତଥା ବୀରମହାରାଜପୁର ସହକାରୀ ଉପନିବନ୍ଧକ ସମବାୟ ସମିତି(ଏସଏଆରସିଏସ) ସରୋଜ କୁମାର ପ୍ରଧାନ ଶୁକ୍ରବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଖରିଫ ଧାନକିଣାରେ ଅନିୟମିତତା ସମ୍ପର୍କରେ ତଦନ୍ତ ସମୟରେ ମାନସଙ୍କ ସମ୍ପୃକ୍ତିର ପ୍ରମାଣ ମିଳିଛି। ତାଙ୍କ ଯୋଗୁଁ ପ୍ୟାକ୍ସର ଶତାଧିକ ଚାଷୀ ପଞ୍ଜିକରଣ ସମୟରେ ଦେଇଥିବା ଚାଷ ଜମିର ତଥ୍ୟଠାରୁ ବହୁ ଅଧିକ ପରିମାଣର ଧାନ ବିକ୍ରି କରି ମୁନାଫା ପାଇଛନ୍ତି। ଏଭଳି ଅନିୟମିତତା ସମ୍ପର୍କରେ ଅଞ୍ଚଳର ଚାଷୀ ଫେବୃୟାରୀ ମାସରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରାଙ୍କ ନିକଟରେ ଅଭିଯୋଗ କରିଥିଲେ। ଯୋଗାଣ ଅଧିକାରୀ ଅଭିଯୋଗର ତଦନ୍ତ ପାଇଁ ସହକାରୀ ଯୋଗାଣ ଅଧିକାରୀ ସୁବୋଧ ହୋତା, ତ୍ରିନାଥ ଭୋଇ, ଏସଆରସିଏସ ସରୋଜ କୁମାର ପ୍ରଧାନ, ବିନିକା ଯୋଗାଣ ନିରୀକ୍ଷକ ଦିବ୍ୟସିଂ ବଡମାଳୀ ଓ ଉଲୁଣ୍ଡା ଯୋଗାଣ ନିରୀକ୍ଷକ ରାଜକିଶୋର ନାୟକଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ତଦନ୍ତ ସମୟରେ ଅନିୟମିତତାର ସ୍ପଷ୍ଟ ପ୍ରମାଣ ମିଳିଛି। ଏହି ଘଟଣାରେ କଳାପଥର ପ୍ୟାକ୍ସ ସମ୍ପାଦକ ଜଗଦୀଶ ରଥଙ୍କ ଭୂମିକାକୁ ନେଇ ତଦନ୍ତ ଜାରି ରହିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ପରେ ଧାନ କିଣାରେ ବେଆଇନ କାର୍ଯ୍ୟ କରିଥିବା ଅନ୍ୟ ସରକାରୀ କର୍ମଚାରୀ ଛାନିଆ ହୋଇ ପଡିଛନ୍ତି।

# ସ୍ଥାୟୀ ଲୋକ ଅଦାଲତ ଉଦ୍‌ଘାଟିତ

**ସୋନପୁର,୭।୩(ନି.ପ୍ର.)**

ଓଡିଶା ହାଇକୋର୍ଟର ନ୍ୟାୟାଧିଶ ଚିତ୍ତରଞ୍ଜନ ଦାଶଙ୍କ ଦ୍ୱାରା ସୁବର୍ଣ୍ଣପୁରରେ ସ୍ଥାୟୀ ଲୋକଅଦାଲତ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିକଳ୍ପ ବିବାଦ ସମାଧାନ କୋଠାରେ ଏହି ଅଦାଲତ ଚାଲିବ। ନ୍ୟାୟାଧିଶ ଦାଶ କହିଥିଲେ ଯେ, ଏହି ଅଦାଲତ ଦ୍ୱାରା ଜନସାଧାରଣ ଉପକୃତ ହେବେ। ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ କୌଣସି ମୋକଦ୍ଦମା ସ୍ତରରେ ଥିବା ବିବାଦର ଆପୋଷ ସମାଧାନ ଏହି ଅଦାଲତରେ ହୋଇପାରିବ। ବିବାଦର ସମାଧାନ ସକାଶେ ବିବାଦୀପକ୍ଷ ଦରଖାସ୍ତ ମାଧ୍ୟମରେ ସ୍ଥାୟୀ ଲୋକ ଅଦାଲତକୁ ଜଣାଇ ପାରିବେ। ଦରଖାସ୍ତ କରିବା ପାଇଁ କୌଣସି ଶୁଳ୍କ ଦରକାର ପଡିବ ନାହିଁ ବୋଲି ଦାଶ କହିଥିଲେ। ସଦସ୍ୟ ସଚିବ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ମିନାକ୍ଷୀ ଦାସ, ସୂର୍ଯ୍ୟମଣି ମହାପାତ୍ର, ବିମଳ ଚନ୍ଦ୍ର ମିଶ୍ର, ଶମ୍ଭୁ ଭୂଷଣ ପଣ୍ଡା, ଜିଲା ଜଜ୍ ଅରୁଣ କୁମାର ମଲ୍ଲିକ, ଏସ୍‌ପି ଦେବୀପ୍ରସାଦ ଦାଶ, ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ମାନସ କୁମାର ପଣ୍ଡା, ମାନସ ରଞ୍ଜନ ରଥ, କମଳାକାନ୍ତ ନାୟକ, ସୀମା ତ୍ରିପାଠୀ, ସୁବ୍ରତ ଆଚାର୍ଯ୍ୟ, ସସ୍ମିତା ମିଶ୍ର, ପ୍ରିୟଦର୍ଶିନୀ କୁମ୍ଭାର, ପ୍ରତ୍ୟାଶା ରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତ, ସମ୍ପାଦକ ଗଦାଧର ନେଗୀ, ଆଇନଜୀବୀ ବ୍ୟୋମକେଶ ଦାଶ, ଇନ୍ଦ୍ରମଣି ଦାଶ, ନାରାୟଣ ପ୍ରସାଦ ରାୟଗୁରୁ, ରାଜକିଶୋର ନନ୍ଦଙ୍କ ସମେତ ସମସ୍ତ ଆଇନଜୀବୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।



ସ୍ଥାୟୀ ଲୋକ ଅଦାଲତ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଓଡିଶା ହାଇକୋର୍ଟର ଜଜ୍ ଚିତ୍ତରଞ୍ଜନ ଦାଶ ଓ ଅନ୍ୟମାନେ।

# ପ୍ରାକ୍ତନ ଛାତ୍ର ସମାବେଶରେ କଲେଜର ଉନ୍ନତି ଚିନ୍ତା

**ଅମରପାଲି, ୭।୩ (ଡି.ଏନ.ଏ)**

ବୀରମହାରାଜପୁର ମହାବିଦ୍ୟାଳୟରେ ଅଧ୍ୟକ୍ଷ ମୁରଲୀଧର ହୋତାଙ୍କ ଆହ୍ୱାନରେ ଏକ ପ୍ରାକ୍ତନ ଛାତ୍ର ସମାବେଶ ହୋଇଯାଇଛି। ଉକ୍ତ ସମାବେଶରେ ପ୍ରାକ୍ତନ ଛାତ୍ର ସଂଘ ସଭାପତି ଶ୍ରୀଧର ଦାଶ ପୌରୋହିତ୍ୟ କରିଥିଲେ। ଏଥିରେ ପ୍ରାଧ୍ୟାପକ ଦୀନବନ୍ଧୁ ମେହେର, ହୃଷିକେଶ ପଧାନ, ଅଧ୍ୟାପକ ସୁଦାମଚରଣ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଓଡିଶା ସରକାରଙ୍କ ମୋ କଲେଜ ଅଭିଯାନ ସମ୍ପର୍କରେ ଆଲୋଚନା କରାଯାଇ ଏକ ସଂଘ ଗଠନ କରାଯାଇଥିଲା। ଏହା ସହିତ କଲେଜର ଗଠନମୂଳକ କାର୍ଯ୍ୟ ଓ ପ୍ରସ୍ତାବ ଆଗତ କରାଯାଇଥିଲା। ଏହାକୁ ପାଥେୟ କରି କଲେଜର ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଉକ୍ତ ସମାବେଶରେ ପ୍ରାକ୍ତନ ଛାତ୍ର ନାରାୟଣ ଲୁହା, ଶେଷଦେବ ବାରିକ, ରାଧାକାନ୍ତ ପଣ୍ଡା, ଲଡୁଗୋପାଳ ପାଣିଗ୍ରାହୀ, ସନ୍ତୋଷ ବେହେରା, ଆଶୁତୋଷ ହୋତା, ପ୍ରଭାତ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜନଔଷଧୀ ପରିଯୋଜନା ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୭।୩(ସ୍ୱ.ପ୍ର.)**

ଭାରତ ସରକାରଙ୍କ ଫାର୍ମାସ୍ୟୁଟିକାଲ ବିଭାଗ ପକ୍ଷରୁ ରାଜ୍ୟର ସବୁ ଜିଲାରେ ଜନଔଷଧୀ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ବିକ୍ରି ହେଉଥିବା ଔଷଧ ୫୦ରୁ ୯୦ ପ୍ରତିଶତ କମ୍ ମୂଲ୍ୟରେ ମିଳିଥାଏ। ଏହି ଯୋଜନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ସହରର ଅଗ୍ରୱାଲା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲକ୍ଷ୍ମୀଧର ସାହୁ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପଟ୍ଟନାୟକ, ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ସାହୁ ଜନଔଷଧୀରେ ମିଳୁଥିବା ବିଭିନ୍ନ ଔଷଧ ଉପରେ ମତବ୍ୟକ୍ତ କରିଥିଲେ। ବର୍ତ୍ତମାନ ବିଶ୍ୱରେ କରୋନା ଭୂତାଣୁନେଇ ଜନସାଧାରଣ ଭୟଭୀତ ହୋଇପଡିଥିବା ବେଳେ ଏଥିରୁ ରକ୍ଷା ପାଇବାନେଇ ସଚେତନ ହେବା ସହ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ଜନଔଷଧୀ ପରିଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ମହାନ୍ତି ସରକାରଙ୍କ ଏହି ଯୋଜନାରୁ କିପରି ଜନସାଧାରଣ ଲାଭବାନ ହୋଇପାରିବେ ସେନେଇ ସଚେତନ କରାଇଥିଲେ। ସାମାଜିକ କର୍ମୀ ଦେବାଶିଷ ପୁରୋହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜନଔଷଧି କେନ୍ଦ୍ରର ପରିଚାଳକ ଅଶୋକ ଅଗ୍ରୱାଲା କେନ୍ଦ୍ରରେ ବିଭିନ୍ନ ରୋଗ ପାଇଁ ମିଳୁଥିବା ଔଷଧ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଜନସାଧାରଣଙ୍କ ସହ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



ଜନଔଷଧୀ ପରିଯୋଜନା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଝଡ଼ବର୍ଷା ସାଙ୍ଗକୁ କୁଆପଥର ମାଡ଼, ଫସଲ ନଷ୍ଟ

**ତଳଗାଁ ,୭।୩.(ଡି.ଏନ୍.ଏ.)**

ବୌଦ୍ଧ ଜିଲାରେ ଝଡତୋଫାନ ବର୍ଷା ସହ କୁଆପଥର ମାଡ଼ ଯୋଗୁ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଏପରି କି ଗତ ଫେବୃୟାରୀ ମାସରେ ଅଦିନିଆ ବର୍ଷା ଯୋଗୁ ଜିଲାର ଶତାଧିକ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ଭିଜି ନଷ୍ଟ ହୋଇଯାଇଥିଲା। ଫଳରେ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଶୁକ୍ରବାର ଝଡତୋଫାନ ସାଙ୍ଗକୁ କୁଆପଥର ବର୍ଷାରେ ଜିଲାର ମନମୁଣ୍ଡା, କଣ୍ଟମାଳ, ହରଭଙ୍ଗା ଓ ବାଉଁଶୁଣୀ ଅଞ୍ଚଳର ବହୁ ଘର ଭାଙ୍ଗିଯାଇଥିବା ବେଳେ ପନିପରବା ଓ ଡାଲିଜାତୀୟ ଫସଲ ନଷ୍ଟ ହୋଇଯାଇଛି। ଏପରି କି ଶନିବାର ମଧ୍ୟ ଜିଲାର ବିଭିନ୍ନ ସ୍ଥାନରେ ତୁହାକୁତୁହା ବର୍ଷା ଲାଗି ରହିଥିଲା। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



ଝଡତୋଫାନ ବର୍ଷା ସହ କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଫସଲ।

# ଚବିଶ ପ୍ରହର ନାମଯଜ୍ଞ

**ବିନିକା,୭।୩(ଡି.ଏନ୍.ଏ.)**

ବିନିକା ବ୍ଲକ ଶଙ୍କରା ନାରାୟଣୀ ମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞ ଶନିବାର ପ୍ରାରମ୍ଭ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ଡୁମେରକଣ୍ଟା ପୋଖରୀରୁ କଳସରେ ପାଣି ଗ୍ରାମପରିକ୍ରମା ପରେ ପୂଜାମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଯଜ୍ଞର କର୍ତ୍ତା ଭାବେ ଦିଲୀପ କର୍ଣ୍ଣ ତାଙ୍କ ସ୍ତ୍ରୀ ପୂଜା କାର୍ଯ୍ୟ ତୁଲାଉଥିବା ବେଳେ ପୂଜକ ଭାବେ ହରିବୋଲ ପତି, ରମେଶ ନନ୍ଦ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ନାମଯଜ୍ଞରେ ଜପକ ଭାବେ ଗଣ୍ଡାରାମ ସାମନ୍ତରାୟ, ଲକ୍ଷ୍ମଣ ନନ୍ଦ, ରାଜେନ୍ଦ୍ର ମିଶ୍ରୟ, ମନୁ ଶତପଥୀ, ରମଣ ମିଶ୍ର, କୁନା ମିଶ୍ର ଓ ରମାକାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ସୁବର୍ଣ୍ଣପୁରରେ ଜୋନାଲସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍

**ସୋନପୁର,୭।୩(ନି.ପ୍ର.)**

ଅପ୍ରେଲ ମାସରେ ସୁବର୍ଣ୍ଣପୁର ଜିଲାରେ ଅନୁଷ୍ଠିତ ହେବ ପ୍ରଥମ ପଶ୍ଚିମ ଓଡିଶା ଟାଏକୋଣ୍ଡା ଚାମ୍ପିୟନଶିପ୍। ପଶ୍ଚିମ ଓଡିଶାର ୭ଟି ଜିଲାର ୩୦୦ରୁ ଊର୍ଦ୍ଧ୍ୱ କ୍ରୀଡାବିତ୍ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ସୋନପୁର ଇନଡୋର ଷ୍ଟାଡିୟମରେ ଅପ୍ରେଲ ୧୦, ୧୧ ଓ ୧୨ ତାରିଖ ତିନି ଦିନ ଧରି ଏହି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ରେଫେରୀ ସୁନ୍ଦରମଣି ପଟେଲଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବରଗଡ, ସୁନ୍ଦରଗଡ, ଝାରସୁଗୁଡା, ନୂଆପଡା, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକମାନଙ୍କ ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡା ସଂଘ ସଭାପତି ରବିନ୍ଦ୍ର ହୋତା, ଆଇନ ପରାମର୍ଶଦାତା ଶେଷଦେବ ବାରିକ୍ ଓ ସମ୍ପାଦକ ଏହେସାସ ହୋତା ପ୍ରମୁଖ ଚାମ୍ପିୟନଶିପ୍‌ର ସଫଳତା ନେଇ ବକ୍ତବ୍ୟ ରଖିଥିଲେ। ଓଡିଶାରେ ପ୍ରଥମ ଥର ପାଇଁ ଏଭଳି ଜୋନାଲସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଆୟୋଜନ ହେଉଥିବାରୁ ଖେଳାଳିମାନେ ଏଥିରୁ ଅନେକ କିଛି ଶିଖିବାକୁ ପାଇବେ ଓ ସମାନଙ୍କ ଦକ୍ଷତା ବୃଦ୍ଧି ପାଇବ ବୋଲି ଅନ୍ତର୍ଜାତୀୟ ରେଫେରି ପଟେଲ ଏବଂ ଅନ୍ତର୍ଜାତୀୟ ଖେଳାଳି ଏହେସାସ ହୋତା କହିଛନ୍ତି।




ବୈଠକରେ ଟାଏକୋଣ୍ଡୋ ସଂଘର କର୍ମକର୍ତ୍ତା।

## ଅଂଶଗ୍ରହଣ କରିବେ ୭ଜିଲାର ୩ଶହରୁ ଊର୍ଦ୍ଧ୍ୱ କ୍ରୀଡାବିତ୍

**PARADIP PORT TRUST**
**e-TENDER CALL NOTICE**
Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4"**. EMD cost Rs.**1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**
**Executive Engineer**
**Harbour Works Division-III**
**PPT/PR/702/19-20 Dt.06.03.2020**

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବୌଦ୍ଧ,୭।୩(ସ୍ୱ.ପ୍ର.):** ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସରପଞ୍ଚ ଲଳିତମୋହନ ଥାଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ସମ୍ମାନିତ ଅତିଥି ହରଭଙ୍ଗା ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବରାଜ ପ୍ରଧାନ, ସମିତିସଭ୍ୟ ଅମ୍ଳାନ ଜ୍ୟୋତି ଦାଶ, ନାଏବ ସରପଞ୍ଚ ଜୟନ୍ତୀ ତରିଆ ଯୋଗଦେଇଥିଲେ। ପ୍ରତିଯୋଗିତାରେ ୧୪ଟି ବିଦ୍ୟାଳୟର ୨୪୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶୈଳେନ୍ଦ୍ର ପ୍ରସାଦ ମେଣ୍ଡୁଲି ଅତିଥି ପରିଚୟ ପ୍ରଦାନ ଓ ବସନ୍ତ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲା ସରପଞ୍ଚ ସଂଘ ବୈଠକ

## ■ ପଞ୍ଚାୟତ ଆର୍ଥିକ ଦେଣନେଣ ପାଇଁ ବିଡିଓଙ୍କ ପ୍ରତିସ୍ୱାକ୍ଷରକୁ ବିରୋଧ

**ସୋନପୁର,୭।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସରପଞ୍ଚ ସଂଘର ଏକ ବୈଠକ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସରପଞ୍ଚ ସଂଘ ସଭାପତି ପ୍ରକାଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପତ୍ର ସଂଖ୍ୟା ୪୩୧୪/ତା୧୭।୨।୨୦୨୦ରିଖ ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତର ସମସ୍ତ ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ବିଡିଓଙ୍କ ପ୍ରତିସ୍ୱାକ୍ଷର ବିନା ପଞ୍ଚାୟତ ଏକାଉଣ୍ଟରୁ ଆର୍ଥିକ ନେଣଦେଣ ହୋଇପାରିବ ନାହିଁ ବୋଲି ଦିଆଯାଇଥିବା ସରକାରଙ୍କ ନିର୍ଦ୍ଦେଶକୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। କେନ୍ଦ୍ରୀୟ ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ଅନୁଦାନକୁ ପଲ୍ଲୀସଭା ଓ ଗ୍ରାମ ସଭା ମାଧ୍ୟମରେ ପାରିତ କରାଯିବା ପରିବର୍ତ୍ତେ ବିଭାଗ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାର କାର୍ଯ୍ୟାନ୍ୱୟନ କରିବାକୁ ହେଉଥିବା ନିର୍ଦ୍ଦେଶକୁ ସଂଘ ବିରୋଧ କରିଛି। ତେଣୁ ଏହି ଉଭୟ ନିର୍ଦ୍ଦେଶନାମା ପତ୍ର ସମ୍ପର୍କରେ ସରକାର କୋହଳ ମନୋଭାବ ପ୍ରଦର୍ଶନ କରନ୍ତୁ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଗ୍ରାମପଞ୍ଚାୟତମାନଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ ନ କଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବା ସହ ଆଇନର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି। ଏହି ବୈଠକରେ ଉପସଭାପତି ରଞ୍ଜିତା ଭୋଇ, ସମ୍ପାଦକ ଅରବିନ୍ଦ ବାରିକ, କୋଷାଧ୍ୟକ୍ଷ ପ୍ରଭାତ ପାତ୍ର, ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସଭାପତି ସରୋଜ ବାରିକ, ଉଲୁଣ୍ଡା ବ୍ଲକ ସଭାପତି ଦୁର୍ଯ୍ୟୋଧନ ପର୍ଡିଆ ଓ ବିନିକା ବ୍ଲକ ସଭାପତି ଲକ୍ଷ୍ମଣ ସାହୁଙ୍କ ସହ ମଧୁସୁଦନ ଓତା, ମାନସ ବେହେରା, ବ୍ୟୋମକେଶ ପଣ୍ଡା, ରଞ୍ଜିତ କ୍ଷେତି, ସଞ୍ଜିବ ମିଶ୍ର, ସତ୍ୟାନନ୍ଦ ମେଣ୍ଡିଲି, ସନ୍ତୋଷିନୀ ଭୋଇ, ପୂର୍ଣ୍ଣିମା ଦାସ, ରୀନା ମହଲା ଓ ଲୋକେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ସଂଘ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

**PANCHAYAT SAMITI, SINAPALI, DIST.- NUAPADA**

**NO.565 /DEV** **BID IDENTIFICATION No. PS- SINAPALI / 01 / 2019-20** **Dtd.06.03.2020**

The Block Development Officer, Sinapali on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building/ Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the work | Approximate value of work (Rs. in lakh) | Period of Completion | Class of Contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Culvert with Guard wall on the road from Jharbandha to Makarguda via Portipada | 17,45,622.00 | 4 months | D&C | 17460.00 | 6720.00 |
| 2. | Improvement of road from Nangalbod to Golabeda Via Tangripada with RCC culvert | 18,74,031.00 | 4 months | D&C | 18740.00 | 6720.00 |
| 3. | Construction of Addl. Class room (02 Nos.) at Chatiaguda, Ashram School | 7,84,933.00 | 4 months | D&C | 7850.00 | 4480.00 |
| 4. | Construction of Addl. Class room (02 Nos.) at Timanpur, Ashram School | 7,84,933.00 | 4 months | D&C | 7850.00 | 4480.00 |

1. The sale of the Bid document shall start from Dt 11.03.2020 and close on Dt.20.03.2020 at 4.00 P.M. in the office of the undersigned. Bids shall be received by this office up to 5.00 PM on date 20.03.2020 through Registered Post / Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
2. The details Bid documents will also be available in the District website http://nuapada.nic.in from 11.03.2020 to 20.03.2020.
3. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours everyday except on Sunday & public Holidays till last date of sale and receipt of tender papers.
4. The Bid will be opened on Dt.21.03.2020 at 11.30 AM in the office of the undersigned in the presence of the bidders or their authorized representatives.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer,**
**Sinapali Block**



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



**ସଂକ୍ଷେପରେ**

## ରାସ୍ତାରେ ଭାସୁଛି ଡ୍ରେନ୍ ପାଣି

**ଅଦିନିଆ ବର୍ଷାରେ ସହରବାସୀଙ୍କ ଦୁର୍ଦ୍ଦଶା**

**ବରପାଲି,୭।୩(ଡି.ଏନ.ଏ.):** କିଛି ଦିନ ହେଲା ବରପାଲି ସହରରେ ଅଦିନିଆ ବର୍ଷା ଲାଗି ରହିଛି। ଏନେଇ ଜନସାଧାରଣ ପ୍ରଭାବିତ ହେବାସହ ଲୋକଙ୍କ ଦୁର୍ଦ୍ଦଶା ମଧ ବଢ଼ିଯାଇଛି । ଏନ୍ଏସିର ଅଣଦେଖା ଯୋଗୁ ସହରର ରାସ୍ତା ଦୁରାବସ୍ଥା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ । ସହରର ଗଣେଶ ମନ୍ଦିରଠାରୁ ଅଶୋକ କ୍ଲବ ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମିବା ସହ ଡ୍ରେନ ପାଣି ଘରେ ପଶୁଛି। ଏପରି କି ନାଳରେ ଅଳିଆ ଆବର୍ଜନା ଗଦା ହୋଇରହିବା ସହ ପାଣି ଜମି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷେ ସରକାରଙ୍କ ପରିମଳ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ବରପାଲି ସହରରେ ଫେଲ ମାରିଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।

# ପ୍ୟାକ୍ସ ଅଫିସରେ ତାଲା ପକାଇଲେ ଚାଷୀ

**ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ଅସନ୍ତୋଷ**

**ବରଗଡ଼ ଅଫିସ୍,୭।୩**

ରବିରରୁ ଧାନ କିଣାବିକା ପାଇଁ ଚାଲିଥିବା ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ଆରମ୍ଭରୁ ଅସନ୍ତୋଷ ତେଜି ଉଠିଛି। ଏହି ପ୍ରକ୍ରିୟା ଅବ୍ୟବସ୍ଥିତ ଭାବେ ଚାଲିଥିବା ଅଭିଯୋଗ କରି ଶନିବାର ଚାଷୀମାନେ ତୋରା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଅଫିସରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଫଳରେ ଅଫିସ୍ କାର୍ଯ୍ୟ ଠପ୍ ହୋଇଯାଇଛି । ପତିତ, ବର୍ଛା ଜମିରେ ଧାନଚାଷ ହେଉଥିବା ସତ୍ତ୍ୱେ ତାକୁ ପଞ୍ଜୀକରଣରେ ଅନ୍ତର୍ଭୁକ୍ତ କରାଯାଉ ନ ଥିବା ଅଭିଯୋଗ କରି ଅଞ୍ଚଳର ଚାଷୀମାନେ ଏଭଳି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଖବରପାଇ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି(ଆର୍ଏମ୍ସି) ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆ, ସହକାରୀ ସମବାୟ ନିବନ୍ଧକଙ୍କ ଅଫିସରୁ ଶରତ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଆନ୍ଦୋଳନରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ତୋରା ପ୍ୟାକ୍ସ ଅଧୀନରେ ରହିଥିବା ଜମିକୁ ପଞ୍ଜୀକରଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।



ପ୍ୟାକ୍ସ ଅଫିସରେ ତାଲା ପକାଇ ଚାଷୀଙ୍କ ବିକ୍ଷୋଭ।

ପ୍ରକାଶ ଯେ, ତୋରା ପ୍ୟାକ୍ସ ଅଧୀନରେ ରହିଥିବା ଚାଷୀଙ୍କ ୧୭୧ଏକର ୬୫ଡେସିମିଲ ପତିତ, ବର୍ଛା ଜମି ରହିଛି। ଚାଷୀମାନେ ଏହି ଜମିରେ ଚାଷ କରି ଧାନ ଅମଳ କରି ଆସୁଛନ୍ତି। ହେଲେ ସମ୍ପୃକ୍ତ ଜମିକୁ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ଦିଆଯାଉଥିବା ଯୋଗୁ ଅଞ୍ଚଳର ଚାଷୀମାନେ ଅମଳ ଧାନକୁ ବିକ୍ରିକରି ନ ପାରି ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଚାଷୀମାନେ ବାରମ୍ବାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ତହସିଲଦାର, ଜିଲାପାଳଙ୍କ ଠାରୁ ଆରମ୍ଭ କରି ଆର୍ଡିସି, ଯୋଗାଣ ସଚିବ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରି କି ସ୍ଥାନୀୟ ତହସିଲଦାର କ୍ଷେତ୍ର ପରିଦର୍ଶନ କରି ସେହି ଜମିରେ ଧାନ ଚାଷ ହେଉଥିବା ଦେଖିବାକୁ ପାଇଥିଲେ। ଏହାସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ଶୁକ୍ରବାର ତୋରା ପ୍ୟାକ୍ସର ପଞ୍ଜୀକରଣ କାର୍ଯ୍ୟାଳୟକୁ ଅଚଳ କରିଦେଇ ଥିବାବେଳେ ଶନିବାର ମୁଖ୍ୟ ଫାଟକରେ ତାଲା ପକାଇ ସମ୍ପୂର୍ଣ୍ଣ ପ୍ୟାକ୍ସ ଅଫିସକୁ ଅଚଳ କରି ଦେଇଛନ୍ତି। ଚାଷୀନେତା ଲକ୍ଷ୍ମଣ ନନ୍ଦ, ବିଶ୍ୱନାଥ ସାହୁ, ଭୁବନେଶ୍ୱର ସାହୁ, ଅନନ୍ତ ନାରାୟଣ ଭୋଇ, କେଶବ ସାହୁ, ଧନେଶ୍ୱର ସାହୁ, କ୍ଷମାନିଧି ଭୋଇଙ୍କ ସହ ଅନ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ।



ଅତାବିରା ବହିହାଟ ମେଳା ଉଦ୍ଯାପନୀ ଉତ୍ସବରେ ଉପସ୍ଥିତ ମହିଳାମାନେ।

## ଅତାବିରା ବହିହାଟ ମେଳା ଉଦ୍ଯାପିତ

**କାମଟିକ୍ରା,୭।୩(ଡି.ଏନ.ଏ.):** ସମାଜରେ ପୁସ୍ତକ ହେଉଛି ଏକ ଅମୂଲ୍ୟ ଅବଦାନ। ଏହାକୁ ବଞ୍ଚାଇ ରଖିବା ସମସ୍ତଙ୍କ କର୍ତ୍ତବ୍ୟ। ଏପରି କି ମଣିଷର କର୍ମକ୍ଳାନ୍ତ ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରିବାକୁ ପୁସ୍ତକ ହେଉଛି ଏକ ମାଧ୍ୟମ ବୋଲି ଅତାବିରାଠାରେ ଚାଲିଥିବା ଶୁକ୍ରବାର ନବମ ବହିହାଟ ମେଳାର ଉଦ୍ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଅତାବିରା ପୋଲିସ ଏସ୍ଆଇ ଅନିମା ଏକ୍କା ଯୋଗଦେଇ ଏହି ମତ ପ୍ରକାଶ କରିଥିଲେ। ସପ୍ତାହ ଧରି ବହିହାଟ ମେଳା ହୋଇଥିଲା। ଏଥିରେ ଜିଲା ବାହାରୁ ପୁସ୍ତକ ପ୍ରକାଶକମାନେ ଯୋଗଦେଇଥିଲେ। ବହିହାଟ ସମ୍ପାଦକ ରମେଶ ଅଗ୍ରୱାଲ, ସଭାପତି ହରିପ୍ରସାଦ ପଧାନ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଧାନ, ଆବାହକ ଦଶରଥ ବାଗଙ୍କ ସମେତ ଦିଲୀପ ସାହୁ, ରବି ବାଗ, ନିର୍ମଳ ପଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ମଙ୍ଗଳୁ ପଧାନ ସ୍ମୃତି ସମ୍ମାନ ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ପଧାନଙ୍କୁ ପ୍ରଦାନ କରାଯାଇଥିଲା।

## ଯାଦବ ସମାଜର ବୈଠକ

**ଭେଡ଼େନ,୭।୩(ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନସ୍ଥିତ କଲ୍ୟାଣ ମଣ୍ଡପରେ ଶନିବାର ବ୍ଲକ ଯାଦବ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁରୁବାବୁ ବରର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିନିକା ବ୍ଲକ ସଭାପତି ଶିତଳ ପ୍ରସାଦ ମହାକୁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସମାଜର ଶିକ୍ଷା ଏବଂ ନିଶାସେବନର ଭୟାବହତା ଉପରେ ଆଲୋଚନା କରାଯାଇଥିଲା। ବ୍ଲକ ସଂଯୋଜକ ସୋମନାଥ ଭୋଇ ସଭା ସଂଯୋଜନା କରିଥିବା ବେଳେ ନିରଞ୍ଜନ ଥପା, ନରେନ୍ଦ୍ର ବାଗ, ହରିବନ୍ଧୁ ଗହିର, ବଲ୍ଲଭ ନାଗ, ଧର୍ମରାଜ ଭୋଇଙ୍କ ସମେତ ସମାଜର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।

# ବରଗଡ଼ରେ ସ୍ଥାୟୀ ଲୋକ ଅଦାଲତ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୭।୩**

ବରଗଡ଼ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ରହିଥିବା ବିକଳ୍ପ ବିବାଦ ସମାଧାନ କେନ୍ଦ୍ରରେ ଏକ ସ୍ଥାୟୀ ଲୋକ ଅଦାଲତ(ପବ୍ଲିକ ୟୁଟିଲିଟି ସର୍ଭିସେସ୍) ଉଦ୍‌ଘାଟିତ ହୋଇଥିଲା । ଓଡ଼ିଶା ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାସ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ସଚିବ ମୀନାକ୍ଷୀ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଏସ୍.ଏ.କେ.ଜେଡ୍ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ପରିବାର ବିଚାରପତି ରାଜକିଶୋର ନାୟକ, ଅତିରିକ୍ତ ଜିଲାଜଜ୍ ଆଶୁତୋଷ ଦାସ, ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ଆକାଂକ୍ଷିତ ମିଶ୍ର, ସିଭିଲ କୋର୍ଟର ରେଜିଷ୍ଟ୍ରାର ସୁବାସ ଚନ୍ଦ୍ର ଧଳ, ଦେୱାନୀ ବିଚାରପତି ବିଶେଷ କୁମାର ସାହୁ, ଉପଖଣ୍ଡୀୟ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ମିସ୍ ସାଇ ଅବିପ୍ସା ଗୋଛାୟତ, କନିଷ୍ଠ ଦେୱାନୀ ବିଚାରପତି ଶରଦ କୁମାର ସାହୁ, ଜୁଡ଼ିସିଆଲ ମାଜିଷ୍ଟ୍ରେଟ(ପ୍ରଥମ ଶ୍ରେଣୀ) ନରୋଜ କୁମାର ସାହୁ, ସ୍ୱାସ୍ତିକା ପଣ୍ଡାଙ୍କ ସମେତ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ସିଭିଲ କୋର୍ଟର ସମସ୍ତ ବିଚାର ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାୟୀ ଲୋକ ଅଦାଲତର ପ୍ରଥମ ଅଧ୍ୟକ୍ଷଭାବେ ଅବସରପ୍ରାପ୍ତ ରେଜିଷ୍ଟ୍ରାର ରାଜେନ୍ଦ୍ର ପାଣିଗ୍ରାହୀ ଏବଂ ସଭ୍ୟ ଭାବେ ପାଣ୍ଡବ ବେହେରା, ସନ୍ତୋଷ କୁମାର ନାୟକ ପ୍ରମୁଖ ଯୋଗଦାନ କରିଛନ୍ତି। ଏହି ଅବସରରେ ରାଜ୍ୟ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା, ସୁଯୋଗ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନିଲିମା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନେ ସ୍ଥାୟୀ ଲୋକ ଅଦାଲତକୁ ଉଦ୍‌ଘାଟନ କରୁଛନ୍ତି ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଯାପିତ

**ବାଉଁଶୁଣି,୭।୩(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀସ୍ଥିତ ମା'ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଫେବୃୟାରୀ ୨୫ତାରିଖରୁ ଚାଲିଥିବା ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳ, ସମ୍ମାନିତ ଅତିଥି ଭାବେ ଡ. ମନୋରଞ୍ଜନ ଘଡେଇ, ଡ. ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ଶଶିକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ସୋନାଲୀ ମହାକୁଳ ଏବଂ ମଧୁସ୍ମିତା ଜଗଦଲା ମାଷ୍ଟର ଟ୍ରେନର ଭାବେ ୯୦ଜଣ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜ ଅଧ୍ୟକ୍ଷ ମହାକୁଳ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ମହିଳା ଦିବସ ଉପରେ ସଚେତନତା

**ବରଗଡ଼ ଅଫିସ୍,୭।୩**

ବରଗଡ଼ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଲାୟନ୍ସ କ୍ଲବ ରୋସନୀ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ, ଡା. ଅର୍ଚ୍ଚନା ଅଗ୍ରୱାଲ, ମୋଟିଭେଟର ବିଦ୍ୟୁତ୍ ଦାସ, ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ, ଲାୟନ୍ସ କ୍ଲବର ଜୋନାଲ ଅଧ୍ୟକ୍ଷ ବିନୋଦ ଅଗ୍ରୱାଲ, ସଭାପତି ସ୍ମିତା ଅଗ୍ରୱାଲ, ସମ୍ପାଦିକା ରୀତୁ ସାନନ ପ୍ରମୁଖ ଯୋଗଦେଇ ଆନ୍ତର୍ଜାତିକ ମହିଳା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଜୟପ୍ରକାଶ ଅଗ୍ରୱାଲ, ରେଖା ଅଗ୍ରୱାଲ, କବିତା ଭୁକ୍ତାନୀ, ମଧୁ ଜୈନ, ପ୍ରିୟଙ୍କା ଶର୍ମା, ଟିନା ପୋପଟ, ସ୍ମିତା ଦାଶ, କୌଶଲ୍ୟା ଛୁରିଆ, ରଞ୍ଜିତା ହରିପାଲ, ଅଂଶୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୧ରେ କେନ୍ଦୁପତ୍ର କର୍ମଚାରୀ ସଂଘର ରାସ୍ତାରୋକୋ



କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ପାଇକମାଳ,୭।୩(ଡି.ଏନ.ଏ.)**

ପଦ୍ମପୁର ଉପଖଣ୍ଡ ଅଧୀନ ରେଞ୍ଜରେ କାର୍ଯ୍ୟରତ ଶ୍ରମିକ, ତୋଳାଳି, ବନ୍ଧାଳୀ, ଚେକରଙ୍କ ବିଭିନ୍ନ ଦାବି ପୂରଣ ନେଇ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆନ୍ଦୋଳନ କରାଯାଇଥିଲ। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ଏନେଇ ସଂଘ କର୍ମକର୍ତ୍ତା ୧୧ ତାରିଖରେ ମିଠାପାଲି-ମାଝିପାଲି ରାସ୍ତାରୋକୋ ସହ ଆନ୍ଦୋଳନ କରିବା ନେଇ ଏକ ଦାବିପତ୍ର ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ଶନିବାର ପ୍ରଦାନ କରାଯାଇଛି। ଏପରି କି ୯ଟି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ସହ ରାସ୍ତାରୋକୋ ହେବ ବୋଲି ପୂର୍ବତନ ବିଧାୟକ ତଥା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି । ଦାବିପତ୍ର ଦେବା ସମୟରେ ସଂଘର ରାଜ୍ୟ ସମ୍ପାଦକ କୋକିଳ ସାହୁ, ଅରମାନ ଖାଁ, ଚୂଡାମଣି ପାଣିଗ୍ରାହୀ, ପିକ ନନ୍ଦ, ଗୁଣନିଧି ଶବର, ମହେନ୍ଦ୍ର ପ୍ରଧାନ, ପାରେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜାଲ୍‌ନୋଟ୍ ଜବତ୍ ଘଟଣାରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବରଗଡ଼ ଅଫିସ୍,୭।୩:** କ୍ରାଇମବ୍ରାଞ୍ଚର ଏସ୍ଟିଏଫ ଶୁକ୍ରବାର ବରଗଡ଼ ସହର ଭଟଲି ଛକରେ ଚାଲିଥିବା ଜାଲନୋଟ୍ କାରବାର ଘଟଣାର ପର୍ଦ୍ଦାଫାଶ କରିଥିଲା । ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତ ଛତିଶଗଡ଼ ରାଜ୍ୟ ରାୟଗଡ଼ ଜିଲା ସରିଆ ଥାନା ଅନ୍ତର୍ଗତ ବେରହମପୁରା ଗ୍ରାମର ମଙ୍ଗଲୁ ମାଲଖର(୪୨), କଟକ ଜିଲା ଲାଲବାଗ୍ ଥାନା ସେଲଟର ଛକ ଜଗନ୍ନାଥ ସାହିର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ଭଟଲି ଛକ ଭଡ଼ାଘରେ ରହୁଥିବା ସୁଦର୍ଶନ ମହାନ୍ତି(୩୬) ଏବଂ ବରଗଡ଼ ଜିଲା ବରପାଲି ଥାନା କେବାଡ଼ ଗ୍ରାମର ପ୍ରଫୁଲ୍ଲ ମେହେର(୫୬)ଙ୍କୁ ଗିରଫ କରାଯାଇଥିଲା। ଶନିବାର ଗିରଫ ଅଭିଯୁକ୍ତମାନଙ୍କୁ ବରଗଡ଼ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ସବଜେଲ ହାଜତକୁ ପଠାଇ ଦିଆଯାଇଛି । ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୯୪/୨୦) ରୁଜୁ ହୋଇଛି। ଏସଟିଏଫ ଟିମ୍ ଶୁକ୍ରବାର ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କଠାରୁ ୨ଲକ୍ଷ ୬ଶହ ଜାଲନୋଟ୍, ଏକ ବାଇକ ସହ ଅନ୍ୟ ସାମଗ୍ରୀ ଜବତ କରିଥିଲା।

# ଅବହେଳିତ ଶୈଶବ ସମ୍ପର୍କିତ କର୍ମଶାଳା

**ବରଗଡ଼ ଅଫିସ୍,୭।୩**

ବରଗଡ଼ର ଭିଏସଏସ ନଗର(ବାନ୍ଧୁଟିକ୍ରା) ନିକଟ ଏକ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ହସ୍ତଶିଳ୍ପ ମେଳା ଅବସରରେ ଅବହେଳିତ ଶୈଶବ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡୋଭ୍‌ର ସଭାପତି ସତ୍ୟନାରାୟଣ ସିଂହ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟଅତିଥି, ଡ. ଅଶୋକ କୁମାର ମହାପାତ୍ର ବକ୍ତାଭାବେ ଯୋଗଦାନ କରିଥିଲେ। ସୁବାସ ଚନ୍ଦ୍ର ସାହୁ, ଡ. ରବି ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିବୃନ୍ଦ ଶିଶୁଙ୍କ ସୁରକ୍ଷା, ଯତ୍ନ ଏବଂ ଅଧିକାର ଉପରେ ମତବ୍ୟକ୍ତ କରିଥିଲେ। ସନ୍ଧ୍ୟାରେ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଡୋଭ୍‌ର ସମ୍ପାଦକ ଅନିଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

**ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ**

**ବରଗଡ଼ ଅଫିସ୍,୭।୩**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆର୍ଡିଏ) ସମ୍ମିଳନୀ କକ୍ଷରେ ଶନିବାର ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୈଠକର ସମସ୍ତଙ୍କୁ ସ୍ୱାଗତ କରି ସଭାର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲାରେ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଏବଂ ଆମ କୃଷି ଯୋଜନାର କାର୍ଯ୍ୟକାରିତାକୁ ନେଇ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବରଗଡ଼ ଲୋକସଭା ଏମ୍ପି ସୁରେଶ ପୂଜାରୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୌଲତ ଚନ୍ଦ୍ରକାରଙ୍କ ସହ ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର କାର୍ଯ୍ୟକାରିତା ଉପରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଯୋଜନାରେ ଅମ୍ବାଭୋନା ବ୍ଲକର ୧୫, ଅତାବିରା ବ୍ଲକର ୯, ବରଗଡ଼ ବ୍ଲକର ୨୫, ବରପାଲି ବ୍ଲକର ୩୧, ଭଟଲି ବ୍ଲକର ୧୫, ଭେଡ଼େନ ବ୍ଲକର ୧୧, ବିଜେପୁର ବ୍ଲକର ୧୭, ଗାଇସିଲେଟ ବ୍ଲକର ୧୬ ଏବଂ ପାଇକମାଳ ବ୍ଲକର ୨୪ଟି ରାସ୍ତାକୁ ଅନ୍ତର୍ଭୁକ୍ତ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏପରି କି ଯୋଜନାରେ ନିର୍ମିତ ରାସ୍ତାର ମାନ ନିର୍ଦ୍ଧାରଣବେଳେ ସମ୍ପୃକ୍ତ ଅଞ୍ଚଳର ଜନ ପ୍ରତିନିଧିମାନଙ୍କ ମତାମତ ନିଆଯିବାକୁ ବୈଠକରେ ଦାବି କରାଯାଇଥିଲା। ସେହିପରି ଆମ କୃଷି ଯୋଜନାରେ ବିହନ, କୃଷି ଯନ୍ତ୍ରପାତି ଯୋଗାଣରେ ରିହାତି ବ୍ୟବସ୍ଥା ଉପରେ ସୂଚନା ଦିଆଯାଇଥିଲା। ବାଦାମ ବିହନ ଯୋଗାଣରେ ଅନିୟମିତତା ହୋଇଥିବା ନେଇ ଜିଲା ପରିଷଦ ଉପାଧ୍ୟକ୍ଷ ଦୀପ ବୈଠକରେ ଦୃଷ୍ଟି ଆକର୍ଷଣ କରି ଘଟଣାର ତଦନ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସମୀକ୍ଷାବେଳେ ଜୈବ ବିବିଧତା କମିଟିରେ ୭ଜଣ ସଭ୍ୟଙ୍କୁ ଚୟନ କରାଯିବା ସମ୍ପର୍କରେ ବନ ବିଭାଗ ଅଧିକାରୀ ସୂଚନା ଦେଇଥିଲେ। ସେହିପରି ସମବାୟ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।



ଜିଲା ପରିଷଦ ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, ଅଧିକାରୀବୃନ୍ଦ।

# ଗାଁ କଲ୍ୟାଣ, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

**ବରଗଡ଼ ଅଫିସ୍,୭।୩**

ବରଗଡ଼ ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଶନିବାର ସ୍ଥାନୀୟ ସ୍ୱୟଂସିଦ୍ଧା ଭବନ ପରିସରରେ ଜିଲାସ୍ତରୀୟ ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍ଓ) ଡା. ବିଭୁତି ଭୂଷଣ ମେହେର, ଏଡିଏମ୍ଓ ଡା. ଚୂଳବତୀ ସାହୁ, ଡିପିଏମ୍ ଶଙ୍କର ଆଚାର୍ଯ୍ୟଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମଞ୍ଚାସୀନ ଥିଲେ। ସ୍ୱାସ୍ଥ୍ୟସେବାରେ ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ଭୂମିକା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏଥିରେ ଉଲ୍ଲେଖନୀୟ କାର୍ଯ୍ୟଯୋଗୁ ସମ୍ବର୍ଦ୍ଧନା, ପୁରସ୍କାର ପ୍ରଦାନ କରାଯାଇଥିଲା। ଆଶାକର୍ମୀରେ ପାଇକମାଲ ବ୍ଲକର ଫୁଲମତୀ ବିନ୍ଧାଣୀ ଓ ଝାରବନ୍ଧ ବ୍ଲକର ଶୀଳା ରଣା ପ୍ରଥମ, ଅମ୍ବାଭୋନା ବ୍ଲକର ଅପର୍ଣ୍ଣା ଦେହେରୀ ଦ୍ୱିତୀୟ ଏବଂ ସୋହେଲା ବ୍ଲକର ପୁଷ୍ପିତା ଦୀପ ତୃତୀୟ ପୁରସ୍କାର ବାବଦକୁ ମାନପତ୍ର ସହିତ ଯଥାକ୍ରମେ ୯ହଜାର, ୭ହଜାର ଏବଂ ୫ହଜାର ଟଙ୍କା ଲେଖାଏଁ ପାଇଥିଲେ। ଗାଁ କଲ୍ୟାଣ ସମିତିରେ ଗାଇସିଲେଟ ବ୍ଲକର ମଲମଣ୍ଡା, ସୋହେଲା ବ୍ଲକର ଗର୍ଭନା, ଅତାବିର ବ୍ଲକର ବନହର, ବରପାଲି ବ୍ଲକର ମହୁଲପାଲି ଭଟଲି ବ୍ଲକର ଜଡ଼ାମୁଣ୍ଡା, ପାଇକମାଲ ବ୍ଲକର କୁତ୍ରାମାଲ, ଝାରବନ୍ଧ ବ୍ଲକର ଲେରଗାଁ, ବରଗଡ଼ ବ୍ଲକର ଡୁମେରପାଲି, ପଦ୍ମପୁର ବ୍ଲକର ଫଟାମୁଣ୍ଡା, ବିଜେପୁର ବ୍ଲକର ପଡ଼ା, ଅମ୍ବାଭୋନା ବ୍ଲକର ଭାଲୁତଲ ଏବଂ ଭେଡ଼େନ ବ୍ଲକର ସୁନାଲରମ୍ଭା ଗାଁ କଲ୍ୟାଣ ସମିତିକୁ ଟ୍ରଫି ସହିତ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସେହିପରି ସୋହେଲା ବ୍ଲକର ବାଉଁଶେନମୁରା, ଅତାବିରା ବ୍ଲକର ଚକୁଲି ଏବଂ ଅମ୍ବାଭୋନା ବ୍ଲକର ବଙ୍ଗାପାଲି ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ପୁରସ୍କାର ଭାବେ ଟ୍ରଫି ସହିତ ୧୦ହଜାର ଟଙ୍କା ଲେଖାଏଁ ମିଳିଥିଲା। କାୟାକଳ୍ପ ଆୱାର୍ଡ଼ରେ ପଦ୍ମପୁର ଏସ୍ଡିଏଚ, ଭେଡ଼େନ ସିଏଚ୍ସି, ଭଟଲି ସିଏଚ୍ସି ଓ ବିଜେପୁର ସିଏଚ୍ସିକୁ ୧ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇ ଥିବାବେଳେ ଲଖନପୁରକୁ ୨ଲକ୍ଷ ଟଙ୍କା ମିଳିଥିଲା। ସେହିପରି ଉଦେପାଲି ପିଏଚ୍ସି, ଜଗଦଲପୁର ପିଏଚ୍ସି, ପଥର୍ଲା ପିଏଚ୍ସି, ମାଣ୍ଡୋସିଲ ପିଏଚ୍ସି ଏବଂ ବରଗଡ଼ର ଷ୍ଟେଶନପଡ଼ା ୟୁପିଏଚ୍ସିକୁ ୫୦ହଜାର ଟଙ୍କା ଲେଖାଏଁ ଦିଆଯାଇଥିଲା। ଏହା ସହିତ ୨୩ଟି ମହିଳା ଆରୋଗ୍ୟ ସମିତିକୁ ମାନପତ୍ର ସହିତ ୩ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ମହିଳା ଆରୋଗ୍ୟ ସମିତି ଏବଂ ରୋଗ କଲ୍ୟାଣ ସମିତି ସମେତ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀମାନେ ଯୋଗଦାନ କରିଥିଲେ।



ଗାଁ କଲ୍ୟାଣ, ମହିଳା ଆରୋଗ୍ୟ ସମିତି ସମ୍ମିଳନୀରେ ପୁରସ୍କାର ପ୍ରଦାନ କରାଯାଉଛି।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର

## ସଂକ୍ଷେପରେ

### ପ୍ରାକ୍ତନ ଛାତ୍ର ସମାବେଶରେ କଲେଜର ଉନ୍ନତି ଚିନ୍ତା

**ଅମରପାଲି, ୭।୩ (ଡି.ଏନ.ଏ):** ବୀରମହାରାଜପୁର ମହାବିଦ୍ୟାଳୟରେ ଅଧ୍ୟକ୍ଷ ମୂରଲୀଧର ହୋତାଙ୍କ ଆହ୍ୱାନରେ ଏକ ପ୍ରାକ୍ତନ ଛାତ୍ର ସମାବେଶ ହୋଇଯାଇଛି। ଉକ୍ତ ସମାବେଶରେ ପ୍ରାକ୍ତନ ଛାତ୍ର ସଂଘ ସଭାପତି ଶ୍ରୀଧର ଦାଶ ପୌରୋହିତ୍ୟ କରିଥିଲେ। ଏଥିରେ ପ୍ରାଧ୍ୟାପକ ଦୀନବନ୍ଧୁ ମେହେର, ହୃଷିକେଶ ପଧାନ, ଅଧାପକ ସୁଦାମଚରଣ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଓଡିଶା ସରକାରଙ୍କ ମୋ କଲେଜ ଅଭିଯାନ ସମ୍ପର୍କରେ ଆଲୋଚନା କରାଯାଇ ଏକ ସଂଘ ଗଠନ କରାଯାଇଥିଲା। ଏହା ସହିତ କଲେଜର ଗଠନମୂଳକ କାର୍ଯ୍ୟ ଓ ପ୍ରସ୍ତାବ ଆଗତ କରାଯାଇଥିଲା। ଏହାକୁ ପାଥେୟ କରି କଲେଜର ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।

# ୬ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା କାୟାକଳ୍ପ ପୁରସ୍କାର

### ଉଲୁଣ୍ଡା ସିଏଚ୍‌ସି ରାଜ୍ୟରେ ଦ୍ୱିତୀୟ

**ସୋନପୁର,୭।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ୨୦୧୯-୨୦ ବର୍ଷ ନିମନ୍ତେ କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟଙ୍କ ଚିଠି ଅନୁଯାୟୀ ସିଏଚ୍‌ସିସ୍ତରରେ ଏହା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ନିକଟରେ ଏକ ରାଜ୍ୟସ୍ତରୀୟ ଉତ୍ସବରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଶସ୍ତିପତ୍ର ସହ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିବ। ଜିଲାର ଡୁଙ୍ଗୁରିପାଲି ସିଏଚସି ରାଜ୍ୟରେ ୧୦ତମ ସ୍ଥାନରେ ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୧ ଲକ୍ଷ ଟଙ୍କାର ସାନ୍ତ୍ୱନାମୂଳକ ପୁରସ୍କାର ମିଳିବ । ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି) ସ୍ତରରେ ହରଡଖୋଲ ଜିଲାରେ ପ୍ରଥମ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଶସ୍ତିପତ୍ର ସହ ୨ଲକ୍ଷ ଟଙ୍କାର ଅର୍ଥରାଶି ମିଳିବ। ସେହିପରି ମୁର୍ଷୁଣ୍ଡି, ରାମପୁର ଓ ମହାଦେବପାଲି ପିଏଚ୍‌ସିକୁ ପ୍ରଶସ୍ତିପତ୍ର ସହ ୫୦ ହଜାର ଟଙ୍କା ଲେଖାଏଁ ସାନ୍ତ୍ୱନାମୂଳକ ଅର୍ଥରାଶି ମିଳିବ ବୋଲି ଜଣାପଡିଛି। ୨୦୧୫ ମସିହାଠାରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ସମସ୍ତ ସରକାରୀ ଚିକିତ୍ସାଳୟଗୁଡିକରେ ମାନବୃଦ୍ଧି ନିମନ୍ତେ ଏହି ପୁରସ୍କାର ଦିଆଯାଉଛି। ମୁଖ୍ୟତଃ ଡାକ୍ତରଖାନାର ଉନ୍ନତୀକରଣ, ସଫେଇ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ପରିଚାଳନା, ରୋଗ ନିୟନ୍ତ୍ରଣ, ସହାୟକ ସେବା, ହାଇଜେନିକ୍ ପ୍ରମୋଶନ ଓ ରୋଗୀ ସେବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ନେଇ ଏହି ଚୟନ ହୋଇଥାଏ। ଗତ ଅକ୍ଟୋବର ମାସରେ ରାଜ୍ୟର ଏକ କମିଟି ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ପରିଦର୍ଶନ କରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ରିପୋର୍ଟ ଦେଇଥିଲେ । ଏହି ପୁରସ୍କାର ରାଶିର ୭୫% ରୋଗୀ କଲ୍ୟାଣ ସମିତି ପାଇଁ ଓ ୨୫% ଅନୁଷ୍ଠାନର କର୍ମଚାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବୋଲି ଜଣାପଡିଛି।



ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପୁଷ୍ଟି ସାଧନ କେନ୍ଦ୍ର।

# କଳାପଥର ପ୍ୟାକ୍ସ ଡିଇଓଙ୍କୁ କାର୍ଯ୍ୟରୁ ଅନ୍ତର

### ଧାନକିଣାରେ ଅନିୟମିତତା

**ସୋନପୁର,୭।୩(ନି.ପ୍ର.)**

ଉଲୁଣ୍ଡା ବ୍ଲକ କଳାପଥର ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ର ଡାଟା ଏଣ୍ଟ୍ରି ଅପରେଟର ମାନସ ରଞ୍ଜନ ପଧାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ପ୍ୟାକ୍ସ ପରିଚାଳକ ତଥା ବୀରମହାରାଜପୁର ସହକାରୀ ଉପନିବନ୍ଧକ ସମବାୟ ସମିତି(ଏସଏଆରସିଏସ) ସରୋଜ କୁମାର ପ୍ରଧାନ ଶୁକ୍ରବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଖରିଫ ଧାନକିଣାରେ ଅନିୟମିତତା ସମ୍ପର୍କରେ ତଦନ୍ତ ସମୟରେ ମାନସଙ୍କ ସମ୍ପୃକ୍ତିର ପ୍ରମାଣ ମିଳିଛି। ତାଙ୍କ ଯୋଗୁଁ ପ୍ୟାକ୍ସର ଶତାଧିକ ଚାଷୀ ପଞ୍ଜିକରଣ ସମୟରେ ଦେଇଥିବା ଚାଷ ଜମିର ତଥ୍ୟଠାରୁ ବହୁ ଅଧିକ ପରିମାଣର ଧାନ ବିକ୍ରି କରି ମୁନାଫା ପାଇଛନ୍ତି। ଏଭଳି ଅନିୟମିତତା ସମ୍ପର୍କରେ ଅଞ୍ଚଳର ଚାଷୀ ଫେବୃୟାରୀ ମାସରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରାଙ୍କ ନିକଟରେ ଅଭିଯୋଗ କରିଥିଲେ। ଯୋଗାଣ ଅଧିକାରୀ ଅଭିଯୋଗର ତଦନ୍ତ ପାଇଁ ସହକାରୀ ଯୋଗାଣ ଅଧିକାରୀ ସୁବୋଧ ହୋତା, ତ୍ରିନାଥ ଭୋଇ, ଏସଆରସିଏସ ସରୋଜ କୁମାର ପ୍ରଧାନ, ବିନିକା ଯୋଗାଣ ନିରୀକ୍ଷକ ଦିବ୍ୟସିଂ ବଡମାଳୀ ଓ ଉଲୁଣ୍ଡା ଯୋଗାଣ ନିରୀକ୍ଷକ ରାଜକିଶୋର ନାୟକଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ତଦନ୍ତ ସମୟରେ ଅନିୟମିତତାର ସ୍ପଷ୍ଟ ପ୍ରମାଣ ମିଳିଛି। ଏହି ଘଟଣାରେ କଳାପଥର ପ୍ୟାକ୍ସ ସମ୍ପାଦକ ଜଗଦୀଶ ରଥଙ୍କ ଭୂମିକାକୁ ନେଇ ତଦନ୍ତ ଜାରି ରହିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ପରେ ଧାନ କିଣାରେ ବେଆଇନ କାର୍ଯ୍ୟ କରିଥିବା ଅନ୍ୟ ସରକାରୀ କର୍ମଚାରୀ ଛାନିଆ ହୋଇ ପଡିଛନ୍ତି ।

# ସ୍ଥାୟୀ ଲୋକଅଦାଲତ ଉଦ୍‌ଘାଟିତ

**ସୋନପୁର,୭।୩(ନି.ପ୍ର.)**

ଓଡିଶା ହାଇକୋର୍ଟର ନ୍ୟାୟାଧିଶ ଚିତ୍ତରଞ୍ଜନ ଦାଶଙ୍କ ଦ୍ୱାରା ସୁବର୍ଣ୍ଣପୁରରେ ସ୍ଥାୟୀ ଲୋକଅଦାଲତ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ବିକଳ୍ପ ବିବାଦ ସମାଧାନ କୋଠାରେ ଏହି ଅଦାଲତ ଚାଲିବ । ନ୍ୟାୟାଧିଶ ଦାଶ କହିଥିଲେ ଯେ, ଏହି ଅଦାଲତ ଦ୍ୱାରା ଜନସାଧାରଣ ଉପକୃତ ହେବେ। ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ କୌଣସି ମୋକଦ୍ଦମା ସ୍ତରରେ ଥିବା ବିବାଦର ଆପୋଷ ସମାଧାନ ଏହି ଅଦାଲତରେ ହୋଇପାରିବ। ବିବାଦର ସମାଧାନ ସକାଶେ ବିବାଦୀପକ୍ଷ ଦରଖାସ୍ତ ମାଧ୍ୟମରେ ସ୍ଥାୟୀ ଲୋକ ଅଦାଲତକୁ ଜଣାଇ ପାରିବେ। ଦରଖାସ୍ତ କରିବା ପାଇଁ କୌଣସି ଶୁଳ୍କ ଦରକାର ପଡିବ ନାହିଁ ବୋଲି ଦାଶ କହିଥିଲେ। ସଦସ୍ୟ ସଚିବ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ମିନାକ୍ଷୀ ଦାସ, ସୂର୍ଯ୍ୟମଣି ମହାପାତ୍ର, ବିମଳ ଚନ୍ଦ୍ର ମିଶ୍ର, ଶମ୍ଭୁ ଭୂଷଣ ପଣ୍ଡା, ଜିଲା ଜଜ୍ ଅରୁଣ କୁମାର ମଲ୍ଲିକ, ଏସ୍‌ପି ଦେବୀପ୍ରସାଦ ଦାଶ, ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ମାନସ କୁମାର ପଣ୍ଡା, ମାନସ ରଞ୍ଜନ ରଥ, କମଳାକାନ୍ତ ନାୟକ, ସୀମା ତ୍ରିପାଠୀ, ସୁବ୍ରତ ଆଚାର୍ଯ୍ୟ, ସସ୍ମିତା ମିଶ୍ର, ପ୍ରିୟଦର୍ଶିନୀ କୁମାର, ପ୍ରତ୍ୟାଶା ରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତ, ସମ୍ପାଦକ ଗଦାଧର ନେଗୀ, ଆଇନଜୀବୀ ବ୍ୟୋମକେଶ ଦାଶ, ଇନ୍ଦ୍ରମଣି ଦାଶ, ନାରାୟଣ ପ୍ରସାଦ ରାୟଗୁରୁ, ରାଜକିଶୋର ନନ୍ଦଙ୍କ ସମେତ ସମସ୍ତ ଆଇନଜୀବୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।



ସ୍ଥାୟୀ ଲୋକ ଅଦାଲତ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଓଡିଶା ହାଇକୋର୍ଟର ଜଜ୍ ଚିତ୍ତରଞ୍ଜନ ଦାଶ ଓ ଅନ୍ୟମାନେ।

# ୩୩କେଭି ଲାଇନ୍ ସଂସ୍ପର୍ଶରେ ଆସି ଛାତ୍ର ଗୁରୁତର

**ବଲାଙ୍ଗୀର ଅଫିସ, ୭।୩**



- ପଦାରେ ପଡିଲା ବିଦ୍ୟୁତ୍ ବିଭାଗ, ହସ୍ପିଟାଲର ଅବ୍ୟବସ୍ଥା
- .ପୋଡାଜଳା କକ୍ଷ ନାହିଁ, ୧ ଘଣ୍ଟା ପଡିରହିଲେ ଗୁରୁତର
- ୧୦୮ ଆମ୍ବୁଲାନ୍ସ ଏସି କାମ କଲାନାହିଁ, ଗ୍ଲାସ ଖୋଲି ରୋଗୀଙ୍କୁ ନିଆଗଲା

ବଲାଙ୍ଗୀର ବିଦ୍ୟୁତ୍ ବିଭାଗର ଅପାରଗତା ଏବଂ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଚରମ ଅବ୍ୟବସ୍ଥା ପଦାରେ ପଡିଛି । ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ସ୍ଥାନୀୟ ଚନ୍ଦ୍ରଶେଖରନଗରର ଏକ ଭଡା ଘରେ ରହୁଥିବା ଜଣେ ଆଇଟିଆଇ ଛାତ୍ର ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି । ଚନ୍ଦ୍ରଶେଖର ନଗରଠାରେ ବେହେରା ଚ୍ୟାମ୍ବରର ଏକ ଭଡା ଘରେ ସୁବର୍ଣ୍ଣପୁର ଜିଲା ତମାମୁରା ନିବାସୀ ଓ ସ୍ଥାନୀୟ ସରକାରୀ ଆଇଟିଆଇରେ ପଢୁଥିବା ଦ୍ୱିତୀୟ ବର୍ଷ ଛାତ୍ର ସୌମ୍ୟରଞ୍ଜନ ଭୋଇ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଗାଧୋଇ ତାଙ୍କ ଓଦା ପ୍ୟାଣ୍ଟ ଶୁଖାଇବାକୁ ଗଲାବେଳେ କୋଠା ନିକଟ ଦେଇ ଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ । ତାଙ୍କ ଶରୀର ୯୦ ଭାଗ ଅଂଶ ପୋଡି ଯାଇଥିଲା । ଗୁରୁତର ଆହତ ଅବସ୍ଥାରେ ଭୋଇଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପୋଡାଜଳା କକ୍ଷ ନ ଥିବାରୁ ଅତ୍ୟନ୍ତ ସଙ୍କଟାପନ୍ନ ଭୋଇଙ୍କୁ ସର୍ଜରୀ ବିଭାଗର ସାଧାରଣ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେତିକି ବେଳେ ଲାଇନ୍ ମଧ୍ୟ ନ ଥିଲା । ମେଡିକାଲ କଲେଜ ହସ୍ପିଟାଲରେ ପୋଡାଜଳା କକ୍ଷ ଏସିରେ ଭୋଇଙ୍କୁ ରଖାଯିବା ଅତି ଜରୁରୀ ଥିଲେ ମଧ୍ୟ ତାଙ୍କୁ ସାଧାରଣ ୱାର୍ଡରେ ରଖାଯାଇଥିଲା । ଗୁରୁତର ଭୋଇଙ୍କ ଚିତ୍କାର ଶୁଣି ଅନ୍ୟ ରୋଗୀମାନେ ଭୟଭୀତ ହୋଇଯାଇଥିଲେ । ଅମ୍ଳଜାନ୍ ଦେଇ ତାଙ୍କୁ ସେଠାରେ ଗୁରୁତର ଭାବେ ରଖାଯାଇଥିଲା। ଡାକ୍ତର ତାଙ୍କୁ ସେଠାରୁ ତୁରନ୍ତ ବୁର୍ଲା ସ୍ଥାନାନ୍ତରଣ କରିବାକୁ କହିଥିଲେ । ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା। ବହୁ ବିଳମ୍ବରେ ଓଡି୦୨ ଏନ୍ ୩୦୨୩ ଆମ୍ବୁଲାନ୍ସ ପହଞ୍ଚିଥିଲା । ତେବେ ସେହି ଆମ୍ବୁଲାନ୍ସର ଏସି କାମ କରୁ ନ ଥିଲା । ଏଭଳିକି ଲାଗିଥିବା ପଙ୍ଖା ମଧ୍ୟ କାମ କରୁ ନ ଥିବା ଦେଖାଯାଇଥିଲା । ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ଭୋଇଙ୍କୁ ଉକ୍ତ ଆମ୍ବୁଲାନ୍ସର ଝରକା ଖୋଲି ଶୀଘ୍ର ନେଇଯିବାକୁ କୁହାଯାଇଥିଲା । ଏହାପରେ ପରିବାର ଲୋକେ ତାଙ୍କୁ ବୁର୍ଲା ନେଇଥିଲେ। ବେହେରା ଚ୍ୟାମ୍ବରର ଅତି ନିକଟରେ ୩୩ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ଏବଂ ଏଠାରେ ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଥିବା ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ଓ ଭଡା ଲଗାଇଥିବା ଘର ମାଲିକଙ୍କ ଦାୟିତ୍ୱହୀନତା ଯୋଗୁଁ ଭୋଇ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଲେ ବୋଲି ଲୋକେ ପ୍ରଶ୍ନ କରିଥିଲେ। ଡାକ୍ତରଖାନାରେ ମଧ୍ୟ ଚରମ ଅବ୍ୟବସ୍ଥାକୁ ନେଇ କ୍ଷୋଭ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ନେଇ ଡାକ୍ତରଖାନା ଅଧିକ୍ଷକ ଡା ମହେନ୍ଦ୍ର ନାୟକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିଲା।

# ଜିଲା ସରପଞ୍ଚ ସଂଘ ବୈଠକ

### ପଞ୍ଚାୟତ ଆର୍ଥିକ ଦେଣନେଣ ପାଇଁ ବିଡିଓଙ୍କ ପ୍ରତିସ୍ୱାକ୍ଷରକୁ ବିରୋଧ

**ସୋନପୁର,୭।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସରପଞ୍ଚ ସଂଘର ଏକ ବୈଠକ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସରପଞ୍ଚ ସଂଘ ସଭାପତି ପ୍ରକାଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପତ୍ର ସଂଖ୍ୟା ୪୩୧୪/ତା।୧୭।୨।୨୦୨୦ରିଖ ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତର ସମସ୍ତ ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ବିଡିଓଙ୍କ ପ୍ରତିସ୍ୱାକ୍ଷର ବିନା ପଞ୍ଚାୟତ ଏକାଉଣ୍ଟରୁ ଆର୍ଥିକ ନେଣଦେଣ ହୋଇପାରିବ ନାହିଁ ବୋଲି ଦିଆଯାଇଥିବା ସରକାରଙ୍କ ନିର୍ଦ୍ଦେଶକୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । କେନ୍ଦ୍ରୀୟ ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ଅନୁଦାନକୁ ପଲ୍ଲୀସଭା ଓ ଗ୍ରାମ ସଭା ମାଧ୍ୟମରେ ପାରିତ କରାଯିବା ପରିବର୍ତ୍ତେ ବିଭାଗ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାର କାର୍ଯ୍ୟାନ୍ୱୟନ କରିବାକୁ ହେଉଥିବା ନିର୍ଦ୍ଦେଶକୁ ସଂଘ ବିରୋଧ କରିଛି। ତେଣୁ ଏହି ଉଭୟ ନିର୍ଦ୍ଦେଶନାମା ପତ୍ର ସମ୍ପର୍କରେ ସରକାର କୋହଳ ମନୋଭାବ ପ୍ରଦର୍ଶନ କରନ୍ତୁ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଗ୍ରାମପଞ୍ଚାୟତମାନଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ ନ କଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବା ସହ ଆଇନର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି। ଏହି ବୈଠକରେ ଉପସଭାପତି ରଞ୍ଜିତା ଭୋଇ, ସମ୍ପାଦକ ଅରବିନ୍ଦ ବାରିକ, କୋଷାଧ୍ୟକ୍ଷ ପ୍ରଭାତ ପାତ୍ର, ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସଭାପତି ସରୋଜ ବାରିକ, ଉଲୁଣ୍ଡା ବ୍ଲକ ସଭାପତି ଦୁର୍ଯ୍ୟୋଧନ ପର୍ଡିଆ ଓ ବିନିକା ବ୍ଲକ ସଭାପତି ଲକ୍ଷ୍ମଣ ସାହୁଙ୍କ ସହ ମଧୁସୂଦନ ଓତା, ମାନସ ବେହେରା, ବ୍ୟୋମକେଶ ପଣ୍ଡା, ରଞ୍ଜିତ କ୍ଷେତି, ସଞ୍ଜିବ ମିଶ୍ର, ସତ୍ୟାନନ୍ଦ ମେଣ୍ଡିଲି, ସନ୍ତୋଷିନୀ ଭୋଇ, ପୂର୍ଣ୍ଣିମା ଦାସ, ରୀନା ମହଲା ଓ ଲୋକେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଉଁଶ ବୁଦା ପଡି ମୃତ ମହିଳାଙ୍କ ପରିବାରକୁ ମିଳିଲା ସହାୟତା

**ଲୋଇସିଂହା,୭।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଶୁକ୍ରବାର ଘୂର୍ଣ୍ଣିଝଡ ସାଙ୍ଗକୁ ବର୍ଷା ହୋଇଥିଲା । ଏହି ସମୟରେ ବୁର୍ଡା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଥିଲା। କ୍ଷେତରୁ ଘରକୁ ଫେରୁଥିବାବେଳେ ବର୍ଷାରୁ ରକ୍ଷା ପାଇବା ପାଇଁ କେତେକ ଶ୍ରମିକ ଏକ ବାଉଁଶବୁଦା ମୂଳେ ଆଶ୍ରୟ ନେଇଥିଲେ । ଏହି ସମୟରେ ବାଉଁଶ ବୁଦା ଉପୁଡିଯିବାରୁ ସମସ୍ତେ ଚାପି ହୋଇଯାଇଥିଲେ । ଏଥିରେ ସୂର୍ଯ୍ୟକାନ୍ତି ମହାକୁର(୫୦) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଆନ୍ୟ ୪ଜଣ ଆହତ ହୋଇଥିଲେ । ଶନିବାର ମୃତକଙ୍କ ପରିବାରକୁ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ରାମଚନ୍ଦ୍ର ଖାଡିଆ, ସ୍ଥାନୀୟ ସରପଞ୍ଚ ନଳିନୀ ଭୋଇ, ଯୋଗାଣ ସହାୟକ ଯଜ୍ଞକୁମାର ସାହୁ, ସେବକ ରଣା ପ୍ରମୁଖଙ୍କ ସହ ମୃତାଙ୍କ ଘରକୁ ଯାଇ ରେଡକ୍ରସରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନରୁ ୨ ହଜାର ଟଙ୍କା ସହୟତା ପ୍ରଦାନ କରିଥିଲେ। ଆବଶ୍ୟକ କାଗଜାତ ସରକାରଙ୍କ ପାଖକୁ ପଠାଇଲା ପରେ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ସହୟତା ମିଳିବ ବୋଲି ବିଡିଓ ଶୋକସନ୍ତପ୍ତ ପରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାମତେ, ସୂର୍ଯ୍ୟକାନ୍ତି ମାହାକୁର, ଜପେ ସାହୁ, ନୁରା ସାହୁ, ଭସବ ମହାକୁର, ସୁନାଫୁଲ ବାରିକ ଶୁକ୍ରବାର ଆପରାହ୍ନରେ ଜନୈକ ଚାଷୀଙ୍କ କ୍ଷେତକୁ ଡାଲି ଫସଲ ତୋଳିବାକୁ ଯାଇଥିଲେ । ମେଘୁଆ ପାଗ ଦେଖି ଘରକୁ ଫେରୁଥିଲେ । ବାଟରେ ଝଡବର୍ଷା ହେବାରୁ ଶିବ ମନ୍ଦିର ନିକଟସ୍ଥ ଏକ ବାଉଁଶ ବୁଦା ମୂଳରେ ଆଶ୍ରୟ ନେଇଥିଲେ । ସେହିପରି ବୃଷଭ ମହାକୁର ଓ ଉଦ୍ଧବ ବାରିକ ମଧ୍ୟ ସେହି ସ୍ଥାନରେ ଥିଲେ । ଏତିକିବେଳେ ପବନ ବେଗ ଅଧିକ ହେବାରୁ ବାଉଁଶବୁଦା ଉପୁଡି ପଡିଥିଲା ଓ ସେମାନେ ଚାପି ହୋଇଯାଇଥିଲେ। କୌଣସି ମତେ ଉଦ୍ଧବ ବାରିକ ଘଟଣାସ୍ଥଳରୁ ଖସିଆସି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ପରେ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ମିଳିତ ଭାବେ ଉଦ୍ଧାର ପରେ ଆହତମାନଙ୍କୁ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ସୂର୍ଯ୍ୟକାନ୍ତି ମହାକୁରଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା । ଗୁରୁତର ଥିବା ନୁରା ସାହୁଙ୍କୁ ବୁର୍ଲା ପଠାଯାଇଥିଲା। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିଲା। ଅପରପକ୍ଷେ ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଥିଲା । ନିବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।



ବିଡିଓ ରାମଚନ୍ଦ୍ର ଖାଡିଆ ମୃତକ ମହିଳାଙ୍କ ସ୍ୱାମୀ ଲେକୁ ମହାକୁରଙ୍କୁ ସହାୟତା ଚେକ୍‌ପ୍ରଦାନ କରୁଛନ୍ତି।

### ପାଣି ପଞ୍ଚାୟତ ସଚେତନତା ଶିବିର

**ଭବାନୀପାଟଣା,୭।୩ (ଡି.ଏନ.ଏ.)**

ଭବାନୀପାଟଣା କୃଷି ବିଜ୍ଞାନ କେନ୍ଦ୍ରଠାରେ ପାଣିପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଠାଜଳସେଚନ ବିଭାଗ ନିର୍ବାହ ଯନ୍ତ୍ରୀ ଇଂ ସନ୍ତୋଷ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୃଷି ଅଧିକାରୀ ଲଳିତ ମୋହନ ପଣ୍ଡା, ସମ୍ମାନିତ ଅତିଥି ଉଦ୍ୟାନ ବିଭାଗର ସହନିର୍ଦ୍ଦେଶକ ବିମଳ ନାୟକ ଯୋଗଦେଇଥିଲେ।

**PARADIP PORT TRUST**
**e-TENDER CALL NOTICE**
Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4"**. EMD cost Rs.**1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**
**Executive Engineer**
**Harbour Works Division-III**
**PPT/PR/702/19-20 Dt.06.03.2020**

# ୪ ବର୍ଷ ପରେ ରୋଗୀ କଲ୍ୟାଣ ସମିତି ବୈଠକ

**ଲୋଇସିଂହା, ୭।୩(ଡି.ଏନ.ଏ.)**



ରୋଗୀ କଲ୍ୟାଣ ସମିତି ବୈଠକରେ ମଞ୍ଚାସୀନ ଅତିଥି।

- ୧୩ ଡାକ୍ତରଙ୍କ ସ୍ଥାନରେ ୩ଜଣ
- ଡାକ୍ତର ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଚିଠିକୁ ଅଣଦେଖା
- ୫ ମାସ ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ଉତ୍ତର ଦେବାକୁ ନେଇ ଅସନ୍ତୋଷ
- ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକଙ୍କ ନିର୍ଦ୍ଦେଶ

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରତିମା ସୋରେନ ଅଧ୍ୟକ୍ଷତା କରିଥିଲେ । ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ । ଡାକ୍ତରଖାନରେ ଆବଶ୍ୟକ ଡାକ୍ତର ନାହାନ୍ତି, ଭିତ୍ତିଭୂମି ନାହିଁ। ଏହାସତ୍ତ୍ୱେ ୨୦୧୬ ମସିହା ପରଠାରୁ ସମିତି ବୈଠକ ବସିନାହିଁ। ରୋଗୀ କଲ୍ୟାଣପାଣ୍ଠିରେ ଅନୁଦାନ ଥାଇ ମଧ୍ୟ ଡାକ୍ତରଖାନା ଅବ୍ୟବସ୍ଥାରେ ଗତି କରୁଥିବାରୁ ବୈଠକରେ ବିଧାୟକ ମହାଲିଙ୍ଗ କ୍ଷୋଭ ପ୍ରକାଶ କରିଥିଲେ। ଅନୁଦାନ ବ୍ୟୟ କରି ଡାକ୍ତରଖାନା ସମସ୍ୟାରେ ସୁଧାର ଆଣିବାକୁ ଏହି ଅବସରରେ ସେ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତରଖାନା ପରିସରରେ ବ୍ଲକ ପକ୍ଷରୁ କମ୍ୟୁନିଟି ପରିଶ୍ରାଗାର, ଶୌଚାଳୟ ଓ ଗାଧୁଆ ଘର ନିର୍ମାଣ ପାଇଁ ବିଡିଓଙ୍କୁ ପତ୍ର କରିବାକୁ ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲା । ଏତଦ୍‌ବ୍ୟତୀତ ଦନ୍ତ ଚିକିତ୍ସକଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ କରି ଚିକିତ୍ସା ସରଞ୍ଜାମ କିଣିବାକୁ ବିଧାୟକ ପ୍ରସ୍ତବ ଦେଇଥିଲେ । ଡାକ୍ତରଖାନା ପାଚେରି ଓ ଆମ୍ବୁଲାନ୍ସ ଅଚଳ ହୋଇଥିବାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟଏକ ଘଟଣାକ୍ରମରେ ଚୁକ୍ତିଭିତ୍ତିରେ କାର୍ଯ୍ୟରତ ୪ଜଣ ଡାକ୍ତର ଶୁକ୍ରବାର ଡାକ୍ତରଖାନ ଛାଡିଛନ୍ତି। ଫଳରେ ଆବଶ୍ୟକ ୧୩ ଡାକ୍ତର ସ୍ଥାନରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ସମେତ ମାତ୍ର ୩ ଡାକ୍ତର ଏବେ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବୈଠକରେ ସୂଚନା ଦିଆଯାଇଥିଲା। ଖାଲି ପଡିଥିବା ଡାକ୍ତର ପଦବୀ ପାଇଁ ଗତ ସେପ୍ଟେମ୍ବର ୨୦୧୯ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଚିଠି ହୋଇଥିଲା। ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ । ଦୀର୍ଘ ୫ ମାସ ପରେ ଗତ ଫେବୃୟାରୀରେ ଏ ସଂକ୍ରାନ୍ତରେ ଡାକ୍ତରଖାନ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଥିଲା ବୋଲି ଦାୟିତ୍ୱରେ ଥିବା କର୍ମଚାରୀ ବୈଠକରେ ସୂଚନା ଦେଇଥିଲେ । ବିଭାଗୀୟ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁ ଚୁକ୍ତିଭିତ୍ତିକ ୪ଯୁବ ଡାକ୍ତରଙ୍କୁ ଲୋଇସିଂହା ସିଏଚସି ହାତଛଡା କରିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଦାୟିତ୍ୱରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ପ୍ରସ୍ତାବ ପାରିତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବ୍ଲକ ଉପଧ୍ୟକ୍ଷ ଯତିନ୍ଦ୍ର ପଟେଲ, ଏମ୍‌ପି ପ୍ରତିନିଧି ଟିଙ୍କୁ ସାହୁ, ଭୂତନାଥ ନାଏକ, ରାଜୁ ସାହୁ, ଗୌରାଙ୍ଗ ନାଏକ, ସୁଦୀ ସାଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଦସ୍ୟ ଉପସ୍ଥିତ ଥିଲେ । ସମିତର କେତେକ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

**PANCHAYAT SAMITI, SINAPALI, DIST.- NUAPADA**

**NO.565 /DEV** **BID IDENTIFICATION No. PS- SINAPALI / 01 / 2019-20** **Dtd.06.03.2020**

The Block Development Officer, Sinapali on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building/ Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the work | Approximate value of work (Rs. in lakh) | Period of Completion | Class of Contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Culvert with Guard wall on the road from Jharbandha to Makarguda via Portipada | 17,45,622.00 | 4 months | D&C | 17460.00 | 6720.00 |
| 2. | Improvement of road from Nangalbod to Golabeda Via Tangripada with RCC culvert | 18,74,031.00 | 4 months | D&C | 18740.00 | 6720.00 |
| 3. | Construction of Addl. Class room (02 Nos.) at Chatiaguda, Ashram School | 7,84,933.00 | 4 months | D&C | 7850.00 | 4480.00 |
| 4. | Construction of Addl. Class room (02 Nos.) at Timanpur, Ashram School | 7,84,933.00 | 4 months | D&C | 7850.00 | 4480.00 |

1. The sale of the Bid document shall start from Dt 11.03.2020 and close on Dt.20.03.2020 at 4.00 P.M. in the office of the undersigned. Bids shall be received by this office up to 5.00 PM on date 20.03.2020 through Registered Post / Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
2. The details Bid documents will also be available in the District website http://nuapada.nic.in from 11.03.2020 to 20.03.2020.
3. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours everyday except on Sunday & public Holidays till last date of sale and receipt of tender papers.
4. The Bid will be opened on Dt.21.03.2020 at 11.30 AM in the office of the undersigned in the presence of the bidders or their authorized representatives.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer,**
**Sinapali Block**



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍

## ସଂକ୍ଷେପରେ

### ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ବୋଡେନ,୭।୩ (ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବଜାର ମଣ୍ଡି ଗୋଡାଉନ ପ୍ରାଙ୍ଗଣଠାରେ ଇନଡୋର ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ, ସମ୍ମାନିତ ଅତିଥି ବୋଡେନ ସରପଞ୍ଚ ନୃପରାଜ ତାଣ୍ଡି, ଫରରସରା ସରପଞ୍ଚ ରାଜ କିଶୋର ହେର୍ଣା, ବିଦ୍ୟୁତ୍ ଜେଇ ନନ୍ଦ କୁମାର ନାଗ ପ୍ରମୁଖ ସମସ୍ତ ଉପସ୍ଥିତ ହୋଇ ସମସ୍ତ ଖେଳାଳିମାନଙ୍କୁ ଖେଳ ଉପରେ ମାର୍ଗ ଦର୍ଶନ ଦେଇଥିଲେ। ଏହି ଖେଳରେ ୩୦ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଜିଲାସ୍ତରୀୟ ବ୍ୟାଡମିଣ୍ଟନରେ ମୁନାଫ ମହମ୍ମ, ବୈଷ୍ଣବ ଦୁରିଆ, ଆବିଦ ମହମ୍ମଦ, ଅଫଜଲ ମହମ୍ମଦ, ସୁନାତରଣ ମାଝି, ଡମ୍ବୁବୁଡା ଗୁଆଲ, ରଜତ ପଟ୍ଟନାଏକ ପ୍ରମୁଖ ସହଯୋଗ କରିଥିଲେ।

### ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡ ଲାଇନ

**ଜୁନାଗଡ,୭।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଷ୍ଟେଶନରୁ ଶନିବାର ଜଣେ ନାବାଳିକାଙ୍କୁ ଚାଇଲ୍ଡ ଉଦ୍ଧାର କରି ସିଡବ୍ଲ୍ୟୁସିଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ପ୍ରକାଶ ଯେ, ନାବାଳିକାଙ୍କ କହିବାନୁଯାୟୀ ସେ ଖୋର୍ଦ୍ଧା ଅଞ୍ଚଳର ହୋଇଥିବାବେଳେ ବାଲେଶ୍ୱର ଏକ ସାଙ୍ଗ ଘରକୁ କୌଣସି କାମ ପାଇଁ ଯାଇଥିଲେ। ସେଠାରେ ଫେରିବା ସମୟରେ ବାଲେଶ୍ୱରରୁ ଖୋର୍ଦ୍ଧା ଯିବା ପରିବର୍ତ୍ତେ ଭୂଲବଶତଃ ଜୁନାଗଡ ଟ୍ରେନରେ ବସିପଡିଥିଲେ। ନାବାଳିକା ଜଣକ ଜୁନାଗଡ ଷ୍ଟେଶନରେ ପହଞ୍ଚିବା ପରେ ଷ୍ଟେଶନ କର୍ମଚାରୀ ଘଟଣା ସମ୍ପର୍କରେ ଚାଇଲ୍ଡ ଲାଇନକୁ ଜଣାଇଥିଲେ। ପରେ ଚାଇଲ୍ଡ ଲାଇନର ସଦସ୍ୟ ଲୋହିଲ ପ୍ରଧାନ ଓ ସୁବାଷ ଚନ୍ଦ୍ର ନାଏକ ଜୁନାଗଡ ଥାନାକୁ ଆଣି ସେଠାରେ ଏକ ମାମଲା ରୁଜୁ କରି ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସ)ରେ ଉପସ୍ଥିତିରେ ହାଜର କରାଇଥିବା ଜଣାପଡିଛି।

### ଚାକିରି ନାଁରେ ଠକେଇ ମାମଲା: ଫେରାର୍ ଲାଇନ୍‌ମ୍ୟାନ ଗିରଫ

**ଭବାନୀପାଟଣା,୭।୩ (ଡି.ଏନ.ଏ.):** ଚାକିରି କରାଇ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଭବାନୀପାଟଣା ପୂର୍ବ ବିଦ୍ୟୁତ୍ ଖଣ୍ଡର ଲାଇନମ୍ୟାନ୍-ସି. ଜ୍ୟୋତିରଞ୍ଜନ ସାମଲଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ଲାଇନ ମ୍ୟାନ୍ ସାମଲ ୨୦୧୭ରେ ଭବାନୀପାଟଣାସ୍ଥିତ ବଡପଡାର ମଦନ କୁମାରଙ୍କଠାରୁ ୫୦ ହଜାର ଟଙ୍କା, ଲୋଚନ ତାଣ୍ଡିଙ୍କଠାରୁ ୫୦ ହଜାର ଟଙ୍କା ଚାକିରି କରାଇ ଦେବା ପାଇଁ ନେଇଥିଲେ । ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଗତ ୨୦୧୯ ଅଗଷ୍ଟ ୨୦ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ସେହି ଦିନଠାରୁ ସେ ଫେରାର ଥିଲେ।

# ମଣ୍ଡିରେ ଗଜା ହେଉଛି ଧାନ

- ଏକ ଲକ୍ଷ କୁଇଣ୍ଟାଲ ଧାନ ଖତ ଖାଉଛି, ପ୍ରଶାସନ ନିଦାବିଷ୍ଟ
- ମଣ୍ଡିରେ ଚାଷୀ ଧାନ ଜଗିଛି

**ନୂଆପଡା ଅଫିସ, ୭।୩**

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଜିଲା ପ୍ରଶାସନ ସମସ୍ତ ଚାଷୀଙ୍କୁ ଧାନର ସର୍ବନିମ୍ନ ମୂଲ୍ୟ ଦିଆଯିବ। ଠିକ ସମୟରେ ଦିଆଯିବ ଏବଂ କୌଣସି ପ୍ରକାର ଅନିୟମିତତା ହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖୋଦ ଜିଲାପାଳ ବୈଠକ କରି ନିଷ୍ପତ୍ତି ଶୁଣାଇ ଦେଇଥିଲେ । ହେଲେ ସବୁ ଧୂଆଁବାଣ ହୋଇଛି । ଜିଲାରେ ମୋଟ ୧୩ ଲକ୍ଷ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ କେବଳ ୧୨ ଲକ୍ଷ କୁଇଣ୍ଟାଲ ଧାନ କିଣି ହଠାତ ବନ୍ଦ କରି ଦିଆଗଲା। ଲକ୍ଷେ କୁଇଣ୍ଟାଲ ଧାନ ବିଭିନ୍ନ ମଣ୍ଡି ଏବଂ ଚାଷୀଙ୍କ ନିକଟରେ ପଡି ରହିଛି। ଚାଷୀ ହଜାର ହଜାର କୁଇଣ୍ଟାଲ ଧାନ ଧରି ମଣ୍ଡିରେ ଖରା ବର୍ଷାରେ ଜଗି ରହିଛନ୍ତି। ଏଣେ ନାହିରେ ତେଲ ଦେଇ ବସିରହିଛି ପ୍ରଶାସନ। ପ୍ରଶାସନ ବାରମ୍ବାର ରାଜ୍ୟ ସରକାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଏଭଳିସ୍ଥିତି ଜିଲାର ଚାଷୀଙ୍କୁ କେଉଁଆଡକୁ ଟାଣିନେବ ତାହା କହିହେଉନାହିଁ। ଏଭଳି ଗମ୍ଭୀର ସ୍ଥିତି ଉପରେ ରାଜ୍ୟ ଏବଂ କେନ୍ଦ୍ର ସରକାର ବେଳହୁଁ ଦୃଷ୍ଟି ଦେବାକୁ ଦାବି ହେଉଛି ।

ନୂଆପଡା ଏକ କୃଷି ପ୍ରଧାନ ଜିଲା । ଏଠିକାର ଅନ୍ୟୁନ ଅଶୀ ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ପ୍ରତିବର୍ଷ ଧାନ ବିକ୍ରି କରି ସେଥିରୁ ପରିବାର ପ୍ରତିପୋଷଣ କରିବା ସହ ପିଲାଙ୍କ ପଢା, ବିବାହ ଆଦି ଖର୍ଚ୍ଚ ତୁଲାଇଥାନ୍ତି। ହେଲେ ଆଜକୁ ଦୁଇ ତିନି ବର୍ଷ ଧାନର ଉଚିତ ଦର ପାଇପାରୁ ନ ଥିବାବେଳେ ସରକାରଙ୍କ ମଣ୍ଡି ବ୍ୟବସ୍ଥାର ଫାଇଦା ଉଠାଇପାରୁନାହାନ୍ତି। ସୂଚନାଯୋଗ୍ୟ ଯେ, ଗତ ରବି ଋତୁରେ ଜିଲାରେ ମିଲର୍ସ ଏବଂ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା ଯୋଗୁ ୩୦ହଜାରରୁ ଊର୍ଦ୍ଧ୍ୱ ଧାନ ବିକ୍ରି ନହୋଇ ମଣ୍ଡିଗୁଡିକରେ ପଡି ରହିଲା। ଶେଷରେ ଚାଷୀ ଉଠାଇ ଘରକୁ ନେଇଗଲେ । ଏଥର ପୁଣି ଥରେ ଖରିଫ ଋତୁରେ ମଧ୍ୟ ତାରି ପୁନରାବୃତି ହୋଇଛି। ଏଥର ଜିଲାରେ ୧୩ ଲକ୍ଷ କୁଇଣ୍ଟାଲ ଧାନ କିଣାଯିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହା ପୁଣି ଟୋକନ ଜରିଆରେ କିଣାଯିବାକୁ ନିର୍ଦ୍ଦେଶ ହୋଇଥିଲା । ଏହିକ୍ରମରେ ଚାଷୀମାନଙ୍କୁ ଯେଉଁ ଟୋକନ ସବୁ ଦିଆଯାଇଥିଲା । ସେଥିରୁ ବିଭିନ୍ନ ସମୟରେ ମଣ୍ଡିଗୁଡିକ ବନ୍ଦ ହୋଇ ପଡିବାରୁ ଟୋକନ ସବୁ ନାକଚ ହୋଇଥିଲା। ଅନ୍ୟପକ୍ଷେ ୨୩ ହଜାର ୫୬୧ ଜଣ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୧୩୬୫ ଜଣ ଚାଷୀଙ୍କ ନାଁରେ ଥରେ ହେଲେ ଟୋକନ ଦିଆଯାଇ ନ ଥିଲା । ଠିକ ସେହି ସମୟରେ ମଣ୍ଡିଗୁଡିକୁ ସରକାର ବନ୍ଦ କରିବାକୁ ନିର୍ଦ୍ଦେଶ କରିଦେଲେ । ମଣ୍ଡିଗୁଡିକରେ ୪୦ ହଜାରରୁ ଊର୍ଦ୍ଧ୍ୱ ଧାନ ପଡି ରହିଥିବା ଖୋଦ ପ୍ରଶାସନ ରାଜ୍ୟ ସରକାରଙ୍କୁ ଏକ ରିପୋର୍ଟରେ ଜଣାଇଥିଲେ। ଏହାକୁ ନେଇ ଚାଷୀମାନେ ବାରମ୍ବାର ଆନ୍ଦୋଳନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଜିଲାପାଳ ମଧୁସ୍ମିତା ସାହୁ ରୋକଠୋକ ମନା କରିଦେଲେ ଯେ ରାଜ୍ୟ ସରକାର ଏଥିରେ ପୂର୍ଣ୍ଣଚ୍ଛେଦ ଦେଇଛନ୍ତି । ଧାନଗୁଡିକୁ ନିଜ ଦାୟିତ୍ୱରେ ଘରକୁ ନେଇଯାଆନ୍ତୁ ନଚେତ ଅନ୍ୟ ଖୋଲା ବଜାରରେ ବିକ୍ରି କରିଦିଅନ୍ତୁ ବୋଲି ମନା କରି ଦେଇଥିବା ଜିଲା ସରପଞ୍ଚ ସଂଘ ସମ୍ପାଦକ ଭରତଲାଲ ରାଉତ କହିଛନ୍ତି । ଏଭଳିସ୍ଥିତିରେ ବର୍ତ୍ତମାନ ଲଗାଣ ଲଘୁଚାପ ବର୍ଷା ଚାଲିଛି । ଧାନସବୁ ମଣ୍ଡିରେ ଗଜା ହେବାରେ ଲାଗିଛି । ଏଭଳି ସ୍ଥିତିକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢି ଚାଲିଛି। ଏହାକୁ ନେଇ ଆଗାମୀ ଦିନରେ ଜିଲାବ୍ୟାପି ଚାଷୀ ଆନ୍ଦୋଳନ କରାଯିବ ବୋଲି ଚାଷୀ ନେତା ଯଦୁମଣୀ ପାଣିଗ୍ରାହୀ ଚେତାଇ ଦେଇଛନ୍ତି । ଆଗକୁ ଚାଷୀଙ୍କ ସ୍ଥିତି କ'ଣ ହେଉଛି ତାହା ଚିନ୍ତାର ବିଷୟ ହୋଇଛି।



ସାରାବଙ୍ଗ ମଣ୍ଡିରେ ଧାନ ବର୍ଷାରେ ଭିଜୁଛି।

# ୬ ହୃଦ୍‌ରୋଗୀ ବାଳିକାବାଳକଙ୍କୁ କଳାହାଣ୍ଡି ଡିଆଇସିକୁ ସ୍ଥାନାନ୍ତର

**ଖଡିଆଳ,୭।୩ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ୬ଜଣ ଶିଶୁ ବାଳିକା ବାଳକମାନଙ୍କୁ ହୃଦ୍‌ରୋଗ ଚିକିତ୍ସା ପାଇଁ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଭ୍ରାମ୍ୟମାଣ ଦଳ (୨) ଆୟୁଷ ଡା. ଆଦିତ୍ୟ କୁମାର ଯୋଶୀଙ୍କ ନେତୃତ୍ୱରେ ଖଡିଆଳ ବ୍ଲକ ବିରିଘାଟ ଗ୍ରାମପଞ୍ଚାୟତ କୋଦାଲଡୁଙ୍ଗୁରୀ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଡାଲିମ୍ବ ମାଝି (୧୦), ଲୁଚିକା ମାଝି (୧୨), କୋଦାଲ ଡୋଙ୍ଗରୀ ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ସରସ୍ୱତୀ ମାଝି (୪), ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ପଞ୍ଚାୟତ ସାଗୁନଡୋଙ୍ଗରୀ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦେବ ସ୍ୱରୂପ ବନଛୋର (୮)ଙ୍କୁ ଶୁକ୍ରବାର ଆମ୍ବୁଲାନ୍ସ ଯୋଗେ ହୃଦ୍‌ରୋଗ ଚିକିତ୍ସା ପାଇଁ ପଠାଯାଇଛି । ପୁଣି ସ୍ୱାସ୍ଥ୍ୟ ଭ୍ରାମ୍ୟମାଣ ଦଳ (୧) ଆୟୁଷ ଡା. ବିଜୟ କୁମାର ଚଲାନଙ୍କ ନେତୃତ୍ୱରେ ଖଡିଆଳ ବ୍ଲକ ବରଗାଁ ଗ୍ରାମପଞ୍ଚାୟତ ପୋଡାପାଲି ଗ୍ରାମର ଦେଢ଼ ବର୍ଷର ଝିଅ ପାଞ୍ଚାଲି ଶବର ଓ ସାନମହେଶ୍ୱର ଗ୍ରାମପଞ୍ଚାୟତ ବଡମହେଶ୍ୱର ଗ୍ରାମର ଲୋକେଶ୍ୱର ବନ୍ଦିଛୋର (ଦେଢ଼ବର୍ଷ)ଙ୍କୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି । ଏହି ଶିଶୁମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍କେନିଂ ହେବା ପରେ ରାଜ୍ୟ କିମ୍ବା ରାଜ୍ୟ ବାହାରକୁ ହୃଦ୍ ଚିକିତ୍ସା ପଠାଇବା ବ୍ୟବସ୍ଥା କରାଯିବ ବୋଲି ଖଡିଆଳ ଉପଖଣ୍ଡ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀନବନ୍ଧୁ ମହାନନ୍ଦ ପ୍ରକାଶ କରିଛନ୍ତି ।




ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

# ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନୂଆପଡା ଅଫିସ,୭।୩**

ସ୍ଥାନୀୟ ଜିଲାପାଳଙ୍କ ସଭାବନା ସଭାଗୃହରେ ଚାଲିଥିବା ୨୦୨୧ ଜନଗଣନା ସକାଶେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀଗଣ ଯୋଗଦେଇଥିଲେ। ଏଥିରେ କିପରି ଜନଗଣନାକୁ ସ୍ୱଚ୍ଛ ଏବଂ ଶୀଘ୍ର କରାଯାଇ ପାରିବ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀରେ ଉପଜିଲାପାଳ ତରଣୀସେନ ନାଏକ ସଭାପତିତ୍ୱ କରିଥିବାବେଳେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସହାୟକ ଜିଲାପାଳ କର୍ଣ୍ଣ ସୁନା, ଜନଗଣନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ. ଅଭୟ ନାରାୟଣ ନାୟକ, ଲଳାଟେନ୍ଦୁ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ କର୍ଣ୍ଣ ସୁନା ଧନ୍ୟବାଦ ଦେଇଥିଲେ।



ନୂଆପଡ଼ାଠାରେ ବିଜୁ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଦଳରେ ଏକତା ଆଣିଲେ ଶକ୍ତି ବଢ଼ିବ

**ନୂଆପଡା ଅଫିସ,୭।୩**

ବିଜେଡି ଏକ ଶକ୍ତିଶାଳୀ ଦଳ। ତେଣୁ କରି ଆମର ଭାଜପା କିମ୍ବା କଂଗ୍ରେସକୁ ଭୟ ନାହିଁ। ଦଳ ମଧ୍ୟରେ ଯଦି ଅହଂକାର, ଭିନ୍ନତା ଆସେ ତେବେ ତାହା ଦଳ ପାଇଁ ଭୟର କାରଣ ହେବ। ସ୍ୱର୍ଗୀୟ ବିଜୁ ବାବୁଙ୍କ ଏକତାର ମନ୍ତ୍ରରେ ସିକ୍ତ ହୋଇ କାମ କରିବା। ଦଳ ପାଇଁ ନିଜକୁ ଉତ୍ସର୍ଗ କରି ଦିନରାତି କାମ କରିବା ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ନୂଆପଡା ଏନଏସି ଏବଂ ବ୍ଲକ ପକ୍ଷରୁ ମିଳିତ ଭାବେ ଆୟୋଜନ କରିଥିବା ୧୦୪ତମ ବିଜୁ ଜୟନ୍ତୀ ଉତ୍ସବ ପାଳନରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଦଳର ନବ ନିର୍ବାଚିତ ଜିଲା ସଭାପତି ମନୋଜ ମିଶ୍ର ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ନିଗମ, ଅବନୀ ରଞ୍ଜନ ଯୋଷୀ, ନୂଆପଡା ଏନଏସି ସଭାପତି ମହେଶ କୁମାର ନିଆଲ, ଜିଲା ପରିଷଦ ସଭ୍ୟା ଭୁଗୁଲି ସୁନାନୀ, ନୂଆପଡା ବ୍ଲକ ସଭାପତି ରମାକାନ୍ତ ଠାକୁର, ବିହାରୀଲାଲ ବିଶ୍ୱାଲ, ସୁଧୀର କୁମାର ମିଶ୍ର, ସିତୁ ବୋଧନକର, ଟିଟୁ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ଜୀବନାଦର୍ଶ ଉପରେ ବକ୍ତାମାନେ ଉପସ୍ଥାପନ କରିଥିବାବେଳେ ତାଙ୍କର ଆଦର୍ଶରେ ଚାଲିଥିବା ବିଜେଡିକୁ କିପରି ମଜଭୁତ କରାଯାଇପାରିବ ସେ ଉପରେ ସମସ୍ତ ମତ ରଖିଥିଲେ। ଦଳ ମଧ୍ୟରେ ରହିଥିବା ହିଂସା, ମତଭେଦକୁ ଦୂର କରି କିପରି ଏକତା ପ୍ରତିଷ୍ଠା କରି ପାରିବା ସେଥିପାଇଁ ପ୍ରଚେଷ୍ଟା କରିବାକୁ ବକ୍ତାମାନେ କହିଥିଲେ। ଆଗାମୀ ଦିନରେ ହେବାକୁ ଥିବା ଏନଏସି ନିର୍ବାଚନକୁ କିପରି ଚତୁରତାର ସହ ମୁକାବିଲା କରିପାରିବା ସେଥିପାଇଁ ସଂଘବଦ୍ଧ ହେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ, ପଞ୍ଚାୟତ ଏବଂ ତୃଣମୂଳସ୍ତରରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭାନୁପ୍ରତାପ ସିଂ ମାଝି ମଞ୍ଚ ପରିଚାଳନା କରିଥିବାବେଳେ ମହେଶ ନିଆଲ ଧନ୍ୟବାଦ ଦେଇଥିଲେ। ଶେଷରେ ଅତିଥିମାନେ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

**ବୋଡେନ, (ଡି.ଏନ.ଏ.):** ବୋଡେନ ବ୍ଲକ ବିଜେଡି ପକ୍ଷରୁ ଶନିବାର ବିନପୁର ଗୋଷ୍ଠୀ ଗୃହକେନ୍ଦ୍ରଠାରେ ବିଜୁ ବାବୁଙ୍କ ୧୦୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ବୋଡେନ ବ୍ଲକ ସଭାପତି ଲୋକନାଥ ଛତ୍ରିଆଙ୍କ ସଭାପତିତ୍ୱରେ ସଭାକୁ ଗୌତମ ନିଆଲ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ ବିଜୁ ବାବୁଙ୍କ କାର୍ଯ୍ୟକଳାପ ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ବକ୍ତାଭାବେ ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ମାଝି, ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ସୁଭେଦ ସିଂ ଦେଓ, ରମେଶ ତିୱାରୀ, ଖଡିଆଳ ବ୍ଲକ ସଭାପତି ସନ୍ତୋଷ ବିଶି, ବୋଡେନ ବ୍ଲକ ସଭାନେତ୍ରୀ ମିନତି ନେତ୍ରୀ, ବୋଡେନ ସରପଞ୍ଚ ନୃପରାଜ ତାଣ୍ଡି, ମହମ୍ମଦ ଇମରାନ, ଶ୍ରୀକାନ୍ତ ସିଂ ମାଝି, ଜାନକି ଦଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମସ୍ତ ପଞ୍ଚାୟତ ସଭାପତି ଏବଂ ବ୍ଲକ କର୍ମକର୍ତ୍ତା ଯୋଗଦେଇଥିଲେ। ବୋଡେନ ବ୍ଲକ ସଭାପତି ଧନ୍ୟବାଦ ଦେଇଥିଲେ।

### ମାଗଣା ଜମି ପଟ୍ଟା ଦିଆଯିବ ବୋଲି ଗୁଜବ: ଜିଲାବ୍ୟାପୀ ହିତାଧିକାରୀ ଜମା ହେଲେ

**ଭବାନୀପାଟଣା,୭।୩ (ଡି.ଏନ.ଏ.)**

ଜିଲାପାଳଙ୍କ ଅଫିସ୍‌ରେ ମାଗଣା ଜମି ପଟ୍ଟା ପ୍ରଦାନ କରାଯାଉଛି ବୋଲି ଗୁଜବ ଶୁଣି ଜିଲାର ବିଭିନ୍ନ ବ୍ଲକରୁ ସବୁଜ ପତ୍ରିକାଧାରୀ ମହିଳା ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏତେ ସଂଖ୍ୟକ ଲୋକଙ୍କୁ ଦେଖି ଜିଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ଆଇନଜୀବୀ ଚକିତ ହୋଇଥିଲେ। ସେନମାନଙ୍କଠାର ବୁଝିବା ପରେ ମାଗଣା ଜମି ପଟ୍ଟା ବଣ୍ଟନ କରାଯାଉଥିବା ସୂଚନା ପାଇ ଆସିଛୁ ବୋଲି କହିଥିଲେ। ଏହି ଗୁଜବ ଖବର ଜଣାପଡିବା ପରେ ଜିଲାପାଳ କାର୍ଯ୍ୟାଳୟ ଜପରିସରରେ ଆଲୋଡନ ସୃଷ୍ଟି ହୋଇଥିଲା। କାର୍ଯ୍ୟାଳୟରେ ଏ ନେଇ କୌଣସି ସୂଚନା ନ ଥିବା ଯୋଗୁ ଏହା ଏକ ଗୁଜର ବୋଲି ଆଇନଜୀବୀ ମହିଳାମାନଙ୍କୁ ସୂଚନା ଦେଇଥିଲେ। ଶେଷରେ କଳାହାଣ୍ଡି ଜିଲା ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା ଓ ନିମାଞ୍ଚଳ ନାଏକଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନଙ୍କୁ ସବୁଜ ପତ୍ରିକାଧାରୀମାନେ ଭେଟି ବିଭିନ୍ନ ଦାବି ଲିଖିତ ଭାବେ ଦେଇଥିଲେ। ଭୂମିହୀନ ଥିବା ହିତାଧିକାରୀଙ୍କୁ ମାଗଣାରେ ୪ ଡିସିମିଲ ଘର ଡିହ ପଟ୍ଟା ପ୍ରଦାନ ପାଇଁ ଅନୁରୋଧ କରିଥିଲେ।

# ଅଟୋ ରିକ୍ସା ଓଲଟି ୫ ଗୁରୁତର

**ଜୁନାଗଡ, ୭।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ବ୍ରାହ୍ମଣୀଗୁଡା ଯିବା ରାସ୍ତା (ପୁରୁଣା ଦେଶୀମଦ ଭାଟି) ନିକଟରେ ଶନିବାର ରାତି ପ୍ରାୟ ସାଢ଼େ ୭ଟାରେ ଏକ ଅଟୋ ରିକ୍ସା ଓଲଟି ୫ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଜୁନାଗଡ ବ୍ଲକ ଦେଦର ପଞ୍ଚାୟତ କଟିଙ୍ଗପଦର ଗ୍ରାମର ବଂଶୀଧର ଭୋଇ, କୃଷ୍ଣ ଭୋଇ, ଗାୟତ୍ରୀ ଭୋଇ, ମହେଶ୍ୱର ଭୋଇ ଓ ବେଣୁଧର ଭୋଇ। ସ୍ଥାନୀୟ ପୋଲିସ ସେମାନଙ୍କୁ ଉଦ୍ଧାର କରି ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୋଲାମୁଣ୍ଡା ବ୍ଲକ ଫରଙ୍ଗ ଗ୍ରାମରୁ ଏକ ନିର୍ବନ୍ଧ କାର୍ଯ୍ୟରେ ଯୋଗଦେଇ ଏକ ଅଟୋରେ ନିଜ ଗାଁ କଟିଙ୍ଗପଦରକୁ ଫେରୁଥିଲେ। ଜୁନାଗଡ ସହର ନିକଟ ପୁରୁଣାଦେଶୀମଦ ଭାଟି ନିକଟରେ ଅଟୋ ଭାରସମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଏଥିରେ ୫ଜଣ ଗୁରୁତର ଆହତ ହୋଇଥିବା ବେଳେ ଗାୟତ୍ରୀଙ୍କ କାନ୍ଧ ଭାଙ୍ଗିଯାଇଥିବା ବେଳେ ଅନ୍ୟ ବ୍ୟକ୍ତିମାନଙ୍କ ମୁହଁରେ, ମୁଣ୍ଡରେ ଆଘାତ ଲାଗିଛି। ସମସ୍ତେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ପରେ ଅଟୋ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଛନ୍ତି ।

**PARADIP PORT TRUST**

**e-TENDER CALL NOTICE**

Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4"**. **EMD** cost Rs.**1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**

**Executive Engineer**
**Harbour Works Division-III**
**PPT/PR/702/19-20 Dt.06.03.2020**

# ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି କରିବେ ବନବାସୀ

- ଚାରାରୋପଣ ପାଇଁ ଚାଲିଛି ମଞ୍ଜି ସଂଗ୍ରହ
- ଶପଥ ନେଲେ ଜଙ୍ଗଲ ଅଧିକାର କମିଟି ସଦସ୍ୟ
- ବର୍ଷା ଆରମ୍ଭରୁ ହେବ ସାମୂହିକ ମଞ୍ଜି ବୁଣା କାମ
- ନିଆଁ ଦାଉରୁ ରକ୍ଷା କରିବେ ଜଙ୍ଗଲ

**ସିନାପାଲି, ୭।୩ (ଡି.ଏନ.ଏ.)**

ଦିନକୁ ଦିନ ଜଙ୍ଗଲ କ୍ଷୟ ହେବାକୁ ଲାଗିଛି । ଏଥିପାଇଁ ପରିବେଶ ସନ୍ତୁଳନ ବିଗିଡିବାରେ ଲାଗିଛି । ଜଙ୍ଗଲ ପଶୁ, ପକ୍ଷୀ ଗାଁ ମୁହାଁ ହେଉଛନ୍ତି । ଜଙ୍ଗଲ ସୁରକ୍ଷା ଅତି ଜରୁରୀ ହୋଇପଡିଛି । ଏହି କଥାକୁ ବୁଝିଛନ୍ତି ନୂଆପଡ଼ା ଜିଲା ସିନାପାଲି ବ୍ଲକ ବଣପାହାଡ ଘେରାରେ ଥିବା ବନବାସୀ । ଆଗେଇ ଆସିଛନ୍ତି ଜଙ୍ଗଲ ସୁରକ୍ଷା ସାଙ୍ଗକୁ ସାମୁହିକ ଚରାର ରୋପଣ କରିବାକୁ ଆରମ୍ଭ ହୋଇଯାଇଛି ମଞ୍ଜି ସଂଗ୍ରହ ଅଭିଯାନ। ଏହି ମଞ୍ଜିକୁ ସଂଗ୍ରହ କରି ସାମୁହିକ ଭାବେ ବ୍ଲକ ପ୍ରତ୍ୟେକ ଜଙ୍ଗଲ ଅଧିକାର କମିଟିସଦସ୍ୟମାନେ ଚାରା ସୃଷ୍ଟି କରିବେ । ଏଥିପାଇଁ ଗାଁ ଗାଁରେ ଚାଲିଛି ସଚେତନତା ସଭା । ପ୍ରତ୍ୟେକ ଦିନ କମିଟି ସଦସ୍ୟମାନେ ଘରକୁ ଘର ବୁଲି ମଞ୍ଜି ସଂଗ୍ରହ କରୁଛନ୍ତି । ପ୍ରତ୍ୟେକ ଗ୍ରାମରେ ହଳଲଙ୍ଗଳ ଧରି ମଞ୍ଜି ବୁଣିବେ । ଏହା ସାଙ୍ଗକୁ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ପ୍ରତ୍ୟେକ ଗ୍ରାମରେ କମିଟି ସଦସ୍ୟ ବଛା ଯାଇଛି । ଗ୍ରାମର ଯୁବକମାନେ ତଥା ସଚେତନ ମହିଳା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପରିବେଶବିତମାନେ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି । ସିନାପାଲି ବ୍ଲକ ୨୭ଟି ଗ୍ରାମପଞ୍ଚାୟତ ୧୨୫ଟି ଗ୍ରାମରେ ବନବାସୀ ଏହି କାର୍ଯ୍ୟରେ ସାମିଲ ହୋଇ ଏହି ଅଭିଯାନକୁ ଆଗେଇ ନେବା ପାଇଁ ଅଣ୍ଟା ଭିଡିଛନ୍ତି । ଖାଲିଥିବା ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଅଭିନୟ ପ୍ରୟାସ ଚଳାଇଥିବା ବେଳେ ଅନ୍ୟ ଲୋକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ସିନାପାଲି ବ୍ଲକ ଅନେକ ଗାଁରେ ଜଙ୍ଗଲ ଜମିକୁ ଅଧିକାର କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି । ପୁରୁଷାନୁକ୍ରମିକ ଭାବେ ଚାଷ କରି ଆସୁଥିବା ବେଳେ ସରକାରଙ୍କ ନିକଟରେ ବହୁ ଆନ୍ଦୋଳନ ଅନୁରୋଧ କରିବା ପରେ ଜଙ୍ଗଲ ପଟ୍ଟା ପ୍ରଦାନ କରାଯାଇଛି । ହେଲେ ଜଙ୍ଗଲରେ ବାସ କରୁଥିବା ଆଦିବାସୀ ଶ୍ରେଣୀର ଲୋକଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଅଣଆଦିବାସୀଙ୍କୁ ଆଜି ପର୍ଯ୍ୟନ୍ତ ପଟ୍ଟା ପ୍ରଦାନ କରାଯାଇ ନାହିଁ । ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁସାରେ ପ୍ରତ୍ୟେକ ଗ୍ରାମକୁ ଗୋଷ୍ଠୀଗତ ପଟ୍ଟା ପ୍ରଶାସନ ଦେବା ବ୍ୟବସ୍ଥା କରୁଛି । ଏଥି ପାଇଁ ବନ ବିଭାଗ, ରାଜସ୍ୱ ବିଭାଗ, ମଙ୍ଗଳ ବିଭାଗ ଓ ଗ୍ରାମ୍ୟ କମିଟି ଉପସ୍ଥିତିରେ ଗ୍ରାମ ସଭା ଜରିଆରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଫଳରେ ଦୀର୍ଘ ଦିନର ପ୍ରତିକ୍ଷାର ଅନ୍ତ ଘଟିଥିବା ବେଳେ ବନବାସୀମାନେ ବେଶ ଖୁସିଥିବା ବେଳେ ଜଙ୍ଗଲ ସୁରକ୍ଷା ଦେବା ପାଇଁ ମଧ ଶପଥ ନେଇଛନ୍ତି । ଜଙ୍ଗଲ ଜମି ଅଧିକାର କମିଟି ଆବାହକ ଖୁଟୁରାମ ସୁନାନୀ, ସଂଯୋଜକ ମେଘନାଦ ଖର୍ସେଲ, ହୀରାଲାଲ ମାଝି, ଯୁଧିଷ୍ଠିର ସାହୁ, ଚୈତନ୍ୟ ମାଝି, ହନୁରାମ ମାଝି, ସୌଦାଗର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ଅଭିଯାନ ଚାଲିଛି ।



**PANCHAYAT SAMITI, SINAPALI, DIST.- NUAPADA**

**NO.565 /DEV** **BID IDENTIFICATION No. PS- SINAPALI / 01 / 2019-20** **Dtd.06.03.2020**

The Block Development Officer, Sinapali on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building/ Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the work | Approximate value of work (Rs. in lakh) | Period of Completion | Class of Contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Culvert with Guard wall on the road from Jharbandha to Makarguda via Portipada | 17,45,622.00 | 4 months | D&C | 17460.00 | 6720.00 |
| 2. | Improvement of road from Nangalbod to Golabeda Via Tangripada with RCC culvert | 18,74,031.00 | 4 months | D&C | 18740.00 | 6720.00 |
| 3. | Construction of Addl. Class room (02 Nos.) at Chatiaguda, Ashram School | 7,84,933.00 | 4 months | D&C | 7850.00 | 4480.00 |
| 4. | Construction of Addl. Class room (02 Nos.) at Timanpur, Ashram School | 7,84,933.00 | 4 months | D&C | 7850.00 | 4480.00 |

1. The sale of the Bid document shall start from Dt 11.03.2020 and close on Dt.20.03.2020 at 4.00 P.M. in the office of the undersigned. Bids shall be received by this office up to 5.00 PM on date 20.03.2020 through Registered Post / Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
2. The details Bid documents will also be available in the District website http://nuapada.nic.in from 11.03.2020 to 20.03.2020.
3. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours everyday except on Sunday & public Holidays till last date of sale and receipt of tender papers.
4. The Bid will be opened on Dt.21.03.2020 at 11.30 AM in the office of the undersigned in the presence of the bidders or their authorized representatives.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer,**
**Sinapali Block**



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ



### ଡାଇଭର୍ସନ ରାସ୍ତାରେ ଦବିଲା ଟ୍ରକ୍

**ଖପ୍ରାଖୋଲ, ୭।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ-ହରିଶଙ୍କର ରାସ୍ତାର ତ୍ରିସିଲ କଟା ନିକଟରେ ନିର୍ମାଣାଧୀନ ପୋଲ ପାଇଁ ହୋଇଥିବା ଡାଇଭର୍ସନ ରାସ୍ତାରେ ଅଦିନିଆ ବର୍ଷା ଯୋଗୁଁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଦବି ଯାଇଥିଲା। ଏଥିଯୋଗୁ ସମ୍ପୃକ୍ତ ପଥରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଶନିବାର ଖପ୍ରାଖୋଲ ସାପ୍ତାହିକ ହାଟ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ ପୂର୍ତ୍ତ ବିଭାଗକୁ ଜଣାଇଲା ପରେ ଦୀର୍ଘ ୪ ଘଣ୍ଟାର ପରିଶ୍ରମ ପରେ ଜେସିବିରେ ଟ୍ରକ୍‌କୁ ଉଠାଯାଇଥିଲା। ଫଳରେ ଶନିବାର ମଧ୍ୟାହ୍ନରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

### କରୋନା ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୭।୩(ଡି.ଏନ.ଏ):** ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ କରୋନା ସଚେତନତା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କରୋନା ଭୂତାଣୁ ସଂକ୍ରମଣରୁ କିଭଳି ରୋକାଯାଇ ପାରିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ହାତ ଠିକ୍ ଭାବରେ ଧୋଇବା ସହ ଥଣ୍ଡା କାଶ ଆଦି ହେଲେ ଡାକ୍ତରଙ୍କୁ ପରୀକ୍ଷା କରାଇବା ନେଇ ସଚେତନ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିବାବେଳେ। ଏହି ଅବସରରେ ଗାଁ ମଝିରେ ଛାତ୍ରୀଛାତ୍ରମାନେ ହାତ ଧୁଆ କୌଶଳ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମର ସିଂ ମାଝୀ, ଶେଷଦେବ ପତି, ଅତସୀ ସାହୁ, ନୀଳିମା ମିଶ୍ର, ଭୁବନେଶ୍ୱର ପୃଷ୍ଟି, ଗଗନ ସାହୁ, ନିରାକାର ମାଝୀ, ହରିହର ମାଝୀ, ଡିଲେଶ୍ୱର ମେହେର ପ୍ରମୁଖ ସହଯୋଗ କରିଥିଲେ ।

# ଦୃଷ୍ଟିହୀନ ମହିଳାଙ୍କ ପ୍ରତି ପ୍ରଶାସନ ଉଦାର

**ବଲାଙ୍ଗୀର ଅଫିସ, ୭।୩**

- ନୂଆ ରିଙ୍ଗରୋଡ୍ ନିର୍ମାଣରେ ଝାଟିମାଟି ଘର ହରାଉଥିଲେ
- ନୂଆ ଘର ତିଆରି କରି ଚାବି ହସ୍ତାନ୍ତର କଲା ପ୍ରଶାସନ
- ମୁଦ୍ରା ଯୋଜନାରେ ଋଣ ବ୍ୟବସ୍ଥା କରାଯିବ: ଉପଜିଲାପାଳ



ଉପଜିଲାଳପାଳ ସଞ୍ଜୟ କୁମାର ମିଶ୍ର ଶୈଳେନ୍ଦ୍ରୀ ସୁନାଙ୍କୁ ନୂଆଘର ଚାବି ହସ୍ତାନ୍ତର କରୁଛନ୍ତି ।

ମହିଳା ଦିବସ ଅବ୍ୟବହତି ପୂର୍ବରୁ ବଲାଙ୍ଗୀର ଜିଲା ପ୍ରଶାସନ ଜଣେ ଗରିବ ନେତ୍ରହୀନ ମହିଳାଙ୍କୁ ନୂଆ ଘର ତିଆରି କରି ହସ୍ତାନ୍ତର କରିଛି । ଦୃଷ୍ଟିହୀନ ମହିଳା ଶୈଳେନ୍ଦ୍ରୀ ସୁନାଙ୍କୁ ଶନିବାର ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ନୂଆ ଘରର ଚାବି ହସ୍ତାନ୍ତର କରଛନ୍ତି । ଏହି ସମୟରେ ସହକାରୀ ଜିଲାପାଳ ସନ୍ତୋଷ ଦାଶ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ, ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ ଉପସ୍ଥିତ ଥିଲେ । ବଲାଙ୍ଗୀର ସହର ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ସମ୍ମୁଖ ଗାନ୍ଧୀ ଷ୍ଟାଡିୟମ ନିକଟ ସରକାରୀ ଜମିରେ ଏହି ଦୃଷ୍ଟିହୀନ ମହିଳା ଏକ ଛାଟିମାଟି ଘର କରି ରହୁଛନ୍ତି । ସେହି ଅଞ୍ଚଳରେ ରିଙ୍ଗରୋଡ ତିଆରି କରାଯାଉଥିବାରୁ ଶୈଳେନ୍ଦ୍ରୀଙ୍କ ଝାଟିମାଟି ଘର ଉଚ୍ଛେଦ କରିବାକୁ ପଡିବ। ଉକ୍ତ ଘରେ ଶୈଳେନ୍ଦ୍ରୀଙ୍କ ସହ ତାଙ୍କ ସ୍ୱାମୀ ସୁରେଶ ଓ ଛୋଟ ପୁଅ ରହୁଛନ୍ତି । ଘର ଉଚ୍ଛେଦ ହେଲେ ଶୈଳେନ୍ଦ୍ରୀ ପରିବାରଙ୍କ ଦୁଃଖ ବଢ଼ିଯାଇଥାନ୍ତା । ଏଣୁ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମେ ତାଙ୍କ ପାଇଁ ଏକ ଘର ତିଆରି କରାଯିବା ପରେ ତାଙ୍କ ଝାଟିମାଟିର ଘର ଉଚ୍ଛେଦ କରିବା ପାଇଁ ଯୋଜନା କରାଯାଇଥିଲା । ପୂର୍ତ୍ତ ବିଭାଗ ରିଙ୍ଗରୋଡ କଣ୍ଟିଜେନ୍ସି ଫଣ୍ଡରୁ ୩ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ଉକ୍ତ ନିର୍ମାଣାଧୀନ ରିଙ୍ଗରୋଡ କଡରେ ଥିବା ସରକାରୀ ଜମିରେ ୫୦୦ ବର୍ଗଫୁଟ ଜମିରେ ଏକ ଆଜବେଷ୍ଟସ ଛାଉଣୀର ପକ୍କାଘର ତିଆରି କରିଥିଲା । ଉକ୍ତ ଘରେ ପାଇଖାନା, ବାରଣ୍ଡା, ଶୟନ ଘର ଓ ରନ୍ଧାଘର ରହିଛି । ଜଣେ ନେତ୍ରହୀନ ମହିଳାଙ୍କ ଘର ଉଚ୍ଛେଦ କରିବା ପୂର୍ବରୁ ପ୍ରଶାସନ ପକ୍କା ଘରଟିଏ ତିଆରି ହସ୍ତାନ୍ତର କରିବା ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ମୁଦ୍ରା ଯୋଜନାରେ ୨୦ ହଜାର ଟଙ୍କା ଋଣ ଶୈଳେନ୍ଦ୍ରୀଙ୍କୁ ପ୍ରଦାନ କରାଯିବ । ସେ ରିଙ୍ଗରୋଡ ରାସ୍ତାକଡରେ ଚା କିମ୍ବା ଅନ୍ୟ କିଛି ଦୋକାନ କରି ପରିବାର ପ୍ରତିପୋଷଣ ବ୍ୟବସ୍ଥା କରାଯିବ ବୋଲି ଉପଜିଲାପାଳ ମିଶ୍ର ସୂଚନା ଦେଇଛନ୍ତି ।

## ଅଦିନିଆ ବର୍ଷାରେ ପରିବା ଚାଷ ନଷ୍ଟ
## ଗଛ ପଡି ରାସ୍ତା ଅବରୋଧ

**ମୁରିବାହାଲ, ୭।୩ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଅଦିନିଆ ବର୍ଷା ଓ ପବନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗୁଡିଘାଟ ଅଞ୍ଚଳରେ ଏହାର ପ୍ରଭାବ ବିଶେଷ ଅନୁଭୂତ ହୋଇଛି। ପରିବା ଚାଷ ନଷ୍ଟ ହୋଇଛି। ଜମିରେ ପାଣି ଜମି ରହିବା ଫଳରେ ଆଉ ଅମଳ ଆଶା ନ ଥିବା ଚାଷୀମାନେ କହିଛନ୍ତି। ବର୍ଷା ସହ ପବନ ଯୋଗୁ ବ୍ଲକ ଅଞ୍ଚଳର କେତେକ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତାରେ ପଡିଛି। ବିଦ୍ୟୁତ୍ ତାର ଛିଣ୍ଡି ପଡିବା ଫଳରେ ଶୁକ୍ରବାର ରାତିରୁ ବହୁ ଅଞ୍ଚଳ ଅନ୍ଧକାରରେ ରହିଛି। ମୁରିବାହାଲ ଦମକଳ ବାହିନୀ ସହ ମିଶି ସ୍ଥାନୀୟ ଯୁବକମାନେ ଗଛକାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

## କୁଆପଥର ମାଡ଼, ଝଡ଼ବର୍ଷାରେ ଫସଲ ନଷ୍ଟ

**ଲୋଇସିଂହା, ୭।୩(ଡି.ଏନ.ଏ.)**



ପିଆଜ କ୍ଷେତରେ ପାଣି ଜମି ରହିଛି।

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକରେ ଶୁକ୍ରବାର କୁଆପଥର ଓ ଝଡବର୍ଷାରେ ପରିବା ଓ ଅନ୍ୟାନ୍ୟ ରବିଚାଷ କ୍ଷତିଗ୍ରସ୍ତ ହୋଇଛି। ଆଗଲପୁର ବ୍ଲକର ବଡଟିକା, ବେନ୍ଦ୍ରା, ନଅଗାଁ(ଖ)ପଞ୍ଚାୟତ ଅଞ୍ଚଳରେ ବ୍ୟାପକଭାବେ ରବିଚାଷ ହୋଇଥାଏ। ନଅଗାଁ(ଖ) ପଞ୍ଚାୟତର ସାନଟିକା, ତେନ୍ତୁଲିଖୁଣ୍ଟି, ନଅଗାଁ(ଖ), ବଡଟିକା ପଞ୍ଚାୟତର ବୁରୋଭାଡି, ବେନ୍ଦ୍ରା ପଞ୍ଚାୟତର ଧଉଁରାଦାଦର ଗାଁରେ ବାଇଗଣ, ଟମାଟ, ଲଙ୍କା, ପିଆଜ ପ୍ରଭୃତି ପରିବା ଓ ଡାଲି ଜାତୀୟ ଫସଲ ବ୍ୟାପକ ମାତ୍ରାରେ କରାଯାଇଥାଏ । ଚଳିତ ବର୍ଷ ଚାଷ ଆରମ୍ଭରୁ ଅଦିନିଆ ବର୍ଷା ସାଙ୍ଗକୁ ଶୁକ୍ରବାରର ଝଡବର୍ଷା ସାଙ୍ଗକୁ କୁଆପଥର ମାଡ ଚାଷୀର ନିଦ ହଜାଇ ଦେଇଛି। ସେହିପରି ଲୋଇସିଂହା ବ୍ଲକର ଉପରବାହାଲ, ସରଗାଡା, କୁଶମେଲ, ବାଦିମୁଣ୍ଡା, ତଳିଉଡାର ଅଞ୍ଚଳରେ ହୋଇଥିବା ପନିପରିବା ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ଲୋଇସିଂହା ଓ ଆଗଲପୁର ବ୍ଲକ କୃଷି ବିଭାଗ କର୍ମଚାରୀ କ୍ଷେତ୍ର ପରିଦର୍ଶନ ସହ କ୍ଷୟକ୍ଷତି ଆକଳନ କରିବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷରେ ଶୁକ୍ରବାର ରାତିରୁ ସାନଟିକା, ତେନ୍ତୁଲିଖୁଣ୍ଟିରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ଲୋକେ ଅସୁବିଧାରେ ରହିଛନ୍ତି। ଏଥିପାଇଁ ଜନ ଅସନ୍ତୋଷ ପ୍ରକାଶ ପାଇଛି।

## ଖପ୍ରାଖୋଲ ଅଞ୍ଚଳରେ ଅଦିନିଆ ଝଡବର୍ଷା: ୧୫ ଗାଁ ଦୁଇ ଦିନ ହେଲା ଅନ୍ଧାରରେ

**ଖପ୍ରାଖୋଲ, ୭।୩(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଶୁକ୍ରବାର ଝଡ ବର୍ଷା ସହ କୋହଲା ପାଗ ଅନୁଭୂତ ହୋଇଥିଲା। ପବନ ଯୋଗୁ ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତାରେ ପଡିଥିଲା। ବିଦ୍ୟୁତ୍ ବିଭାଗ ସୂଚନା ଅନୁସାରେ ୩୦ରୁ ଊର୍ଦ୍ଧ୍ୱ ଖୁଣ୍ଟ ଭାଙ୍ଗି ପଡିବାରେ ୧୫ରୁ ଅଧିକ ଗାଁ ଅନ୍ଧାରରେ ରହିଛି । ବିଭାଗ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଥିଲେ ବି ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇ ପାରି ନାହିଁ । ଖପ୍ରାଖୋଲ ବିଦ୍ୟୁତ୍ ବିଭାଗ ସେକ୍ସନ ଅଫିସର ପବିତ୍ର କୁମାର ବିଶ୍ୱାଳଙ୍କୁ ପଚାରିବାରୁ ଲୁହାସିଂହା, ଦମେଇପାଲି, ଭାନପୁର, ଧଣ୍ଡାମୁଣ୍ଡା, ନାନ୍ଦୁପଲା ଅଞ୍ଚଳର ଅନେକ ଗାଁକୁ ବିଦ୍ୟୁତ ସଂଯୋଗ ସ୍ୱାଭାବିକ ହୋଇପାରିନାହିଁ। ଦିନେ ଦୁଇଦିନ ମଧ୍ୟରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବ ବୋଲି କହିଛନ୍ତି।

## ଅବ୍ୟବସ୍ଥାରେ ଚାଲିଛି ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ର

- ଚିକିତ୍ସା ଗୃହ ବିପଦସଙ୍କୁଳ, ଡାକ୍ତର କ୍ୱାର୍ଟର୍ସରେ ରୋଗୀସେବା
- କ୍ୱାର୍ଟର୍ସରୁ ପାଣି ଝରୁଛି, କର୍ମଚାରୀ ରହୁଛନ୍ତି ଭଡ଼ାଘରେ

**ଲାଠୋର, ୭।୩(ଡି.ଏନ.ଏ)**



ନିଷ୍କାସନର ବାଟ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଣି ଜମି ରହିଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏଠାରେ ଦୀର୍ଘଦିନ ହେଲା ଏମବିବିଏସ ଡାକ୍ତର ପଦବୀ ଖାଲି ପଡିଛି। ରୋଗୀ ଚିକିତ୍ସା ଗୃହ ବିପଦସଙ୍କୁଳ ଯୋଗୁଁ ଡାକ୍ତରଙ୍କ କ୍ୱାର୍ଟର୍ସରେ ଚିକିତ୍ସା ଚାଲିଛି। ଷ୍ଟାଫ କ୍ୱାର୍ଟର୍ସ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଛାତରୁ ପାଣି ଝରୁଛି। ଏଥିପାଇଁ ଡାକ୍ତରଙ୍କଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ସେଠାରେ ରହିବା ପାଇଁ କେହି ରାଜି ହେଉନାହାନ୍ତି। ବାହାରେ ଭଡା ଘରେ ରହୁଛନ୍ତି। ସେହିପରି ନର୍ସ ପ୍ରମିଳା ବାର୍ଲା କୁହନ୍ତି, ପାଣି ଗଳି ସରକାରୀ କ୍ୱାର୍ଟର୍ସ ଅବସ୍ଥା ଖରାପ ଥିଲେ ମଧ ବାଧ ହୋଇ ସେଠାରେ ରହିବାକୁ ପଡୁଛି। ପୁନଶ୍ଚ ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଣି ଜମା ହୋଇ ରହୁଛି। ଯେଉଁ ସ୍ଥାନରେ ଆବର୍ଜନା ପାଣି ଜମି ରହୁଛି ସେଠାରେ ରୋଗୀମାନେ ଅପେକ୍ଷା କରିଥାନ୍ତି। ଏପଟେ ପରିଷ୍କାର, ପରିଚ୍ଛନ୍ନତା ଓ ପରିମଳ ଉପରେ ସ୍ୱାସ୍ଥ୍ୟ ବିଭାଗ ଉପଦେଶ ଦେଇଥିବା ବେଳେ ସ୍ୱାସ୍ଥ୍ୟସେବା ପରିସର ପ୍ରତି ଧ୍ୟାନ ନଦେବା ଦୁର୍ଭାଗ୍ୟର ବିଷୟ। ସରକାର ଯଥାଶୀଘ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପ୍ରତିଯୋଗିତାରେ ଭାଗନେଲେ ୧୨ଶହ ମହିଳା

**ଦେଓଗାଁ, ୭।୩(ଡି.ଏନ.ଏ.)**

**କୁଠୁର୍ଲାରେ ଦୁହିତା ଦିବସ ପାଳିତ**



ରାଜ୍ୟସ୍ତରୀୟ କବାଡିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ମିନତି ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

- ବାହାରିଲା ସଚେତନତା ରାଲି
- କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ

ବଲାଙ୍ଗୀର ସଦର ବ୍ଲକ ଭୂତିଆରବାହାଲ ପଞ୍ଚାୟତ ଅନ୍ତର୍ଗତ କୁଠୁର୍ଲାରେ ରିଲାଏନ୍ସ ଫାଉଣ୍ଡେସନ ଆନୁକୂଲ୍ୟ ତଥା ସ୍ଥାନୀୟ କୃଷକ ସମିତି ଆୟୋଜନରେ ଶନିବାର ଦୁହିତା ଦିବସ ପାଳିତ ହୋଇଯାଇଛି। ଅଶୋକ କୁମାର ଭଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଓଗାଁ, ସଦର ବ୍ଲକ ଓ ଗୁଡଭେଲା ଆଦି ୩ଟି ବ୍ଲକର ୨୨ଟି ଗାଁର ୧୨ଶହ ମହିଳା ଯୋଗଦାନ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପୁଷ୍ପିତା ସାହୁ, ମୁଖ୍ୟବକ୍ତା ଦେଓଗାଁ ବ୍ଲକ ମତ୍ସ୍ୟ ଅଧିକାରୀ ପ୍ରିନ୍ସି ରଥ, ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ଭୋଇ, ସଦର ବ୍ଲକ ବିପିଏମ ତୀର୍ଥ ବାଗ, ଦେଓଗାଁ ବିପିଏମ ପ୍ରଦୀପ ଛତ୍ରିଆ, ଜିଲା ସଂଯୋଜକ ମୁକେଶ ସିଂ, ଲକ୍ଷ୍ମୀଧର ମଲ୍ଲିକ, ସୂର୍ଯ୍ୟମଣୀ ପଧାନ ପ୍ରମୁଖ ଯୋଗଦେଇ ଦୁହିତା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥି ସହ ବର୍ତ୍ତମାନ ମହିଳାମାନେ ସବୁକ୍ଷେତ୍ରରେ ପାରଦର୍ଶିତା ଲାଭ କରୁଛନ୍ତି, ସ୍ୱାବଲମ୍ବୀ ହୋଇପାରିଛନ୍ତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ସଚେତନତା ଶୋଭାଯାତ୍ରାରେ ମହିଳାମାନେ ଗ୍ରାମ ପରିକ୍ରମା କରିଥିଲେ। ପରେ ମହିଳାମାନଙ୍କ ମଧ୍ୟରେ ରଶିଟଣା, ବାଟିଖେଳ, ବସ୍ତାଦୌଡ ଆଦି ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇଥିଲା । ପରେ ସମସ୍ତଙ୍କୁ ନେଇ ନୃତ୍ୟ, ଗୀତ, ଦଳଗତ ନୃତ୍ୟ, କ୍ଷୁଦ୍ର ନାଟିକା ଆଦି ସାଂସ୍କୃତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ରିଲାଏନ୍ସ ପୋଷଣ ବାଟିକା, ଜୀବନ ଜୀବିକା, ଦେଶୀବିହନ ସଂରକ୍ଷଣ ଉପରେ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ପ୍ରତିଯୋଗୀତାର କୃତି ମହିଳା ତଥା ରାଜ୍ୟସ୍ତରୀୟ କବାଡି ଖେଳରେ କୃତିତ୍ୱ ଅର୍ଜନ କରିଥିବା ଟିକଲବାହାଲ ଗ୍ରାମର ନବମ ଶ୍ରେଣୀଛାତ୍ରୀ ମିନତି ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କୁଠୁର୍ଲା ଗ୍ରାମବାସୀ ତଥା ରିଲାଏନ୍ସ ଫାଉଣ୍ଡେସନର କର୍ମକର୍ତ୍ତା ତଥା କୃଷକ ସମିତିର ସଦସ୍ୟବୃନ୍ଦ ସହଯୋଗ କରିଥିଲେ ।

# 'ଦାୟିତ୍ୱବାନ ହିଁ ଅଧିକାରର ମହତ୍ତ୍ୱ ବୁଝେ'
## ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ରଚନା ବିଶେଷ ସନ୍ଧ୍ୟା

**ବଲାଙ୍ଗୀର ଅଫିସ, ୭।୩**




ମହିଳାମାନଙ୍କ ପାଇଁ ଆୟୋଜିତ ରଚନା ବିଶେଷ ସନ୍ଧ୍ୟା କାର୍ଯ୍ୟକ୍ରମରେ ମଞ୍ଚାସୀନ ମହିଳା ଅତିଥିମାନେ ।

ଦେଶର ସମ୍ବିଧାନରେ ନାରୀମାନଙ୍କୁ ବିଭିନ୍ନ ପ୍ରକାର ଅଧିକାର ଦିଆଯାଇଛି । ସାମାଜିକ ବିଧିବ୍ୟବସ୍ଥାରେ ସେମାନଙ୍କୁ ଉଚ୍ଚ ଆସନ ମଳିବା କଥା କୁହାଯାଉଛି । ମାତ୍ର ବାସ୍ତବରେ ସାମ୍ବିଧାନିକ ଅଧିକାର କି ସାମାଜିକ ସମ୍ମାନ ମିଳୁନାହିଁ । ତେବେ ଅଧିକାର କି ସମ୍ମାନ ମାଗିଲେ ମିଳେ ନାହିଁ । ଯେକୌଣସି ଅଧିକାରୀ ସାବ୍ୟସ୍ତ କରିବାକୁ ହେଲେ ପ୍ରଥମେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ପଡିବ। ଆନ୍ତର୍ଜାତିକ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ସାଂସ୍କୃତିକ, ସାମାଜିକ ଅନୁଷ୍ଠାନ ରଚନା ପକ୍ଷରୁ ଏକ ବିଶେଷ ସାନ୍ଧ୍ୟ ଆଲୋଚନାଚକ୍ରରେ ବକ୍ତାମାନେ ଏହି ମତ ରଖିଛନ୍ତି। ସ୍ଥାନୀୟ ଗାନ୍ଧୀଭବନଠାରେ ଗାଳ୍ପିକା ଅମୂଲ୍ୟମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ମହିଳାଙ୍କ ଅଧିକାର ଓ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରବକ୍ତା ଭାବେ ଆୟୁଷୀ ନନ୍ଦ, ଅଦିତୀ ଅଗ୍ରୱାଲ ଓ ସୋମ୍ୟା ମଧୁପର୍ଣ୍ଣା ତ୍ରିପାଠୀ ଯୋଗଦାନ କରିଥିଲେ । ଏହି ଛାତ୍ରବକ୍ତମାନେ ମହିଳାଙ୍କ ପ୍ରତି କ୍ରମବର୍ଦ୍ଧିଷ୍ଣୁ ହିଂସା, ଅପରାଧ ଓ ଅଧିକାର ହନନ ବିଷୟରେ ଆଲୋଚନା କରିଥିଲେ । ଅତିଥି ବକ୍ତାଭାବେ ଲେଖିକା ମଞ୍ଜୁବାଳା ପଣ୍ଡା, ଅଧ୍ୟାପିକା ଶାନ୍ତିପ୍ରିୟା ହୋତା, ଆଇନଜୀବୀ ସ୍ମିତା ମହାପାତ୍ର ଓ ଗଣମାଧ୍ୟମ ପ୍ରତିନିଧି ଜ୍ୟୋତ୍ସ୍ନାରାଣୀ ଦାଶ ଯୋଗଦାନ କରିଥିଲେ । ଡା ପଣ୍ଡା ତାଙ୍କ ବକ୍ତବ୍ୟରେ ଅଧିକାର ସାବ୍ୟସ୍ତ କରିବା ପୂର୍ବରୁ ମହିଳାମାନେ ବାସ୍ତବରେ ନିଜ ଅଧିକାର ସୁରକ୍ଷା ଉପରେ କେତେ ସଚେତନ ଭାବିବା ଉଚିତ୍ ବୋଲି କହିଥିଲେ । ଆତ୍ମବିଶ୍ୱାସୀ ହୋଇ ନିଜର ଦକ୍ଷତା ପ୍ରତିପାଦିନ କଲେ ମହିଳାମାନଙ୍କୁ ଉଚିତ୍ ସମ୍ମାନ ମିଳିବ ବୋଲି କହିଥିଲେ। ଅଧ୍ୟାପିକା ହୋତା ଯୁଗେ ଯୁଗେ ନାରୀ ନିଜର ଦାୟିତ୍ୱବୋଧକୁ ନେଇ ସ୍ୱୀକୃତି ପାଇଆସିଛି ବୋଲି କହିଥିଲେ। ଆଇନଜୀବୀ ମହାପାତ୍ର ମହିଳା, ନାବାଳିକାଙ୍କ ଆଇନ ସଚେତନତା ଉପରେ ମତବ୍ୟକ୍ତ କରି ସଚେତନତା ହିଁ ସୁରକ୍ଷା ବୋଲି କହିଥିଲେ । ଗଣମାଧ୍ୟମ ପ୍ରତିନିଧି ଦାଶ ତାଙ୍କ ବକ୍ତବ୍ୟରେ କେବଳ ଅଧିକାର ସାବ୍ୟସ୍ତ କଲେ ଚଳିବ ନାହିଁ ବରଂ ଜଣେ ନାରୀ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ସବୁକୁ ସଚେତନତାର ସହ ତୁଲାଇବାକୁ ପଡିବ ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ମିଶ୍ର କହିଥିଲେ ଯେ, ଅଧିକାର ମାଗିଲେ ମିଳେନାହିଁ, ଜାହିର କରିବାକୁ ପଡେ। ଏଥିପାଇଁ ଯୋଗ୍ୟତା ଓ ଦକ୍ଷତା ଆବଶ୍ୟକ । ଆକାଶବାଣୀ ଉଦ୍‌ଘୋଷିକା ସସ୍ମିତା ନେପାକ ଆଲୋଚନାଚକ୍ର ପରିଚାଳନା କରି ଶେଷରେ ଧନ୍ୟବାଦ ଦେଇଥିଲେ । ଏହି ନିଆରା କାର୍ଯ୍ୟକ୍ରମରେ ରଚନା ସଭାପତି ସନାତନ ଠାକୁର, ସମ୍ପାଦକ ଭାଗିରଥି ମିଶ୍ର, ସଙ୍ଗଠକ ଅରୁଣ ମିଶ୍ର, ଲେଖକ ରମେଶ ପୁରୋହିତ, ବିଜୟ କୁମାର ତ୍ରିପାଠୀ, ଲକ୍ଷ୍ମଣ କୁମାର ମେହେର, କସ୍ତୁରୀ ରଥ, ଓମ୍‌ପ୍ରଣବ ନାୟକ, ସନ୍ଦୀପ କୁମାର କୁଅଁର ଓ ଅନ୍ୟ ବହୁ ମହିଳା ଉପସ୍ଥିତ ଥିଲେ ।

## ଫଟୋରେ ଖବର





ବଲାଙ୍ଗୀର ଆୟୁର୍ବେଦ କଲେଜ ପରିସରରେ ଅନୁଷ୍ଠିତ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମରେ ଛୋଟ ଶିଶୁମାନଙ୍କୁ କଲେଜ ଅଧ୍ୟକ୍ଷ ପ୍ରଫେସର ଡା ଅରୁଣ କୁମାର ଦାସ ସ୍ୱର୍ଣ୍ଣବୁନ୍ଦା ଖୁଆଉଛନ୍ତି (ବାମ)। ବଲାଙ୍ଗୀର ସହରର ରାଜେନ୍ଦ୍ର କଲେଜ ରାସ୍ତାରେ ଜଣେ ଜରି ଗୋଟାଳି ଏକ ରିକ୍ସାରେ ସଂଗୃହୀତ ସାମଗ୍ରୀ ରଖି ତାହା ଉପରେ ବିପଦସଙ୍କୁଳ ଅବସ୍ଥାରେ ନିଜ ପିଲାଙ୍କୁ ବସାଇ ନେଉଛନ୍ତି । (ଫଟୋ-ସୁନୀଲ)

# ବିକ୍ରମ ଛକରେ ଜବରଦଖଲ ଉଚ୍ଛେଦ

**ବଲାଙ୍ଗୀର ଅଫିସ, ୭।୩**



ବିକ୍ରମ ଛକ ନିକଟ ମହାତ୍ମା ଗାନ୍ଧୀ ମାର୍ଗର ଉଭୟ ପଟ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉଛି ।

ବଲାଙ୍ଗୀର ସହର ପିପି ଏକାଡେମୀ ଛକରୁ ବିକ୍ରମ ଛକ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ମାର୍ଗର ଉଭୟ ପଟରେ ଶନିବାର ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଫଳରେ ରାସ୍ତାର ଉଭୟ ପଟରେ ଥିବା ବହୁ ଦୋକାନକୁ ଜେସିବି ଜରିଆରେ ଭଙ୍ଗାଯାଇଛି । ଦୀର୍ଘ ବର୍ଷ ହେଲା ସରକାରୀ ଜାଗାରେ କେତେକ ଲୋକ ଜବରଦଖଲ କରି ଦୋକାନ ବଜାର ତିଆରି କରିଥିଲେ । ପୂର୍ବାହ୍ନ ୯ଟାରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ଉଚ୍ଛେଦ କାର୍ଯ୍ୟରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ, ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ, ତହସିଲ ଅଫିସ, ମ୍ୟୁନିସିପାଲିଟି ଅଫିସ ଷ୍ଟାଫ୍ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ



### ଜିଲାସ୍ତରୀୟ ନିଯୁକ୍ତି ମେଳାରେ ଯୋଗଦେବାକୁ ବାହାରିଲେ ୨୫ ଯୁବତୀଯୁବକ

**କର୍ଲାମୁଣ୍ଡା,୭।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପକ୍ଷରୁ ଶନିବାର ଜିଲା ସଦର ଭବାନୀପାଟଣାଠାରେ ହେଉଥିବା ଜିଲାସ୍ତରୀୟ ନିଯୁକ୍ତି ମେଳାରେ ଅଂଶ ଗ୍ରହଣ ପାଇଁ ଜଣେ ଯୁବତୀ ଓ ୨୪ ଜଣ ଯୁବକ ଯାଇଛନ୍ତି । ଓଡିଶା ଜୀବନ ଜୀବିକା ମିଶନର କର୍ଲାମୁଣ୍ଡା ବ୍ଲକ ସଂଯୋଜକ ଲଲିତ କୁମାର ବିଶିଙ୍କ ନେତୃତ୍ୱରେ ବ୍ଲକର ୧୨ଟି ପଞ୍ଚାୟତର ଶିକ୍ଷିତ ବେକାର ଯୁବତୀଯୁବକମାନେ ନିଯୁକ୍ତି ଆଶାରେ ଯାଉଥିବା ଯୁବକମାନେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓଡିଶା ସରକାରଙ୍କ ପକ୍ଷରୁ ଜିଲା ପ୍ରଶାସନ ଭବାନୀପାଟଣାସ୍ଥିତ ସିଟି ସ୍କୁଲ ଖେଳ ପଡିଆଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଆୟୋଜନ କରାଯାଇଛି ।

### ଅଦିନିଆ ବର୍ଷାରେ ଡାଲି ଜାତୀୟ ଫସଲ ନଷ୍ଟ

**କର୍ଲାମୁଣ୍ଡା, ୭।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗତ ଫେବୃୟାରୀ ଶେଷ ସପ୍ତାହ ଓ ମାର୍ଚ୍ଚ ପ୍ରଥମ ସପ୍ତାହରେ ହୋଇଥିବା ଅଦିନିଆ ବର୍ଷାରେ ଚାଷୀମାନେ କରିଥିବା ଡାଲି ଜାତୀୟ ଚାଷ ଅମଳ ହେବା ପୂର୍ବରୁ ନଷ୍ଟ ହୋଇଯାଇଥିଲା । ଏହି ବ୍ଲକରେ ମୁଗ, ଖୁଡିଆଚଣା, ମଟରଚଣା, ବିରି ଚାଷ ଚାଷୀଙ୍କ ଆନ୍ୟ ଏକ ମୁଖ୍ୟ ଆୟ ହୋଇଥିବା ବେଳେ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିଛି । କର୍ଲାମୁଣ୍ଡା କୃଷି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ କର୍ଲାମୁଣ୍ଡା ବ୍ଲକର ୧୨ଟି ହେକ୍ଟର ସୂର୍ଯ୍ୟମୁଖି, ଚିନାବାଦାମ ୪୦୫ ହେକ୍ଟର ପ୍ରଭୃତି ଚାଷ ରବି ଋତୁରେ ଚାଷୀମାନେ ଚାଷ କରିଛନ୍ତି । ଅଦିନିଆ ବର୍ଷାରେ ହୋଇଥିବା କ୍ଷୟକ୍ଷତି ଆକଳନ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଫଟୋ: ରିଞ୍ଜା ଗ୍ରାମର ଚାଷୀ ଦୀପକ ପୁଟେଲ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଶସ୍ୟକୁ ଖରାରେ ଶୁଖାଉଛନ୍ତି ।

### ପାଣି ପଞ୍ଚାୟତ ସଚେତନତା ଶିବିର

ଭବାନୀପାଟଣା,୭।୩ (ଡି.ଏନ.ଏ.) ଭବାନୀପାଟଣା କୃଷି ବିଜ୍ଞାନ କେନ୍ଦ୍ରଠାରେ ପାଣିପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଠାଜଳସେଜନ ବିଭାଗ ନିର୍ବାହ ଯନ୍ତ୍ରୀ ଇଂ ସନ୍ତୋଷ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୃଷି ଅଧିକାରୀ ଲଳିତ ମୋହନ ପଣ୍ଡା, ସମ୍ମାନିତ ଅତିଥି ଉଦ୍ୟାନ ବିଭାଗର ସହନିର୍ଦ୍ଦେଶକ ବିମଳ ନାୟକ ଯୋଗଦେଇଥିଲେ। ଉପଖଣ୍ଡ ଉଠାଜଳସେନ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରା, ସହକାରୀ ଯନ୍ତ୍ରୀ ସୁଧୀର ନାଗ, କନିଷ୍ଠ ଯନ୍ତ୍ରୀ ସୁତିରଞ୍ଜନ ଦାସ, ଶନ୍ତନୁ ମାଝି, ମଧୁ ସାମଲ, ଉପେନ୍ଦ୍ର ଗଉଡ ପ୍ରମୁଖ ସହେଯୋଗ କରିଥିଲେ।

# କରୋନା ଭୟ: ଫିକା ପଡ଼ିବ ହୋଲି

**ସଞ୍ଜୀବ କୁମାର ଯୋଷୀ**
**ଭବାନୀପାଟଣା, ୭।୩ (ଡି.ଏନ.ଏ.)**

ରଙ୍ଗର ପର୍ବ ହୋଲି। ପ୍ରତି ଭାରତୀୟଙ୍କ ବିଶ୍ୱାସ, ପରମ୍ପରା ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ପର୍ବର ଗୁରୁତ୍ୱ ରହିଛି। ରାଧାକୃଷ୍ଣଙ୍କ ପ୍ରେମକୁ ଆଧାର କରି ହେଉ ଅବା ଏହି ଦିନରେ ହୋଲିକା ରାକ୍ଷସୀର ନିଧନ କାରଣରୁ ଦୋଳ ପୂର୍ଣ୍ଣିମା ପର ଦିନକୁ ହୋଲି ପର୍ବ ଭାବେ ପାଳନ କରାଯାଇଥାଏ। ହୋଲିରେ ଲୋକେ ପରସ୍ପରକୁ ରଙ୍ଗ ଲଗାଇ, ମିଠା ଖୁଆଇ ପୂର୍ବର ସମସ୍ତ ରାଗ, ଅଭିମାନ ଭୁଲି ଯାଇଥାନ୍ତି। ହେଲେ ଚଳିତବର୍ଷ କରୋନା ଭୂତାଣୁ ନେଇ ହୋଲି ଫିକା ପଡିବା ସମ୍ଭାବନା ରହିଛି। ହୋଲି ଖେଳିବେ କି ନାହିଁ ଭବାନୀପାଟଣା ସହରବାସୀ ତଥା ଜିଲାବାସୀ ଦ୍ୱନ୍ଦ୍ୱରେ ରହିଛନ୍ତି। ରଙ୍ଗ, ଫଗୁ ବଜାର ଖାଁ ଖାଁ ରହୁଛି। କରୋନା ଭାଇରସ ଭୟ ହୋଲିର ଉତ୍ସାହ ଫିକା କରିଦେଉଛି।

ଏ ନେଇ ଏକ ମତାମତ ଭିତ୍ତିକ ଉପସ୍ଥାପନା।

## ସେମାନେ ଯାହା କୁହନ୍ତି...



କରୋନା ଭଳି ମହାବ୍ୟାଧିକୁ ପ୍ରତିହତ କରିବା ପାଇଁ ସରକାର ଯେଉଁ ସତର୍କତା ମୂଳକ ପଦକ୍ଷେପ ନେଉଛନ୍ତି ତାହା ବାସ୍ତବିକ ସ୍ୱାଗତ ଯୋଗ୍ୟ। ପ୍ରତିବର୍ଷ ଭଳି ଏହି ବର୍ଷ କରୋନା ଭାଇରସ ଯୋଗୁ ପାରମ୍ପରିକ ଭାବେ ରଙ୍ଗ ନ ଖେଳି ଚଳିତବର୍ଷ କେବଳ ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଲେ ଏ ମହାସଙ୍କଟକୁ ରୋକାଯାଇ ପାରିବ। ମୋ ଦେଶବାସୀ ସୁସ୍ଥ ଓ ନିରୋଗ ରହନ୍ତୁ, ପବିତ୍ର ହୋଲି ଅବସରରେ ଏହା ହିଁ ମୋର କାମନା। ହୋଲିର ଅନେକ ଅନେକ ଶୁଭେଚ୍ଛା।

-ଅନୁକୂଳ ସାହାଣି



ହୋଲି ପର୍ବ ବର୍ଷରେ ଥର ମାତ୍ର ଆସେ ଓ ଆଣିଥାଏ ଜୀବନରେ ବିଭିନ୍ନ ରଙ୍ଗ । ସେ ରଙ୍ଗ ଲଗାଇ ସମସ୍ତଙ୍କ ମନ ଜିଣି ନେଇଥାଏ। ଏ ବର୍ଷ ୨୦୨୦ ହୋଲି ଖେଳିବା ନିଶ୍ଚୟ କିନ୍ତୁ କେମିକାଲ ମିଶ୍ରିତ ରଙ୍ଗ ନ ଖେଳି ପ୍ରାକୃତିକ ରଙ୍ଗ ଖେଳିବା କଥା। କରୋନା ଭାଇରସର ଆତଙ୍କ ସବୁଦିଗରେ ଆତଙ୍କ କରିଛି ଦୁନିଆକୁ କିନ୍ତୁ ହୋଲି ଉପରେ ଏହାର କିଛି ପ୍ରଭାବ ପଡିବା କଥା ନୁହେଁ। ହୋଲି ହେଉଛି ଭାରତୀୟ ସଂସ୍କୃତିର ଗୋଟିଏ ବିଶେଷ ପୃଷ୍ଠା ଯାହାକୁ ୨୦୨୦ରେ ଓଲଟାଇବା ଏବଂ ନିଶ୍ଚିତ ଭାବେ ହୋଲି ଖେଳିବା।

-ଶିବ ଶକ୍ତି ବେହେରା

## ବେପାର ମାନ୍ଦା, ବ୍ୟବସାୟୀଙ୍କ ଚିନ୍ତା ବଢୁଛି





କେମିକାଲ ମିଶ୍ରତ ରଙ୍ଗକୁ ନେଇ ହୋଲି ଖେଳିବା ଠିକ୍ ନୁହେଁ । କାରଣ ତାହା ସ୍ୱାସ୍ଥ୍ୟ ଉପରେ ଅପ୍ରତିକୂଳ ପ୍ରଭାବ ପକାଇପାରେ। ସେହିପରି ବର୍ତ୍ତମାନ କରୋନା ଭାଇରସର କୋକୁଆ ଭୟ ଲାଗିରହିଛି। ସେଥିପାଇଁ ଲୋକମାନେ ସତର୍କ ହୋଇ ହୋଲି ଖେଳିବା କଥା । କରୋନା ଭାଇରସ ଯୋଗୁ ଏଥର ହୋଲିର ମଜା ନାହିଁ କୁଆଡେ ନ ଯାଇ ଘର ଲୋକଙ୍କ ସହ ଫଗୁ ବୋଳି ହୋଇ ଖେଳିବି ହୋଲି।

-ଶ୍ରୀକାନ୍ତ ଚଲାନ



କରୋନା ଆତଙ୍କରେ ଲୋକମାନେ ନିଜ ଦୈନନ୍ଦିନ ଜୀବନ ଯାପନକୁ ବନ୍ଦ କରିପାରିବୁ ନାହିଁ, କିମ୍ବା ଏହାର କୌଣସି ପ୍ରକାରରେ ଆବଶ୍ୟକତା ଅଛି। ତେଣୁ, ହୋଲି ପରି ଏକ ମହାନ ପର୍ବକୁ ନିଶ୍ଚିତ ପାରମ୍ପରିକ ପଦ୍ଧତିରେ ପାଳନ କରିବୁ ଏବଂ ଯଥା ସମ୍ଭବ ଚେଷ୍ଟା କରିବୁ ଅତ୍ୟଧିକ ଗହଳି କିମ୍ବା ଭିଡରେ ହୋଲି ପାଳନ ନ କରିବା ପାଇଁ। ଏହି ପର୍ବକୁ ନିଜ ପରିବାର ଏବଂ ବନ୍ଧୁମାନଙ୍କ ସହ ନିହାତି ଭାବେ ଏହାକୁ ପାଳନ କରିବୁ ଏବଂ ଚାଇନା ଦ୍ରବ୍ୟକୁ ପରିତ୍ୟାଗ କରିବୁ।

-ଡା. ସିଲି ରାଉତ



ଏଥର ସବୁ ଥର ଠୁଁ ଅଲଗା। ଏଥର ହାତ ମିଳେଇ ହେବନି ସାଙ୍ଗ ସହ। କୋଳେଇ ନେଇ ହେବନି ସାଙ୍ଗକୁ। ଗଳାରେ ଗଳା ମିଶେଇ ଆଲିଙ୍ଗନ କରିହେବନି। ଘରଣୀଙ୍କ ତାଗିଦ- ଘରୁ ବାହାରକୁ ଯାଇ ହେବନି କି ସେ ଚାଇନା ଫଗୁ ଦେହରେ ବୋଳା ହୋଇପାରିବନି। ସାଙ୍ଗ ହୋଇ ଏଣେ ତେଣେ ବୁଲି ପାରିବୁନି। ହେଲେ ମୋ ମନରେ କେତେ ପ୍ରଶ୍ନ ଏଥର ହୋଲିକୁ କ'ଣ କରୋନା ଭୟ ସାରିଦେବ? କିଏ ଜାଣେ ଆଗାମୀ ବର୍ଷକୁ ଆମେ ଥିବୁ କି ନା? ସାଙ୍ଗ ସହ କାଟି ହେବନି ସେ ମିଠା ମୁହୂର୍ତ୍ତ? ଓଃ କରୋନା..! କି କରୋନା ! ଯିଏ ଆମ ମିଠା ମୁହୂର୍ତ୍ତକୁ ସାରି ଦେଉଛି ତାକୁ ଧିକ୍। ହେଲେ ସବୁ ଭିତରେ ବି ମୋ ସାଙ୍ଗ ମୋ ପାଇଁ ମହାନ୍। ମୋ ପର୍ବ ମୋ ପାଇଁ ମହାନ। ମୁଁ ଖେଳିବି ହୋଲି ହେଉ ପଛେ ମାସ୍କ ପିନ୍ଧି।

-ସୁକାନ୍ତ ସାହୁ



ପ୍ରତିବର୍ଷ ଭଳି ରଙ୍ଗ ଖେଳିବି, ହେଲେ ଆଉ ବାହାରକୁ ଯାଇ ନୁହେଁ। ପରମ୍ପରାକୁ ବଞ୍ଚାଇ ରଖିବାକୁ ଖେଳିବି। ଲୋକାଲମାନେ ଓଡିଶାରୁ ଆମ ସହରକୁ ଆସିଥିବା ରଙ୍ଗ କିଣିବି। କାରଣ ଏବେ ଚାରିଆଡେ କୋରନାର ଭୟ। ଏଥିରୁ ଦୁରେଇ ରହିବା ହିଁ ଭଲ ଉଚିତ୍ ମନେକରୁଛି। ମୁଁ ଯେମିତି ଦୁରେଇ ରହୁଛି ସେମିତି ସମସ୍ତେ ଦୁରେଇ ରହିବାକୁ ଅନୁରୋଧ।

-କୀର୍ତ୍ତନ ତାଣ୍ଡି



ଦୀର୍ଘ ୨୦ ବର୍ଷ ହେଲା ହୋଲି ସମୟରେ ମୁଁ ରଙ୍ଗ ବେପାର କରି ଅସୁଛି। ହେଲେ ଚଳିତବର୍ଷ ବେପାରରେ ଯେଉଁ ମାନ୍ଦାବସ୍ଥା ମୁଁ କେବେ ଦେଖ ନ ଥିଲି। ଦେଶିରଙ୍ଗ ଫଗୁ ବିକ୍ରି ପାଇଁ ରଖିଥିଲେ ବି ଲୋକେ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ଏଥର ଚାଇନାର କିଛି ରଙ୍ଗ କି ଫଗୁ ନାହିଁ ଯାହାକି ସଂକ୍ରମଣର ଭୟ ନାହିଁ ଏହା ସତ୍ତ୍ୱେ ମଧ ଲୋକଙ୍କ ଭିତରେ ଯେଉଁ ଭୟ ପରିଲକ୍ଷିତ ହେଉଛି। ଫଳରେ ଲୋକେ ରଙ୍ଗ ନେବାକୁ ଭୟ ସୃଷ୍ଟି କରୁଛନ୍ତି। ଏଥର ରଙ୍ଗ ଫଗୁ ସବୁ ଓଡିଶାରୁ ଆଣି ରଖୁଛୁ। ହେଲେ କଣ ହେବ? ଲୋକଙ୍କ ମନରେ ଯେଉଁ କରୋନା ଭୟ ରହିଛି ଆଶାନୁରୂପ ବ୍ୟବସାୟ ହେଉନାହିଁ।

-ଚନ୍ଦ୍ରକାନ୍ତ ଭୂୟାଁ, ରଙ୍ଗ ବେପାରୀ

# ୩ ଜିଲାର ୧୩୬ ଶିଶୁଙ୍କ ହୃଦ୍‌ରୋଗ ପରୀକ୍ଷା

**ଭବାନୀପାଟଣା, ୭।୩ (ସ୍ୱ.ପ୍ର.)**

- ଭବାନୀପାଟଣାରେ ହୃଦ୍‌ରୋଗ ପରୀକ୍ଷା ଶିବିର
- ଅସ୍ତ୍ରୋପଚାର ହେବେ ୫୨ ଶିଶୁ

ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଦ୍ୱିତୀୟ ହୃଦ୍‌ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରିଏସ୍‌କେ)ପକ୍ଷରୁ ଆୟୋଜିତ ଶିବିରରେ କଳାହାଣ୍ଡି ଜିଲାର ୯୪, ନୂଆପଡା ଜିଲାର ୨୬ ଓ ନବରଙ୍ଗପୁର ଜିଲାରୁ ୧୬ଜଣ ଶିଶୁଙ୍କ ହୃଦରୋଗ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୫୨ଜଣ ଶିଶୁଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ରାୟପୁର ଓ କଲିକତାଠାରେ ଥିବା ନାରାୟଣ ସୁପର ସ୍ପେଷାଲିଷ୍ଟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବ। ଶିବିରରେ ଛତିଶଗଡ ରାୟପୁରସ୍ଥିତ ନାରାୟଣ ହୃଦାଳୟ(ଏନଏଚ୍)ରୁ ଆସିଥିବା ଡାକ୍ତର ସୁମନ୍ତ ଶେଖର ପାଢି, ଡାକ୍ତର ଭକ୍ତବନ୍ଧୁ ଓ କଟକ ଏସ୍‌ସିବି ଡାକ୍ତର ଅନୀଲ ଶର୍ମା ପ୍ରମୁଖ ଯୋଗଦେଇ ହୃଦରୋଗରେ ଆକ୍ରାନ୍ତ ଶିଶୁମାନଙ୍କୁ ଇକୋ ପରୀକ୍ଷା କରିଥିଲେ। ଏହି ଶିବିରରେ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜଗୁଲାଲ ଅଗ୍ରୱାଲ, ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର, ଜିଲା



ପରୀକ୍ଷା ପାଇଁ ଆସିଥିବା ହୃଦରୋଗୀ ଶିଶୁ ।

ଆରବିଏସ୍‌କେ ପରିଚାଳକ ସୁଧିର କୁମାର ପଣ୍ଡା, ଏମଏମ୍‌ଆଇର ମାର୍କେଟିଙ୍ଗ ମ୍ୟାନେଜର ପଙ୍କଜ ମିଶ୍ର, ରାୟପୁର ନାରାୟଣ ହୃଦାଳୟର କର୍ମକର୍ତ୍ତା, ଡିଇଆଇସିର କର୍ମକର୍ତ୍ତା, କଳାହାଣ୍ଡି, ନୂଆପଡା ଓ ନବରଙ୍ଗପୁର ଜିଲାର ଭ୍ରାମ୍ୟମାଣ ଚିକିତ୍ସା ଦଳ ଯୋଗଦେଇଥିଲେ। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ହେଉଥିବା ଏପରି କାର୍ଯ୍ୟକ୍ରମ ଯୋଗୁ ଜିଲାର କୋଣ ଅନୁକୋଣରେ ଥିବା ଅନେକ ଗରୀବ ତଥା ବିଭିନ୍ନ ବର୍ଗର ହୃଦରୋଗରେ ଆକ୍ରାନ୍ତ ଥିବା ପିଲା ଉପକୃତ ହେଉଛନ୍ତି। ଗତ ୧୭।୧୧।୨୦୧୮ରେ ଆରବିଏସକେ ପକ୍ଷରୁ ପ୍ରଥମ ହଦ୍‌ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ସେହି ସମୟରେ ୮୬ଜଣ ଶିଶୁଙ୍କୁ ହୃଦରୋଗ ପରୀକ୍ଷା କରାଯାଇଥିଲା।

## ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ ସିଟିଜନ ଫୋରମ୍ ପ୍ରତିନିଧିଙ୍କ ଆଲୋଚନା

**ଭବାନୀପାଟଣା,୭।୩ (ଡି.ଏନ.ଏ.)**

ସିଟିଜନ ଫୋରମର ଏକ ପ୍ରତିନିଧି ମଣ୍ଡଳ ପୂର୍ତ୍ତ ବିଭାଗ ନିବାର୍ବହୀ ଯନ୍ତ୍ରୀ ପିକେ ବାବୁଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟତଃ ଭବାନୀପାଟଣାର ବାଇପାସ ରାସ୍ତା ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଅଧିନୀୟମ ୧୧.୧ ଅନୁଯାୟୀ ଜମି ଅଧିଗ୍ରହଣ କରିବା ବିଷୟ ଧାର୍ଯ୍ୟ ହୋଇଯାଇଛି। ତଥା ୪ଟି ଗ୍ରାମ ଯଥା ପରାମାନନ୍ଦପୁର, ଭଙ୍ଗବାରୀ, କର୍ଲାକୋଟ ଓ ରାଇସିଂପୁରରୁ ଜମି ଅଧିଗ୍ରହଣ କରାଯିବ। ଏପ୍ରିଲ ମଧ୍ୟରେ ଜମି ଅଧିଗ୍ରହଣ କରାଯାଇ କାମ ଆରମ୍ଭ କରାଯିବ। ଏହି ମର୍ମରେ ରେଳ କର୍ତ୍ତୃପକ୍ଷଙ୍କଠାରୁ ଏନ୍‌ଓସି ମଗାଯାଇଛି। ଏହି ସାକ୍ଷାତ ଆଲୋଚନାରେ ସିଟିଜନ ଫୋରମ୍ ପ୍ରତିନିଧି ମଣ୍ଡଳ ସଭାପତି ରାମଚନ୍ଦ୍ର ମହାପାତ୍ର, ଉପସଭାପତି ଦିନବନ୍ଧୁ ମୁଣ୍ଡ, ସମ୍ପାଦକ ଅଧାପକ ସୀମାଞ୍ଚଳ ମିଶ୍ର, ସହ ସମ୍ପାଦକ ଅଶୋକ ମିଶ୍ର ତଥା ଆଜୀବନ ସଭ୍ୟ ଏମ୍‌ଜଗଦିସ ପ୍ରସାଦ ଯୋଗଦେଇଥିଲେ।

# ଜିଲାପାଳଙ୍କ କେସିଙ୍ଗା ବ୍ଲକ ପରିଦର୍ଶନ

**କେସିଙ୍ଗା,୭।୩ (ଡି.ଏନ.ଏ.)**

**୨ ଶିଶୁ ଉଦ୍ୟାନ ଭୂମିପୂଜନ**

କଳାହାଣ୍ଡି ଜିଲାପାଳ ଡ. ଗୋବାଲି ପରାଗ ହର୍ସଦ ଶନିବାର କେସିଙ୍ଗା ବ୍ଲକ ବିଭିନ୍ନ ଗ୍ରାମପଞ୍ଚାୟତ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ୨ଟି ଶିଶୁ ଉଦ୍ୟାନ ପାଇଁ ଭୂମିପୂଜନ କରିଛନ୍ତି। ପ୍ରଥମେ କେସିଙ୍ଗା ବ୍ଲକ ଉତ୍କେଳା ହାଇସ୍କୁଲ ପରିଦର୍ଶନ କରି ସ୍କୁଲର ବିଭିନ୍ନ ସମସ୍ୟା ବୁଝିଥିଲେ । ସେହିପରି ବାଲସି ଗ୍ରାମପଞ୍ଚାୟତ ମଶାଣିବନ୍ଧ ଗ୍ରାମସ୍ଥିତ ଶିବ ମନ୍ଦିର ପରିଦର୍ଶନ କରିଥିଲେ । ଶିଶୁ ଉଦ୍ୟାନ ପାଇଁ ଜାଗା ଚିହ୍ନଟ କରି ଭୂମି ପୂଜନ କରିଥିଲେ । ବାଲସି ଗ୍ରାମପଞ୍ଚାୟତ ଜବାହାର ଉଚ୍ଚ ବିଦ୍ୟାପୀଠକୁ ପରିଦର୍ଶନ କରି ପ୍ରଧାନଶିକ୍ଷକ ଅଭୟ କୁମାର ଦେବତାଙ୍କ ସହିତ ସ୍କୁଲର ଆବଶ୍ୟକତା ସାମଗ୍ରୀର ତାଲିକ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସିରୋଲ ଗ୍ରାମପଞ୍ଚାୟତର ନବନିର୍ମିତ କଲ୍ୟାଣ ମଣ୍ଡପକ ପରିଦର୍ଶନ କରିଥିଲେ। ଦ୍ୱିତୀୟ ମହଲା ନିର୍ମାଣ ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସିରୋଲ ଗ୍ରାମପଞ୍ଚାୟତରେ ମଧ ଏକ ରୁରାଲ ପାର୍କ ନିର୍ମାଣ କରିବା ପାଇଁ ଜାଗା ଚିହ୍ନଟ କରି ଭୂମିପୂଜନ କରିଥିଲେ। ନିକଟସ୍ଥ ସିରୋଲ ଗ୍ରାମରେ ଥିବା ହାଇସ୍କୁଲକୁ ପରିଦର୍ଶନ କରି ଅର୍ଦ୍ଧନିର୍ମିତ ବିଲଡିଂ ଗୃହ ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସ୍କୁଲ ଆବଶ୍ୟକ ଉପକରଣର ତାଲିକା ଦେବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନରେ ଜିଲା ପ୍ରକଳ୍ପ ଅଧିକାରୀ, କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଓଝୁ, ବ୍ଲକ ସମସ୍ତ କର୍ମଚାରୀ ପ୍ରମୁଖ ସାମିଲ ଥିଲେ ।



ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ଭୂମି ପୂଜନ କରାଯାଉଛି ।

# ଜବରଦଖଲ ସ୍ଥାନ ଚିହ୍ନଟ ଆରମ୍ଭ

ଜୁନାଗଡ,୭।୩ (ଡି.ଏନ.ଏ.)

- ଆକ୍ସନ ମୁଡ୍‌ରେ ଜୁନାଗଡ଼ ତହସିଲଦାର
- ୧୧ ପରେ କାର୍ଯ୍ୟାନୁଷ୍ଠାନ
- ଜବରଦଖଲକାରୀଙ୍କ ମଧରେ ଛନକା, ଜୁନାଗଡ଼ ହେବ ନବକଳେବର

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଥିବା ୩୯ ଏକର ସରକାରୀ ଜମି ଜବରଦଖଲ କରିଥିବା ୪୭୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସ୍ଥାନୀୟ ତହସିଲ ପକ୍ଷରୁ ଗତ କିଛିଦିନ ତଳେ ନୋଟିସ ଜାରି କରାଯାଇଛି। ସରକାରୀ ଜମିଜବରଦଖଲ କରିଥିବାରୁ ଆସନ୍ତା ୧୧ ତାରିଖ (ବୁଧବାର) ଜବରଦଖଲକାରୀଙ୍କୁ ସ୍ଥାନୀୟ ତହସିଲରେ ହାଜର ହେବାକୁ କୁହାଯାଇଛି। ଓଡିଶା ଭୂମି ଅନାଧିକାର ଦଖଲ ନିବାରଣ ଅଧିନିୟମ ୧୯୭୨ ଧାରା ୪ ଓ ୬ ଅନୁଯାୟୀ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ କରା ନ ଯିବ ତାହାର ସେ ଜବାବ ରଖିବା ସହ କାରଣ ଦର୍ଶାଇବେ ବୋଲି ଏହି ନୋଟିସରେ ଦର୍ଶାଯାଇଛି। ଏହାର କିଛି ଦିନ ନ ପୂରୁଣୁ ଶନିବାର ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କ ନେତୃତ୍ୱରେ ଜୁନାଗଡ ଏନ୍‌ଏସି ରାଜସ୍ୱ ବିଭାଗର କର୍ମଚାରୀମାନେ ଜବରଦଖଲ ହୋଇଥିବା ସ୍ଥାନଗୁଡିକୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଥମେ ସହରର ହିଞ୍ଜଲିବାହାଲି ପଡା ନିକଟ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଏହାର ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି।



ରାଜସ୍ୱ ବିଭାଗ ପକ୍ଷରୁ ଜବରଦଖଲ ସ୍ଥାନଗୁଡିକୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

ଜବରଦଖଲ ହୋଇଥିବା ସରକାରୀ ସ୍ଥାନଗୁଡିକୁ ରାଜସ୍ୱ ବିଭାଗ ପକ୍ଷରୁ ଲାଲ(ନାଲି) ରଙ୍ଗରେ ଛକ ଚିହ୍ନ କରାଯିବା ସହ ଲାଲ ରଙ୍ଗା ଝଣ୍ଡା ପୋତା ଯାଉଛି। ଜୁନାଗଡ ତହସିଲଦାରଙ୍କ ଆକ୍ସନ ମୁଡ ଦେଖି ସ୍ଥାନୀୟ ଜବରଦଖଲକାରୀଙ୍କ ମଧରେ ଏବେ ଛନକା ପଶିଯାଇଛି। ଜବରଦଖଲ କାରୀଙ୍କ ମଧରେ ପୂର୍ବତନ ବିଧାୟକ, ଆଇନଜୀବୀ, ଖବରଦାତା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ଅନେକ ପ୍ରଭାବଶାଳୀ ଲୋକ ରହିଥିବା ଆଲୋଚନା ହେଉଛି। ଯାହାକୁ ନେଇ ଜୁନାଗଡ ସହର ଏବେ ସରଗରମ ହୋଇଉଠିଛି। ଜୁନାଗଡ ସହରର ନବକଳେବର ହେବା ଘଟଣା ପ୍ରଚାରିତ ହେବା ପରେ ଜବରଦଖଲକାରୀଙ୍କ ମଧରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଗତ ବିଧାନସଭା ଅଧିବେଶନରେ ପବ୍ଲିକ ଆକାଉଣ୍ଟ କମିଟି (ପିଏସି)ର ଅଧକ୍ଷ ତଥା ଓଡିଶା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଆରଡିସିଙ୍କୁ ୨୦୧୯-୨୦ରେ ସହରରେ କେତେ ସରକାରୀ ଜମି ଜବରଦଖଲ ହୋଇଛି ଏହା ଉପରେ ତଥ୍ୟ ଦେବାକୁ ଚିଠି ମାଧମରେ ଜଣାଇଥିଲେ। ଏ ନେଇ ଆରଡିସି ଜିଲାପାଳମାନଙ୍କୁ ତଥ୍ୟ ପ୍ରଦାନ ନିମନ୍ତେ ଚିଠି ମାଧମରେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାପାଳ ମଧ ଜୁନାଗଡ ସହରରେ କେତେ ଜବରଦଖଲ ହୋଇଛି ତାହା ବିଷୟରେ ତହସିଲଦାରଙ୍କୁ ରିପୋର୍ଟ ମାଗିଥିଲେ। ଏହାପରେ ତହସିଲଦାର ଚିଠି ନଂ. ୧୧ ତାରିଖ ୩।୧।୨୦୨୦ରେ ଜୁନାଗଡ ସହରରେ ୩୯ ଏକର ସରକାରୀ ଜମିକୁ ୪୭୭ରୁ ଊର୍ଦ୍ଧ୍ୱ ଜଣ ବ୍ୟକ୍ତି ଜବରଦଖଲ କରିଥିବା ଜଣାଇଥିଲେ।

# ବ୍ୟାପକ ଡାଲି ଜାତୀୟ ଫସଲ ନଷ୍ଟ

**କୋକସରା,୭।୩ (ଡି.ଏନ.ଏ.)**

**କୋକସରା ବ୍ଲକ : ଅଦିନିଆ ବର୍ଷା ସାଜିଲା କାଳ**

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ପ୍ରବଳ ବର୍ଷାରେ ଡାଲି ଜାତୀୟ ଚାଷ ମୁଗ, ବିରି, ଚଣା ବ୍ୟାପକ ମାତ୍ରାରେ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୋକସରା ବ୍ଲକ ଏକ ଅଣଜଳସେଚିତ ଅଞ୍ଚଳ ହୋଇଥିବା ବେଳେ ବେହେରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜରିଆରେ ବ୍ଲକର ଡୁଡୁକାଠେଙ୍ଗା, ଟେମରା, ମହିମା, କାଉଡୋଳା ପଞ୍ଚାୟତର ୫୦୦ ହେକ୍ଟର ଚାଷ ଜମିରେ ରବି ଋତୁରେ ଧାନ ଚାଷ ପାଇଁ ଜଳସେଚନ ବ୍ୟବସ୍ଥା ରହିଛି। ବ୍ଲକର କାଶିବାହାଲ, ମୋଟେର, କନ୍ଧାବୁଟୁରା ପଞ୍ଚାୟତରେ ଥିବା ୩୦ ପ୍ରତିଶତ ଚାଷ ଜମିକୁ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରୁ ଧାନଚାଷ ପାଇଁ ଜଳସେଚନ ହେଉଛି। ଏହା ବ୍ୟତୀତ ବ୍ଲକର ଅନ୍ୟ ପଞ୍ଚାୟତଗୁଡିକରେ ଖରିଫ ଋତୁରେ ଧାନ ଅମଳ ସରିବା ପରେ ଚାଷୀମାନେ ଡାଲି ଜାତୀୟ ଫସଲ କରି ଦୁଇ ପଇସା ରୋଜଗାର କରିଥାନ୍ତି । ଚଳିତବର୍ଷ କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ ମୁଗଚାଷ ୧୮୦୦ ହେକ୍ଟର, ବିରିଚାଷ ୪୦ ହେକ୍ଟର, ହରଡ ଓ ଅନ୍ୟ ଡାଲି ଜାତୀୟ ଫସଲ ୬୦୦ ହେକ୍ଟର ମୋଟ ୨୪୪୦ ହେକ୍ଟର ଜମିରେ ଚାଷ ହୋଇଥିବା କୃଷି ବିଭାଗରୁ ସୂଚନା ମିଳିଛି । ବର୍ତ୍ତମାନ ମୁଗ, ବିରି, ଚଣା ଫସଲରେ ଫୁଲ ଫଳ ଧରିବା ସମୟ। ଏହି ସମୟରେ ଅଦିନିଆ ବର୍ଷା ଯୋଗୁ ସବୁ ଝଡିଯାଇଛି। ଏହି ଚାଷରୁ ଦୁଇ ପଇସା ରୋଜଗାର କରିବା ଆଶା କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି । କୋକସରା କୃଷି ବିଭାଗ ପକ୍ଷରୁ ବ୍ଲକର ଡାଲଗୁମା ପଞ୍ଚାୟତରେ ୫୦ ହେକ୍ଟର, କାଉଡୋଲା ପଞ୍ଚାୟତରେ ୫୦ ହେକ୍ଟର, କନ୍ଧାବୁଟୁରା ଓ ଫୁଫଗାଁ ପଞ୍ଚାୟତରେ ୫୦ ହେକ୍ଟର ମୋଟ ୧୫୦ ହେକ୍ଟର ଡାଲି ଜାତୀୟ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି । ଏ ନେଇ କୋକସରା କୃଷି ବିଭାଗ ଦାୟିତ୍ୱରେ ଥିବା କୃଷି ଅଧିଦର୍ଶକ ଅଧିକାରୀ ଶ୍ରୀନିବାସ ପ୍ରଧାନୀଙ୍କୁ ପଚାରିବାରୁ ଚାଷୀଙ୍କ ପାଇଁ ସବସିଡିରେ ସ୍ପେୟର ମେଶିନ ଓ କିଟନାଶକ ଔଷଧ କୃଷି ବିଭାଗ ପକ୍ଷରୁ ଯୋଗାଇ ଦେବା ବ୍ୟବସ୍ଥା ରହିଛି । ବର୍ତ୍ତମାନ ଅଦିନିଆ ବର୍ଷାରେ ଡାଲି ଜାତୀୟ ଫସଲ କେତେ ପରିମାଣରେ ନଷ୍ଟ ହୋଇଛି ତାହାର ରିପୋର୍ଟ ଆସି ନ ଥିବା କହିଛନ୍ତି ।



ଅଦିନିଆ ବର୍ଷାରେ ନଷ୍ଟ ହୋଇଥିବା ମୁଗ ଫସଲ।



ଲୋକଙ୍କ ବିରୋଧପରେ ପୋଖରୀ ଖୋଳା କାମ ଅଧାରୁ ଛାଡି ଠିକାଦାର ମେଶିନ୍ ନେଇ ପଳାଇଛନ୍ତି।

# ମେଶିନ ବ୍ୟବହାରକୁ ବିରୋଧ

**ଲଇକେରା, ୭।୩ (ଡି.ଏନ.ଏ.)**

ଲଇକେରା ବ୍ଲକ ଭାତଲଇଡା ପଞ୍ଚାୟତ ମୁରାଦୀପାଲି ଗ୍ରାମ୍ୟ ଜଙ୍ଗଲ ଭିତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପୋଖରୀ ଖନନ କାର୍ଯ୍ୟ ବିବାଦରେ ଫସିଛି। ଏଠାରେ ଲୋକଙ୍କ ବଦଳରେ ମେଶିନ କାମ କରୁଛି। ଏଣୁ ନିୟମ ଭଙ୍ଗ ହେଉଛି। ଏହାକୁ ଲୋକେ ବିରୋଧ କରିଛନ୍ତି। ଲୋକଙ୍କ ବିରୋଧକୁ ଡରି ଶେଷରେ ଠିକାଦାର ଅଧା କାମରୁ ମେଶିନ ନେଇ ପଳାଇ ଯାଇଛନ୍ତି।

# ଗୁଜାପାହାଡକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାକୁ ପ୍ରୟାସ

**ଲଖନପୁର,୭।୩(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ତିଲିଆ ପଞ୍ଚାୟତର ହୀରାକୁଦ ଜଳଭଣ୍ଡାର ପାଦଦେଶରେ ଐତିହାସିକ ଗୁଜାପାହାଡ ଅବସ୍ଥିତ। ଏହି ପାହାଡର ଚାରି ପାଖରେ ବଣଜଙ୍ଗଲ ସାଙ୍ଗକୁ ଜଳଭଣ୍ଡାର ରହିଛି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନୋହର। ଏହାକୁ ଉପଭୋଗ କରିବା ପାଇଁ ପ୍ରତିଦିନ ଜିଲା ଓ ଜିଲା ବାହାରୁ ପର୍ଯ୍ୟଟକ ଆସିଥାନ୍ତି। ପାହାଡ ଶିଖରରେ ଏକ ଐତିହାସିକ ଗୁମ୍ଫା ରହିଛି। ଏଠାରେ ବର୍ଷକେ ୨ଥର ମେଳା ହୋଇଥାଏ। ଏ ସବୁକୁ ଦୃଷ୍ଟିରେ ରଖି ଐତିହାସିକ ଗୁଜାପାହାଡକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ସରକାରଙ୍କ ନିକଟରେ ଦାବି ହୋଇଆସୁଛି। ଶେଷରେ ଜିଲା ପ୍ରଶାସନ ତରଫରୁ ଏହାର ବିକାଶ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଜିଲାପାଳ ସରୋଜ କୁମାର ସାମଲ ବିଭାଗୀୟ ଅଧିକାରୀମାନଙ୍କ ସହିତ କ୍ଷେତ୍ର ପରିଦର୍ଶନ କରି ସାରିଛନ୍ତି। ଶନିବାର ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ନିହାର ରଞ୍ଜନ ବିଶି, ଲଖନପୁର ବିଡିଓ ସଞ୍ଜୀବ ପଟେଲ, ବ୍ରଜରାଜନଗର ରେଞ୍ଜର ଆରତୀ ନେଗୀ, ଫରେଷ୍ଟର୍ ପ୍ରଦୀପ ନାୟକ, କୁମ୍ଭାରବନ୍ଧ ଆର୍‌ଆଇ ରୋଜାଲିନୀ ତିର୍କୀ, ସରପଞ୍ଚ ଠଣସୁନ୍ଦର ସାହୁ, ସମିତିସଭ୍ୟ ସଞ୍ଜୟ ସାହୁ ପ୍ରମୁଖ ୨ୟ ଥର ପାଇଁ କ୍ଷେତ୍ର ପରିଦର୍ଶନ କରିଛନ୍ତି। ତେବେ ଏହି ଜମି ହୀରାକୁଦ ନଦୀବନ୍ଧ ବିଭାଗ ଅଧୀନରେ ରହିଛି ନା ରାଜସ୍ୱ ବିଭାଗ ଅଧୀନରେ ରହିଛି ତାହା ଯାଞ୍ଚ କରାଯିବ। କ୍ଲିଅରାନ୍ସ ମିଳିଲେ ପାହାଡ ଚାରିପାଖେ ରିଂରୋଡ୍, ଯାତ୍ରୀ ଆଶ୍ରୟସ୍ଥଳ, ସୁଇମିଂ ପୁଲ୍ ଆଦି ନିର୍ମାଣ ହେବ ବୋଲି ବିଡିଓ ପଟେଲ କହିଛନ୍ତି।



ଐତିହାସିକ ଗୁଜାପାହାଡ କ୍ଷେତ୍ର ପରିଦର୍ଶନ କରୁଛନ୍ତି ପ୍ରତିନିଧି ଦଳ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଲଳିତ ରୋହିଦାସ।

# ଔଷଧ କିଣିବା ପାଇଁ ଜିଲାପାଳଙ୍କୁ ଗୁହାରି

**ବ୍ରଜରାଜନଗର, ୭।୩ (ଡି.ଏନ.ଏ)**

ରାଜପୁର ପଞ୍ଚାୟତର ବଘରାଚକା ପାଖ କୁସୁମ ମୁଣ୍ଡା ଗ୍ରାମର ଲଳିତ ରୋହିଦାସ ପେଟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ବୁର୍ଲା ଭିମସାରରେ ଚିକିତ୍ସିତ ହୋଇ ମଧ୍ୟ ଭଲ ହୋଇ ନାହାନ୍ତି। ପେଟ ଯନ୍ତ୍ରଣା କମୁନି। ଆଉ ଔଷଧ କିଣିବା ପାଇଁ ତାଙ୍କ ପାଖରେ ପଇସା ନାହିଁ। ସ୍ଥାନୀୟ ସମିତି ସଭ୍ୟ ଗଣେଶରାମ ବାଗଙ୍କ ସହିତ ଶେଷରେ ସେ ଜିଲାପାଳଙ୍କୁ ସାକ୍ଷାତ କରି ନିଜ ଦୁଃଖ ଜଣାଇଛନ୍ତି। ସବୁ ଶୁଣିଲା ପରେ ଜିଲାପାଳ ସରୋଜ ସାମଲ ଲଳିତଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରିଛନ୍ତି ।

# ବଜରଙ୍ଗ ଦଳର ପ୍ରାନ୍ତୀୟ ବୈଠକ

**ଝାରସୁଗୁଡା ଅଫିସ,୭।୩**

ଝାରସୁଗୁଡାଠାରେ ବଜରଙ୍ଗ ଦଳର ପ୍ରାନ୍ତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଯୋଜକ ସୁଧୀର ରଂଜନ ବହିଦାର ଅଧ୍ୟକ୍ଷତା କରିଥିଲେ। ଦଳର କାର୍ଯ୍ୟକୁ ତୃଣମୂଳ ସ୍ତରରେ ମଜବୁତ କରିବା ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଛି। ସମସ୍ତ ଜିଲାରେ ନୂଆ କାର୍ଯ୍ୟକର୍ତ୍ତାଙ୍କୁ ସାମିଲ କରାଯିବା ପାଇଁ ଦୁଇ ଦିନିଆ କାର୍ଯ୍ୟକ୍ରମ ଜିଲା ଗୁଡିକରେ କରାଯିବ। ଦଳର ସମସ୍ତ ଶାଖା ପକ୍ଷରୁ ହିନ୍ଦୁ ନବ ବର୍ଷ ଧୁମ ଧାମରେ ପାଳନ କରାଯିବ। ରାମନବମୀଠାରୁ ହନୁମାନ ଜୟନ୍ତୀ ପର୍ଯ୍ୟନ୍ତ ପ୍ରତି ଗାଁରେ ନବବର୍ଷ ପାଳନ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଛି। ବରଗଡରେ ବଜରଙ୍ଗ ଦଳର ପ୍ରାନ୍ତ ସହ ସଂଯୋଜକ ସତ୍ୟକେତନ ମହାନ୍ତଙ୍କ ଉପରେ ଆକ୍ରମଣକୁ ନିନ୍ଦା କରାଯାଇଛି। ଏହି ବୈଠକରେ ୧୫ଟି ଜିଲାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦଳର ପ୍ରାନ୍ତ ସଂଗଠକ ଶରତ କୁମାର ପ୍ରଧାନ, ରାଜ ସିଂ, ଅଶ୍ୱିନୀ ମେହେରା, ସଦାନନ୍ଦ ତ୍ରିପାଠୀ, ଜିଲା ସଭାପତି ପ୍ରଭୁ ଦୟାଲ କେଡିଆ, ଅରବିନ୍ଦ ପାଠକ ପ୍ରମୁଖ ଉପସ୍ଥିତ ଥିଲେ।

# ଶୃଙ୍ଖଳା ଭିତରେ ରହି କାମ କର

**ବ୍ରଜରାଜନଗର,୭।୩(ଡି.ଏନ.ଏ)**



ବ୍ରଜରାଜନଗର ରବିନ୍ଦ୍ର ଭବନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ।

ବ୍ରଜରାଜନଗର ରବୀନ୍ଦ୍ର ଭବନରେ ସର୍କଲସ୍ତରୀୟ ଅବସରକାଳୀନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇ ଯାଇଛି। ଏଥିରେ ଝାରସୁଗୁଡା ଜିଲା ଶିକ୍ଷା ଅଧିକାରୀ କଳ୍ପନା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଝାରସୁଗୁଡା ଜିଲାକୁ ଗୁଣାତ୍ମକ ଶିକ୍ଷାରେ କିପରି ଓଡିଶାରେ ଏକ ନମ୍ବର କରି ପାରିବେ ସେ ସମ୍ବନ୍ଧରେ ଅବଗତ କରାଇଥିଲେ । ଜିଲାରେ ସମସ୍ତ ଗୁରୁମା ଓ ଗୁରୁଜୀ ଶୃଙ୍ଖଳା ଭିତରେ ରହି କାର୍ଯ୍ୟ କରିବା ଉପରେ ଆଲୋକପାତ କରିଥିଲେ। ଏଥିରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଫୁଲ୍ଲ ବେହେରା, ଶିଶୁ କୁମାର ଭଗତ, ସୌଭାଗ୍ୟ ନାଏକ, ଦିଗମ୍ବର ସେନାପତି, କ୍ଷୀରୋଦ ପଟେଲ, ବିମଳ କୁମାର ସାହାଣୀ, ଶିକ୍ଷୟିତ୍ରୀ ମମତା ରଥ, ସ୍ନେହଲତା ମଗର, ଜୟନ୍ତୀ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚାନ୍ଦୁରାମ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ହେମସାଗର ଚୌଧୁରୀ, ରାଜକିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଭିଯୋଗ ପରେ କାମ ବନ୍ଦ ହେଲା

**ଲଖନପୁର,୭।୩(ଡି.ଏନ୍.ଏ)**

କୁମ୍ଭାରବନ୍ଧ ପଞ୍ଚାୟତ ଗୃହରେ ସେଣ୍ଟ୍ରାଲ ବ୍ୟାଙ୍କ ଭଡାରେ ଚାଲିଛି। ଏହି କୋଠା ଛାତରୁ ବର୍ଷାପାଣି ଗଳୁଛି। ଫଳରେ ବ୍ୟାଙ୍କ ପରିଚାଳନା କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ଏଣୁ ପଞ୍ଚାୟତ ତରଫରୁ ଛାତ ମରାମତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପଞ୍ଚାୟତ ପାଣ୍ଠିରୁ ୫୦ହଜାର ଟଙ୍କା ବ୍ୟୟରେ ଏହି ମରାମତି କାମ ଆରମ୍ଭ ହୋଇଛି। ଏହି କାମର କାର୍ଯ୍ୟାଦେଶ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉମେଶ ଷଡଙ୍ଗୀଙ୍କ ନାମରେ ରହିଛି। ଏହାକୁ ନାଏବ ସରପଞ୍ଚ ତଦାରଖ କରୁଛନ୍ତି। ଏହି କୋଠା ମରାମତି କାମରେ ବାଲି, କଂକ୍ରିଟ୍ ଓ ସିମେଣ୍ଟ ଆଦି ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ପଞ୍ଚାୟତବାସୀ ଜାଣିଲା ପରେ ବିରୋଧ କରି ବିଡିଓ ସଞ୍ଜୀବ ପଟେଲ ଓ କନିଷ୍ଠଯନ୍ତ୍ରୀ ପ୍ରହ୍ଲାଦ ବାରିକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାପରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠଯନ୍ତ୍ରୀ କାମ ବନ୍ଦ କରି ଦେଇଛନ୍ତି। ତେବେ ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ନିମ୍ନମାନର ବାଲି, କଂକ୍ରିଟ୍ ଓ ସିମେଣ୍ଟ ବ୍ୟବହାର ହେଉଛି ବୋଲି ତାଙ୍କୁ ଜଣାନାହିଁ।

# ଟ୍ରାଫିକ ଜରିମାନା କୋହଳ ଲାଗି ଯୁବ କଂଗ୍ରେସର ଦାବି

**ଭୁବନେଶ୍ୱର,୭।୩(ବ୍ୟୁରୋ)**

ନୂଆ ମୋଟରଯାନ ଆଇନ୍ ଅନୁଯାୟୀ ଟ୍ରାଫିକ ଜରିମାନାକୁ କୋହଳ କରିବା ପାଇଁ ଯୁବ କଂଗ୍ରେସ ପକ୍ଷରୁ ଶନିବାର ଦାବି କରାଯାଇଛି। ଏନେଇ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଲୋକନାଥ କହିଛନ୍ତି ଯେ, ରାଜ୍ୟର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡିକ ସ୍ୱୟଂସଂପୂର୍ଣ୍ଣ ହୋଇପାରିନାହିଁ। ତେଣୁ ଲାଇସେନ୍ସ ପ୍ରଦାନରେ ଅହେତୁକ ବିଳମ୍ବ ହେଉଛି। ବିଭିନ୍ନ ସ୍ଥାନରେ ପୋଲିସ ଓ ଟ୍ରାଫିକ୍ ଅଧିକାରୀମାନେ କାଗଜପତ୍ର ଯାଞ୍ଚ ବେଳେ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇ ଜନତାଙ୍କୁ ଦୁର୍ବ୍ୟବହାର କରନ୍ତି। ତେଣୁ ଏହି ବ୍ୟବସ୍ଥାକୁ ଅତି କମ୍‌ରେ ଆଉ ୬ ମାସ କୋହଳ କରିବା ସହ ଜରିମାନା ରାଶିକୁ ସର୍ବାଧିକ ଏକ ହଜାର ଟଙ୍କା ମଧ୍ୟରେ ସୀମିତ ରଖିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ପ୍ରତିନିଧି ଦଳରେ ଅଜୟ କୁମାର ସାହୁ, ସଂକୁନା କହଁର, ରଂଜିତ୍ ପାତ୍ର, ତାପସ ମିଶ୍ର, ଦେବାଶିଷ ମହାପାତ୍ର, ବିଶ୍ୱରଞ୍ଜନ ଦାସ, ଚିନ୍ମୟ ପ୍ରଧାନ, ଶେଷଦେବ ବରାଳ, ପ୍ରତାପ ପ୍ରଧାନ, ଆଲୋକ ଦିଗଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



କୁମ୍ଭାରବନ୍ଧ ପଞ୍ଚାୟତ ଗୃହ ପରିସର ସେଣ୍ଟ୍ରାଲ ବ୍ୟାଙ୍କ କୋଠା କାମ ଚାଲିଛି।

# ଲୁଟ୍ ଅଭିଯୋଗରେ ୨ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୭।୩(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ଲୁଟ୍ ଅଭିଯୋଗରେ ଶନିବାର ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନିତେଶ ବାରିକ ଓ ଭାନୁ ଶିକା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ, ବରଗଡ଼ ଜିଲା ଭେଡେନର ଘନଶ୍ୟାମ ନାଏକ ତାଙ୍କର ସମ୍ପର୍କୀୟଙ୍କୁ ଧରି ଚିକିତ୍ସା ଲାଗି ଭିମସାର ଆସିଛନ୍ତି। ସେ କେନାଲକୁ ଗାଧୋଇବାକୁ ଯାଇଥିଲାବେଳେ ଦୁଇ ଅଭିଯୁକ୍ତ ଆସି ତାଙ୍କ ପାଖରୁ ୩ ହଜାର ଟଙ୍କା ଲୁଟି ନେଇଥିଲେ।

# ଡିଆଇପିଆର୍‌ଓଙ୍କୁ ଧମକ ଅଭିଯୋଗରେ ୫ ଗିରଫ

**ସମ୍ବଲପୁର୭।୩(ବ୍ୟୁରୋ)**

ସମ୍ବଲପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ ନାଏକଙ୍କୁ ଅପରହଣ ଓ ଧମକ ଚମକ ଦେବା ଅଭିଯୋଗରେ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏମାନେ ହେଲେ ବିଭାଗର ସରକାରୀ ଡ୍ରାଇଭର ଦେବାନନ୍ଦ ରନବିଡା (୫୭), ଷ୍ଟୋର କିପର ଅଶ୍ୱିନୀ ମକାର (୫୭) ଓ ଅନ୍ୟ ୩ଜଣ। ହେଲେ ଟିଆଇ ପରେଡ ପାଇଁ ଅନ୍ୟ ୩ ଅଭିଯୁକ୍ତଙ୍କ ନାମ ପୋଲିସ କହୁନାହିଁ । ଏମାନଙ୍କ ନିକଟରୁ ଡିଆଇପିଆରଓଙ୍କ ଦସ୍ତଖତ ଥିବା ଏକ ସାଧା ପେପର ଜବତ ହୋଇଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୫୪/୨୦) ରୁଜୁ ହୋଇଛି। ଏମାନଙ୍କ ନାମରେ ଅପହରଣ, ହତ୍ୟାଧମକ ଓ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ନେଇ ଦଫା ଲାଗିଛି। ଶନିବାର ଏସପି ଅଫିସ ସମ୍ମିଳନୀ କକ୍ଷରେ ଏସ୍‌ପି କନୱର ବିଶାଳ ସିଂ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯେ ଡ୍ରାଇଭର ରନବିଡାଙ୍କ ସହ ଡିଆଇପିଆରଓଙ୍କ ବଚସା ହୋଇଥିଲା । ତେଣୁ ସେ ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ୨୮ ତାରିଖ ଡିଆଇପିଆରଓ ସମ୍ବଲପୁର ଷ୍ଟେଶନରୁ ଅଫିସକୁ ଫେରୁଥିଲା ବେଳେ ଅନ୍ୟମାନଙ୍କ ସହଯୋଗରେ ସେ ଅପହରଣ କରିଥିଲେ। ଧମକ ଚମକ ଦେଇ ସାଦା କାଗଜରେ ଦସ୍ତଖତ ନେଇ ଛାଡି ଦେଇଥିଲେ।

ସୂଚନାଯୋଗ୍ୟ, ଏଠାରେ କାର୍ଯ୍ୟରତ ଦିଲୀପ ସାମନ୍ତରାୟଙ୍କ ଡିସେମ୍ବର ୩୧ ତାରିଖ ବଦଳି ହୋଇଛି। ତାଙ୍କସ୍ଥାନରେ ଢେଙ୍କାନାଳରେ କାର୍ଯ୍ୟରତ ଡିଆଇପିଆରଓ ନାଏକଙ୍କୁ ଅବସ୍ଥାପିତ କରାଯାଇଛି। ହେଲେ ଫେବୃୟାରୀ ମାସ ପର୍ଯ୍ୟନ୍ତ ନାଏକ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ । ତେଣୁ ବିଭାଗ ପକ୍ଷରୁ ତାଙ୍କୁ ନୋଟିସ କରାଯାଇଥିଲା । ଏହି ନୋଟିସ ପାଇଲା ପରେ ଫେବୃୟାରୀ ୨୦ ତାରିଖ ନାଏକ କାର୍ଯ୍ୟରେ ଯୋଗ ଦେଇ ପୁଣି ଚାଲି ଯାଇଥିଲେ । ଫେବୃୟାରୀ ୨୬ ତାରିଖ ଭୁବନେଶ୍ୱର ଏକ ବୈଠକରେ ଯୋଗଦେଇ ସମ୍ବଲପୁର ଫେରିଥିଲେ। ହେଲେ କାର୍ଯ୍ୟାଳୟ ନିକଟରେ ୪/୫ ଜଣ ବ୍ୟକ୍ତି ତାଙ୍କୁ ମାଉଜର ଦେଖାଇ ଅପହରଣ କରି ନେଇଥିଲେ। ମାଡପିଟ କରି ଭୟଭୀତ କରିଥିଲେ। ସାଧା କାଗଜରେ ଦସ୍ତଖତ କରାଇ ଛାଡି ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା।

# ଲୋକଙ୍କ ପାଖକୁ ଫେରିବ ମାଲିକାନା

ଭୁବନେଶ୍ୱର,୭।୩(ବ୍ୟୁରୋ)- ୨୦୧୨ ମସିହାରେ ଜଣେ ସେଟଲମେଣ୍ଟ ଅଫିସରଙ୍କର ଭୁଲ୍ ପାଇଁ ଜଟଣୀ ପୌରାଞ୍ଚଳ ଓ ଏହାର ଆଖପାଖ ୨୩ ଗ୍ରାମବାସୀଙ୍କ ପୈତୃକ ସମ୍ପତ୍ତି ଜଗନ୍ନାଥଙ୍କ ଜମିରେ ପରିଣତ ହୋଇଥିଲା। ଏହା ଦ୍ୱାରା ସ୍ଥାନୀୟ ବାସିନ୍ଦାମାନେ ବିବାହ, ବ୍ରତ, ଶୁଦ୍ଧିକ୍ରିୟା, ଚିକିତ୍ସା, ଉଚ୍ଚଶିକ୍ଷା ଏବଂ ଅତି ଦରକାରୀ କାର୍ଯ୍ୟରେ ନିଜର ଜମିକୁ ବିକ୍ରୟ କରି ପାରୁ ନ ଥିଲେ। ଏପରି କି ଜମିର ମାଲିକାନା ପରିବର୍ତ୍ତନ ଫଳରେ ସମସ୍ତ ସରକାରୀ ଯୋଜନାର ସୁଫଳ ପାଇ ନ ଥିଲେ। ସୁରେଶ ଚନ୍ଦ୍ର ରାଉତରାୟ ଧାରାବାହିକ ଭାବେ ବିଧାୟକ ଏବଂ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ ଓ ପ୍ରତିବାଦ ସଭାର ଆଶ୍ରୟ ନେଇଥିଲେ। ଏଥିରୁ କିଛି ସୁଫଳ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ବିଧାୟକ ନିଜ ସମର୍ଥକଙ୍କ ସହ ଆତ୍ମାହୁତି ଦେବା ପାଇଁ ଧମକ ଦେଇଥିଲେ। ଇତିମଧ୍ୟରେ ଏହି ସମସ୍ୟାର ସମାଧାନ ପାଇଁ ସରକାରୀସ୍ତରରେ ଉପଯୁକ୍ତ ପଦକ୍ଷେପ ନିଆଯାଇଛି।

**PARADIP PORT TRUST**

**e-TENDER CALL NOTICE**

Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4". EMD** cost Rs.**1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**

**Executive Engineer**
**Harbour Works Division-III**
**PPT/PR/702/19-20 Dt.06.03.2020**

# ଚାକିରି ପ୍ରତିଶ୍ରୁତି ପାଇଲା ପରେ ଜିଦ୍‌ରୁ ଓହରିଲେ ପିଣ୍ଟୁ

**ଲଖନପୁର,୭।୩(ଡି.ଏନ୍.ଏ)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରରେ କାର୍ଯ୍ୟରତ ସୁଦର୍ଶନ ବିଶ୍ୱାଳଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ପିଣ୍ଟୁକୁ ଚାକିରି ଦିଆଯାଉନି। କମ୍ପାନୀ ତାଙ୍କୁ ଖେଳାଉଛି। ଏଣୁ ଗତ ୨ତାରିଖରୁ ସିଜିଏମ୍ ଅଫିସ୍ ସମ୍ମୁଖରେ ସେ ଆମରଣ ଅନଶନରେ ବସିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ପୋଲିସ୍ ତାଙ୍କୁ ବଳପୂର୍ବକ ଉଠାଇ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ କୌଣସି ଖାଦ୍ୟ ନ ଖାଇ ଆନ୍ଦୋଳନ ଜାରି ରଖିଥିଲେ। ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ବୁର୍ଲା ଭିମସାର ସ୍ଥାନାନ୍ତରିତ କରିବା ପାଇଁ ଯୋଜନା କରାଯାଇଥିଲା। ଏଭଳି ସ୍ଥିତିରେ ଜିଲାପାଳ ସରୋଜ କୁମାର ସାମଲ ଏମ୍‌ସିଏଲ୍ ସହିତ ଆଲୋଚନା କରିଥିଲେ। ଏହାପରେ ଉପଜିଲାପାଳ ଶିବ ଟପ୍ପୋ, ବିଡିଓ ସଞ୍ଜୀବ ପଟେଲ, ସିଡିଏମ୍‌ଓ ଜଗଦୀଶ ବାରିକ, ଏସ୍‌ଡିପିଓ ଦୀଲିପ ଦାସ, ଆଇଆଇସି ପ୍ରଶାନ୍ତ ମେହେର,ଏମ୍‌ସିଏଲ୍ ଜିଏମ୍ ପର୍ସନାଲ ଆର୍‌ଏନ୍ ଖଟିକ୍, ସିଜିଏମ୍ ଅନିଲ କୁମାର ସିଂହ,ଏପିଏମ୍ ସଞ୍ଜୀବ ଭରଦ୍ୱାଜ, ଶ୍ରମିକନେତା ରମେଶ ତ୍ରିପାଠୀ, ସରପଞ୍ଚ ରାଜେନ୍ଦ୍ର ନାୟକ, ବିଶ୍ୱଜିତ ଷଡଙ୍ଗୀ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପିଣ୍ଟୁ ଓ ତାଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ। ହେଲେ ଚାକିରି ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ପିଣ୍ଟୁ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ତାଙ୍କ ନିକଟରେ କମ୍ପାନୀ ମୁଣ୍ଡ ନୁଆଁଇଛି। ବୋର୍ଡରେ ବିଚାରକୁ ନିଆଯାଇ ଏହାର ସମାଧାନ କରାଯିବ ବୋଲି କମ୍ପାନୀ ଲିଖିତ ପ୍ରତିଶ୍ରୁତି ଦେଇଛି। ଏହାପରେ ପିଣ୍ଟୁ ଖାଦ୍ୟ ଗ୍ରହଣ କରି ଅନଶନ ଭଙ୍ଗ କରିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ପିଣ୍ଟୁଙ୍କୁ କମ୍ପାନୀ ଓ ପ୍ରଶାସନିକ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେଉଛନ୍ତି।

**PANCHAYAT SAMITI, SINAPALI, DIST.- NUAPADA**

**NO.565 /DEV** **BID IDENTIFICATION No. PS- SINAPALI / 01 / 2019-20** **Dtd.06.03.2020**

The Block Development Officer, Sinapali on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building/ Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the work | Approximate value of work (Rs. in lakh) | Period of Completion | Class of Contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Culvert with Guard wall on the road from Jharbandha to Makarguda via Portipada | 17,45,622.00 | 4 months | D&C | 17460.00 | 6720.00 |
| 2. | Improvement of road from Nangalbod to Golabeda Via Tangripada with RCC culvert | 18,74,031.00 | 4 months | D&C | 18740.00 | 6720.00 |
| 3. | Construction of Addl. Class room (02 Nos.) at Chatiaguda, Ashram School | 7,84,933.00 | 4 months | D&C | 7850.00 | 4480.00 |
| 4. | Construction of Addl. Class room (02 Nos.) at Timanpur, Ashram School | 7,84,933.00 | 4 months | D&C | 7850.00 | 4480.00 |

1. The sale of the Bid document shall start from Dt 11.03.2020 and close on Dt.20.03.2020 at 4.00 P.M. in the office of the undersigned. Bids shall be received by this office up to 5.00 PM on date 20.03.2020 through Registered Post / Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
2. The details Bid documents will also be available in the District website http://nuapada.nic.in from 11.03.2020 to 20.03.2020.
3. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours everyday except on Sunday & public Holidays till last date of sale and receipt of tender papers.
4. The Bid will be opened on Dt.21.03.2020 at 11.30 AM in the office of the undersigned in the presence of the bidders or their authorized representatives.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer,**
**Sinapali Block**



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



**ସଂକ୍ଷେପରେ**

## ବିଜେଡି ସାଙ୍ଗଠନିକ ନିର୍ବାଚନ ଶେଷ

**ରାଉରକେଲା ଅଫିସ,୭। ୩:** ଇତି ମଧ୍ୟରେ ରାଉରକେଲା, ରଘୁନାଥପାଲ୍ଲୀ, ବୀରମିତ୍ରପୁର ଓ ବଣାଇଁ ନିର୍ବାଚନମଣ୍ଡଳୀକୁ ନେଇ ବିଜୁ ଜନତା ଦଳ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଯାଇଛି। ଏଥିରେ ନିର୍ବାଚନ ଅଧିକାରୀ ଆଇନଜୀବୀ ସନ୍ତୋଷ ନାୟକ ଫଳାଫଳ ପ୍ରକାଶ କରିଛନ୍ତି। ରାଉରକେଲା ବିଜୁ ଜନତା ଦଳ ସାଙ୍ଗଠନିକ ସଭାପତି ଭାବେ ସାରଦା ନାୟକ ନିର୍ବାଚିତ ହୋଇ ସାରିଥିବା ବେଳେ ମହାନଗର ସଭାପତି ଭାବେ ଗଗନ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଟାଉନଶିପ କମିଟି ସଭାପତି ଭାବେ ଆଇନଜୀବୀ ଆର୍ତ୍ତ ମହାରଣାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କୁଆଁରମୁଣ୍ଡା ବ୍ଲକ ସଭାପତି ଭାବେ ରାଜେଶ ହାଁସଦା, ନୂଆଗାଁ ବ୍ଲକ ପାଇଁ ଦିଗାମ୍ବର ଦାସ, ବିଶ୍ରା ବ୍ଲକ ପାଇଁ ସୁରେଶ ଓରାମ, ବଣାଇ ବ୍ଲକ ନିମନ୍ତେ ରଘୁନାଥ ସାହୁ, ଲହୁଣୀପଡା ବ୍ଲକ ସଭାପତି ଭାବେ ଗୌତମ ବାରିକ, ଗୁରୁଣ୍ଡିଆ ସଭାପତି ଭାବେ ଅପିନ୍ଦ୍ର କିଷାନ, ସେହିଭଳି ଲାଠିକଟା ବ୍ଲକର ୭ଟି ଗ୍ରାମ ପଞ୍ଚାୟତ ପାଇଁ ଗୋପିନାଥ ଖାଲକୋଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ନିର୍ବାଚନ ପ୍ରକ୍ରିୟାକୁ ସୂଚାରୁ ରୂପେ ପରିଚାଳନା ନେଇ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା ପରେ ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ ୟୁନିଟ କମିଟି ଓ ୱାର୍ଡ କମିଟି ସହ ପଞ୍ଚାୟତ କମିଟି ପାଇଁ ସଭାପତି ନିର୍ବାଚନ କରାଯାଇଥିବା ନାୟକ ସୂଚନା ପ୍ରଦାନ କରିଛନ୍ତି।

# ଜନଜାତି ଛାତ୍ରଙ୍କ ଦକ୍ଷତା ବିକାଶ ଲାଗି ଗୁରୁତ୍ୱ

**ରାଉରକେଲା ଅଫିସ, ୭।୩**



ରାଉରକେଲାରେ ଏବିଭିପି ପକ୍ଷରୁ ଆୟୋଜିତ ଜନଜାତି ଛାତ୍ର ନେତୃତ୍ୱ ଓ ଦକ୍ଷତା ବିକାଶ ଶିବିରରେ ମଞ୍ଚାସୀନ ଅତିଥି।

- **ରାଜ୍ୟସ୍ତରୀୟ ଜନଜାତି ନେତୃତ୍ୱ, ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ**
- **ରାଜନୈତିକ ଦଳର ଅଙ୍ଗ ନୁହେଁ, ଅଙ୍କୁଶ ହୋଇ କାମ କରୁଛି ଏବିଭିପି**

ସର୍ବବୃହତ ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଦେଶରେ ଶୃଙ୍ଖଳିତ ଓ ପ୍ରଗତିଶୀଳ ଶିକ୍ଷା ସହ ସାମାଜିକ ଉତ୍‌ଥାନ ଦିଗରେ ନିରନ୍ତର ପ୍ରୟାସ କରି ଆସିଛି। କଲେଜ କ୍ୟାମ୍ପସରୁ ନେଇ ସାମାଜିକ ସଂକଟ ସବୁଥିରେ ସହଯୋଗର ହାତ ବଢାଇଛି। ଜ୍ଞାନ, ଚରିତ୍ର ଓ ଏକତାକୁ ଆଧାର କରି କ୍ରମାଗତ ଭାବେ ଦେଶରେ ନିଜ ସ୍ଥିତି ସୁଦୃଢ କରିଛି। ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ ଦୂର କରିବା ସହ ଭାତୃଭାବ ପ୍ରତିଷ୍ଠା କରିବାକୁ ଉଦ୍ୟମ ଜାରି ରଖିଛି। ଏକ ସୁସ୍ଥ ସମ୍ପନ୍ନ ଦେଶର ଛାତ୍ରୀଛାତ୍ର କିଭଳି ବିଶ୍ୱସ୍ତରରେ ନିଜ ପ୍ରତିଭାକୁ ପ୍ରତିପାଦନ କରିବେ ସେନେଇ ପ୍ରୟାସ ଜାରି ରଖିଛି ବୋଲି ରାଉରକେଲା ଅଗ୍ରସେନ ଭବନଠାରେ ଶନିବାର ଏବିଭିପି ପକ୍ଷରୁ ଆୟୋଜିତ ୨ ଦିନିଆ ଜନଜାତି ଛାତ୍ର ନେତୃତ୍ୱ ଓ ଦକ୍ଷତା ବିକାଶ ଶିବିରରେ ଯୋଗଦେଇ ଏହାର ରାଜ୍ୟ ନେତୃତ୍ୱ ଏଭଳି ମତ ପ୍ରକାଶ କରିଥିଲେ। ଏଥିରେ ଭରତ ସୋରେନ ସଂଯୋଜନା କରିଥିବା ବେଳେ ସଙ୍ଗଠନ ଶୁଭେଚ୍ଛୁ ସନ୍ତୋଷ ପାରିଖ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର, ତେଲେଙ୍ଗାନାରୁ ଜାତୀୟ ଜନଜାତି ଛାତ୍ର ପ୍ରମୁଖ ଜେ ରାମମୋହନ, କନ୍ଧମାଳରୁ କବିତା କହଁର, ଏବିଭିପିର ପୂର୍ବତନ ରାଜ୍ୟ ସମ୍ପାଦକ ସୁରେନ୍ଦ୍ର ଟୁଡୁ ଓ ଶଶୀକାନ୍ତ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦେଶରେ ଜନଜାତି ଛାତ୍ରଙ୍କ ମଧ୍ୟରେ ଦକ୍ଷତା ବିକାଶ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷା ଗ୍ରହଣ ସହ ଛାତ୍ରୀଛାତ୍ର କିଭଳି ରାଷ୍ଟ୍ରୀୟ ଭାବନା ଓ ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିବେ ସେନେଇ ଆଲୋଚନା କରାଯାଇଥିଲା। ମଞ୍ଚାସୀନ ଅତିଥି କହିଥିଲେ ଯେ, ରାଷ୍ଟ୍ର ଶକ୍ତି ହେଉଛି ବାସ୍ତବରେ ଛାତ୍ର ଶକ୍ତି। ଯେ କି କାଲିର ନାଗରିକ ଓ ଦେଶର ଭବିଷ୍ୟତ। ଏମାନଙ୍କୁ କୁଶଳୀ ଓ ଦକ୍ଷ ଭାବେ ଗଢି ତୋଳିବାରେ ବରିଷ୍ଠଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନୀତିଆଦର୍ଶ ବିନା ଭଲ କାର୍ଯ୍ୟ କେବେ ସଫଳ ରୂପ ନେଇ ପାରେନା। ଏଣୁ ଏବିଭିପି ସର୍ବଦା ଏହାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବା ବିଶେଷ ଉଲ୍ଲେଖନୀୟ ଘଟଣା। ରାଜନୈତିକ ଦଳର ଅଙ୍ଗ ହେବା ପରିବର୍ତ୍ତେ ଅଂକୁଶ ହେବାକୁ ଶ୍ରେୟସ୍କର ମନେ କରିଥିବା ଏହି ସଙ୍ଗଠନର ଗୌରବମୟ ଇତିହାସ ରହିଛି। ଯେଉଁ କାରଣରୁ ଏହା ଆଜି ଏକ ନମ୍ବର ଛାତ୍ର ସଙ୍ଗଠନ ବା ଶକ୍ତି ଭାବେ ଉଭା ହୋଇ ସାରିଛି ବୋଲି ମଞ୍ଚାସୀନ ବକ୍ତା କହିଥିଲେ। ଏମିତି ଅବସ୍ଥାରେ ଜନଜାତି ଭାଇ ଭଉଣୀଙ୍କୁ କିଭଳି ପ୍ରତି କ୍ଷେତ୍ରରେ ଆଗକୁ ଅଣାଯାଇ ପାରିବ, ସେମାନଙ୍କ ଦକ୍ଷତାକୁ ସମ୍ମାନ ମିଳିବ ସେ ନେଇ ସଙ୍ଗଠନ ଆଗକୁ ଆସିଛି। ଏହାର ସୁଦୁରପ୍ରସାରୀ ପ୍ରଭାବ ମଧ୍ୟ ଆଗାମୀ ଭବିଷ୍ୟତରେ ଦେଖିବାକୁ ମିଳିବ ବୋଲି ଆଶା ବ୍ୟକ୍ତ କରାଯାଇଥିଲା। ଏମିତି ଅବସ୍ଥାରେ ରାଷ୍ଟ୍ରଭକ୍ତି ଓ ରାଷ୍ଟ୍ର ପ୍ରେମକୁ ସମ୍ମାନ ଦେଇ ଆଗକୁ ବଢିବାକୁ ହେବ ବୋଲି ମଞ୍ଚାସୀନ ଅତିଥି ମତ ପ୍ରକାଶ କରିଥିଲେ। ମୋଟାମୋଟି ଦେଶକୁ ପରମ ବୈଭବଶାଳୀ ଭାବେ ଗଠନ କରିବାକୁ ଛାତ୍ର ସମାଜ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୩ଶହରୁ ଉର୍ଦ୍ଧ ଜନଜାତି ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ଜନଜାତି ଉଦ୍ୟୋକ୍ତା ପରିଷଦ କର୍ମକର୍ତ୍ତା ଷ୍ଟାଲିନ ନାୟକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କ୍ଷେତ୍ରୀୟ ପ୍ରଚାରକ ପ୍ରଦୀପ ଯୋଶୀ, ରାଜ୍ୟ ଜନଜାତି ଛାତ୍ର ପ୍ରମୁଖ ତନ୍ମୟ ପ୍ରଧାନ, ସଂଯୋଜକ ଗୋପିନାଥ ଟୁଡୁ, ରାଜ୍ୟ ସଙ୍ଗଠନ ସମ୍ପାଦକ ଅଭିଳାଷ ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସୁରେନ୍ଦ୍ର ଚାନ୍ଦ ଟୁଡୁ ଧନ୍ୟବାଦ ପ୍ରଦାନ କରିଥିଲେ।

## କରୋନା ଭାଇରସ ନେଇ ଚିନ୍ତା

**ରାଉରକେଲା ଅଫିସ, ୭। ୩**

କରୋନା ଭାଇରସ ନେଇ ଶନିବାର ଠାରୁ ରାଉରକେଲା ସରକାରୀ ଡାକ୍ତରଖାନା କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି। ଦେଖାଯାଇଛି ଯେ, ଲୋକେ ଫେସ ମାସ୍କ ନେଇ ଆର୍‌ଜିଏଚ ପରିସରରେ ଆଜି ଭିଡ ଲଗାଇଥିଲେ। ସାଧାରଣ ଭାବେ ବିଭିନ୍ନ ମେଡିସିନ ଷ୍ଟୋରରେ ମାସ୍କ ଚଡା ଦାମରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏଣୁ କରୋନା ଭୟଭୀତ କୌଣସି ସ୍ଥାନରୁ ଏହି ମାସ୍କ ସଂଗ୍ରହ କରିବା ଦେଖାଯାଇଛି। କେହି କେହି ବିଭିନ୍ନ କମ୍ପାନୀର ତୁଳସୀ ରସ ସଂଗ୍ରହ କରୁଥିବା ବେଳେ ଆଉ କେହି ପ୍ରତିରୋଧ ନେଇ ଚିନ୍ତିତ ହୋଇ ପଡିଛନ୍ତ। ଏତିକି ବେଳେ ସୋସିଆଲ ମିଡିଆରେ ପ୍ରଚାରିତ ଗୁଜବକୁ ଗୁରୁତ୍ୱ ଦେବା ଶୁଣାଯାଇଛି। ଏମିତି ଅବସ୍ଥାରେ ମାସ୍କ ଅଧିକ ବିକ୍ରି ଆଶାରେ କିଛି ବ୍ୟବସାୟୀ ଏହାକୁ ମହଜୁଦ କରି ରଖିବା ଅଭିଯୋଗ ହେଉଛି। ତେବେ କେତେକ ସରକାରୀ ଦପ୍ତର, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନରେ ଶନିବାର ସୁଦ୍ଧା ଫେସ ମାସ୍କ ବ୍ୟବହାର ହେବା ଲକ୍ଷ୍ୟ କରାଯାଇଛି। କରୋନା ନେଇ ଛାନିଆଁ ଲୋକେ ଏହାର ପ୍ରତରୋଧ ବ୍ୟବସ୍ଥା ନେଇ ପରସ୍ପରକୁ ପ୍ରଶ୍ନ କରୁଥିବା ଶୁଣା ଯାଇଛି। ଶନିବାର ସତ ମିଛ ଦୂର କଥା ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ସଣେ ସନ୍ଦିଗ୍ଧ ନାବାଳକ ଭର୍ତ୍ତି ହେବା ଗୁଜବ ଜୋରଦାର ପ୍ରଚାରିତ ହେବାରେ ଲାଗିଛି। ଏନେଇ ଠିକ ତଥ୍ୟ ମିଳି ପାରି ନାହିଁ। ଏହାକୁ ଗୁଜବ ବୋଲି କୁହାଯାଇଛି।



କରୋନା ଭାଇରସ ଆତଙ୍କ ନେଇ ଆର୍‌ଜିଏଚ ପରିସରରେ ସୁରକ୍ଷା କର୍ମୀ ମୁହଁରେ ମାସ୍କ ଲଗାଇଛନ୍ତି।

## ପୁନର୍ଗଠିତ ହେଲା ଏଲିମେଣ୍ଟାରି କ୍ୟାଡର ରୁଲ୍‌

**ସୁନ୍ଦରଗଡ଼,୭।୩(ଡି.ଏନ୍.ଏ):** ବହୁପ୍ରତିକ୍ଷିତ ଏଲିମେଣ୍ଟାରୀ କ୍ୟାଡର ରୁଲ୍‌ -୨୦୧୯ କାର୍ଯ୍ୟାନ୍ୱୟନ ପାଇଁ ପୂର୍ବରୁ ରହିଥିବା ବିଭିନ୍ନ ପଦପଦବୀ ସଂଖ୍ୟା ଉଚ୍ଛେଦ ସହ ନୂତନ ପଦପଦବୀର ସଂଖ୍ୟା ଜିଲା ୱାରୀ ଶୁକ୍ରବାର ନିର୍ଦ୍ଧାରିତ ହୋଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓଗଣଶିକ୍ଷା ବିଭାଗ ପତ୍ରାଙ୍କ ୫୨୬୨ ତା ୬।୩।୨୦୨୦ ଯୋଗେ ରାଜ୍ୟରେ ପୂର୍ବରୁ ରହିଥିବା ୧୦୪୮୮ ପଞ୍ଚମ ବର୍ଗର ଶିକ୍ଷକ ପଦବୀ ୨୧ , ୪୬୩ ଚତୁର୍ଥ ବର୍ଗର ପ୍ରାଥମିକ ପ୍ରଧାନ ଶିକ୍ଷକ ପଦବୀ ଏବଂ ୯୩୦୫ ତୃତୀୟ ବର୍ଗର ପଦବୀକୁ ଗତ ୨୨।୧୦।୨୦୧୮ ରିଖ ଏବଂ ୨୯।୧୦।୨୦୧୮ ରିଖରେ ଉଚ୍ଛେଦ କରାଯାଇଥିଲା। ନୂତନ ୨୦୧୯ ଏଲିମେଣ୍ଟାରୀ କ୍ୟାଡର ରୁଲ ଅନୁଯାୟୀ ରାଜ୍ୟରେ ୩୨,୩୨୫ ଜଣ ସହକାରୀ ଶିକ୍ଷକ ୫ମ ବର୍ଗ (କ) ,୩୩,୩୯୮ ଜଣ ବରିଷ୍ଠ ଶିକ୍ଷକ ୫ମ ବର୍ଗ ଖ , ୧୫ ,୭୭୨ ପ୍ରାଥମିକ ପ୍ରଧାନ ଶିକ୍ଷକ , ଚତୁର୍ଥ ବର୍ଗ ୩୫,୩୯୨ ଗ୍ରାଜୁଏଟ ଟିଚର (୪ର୍ଥ ବର୍ଗ) ଓ ୧୭,୬୯୬ ତୃତୀୟ ବର୍ଗର ଉଚ୍ଚପ୍ରାଥମିକ ପ୍ରଧାନ ଶିକ୍ଷକ, ୧୦୭୩ ବରିଷ୍ଠ ପ୍ରାଥମିକ ପ୍ରଧାନ ଶିକ୍ଷକ (ତୃତୀୟ ବର୍ଗ) ପଦବୀ ସୃଷ୍ଟି ହୋଇଛି। ଏହି କ୍ରମରେ ସୁନ୍ଦରଗଡ ଜିଲାକୁ ୨୯ଟି ବରିଷ୍ଠ ପ୍ରାଥମିକ ପ୍ରଧାନ ଶିକ୍ଷକ, ୪୯୮ଟି ପ୍ରାଥମିକ ପ୍ରଧାନ ଶିକ୍ଷକ, ୭୬୮ଟି ଉଚ୍ଚପ୍ରାଥମିକ ପ୍ରଧାନ ଶିକ୍ଷକ, ୭୯୯ଟି ଗ୍ରାଜୁଏଟ ଟିଚର (ବିଜ୍ଞାନ), ୭୯୯ଟି ଗ୍ରାଜୁଏଟ ଟିଚର (କଳା) , ୧୪୩୪ଟି ବରିଷ୍ଠ ଶିକ୍ଷକ, ୧୩୬୮ଟି ସହକାରୀ ଶିକ୍ଷକ ପଦବୀ ମିଳିଛି। ୨୦୧୩ ମସିହା ପରେ ଶିକ୍ଷକମାନେ କୌଣସି ପଦୋନ୍ନତି ପାଇପାରି ନ ଥିବା ବେଳେ ପରିଶେଷରେ ରାଜ୍ୟ ସରକାର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। କେବଳ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଠାରୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଆସିବା ପରେ ସୁନ୍ଦରଗଡ ଜିଲାରେ ଏହି ପଦୋନ୍ନତି ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଶେଷ ହେବ ବୋଲି ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ଓ ଜିଲାପରିଷଦ ଶିକ୍ଷକ ସଂଘର ଆବାହକ ହୋତେଶ୍ୱର ଶେଖର ଦେଓ ପ୍ରକାଶ କରିଛନ୍ତି।

## କୁରେଇବଗା ଗାଁରେ ମାଙ୍କଡ଼ ଉପଦ୍ରବ

**ବଡ଼ଗାଁ, ୭।୩ (ଡି.ଏନ.ଏ)–** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ମହାବୀର ପର୍ବତ ତଳି କୁରେଇବଗା ଗ୍ରାମରେ ମାଙ୍କଡଙ୍କ ଉପଦ୍ରବରେ ଗ୍ରାମବାସୀ ଅତିଷ୍ଠ ହେଲେଣି। ଦୈନନ୍ଦିନ ଶହ ଶହ ହନୁ ଓ ପାତି ମାଙ୍କଡ ଗାଁରେ ପଶି ବାଡି ବଗିଚାରୁ ଫଳ, ପନିପରିବା ଖାଇ ଦେଉଛନ୍ତି। ଏପରିକି ମାଙ୍କଡମାନେ ଘର ଭିତରେ ପଶି ଉପଦ୍ରବ କରୁଛନ୍ତି। ବହୁ ସଂଖ୍ୟକ ମାଙ୍କଡ ଖପର ଘର ଉପରେ ଚଢ଼ି ଡ଼ିଆଁ ମାରିବା, ଦୌଡ଼ାଦୌଡ଼ି କରୁଥିବାରୁ ଖପର ଭାଙ୍ଗିପଡୁଛି। ଗତ ମାସରୁ ବିଭିନ୍ନ ସମୟରେ ଅଦିନିଆ ବର୍ଷା ହେଉଥିବାରୁ ଓଦା ଥିବା ଖବର ଉପରେ ମାଙ୍କଡ ଡେଇଁବା ଦ୍ୱାରା ଖପର ଭାଙ୍ଗି ଗଳି ପଡୁଛି । ଫଳରେ ଚାଷୀମାନେ ଘରେ ଗଚ୍ଛିତ କରିଥିବା ଧାନ ଭିଜି ନଷ୍ଟ ହେଉଛି । ସୂଚନାଯୋଗ୍ୟ ଯେ, ଗାଁଠାରୁ ମାତ୍ର ୨୫ ମିଟର ଦୂରରେ ମହାବୀର ପର୍ବତ ଅବସ୍ଥିତ। ଏହି ପର୍ବତରେ ହନୁ ଓ ପାତି ମାଙ୍କଡଙ୍କ ସଂଖ୍ୟା କିଛି ବର୍ଷ ମଧ୍ୟରେ ବଢିଛି। ମାଙ୍କଡଙ୍କ ଉପଦ୍ରବ ସମ୍ପର୍କରେ ଗ୍ରାମବାସୀ ବଡଗାଁ ଫରେଷ୍ଟ ରେଞ୍ଜରଙ୍କୁ ଜଣାଇବାରୁ ଶନିବାର ଫରେଷ୍ଟର ଲିଙ୍ଗରାଜ ନାଏକ କ୍ଷତିଗ୍ରସ୍ତ ଘର ଗୁଡିକ ଦେଖିଛନ୍ତି ।



କୁରେଇବଗା ଗ୍ରାମରେ ମାଙ୍କଡ ଘର ଉପରେ ବୁଲୁଛନ୍ତି।

## ଅବହେଳା, ଅବିଚାର ନେଇ କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ



ପାନପୋଷ ଛକରେ କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ କରାଯାଉଛି।

**ରାଉରକେଲା ଅଫିସ,୭। ୩**

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଉରକେଲା ପ୍ରତି ଚରମ ଅବହେଳା ଓ ଅବିଚାର ସୀମା ଲଂଘନ କଲାଣି। ରାଉରକେଲା ରିଂ ରୋଡ ଅବସ୍ଥା, ବାଲୁଘାଟ ହୋଲସେଲ ମଣ୍ଡି, ହକି ନର୍ସରୀ ଓ ମେଡିକାଲ କଲେଜ, କୋଏଲ ବ୍ୟାରେଜ ଇତ୍ୟାଦିର ଶିଳାନ୍ୟାସ କରି ରାଉରକେଲାବାସୀଙ୍କୁ ପ୍ରତାରିତ କରିଛନ୍ତି ସରକାର। ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)କୁ ଏକ ସରକାରୀ ମେଡିକାଲ କଲେଜରେ ପରିଣତ କରିବା, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଏବଂ ସୁନ୍ଦରଗଡ ଜିଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବିକୁ ସରକାର ଉପେକ୍ଷା କରି ଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଘୋଷଣାରେ ଏଠାରେ ଜାଭିଏର ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଘୋଷଣା କରିଥିଲେ। ଯାହା ପରବର୍ତ୍ତୀ ଅବସ୍ଥାରେ ପ୍ରହସନରେ ପରିଣତ ହୋଇଛି। ପାନପୋଷ ଠାରେ ଆଉ ଏକ ସେତୁ ନିର୍ମାଣ ଓ ବର୍ତ୍ତମାନ ସେତୁର ମରାମତି, ନିର୍ମାଣାଧିନ ବ୍ରାହ୍ମଣୀ ସେତୁ ଓ ବୀରମିତ୍ରପୁର ବାରକୋଟ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ବେଦବ୍ୟାସ ପୀଠର ଆବଶ୍ୟକୀୟ ବିକାଶ ନେଇ ସରକାର ନିଦା ବିଷ୍ଟୁ ସାଜିଛନ୍ତି। ତୁରନ୍ତ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା କାର୍ଯ୍ୟକାରୀ କରିବା, ସ୍ୱେରେଜ ବୋର୍ଡ ଦ୍ୱାରା ଚାଲିଥିବା ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ରାସ୍ତାଘାଟକୁ ଠିକ କରିବା, ଜଳ ଯୋଗାଣ ଓ ବିଦ୍ୟୁତ ଯୋଗାଣରେ ସୁଧାର ଆଣିବା ତଥା ସହରର ପରିବେଶକୁ ଠିକ କରି ବାୟୁ ଓ ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଉ ନାହିଁ। ଏନେଇ କଂଗ୍ରେସ ନେତା ବାରମ୍ବାର ସ୍ୱର ଉତ୍ତୋଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ ସତ୍ତ୍ୱେ ସରକାର ଚେତୁ ନାହାଁନ୍ତି। ପରିସ୍ଥିତିରେ ସୁଧାର ଆସି ପାରୁନି। ଯାହାକୁ ନେଇ ଶନିବାର ଲୋକସଭା ସଂସଦୀୟ କ୍ଷେତ୍ର ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ପାନପୋଷ ଛକରେ ସକାଳ ୬ରୁ ନେଇ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ଘଣ୍ଟିଆ ସତ୍ୟାଗ୍ରହ କରାଯାଇ ଥିଲା। ତିର୍କୀ ତାଙ୍କ ଅଭିଭାଷଣରେ ତୁରନ୍ତ ମହାନଗର ନିଗମ ନିର୍ବାଚନ କରି ରାଉରକେଲାବାସୀଙ୍କୁ ମୌଳିକ ସେବା ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ। ରାଉରକେଲାରେ ନୂତନ ରେଳ ଡିଭିଜନ ପ୍ରତିଷ୍ଠା, ଫ୍ଲାଏ ଓଭର ବ୍ରିଜ ନିର୍ମାଣ ଓ ବିମାନ ବନ୍ଦର ଚାଲୁ କରିବା ପାଇଁ ଦାବି କରିଥିଲେ। ଏଭଳି ସମସ୍ତ ୨୧ଟି ପ୍ରସଙ୍ଗ ନେଇ ଆଗାମୀ ଦିନରେ କଂଗ୍ରେସ ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲେ ଜର୍ଜ। ସେହିଭଳି ଭିଜିଲାନ୍ସରେ ଆଗତ ସେଣ୍ଟ୍ରାଲ ପାର୍କ ଦୁର୍ନୀତି, ବିଜୁ ଯୁବ ବାହିନୀ, ବ୍ରାହ୍ମଣୀ ନଦୀ ଉତ୍ସବ ଓ ସ୍ମାର୍ଟସିଟି ଅର୍ଥ ଲୁଟ ଘଟଣାର ତୁରନ୍ତ ତଦନ୍ତ ଦାବି କରିଥିଲେ। ଏଥିସହ ଚାଉଳ ଚୋରି ଘଟଣାର ପର୍ଦ୍ଦାଫାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ବୀରେନ ସେନାପତି, ପ୍ରଶାନ୍ତ ସେଠୀ, ରୋହିତ ଯେସେଫ ତିର୍କୀ, ମହିଳା ନେତ୍ରୀ ପ୍ରଭାତୀ ମିଶ୍ର, ନିରୁପମା ବଳିଆରସିଂ, ଲାଠିକଟା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଚାମ୍ପୁରୁ ତିର୍କୀ, ଯୁବ ନେତା କୈଳାସ ସାହୁ, ପ୍ରମୋଦ ପ୍ରଧାନ ଓ ସାହିଦ ଆଲାମଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

**ସରକାର ନ ଚେତିଲେ ବ୍ୟାପକ ଆନ୍ଦୋଳନ ଚେତାବନୀ**

## ବିଜୁଳି ଆଘାତରେ ବୃଦ୍ଧାଙ୍କ ମୃତ୍ୟୁ

**ରାଉରକେଲା ଅଫିସ,୭। ୩**

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ବିଶ୍ରା ବ୍ଲକ ଜାମସେରା ଗାଁରେ ବିଜୁଳି ଆଘାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଝଣୋ ଟପୋ(୭୦)। ଝଣୋ ଶନିବାର ସକାଳ ୧୦ଟାରେ କପଡା ଶୁଖାଇବାକୁ ଘର ବାହାରେ ଟଙ୍ଗା ଯାଇଥିବା ତାର ପାଖକୁ ଯାଇଥିଲେ। ସେତେବେଳେ ଘର ଲୋକ କେହି ନଥିଲେ। ସେ ତାରରେ କପଡା ପକାଉଥିବା ବେଳେ ସର୍ଟ ସର୍କିଟ ଯୋଗୁ ତାଙ୍କୁ ଗୁରୁତର ବିଜୁଳି ଆଘାତ ଲାଗିଥିଲା ଓ ତାରରେ ସେ ଲଟକି ଯାଇଥିଲେ। ପଡୋଶୀ ଧାଇଁ ଆସିଥିଲେ ବି ଘଟଣା ସ୍ଥଳରେ ଝଣୋ ତାରକୁ ମୁଠାଇ ପଡିଥିବା ଦେଖାଯାଇଥିଲା। ତା ପରେ ତାର କଟା ଯାଇଥିଲା। ସେତେବେଳକୁ ଝଣୋ ମୃତ୍ୟୁବରଣ କରି ସାରିଥିଲେ। ଏନେଇ ବନ୍ଧମୁଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

**PARADIP PORT TRUST**

**e-TENDER CALL NOTICE**

Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4"**. EMD cost Rs.**1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**

**Executive Engineer**
**Harbour Works Division-III**
**PPT/PR/702/19-20 Dt.06.03.2020**

# ବିରୋଧୀଙ୍କ ଦାବି ସହ ସ୍ୱର ମିଶାଇଲେ ବିଜେଡି ନେତା

- **ମେଡିକାଲ କଲେଜ, କୋଏଲ ବ୍ୟାରେଜ, ବିଶ୍ୱବିଦ୍ୟାଳୟ ନେଇ ବିଚାର କରାଯାଉ**

**ରାଉରକେଲା ଅଫିସ, ୭। ୩**

ହନୁ ମଲା ବେଳେ ସତ କହିବା ପରି ଶାସକ ବିଜୁ ଜନତା ଦଳ (ବିଜେଡ଼ି) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନ୍ତରର କୋହ ଜଣାଇଛି। ବିରୋଧି ଯେ ବାସ୍ତବରେ ଶାସକ ଦଳ ଉପରେ ଆକ୍ରମଣ କରିବାର ଯଥାର୍ଥତା ରହିଛି ଏହାକୁ ଦଳ ଏକ ପ୍ରକାର ସ୍ୱୀକାର କରିଛି। ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ ଜିଲା ଗସ୍ତ ଅବସରରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ତଥା ରଘୁନାଥପାଲ୍ଲୀର ପୂର୍ବତନ ନଗର ସଭାପତି ସୁଧିର ସୁନ୍ଦରାୟ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଗତ ୨୦୧୩ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା କୋଏଲ ସେତୁ ଓ ରିଂ ରୋଡ ସମ୍ପର୍କରେ ତାଙ୍କୁ ମନେ ପକାଇ ଦିଆଯାଇଛି। ଦୀର୍ଘ ୭ ବର୍ଷ ପରେ ଶିଳାନ୍ୟାସ କରାଯାଇଥିବା ଏହି ପ୍ରକଳ୍ପ ନେଇ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ଇଟା ପକାଯାଇ ପାରିନି । ଏମିତି ପରୋକ୍ଷରେ ସ୍ୱୀକାର କରିଛନ୍ତି ବିଜେଡି ନେତା। ଏହାକୁ ଯଥାଶିଘ୍ର ଆରମ୍ଭ କରିବାକୁ ସୁନ୍ଦରାୟ ତାଙ୍କ ପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ରାଉରକେଲା ସରକାରୀ ଡାକ୍ତରଖାନର ଶଯ୍ୟା ସଂଖ୍ୟା ବୃଦ୍ଧି କରି ମୁଖ୍ୟମନ୍ତ୍ରୀ ଏହାକୁ ରାଜ୍ୟସ୍ତରୀୟ ଚିକିତ୍ସାଳୟ ମାନ୍ୟତା ଦେବାକୁ ଘୋଷଣା କରି ସାରିଛନ୍ତି। ତେବେ ସୁନ୍ଦରଗଡ ଜିଲାରେ ଯେ ମେଡିକାଲ କଲେଜଟିଏ ନାହିଁ ଏହାକୁ ମୁଖ୍ୟମନ୍ତ୍ରୀ ପାଶୋରି ଦେଇଛନ୍ତି। ଯାହାକୁ ନେଇ ବିରୋଧି ବାରମ୍ବାର ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଏମିତି ଅବସ୍ଥାରେ ବିଜେଡି ନେତା ସୁନ୍ଦରାୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ ଏହି ସରକାରୀ ଡାକ୍ତରଖାନାକୁ ମେଡିକାଲ କଲେଜରେ ରୂପାନ୍ତରିତ କରାଯାଉ। ଯଦିଓ ଏନେଇ ଉଭୟ ଭାଜପା ଓ କଂଗ୍ରେସ ଦୀର୍ଘ ବର୍ଷ ହେବ ଦାବି କରି ଆସୁଛନ୍ତି। କିନ୍ତୁ ଏହି ଦାବି ନେଇ କେବେ ଏଠାକାର ବିଜେଡି ଦଳରୁ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱର ବିଧାନ ସଭାରେ ଶୁଣାଯାଇ ନାହିଁ। ରାଜ୍ୟ ପରିଷଦକୁ ନିର୍ବାଚିତ ସୁନ୍ଦରାୟ ନିଜ ଦାବି ପତ୍ରରେ ରାଉରକେଲା ବସଷ୍ଟାଣ୍ଡର ଉନ୍ନତିକରଣ କଥା ଉଲ୍ଲେଖ କରିଛନ୍ତି। ବହୁ ପୁରୁଣା ଏହି ବସଷ୍ଟାଣ୍ଡ ଅବସ୍ଥା ସମ୍ପ୍ରତି ଜରାଜୀର୍ଣ୍ଣ ହୋଇ ପଡିଛି। ଇତି ମଧ୍ୟରେ ରାଉରକେଲା ମହାନଗର ଓ ସ୍ମାର୍ଟ ସିଟି ମାନ୍ୟତା ପାଇ ସାରିଛି। ଏଭଳି ଏକ ଆଧୁନିକ ସହରରେ ବସଷ୍ଟାଣ୍ଡ ସମ୍ପର୍କରେ ଉଲ୍ଲେଖ କରି ସୁନ୍ଦରାୟ ଦଳର ଅନ୍ତର କଥାକୁ ପ୍ରକାଶ କରିଛନ୍ତି। ଯାହାକୁ ସହରବାସୀଙ୍କ ସମର୍ଥନ ରହିଛି। ସବୁଠାରୁ ବଡକଥା ହେଲା ରାଜ୍ୟ ସରକାର ଗତ କିଛି ଦିନ ପୂର୍ବେ ଓଡ଼ିଶାର ୭ଟି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନେଇ ସୁପାରିଶ କରିଛନ୍ତି। ଯେଉଁଥିରେ ସୁନ୍ଦରଗଡ ଜିଲାର ଗୋଟିଏ ହେଲେ ମହାବିଦ୍ୟାଳୟକୁ ସରକାର ଯୋଗ୍ୟ ଭାବି ନାହାଁନ୍ତି। ଯାହାକୁ ନେଇ ଗତ କିଛି ଦିନ ପୂର୍ବେ କଂଗ୍ରେସ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇ ଥିଲା। ନିକଟରେ ଅନୁସୂଚୀତ ଜାତି ଓ ଜନଜାତି ସଙ୍ଗଠନ ପକ୍ଷରୁ ଏନେଇ ପ୍ରଶ୍ନ ଉଠାଯାଇଥିଲା। ଆନ୍ଦୋଳନ ଧମକ ଦିଆଯାଇଥିଲା। ଏମିତି ଅବସ୍ଥାରେ ଶାସକ ଦଳରୁ ନିର୍ବାଚିତ ବିଧାୟକ ସାରଦା ନାୟକ କିମ୍ବା ସୁବ୍ରତ ତରାଇ ମୁହଁ ଖୋଲିବା ଶୁଣା ଯାଇନି। କିନ୍ତୁ ଜଣେ ରାଜ୍ୟ ପରିଷଦ ସଭ୍ୟ ସୁନ୍ଦରାୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦେବାକୁ ଅନୁରୋଧ କରିଛନ୍ତି। ସେ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଏଠାରେ ସମସ୍ତ ପ୍ରକାର ଭିତିଭୂମି ରହିଛି। କେବଳ ସରକାରଙ୍କ ଆନ୍ତରିକତା ଲୋଡା। ଏମିତି ଅବସ୍ଥାରେ ଉଭୟ ରଘୁନାଥପାଲ୍ଲୀ ଓ ରାଉରକେଲାରୁ ନିର୍ବାଚିତ ବିଧାୟକ ସୁବ୍ରତ ତରାଇ, ସାରଦା ନାୟକଙ୍କ ସ୍ପଷ୍ଟ ଆଭିମୂଖ୍ୟ ଜଣା ପଡିନି। ଏଥିରେ ଜିଲା ବିଜେଡିର କେତେ ଆନ୍ତରିକତା ରହିଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**PANCHAYAT SAMITI, SINAPALI, DIST.- NUAPADA**

**NO.565 /DEV** **BID IDENTIFICATION No. PS- SINAPALI / 01 / 2019-20** **Dtd.06.03.2020**

The Block Development Officer, Sinapali on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building/ Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the work | Approximate value of work (Rs. in lakh) | Period of Completion | Class of Contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Culvert with Guard wall on the road from Jharbandha to Makarguda via Portipada | 17,45,622.00 | 4 months | D&C | 17460.00 | 6720.00 |
| 2. | Improvement of road from Nangalbod to Golabeda Via Tangripada with RCC culvert | 18,74,031.00 | 4 months | D&C | 18740.00 | 6720.00 |
| 3. | Construction of Addl. Class room (02 Nos.) at Chatiaguda, Ashram School | 7,84,933.00 | 4 months | D&C | 7850.00 | 4480.00 |
| 4. | Construction of Addl. Class room (02 Nos.) at Timanpur, Ashram School | 7,84,933.00 | 4 months | D&C | 7850.00 | 4480.00 |

1. The sale of the Bid document shall start from Dt 11.03.2020 and close on Dt.20.03.2020 at 4.00 P.M. in the office of the undersigned. Bids shall be received by this office up to 5.00 PM on date 20.03.2020 through Registered Post / Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
2. The details Bid documents will also be available in the District website http://nuapada.nic.in from 11.03.2020 to 20.03.2020.
3. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours everyday except on Sunday & public Holidays till last date of sale and receipt of tender papers.
4. The Bid will be opened on Dt.21.03.2020 at 11.30 AM in the office of the undersigned in the presence of the bidders or their authorized representatives.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer,**
**Sinapali Block**

## ସଂକ୍ଷେପରେ

### ବାପାଙ୍କୁ ବାଡ଼ିରେ ପିଟି ହତ୍ୟା କଲା ପୁଅ

**ସୁନ୍ଦରଗଡ଼, ୭।୩ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ଭଷ୍ମା ଥାନା ଅନ୍ତର୍ଗତ ଘଣ୍ଟିମାଲ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଜଣେ ଯୁବକ ନିଜ ବାପାକୁ ବାଡିରେ ପିଟି ପିଟି ହତ୍ୟା କରିଛନ୍ତି। ପୁଅର ମାଡରେ ବାପା ପବିତ୍ର କିଷାନ (୬୦)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଶନିବାର ସାନପୁଅ ପ୍ରଶାନ୍ତର ରିପୋର୍ଟ କ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଏକ ହତ୍ୟା ମାମଲା ରୁଜୁ କରିଛି। ହତ୍ୟାକାରୀ ପୁଅ ଫେରାର ଅଛି। ଘଟଣାଦିନ ରାତିରେ ମଦ୍ୟପ ପୁଅ ପ୍ରକାଶ କିଷାନ (୨୩) ମଦ ପିଇବା ପାଇଁ ମାଆକୁ ଟଙ୍କା ମାଗିଥିଲେ । ମାତ୍ର ମାଆ ଟଙ୍କା ନ ଦେବାରୁ ପ୍ରକାଶ ପ୍ରଥମେ ମାଆକୁ ମାଡ ମାରିଥିଲେ । ଏହି ସମୟରେ ବାପା ପବିତ୍ର ପତ୍ନୀଙ୍କୁ ପୁଅ ଆକ୍ରମଣରୁ ରକ୍ଷା କରିବାକୁ ଯାଇ ପୁଅର ରୋଷର ଶିକାର ହୋଇଥିଲେ। ପୁଅର ଲାଠିମାଡରେ ତାଙ୍କର ଜୀବନ ଚାଲିଯାଇଥିଲା ।

# ନାରୀ ସକଳ ଶକ୍ତିର ଆଧାର

## ସହଭାଗିତା ମାଧ୍ୟମରେ ସମତାସମ୍ପନ୍ନ ସମାଜ ଗଠନ ସମ୍ଭବ

ମାନବ ସମାଜ ବ୍ୟବସ୍ଥାର ପ୍ରମୁଖ ଅଙ୍ଗ ନାରୀ ଓ ପୁରୁଷ। ଉଭୟଙ୍କ ସମାନ୍ତରାଳ ଭୂମିକା ଏକ ସୁସ୍ଥ, ଶୃଙ୍ଖଳିତ ସମାଜଗଠନରେ ସହାୟକ ହୁଏ। ନାରୀ ସକଳ ଶକ୍ତିର ଆଧାର। ତାର ଦୃଢ ମନୋବଳ, ଅପରିସୀମ ଆତ୍ମବିଶ୍ୱାସ, ଇଚ୍ଛାଶକ୍ତି, ସାମାଜିକ ପ୍ରତିବଦ୍ଧତା,ପୁରୁଷ ସହିତ ପାଦମିଳେଇ ଆଗକୁ ବଢ଼ିବାର ଦୃଢ ମନୋବଳ ହିଁ ତାକୁ ଅପରାଜେୟ ଓ ଅତୁଳନୀୟା କରିପାରିଛି। ନାରୀକୁ ତାର ସୃଜନାତ୍ମକ ଶକ୍ତିର ବିକାଶ ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଉପଯୁକ୍ତ ପରିବେଶ ମାଧ୍ୟମରେ ତାର ଦକ୍ଷତାର ବିକାଶ ପାଇଁ ସୁଯୋଗ ସୃଷ୍ଟି କଲେ ସେ ଏକ ସୁସ୍ଥ ପରିବାର, ସୁସ୍ଥ ସମାଜ ଓ ସମୃଦ୍ଧ ରାଷ୍ଟ୍ରଗଠନରେ ଭାଗିଦାରୀ ହୁଏ। ସାମ୍ପ୍ରତିକ ପରିସ୍ଥିତିରେ ନାରୀ ନିଜକୁ ସମାଜର ପ୍ରତିଟି କ୍ଷେତ୍ରରେ ପ୍ରତିଷ୍ଠିତ କରି ପାରିଥିଲେ ମଧ୍ୟ ଆଜି ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ଏବେ ମଧ୍ୟ କେତେକ କ୍ଷେତ୍ରରେ ନାରୀଟିଏ ବୋଲି ତାର ବ୍ୟକ୍ତିତ୍ୱକୁ ଉପଯୁକ୍ତ ସମ୍ମାନ ଦିଆଯାଉନାହିଁ। ମହିଳାଙ୍କୁ ଯଥାର୍ଥ ସୁଯୋଗ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ମହିଳା ଦିବସର ବାର୍ତ୍ତା ଏକ ସମତାସମ୍ପନ୍ନ ପୃଥିବୀ, ଯେଉଁ ପୃଥିବୀରେ ନିଜ ଦକ୍ଷତାର ବିକାଶ ପାଇଁ କୌଣସି ପ୍ରତିବନ୍ଧକ ନ ଥିବ। ଥିବ ପ୍ରୋତ୍ସାହନ, ପ୍ରେରଣା, ସଦିଚ୍ଛାପୂର୍ଣ୍ଣ ବାତାବରଣ। ସେ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା।

**ରିପୋର୍ଟ: ଜୟନାରାୟଣ ମେଣ୍ଟୁଳି**



“ ମହିଳାମାନେ ସବୁକ୍ଷେତ୍ରରେ ବହୁତ ଆଗକୁ ବଢୁଛନ୍ତି। ଆଗକୁ ଆହୁରି ଯୁଦ୍ଧ ବାକି ଅଛି ଜିତିବାକୁ। ସୁନ୍ଦରଗଡ ମୁଖ୍ୟତଃ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠି ମହିଳାମାନଙ୍କ ଖୁବ ଭଲ ପ୍ରତିଭା ରହିଛି। ଯାହାର ବିକାଶ ପାଇଁ ଆମେ ସମସ୍ତେ ହାତ ମିଳାଇ ସହଯୋଗ କରିବାକୁ ହେବ। ନାରୀକୁ ସହଯୋଗର ହାତ ବଢେଇଲେ ଏକ ସମତାସମ୍ପନ୍ନ ସମାଜ ଗଠନ ହୋଇପାରିବ।

**–ମଧୁସ୍ମିତା ମିଶ୍ର, ଓଡିଶା ପୋଲିସ ସେବା, ଉପଖଣ୍ଡ ପୋଲିସ ଅଧିକାରୀ, ସୁନ୍ଦରଗଡ**



“ ସମାଜରେ ସମୟାନୁକ୍ରମେ ଲିଙ୍ଗଗତ ସମାନତା ପରିଲକ୍ଷିତ ହେଉଛି। ନାରୀ ନିଜକୁ ପୁରୁଷଙ୍କ ସମକକ୍ଷ ପ୍ରମାଣ କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ଅପେକ୍ଷା ସହଭାଗୀ ହୋଇ ସହଯୋଗୀ ହେବା ଏକାନ୍ତ କାମ୍ୟ। ସଂରକ୍ଷଣ ସମାନତା ନୁହେଁ, ସମାନତା ସାଥୀରେ ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ। କୋମଳମତି ଶିଶୁକନ୍ୟାର ମାନସିକସ୍ତରରେ ସମାନତା ଓ ସ୍ୱାଧୀନତାର ଅବଧାରଣା ସକାଶେ ସମାଜର ତତ୍ପରତା ଆବଶ୍ୟକ।

**– ସୁସ୍ମିତା ଯୋଶୀ, ଶିକ୍ଷୟିତ୍ରୀ, ରାଣୀଜାନକୀ ଉଚ୍ଚ ବିଦ୍ୟାଳୟ ।**



“ ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ଅବଦାନ ଅଧିକ ରହିଛି। ସେ କର୍ମଜୀବୀ ହେଉ ବା ଗୃହିଣୀ । ପୁରୁଷଙ୍କ ଠାରୁ ଆର୍ଥିକ ଓ ଶ୍ରମଦାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଯୋଗଦାନ ଅଧିକ ରହିଛି। କିନ୍ତୁ ସେହି ତୁଳନାରେ ସମ୍ମାନ ଓ ସ୍ୱୀକୃତି କମ୍ ରହିଥିବା ଅନୁଭବ କରୁଛି। ବର୍ତ୍ତମାନ ନାରୀ ସୁରକ୍ଷିତ ଭାବେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିପାରୁଛି।

**–ସମୀମା ବେଗମ୍, ସାମାଜିକ କର୍ମୀ, ସୁନ୍ଦରଗଡ।**



“ ନାରୀ ନିଜ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ବେଳଅବେଳରେ ରାଜରାସ୍ତାରେ ଚାଲିବାକୁ ମୁଁ କୁଣ୍ଠାବୋଧ କରେ । ଅଜଣା ଆତଙ୍କରେ ମନ ଶିହରି ଯାଏ । ସେ ମାନସିକତା ଆସିନାହିଁ। ଆସିବାକୁ ବହୁତ ଦୂରରେ ଯେଉଁ ଦିନ ଭୟଶୂନ୍ୟ ହୋଇ ନାରୀଟିଏ ପଥଚାରୀ ହେବ ,ପ୍ରକୃତିକୁ ଉପଭୋଗ କରି ସେ ଦିନ ସ୍ୱାଧୀନତାର ସ୍ୱାଦ ଚାଖିବ। ସେ ଦିନ ଏକ ସମତାସମ୍ପନ୍ନ ସମାଜ ସୃଷ୍ଟି ହେବ ବୋଲି ମୁଁ ମନେକରେ ।

**–ପ୍ରତିମା ମିଶ୍ର, ଆଇନଜୀବୀ, ସୁନ୍ଦରଗଡ।**

### ପିକଅପ୍ ଡାଲା ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

**ଲହୁଣୀପଡା, ୭।୩ (ଡି.ଏନ.ଏ)**

ଲହୁଣୀପଡା ଥାନା ଅନ୍ତର୍ଗତ ୨୧୫ ଜାତୀୟ ରାଜପଥ ସୁଖାବନ୍ଧ ଗ୍ରାମ ନିକଟରେ ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ପିକଅପ୍ ଡାଲା ଗାଡି ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଥିବା ଜଣାଯାଇଛି। ପ୍ରକାଶ ଯେ, ବଲାଙ୍ଗ ଥାନା ଅନ୍ତର୍ଗତ ହାତୀକୁଚା ଗ୍ରାମର ଭୋଲେଶ୍ୱର ମାହାନ୍ତ (୫୦) ବାଇକ ଓଆର ୧୪ ଏକ୍ସ– ୧୯୧୭ ଯୋଗେ ଲହୁଣୀପଡା ପଟୁ ନିଜ ଗ୍ରାମ ହାତୀକୁଚାକୁ ଯାଉଥିଲେ। ବିପରିତ ଦିଗରୁ ଆସୁଥିବା ଏକ କୁଟି ବୋଝେଇ ପିକଅପ୍ ଡାଲା ଗାଡି ଧକ୍କା ଦେଇଥିଲା । ଫଳରେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ପିକଅପ୍ ଭ୍ୟାନଟି ଦ୍ରୁତଗତିରେ ଫେରାର ହୋଇଯାଇଥିଲା। ପ୍ରତିବାଦରେ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରୁଥିଲେ ମଧ୍ୟ ଲୋକମାନେ ରାସ୍ତା ଅବରୋଧରୁ ଓହରି ନଥିବା ଜଣାଯାଇଛି।

# ଜାତୀୟ ରାଜପଥରେ ଲୁଟ୍ : ୪ ଗିରଫ

**ବଣାଇ, ୭।୩(ସ୍ୱ.ପ୍ର.)**

ବଣାଇ ବ୍ଲକର ଟିକାୟତପାଲି ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଭୀମାଗାଡ ଘାଟିରେ ଶୁକ୍ରବାର ସନ୍ଧ୍ୟାରେ ଲୁଟକରି ଫେରାର ମାରୁଥିବା ୪ ଲୁଟେରାଙ୍କୁ ପୋଲିସ କାବୁକରି ଗିରଫ କରିଛି। ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଆମ୍ବଫାଲି ଗ୍ରାମର ଅର୍ଜୁନ ମୋହନ ପ୍ରଧାନ ଅପରାହ୍ନରେ ଟିକାୟତପାଲି ବ୍ୟାଙ୍କରୁ କାର୍ଯ୍ୟସାରି ଘରକୁ ଫେରୁଥିଲେ। ଠିକ ଭୀମଗାଡ ଘାଟି ନିକଟରେ ଏକ କଳା ପଲସର ବାଇକ ଓଡି ୩୫ବି–୫୨୩୮ରେ ୪ଜଣ ଲୁଟେରା ଅର୍ଜୁନଙ୍କୁ ରାସ୍ତା ଉପରେ ଅଟକାଇ ତାଙ୍କ ମନିପର୍ସ ଲୁଟିନେଇ ବାରକୋଟ ଅଭିମୁଖେ ଚାଲିଯାଉଥିଲେ। ଏହି ସମୟରେ ସମ୍ମୁଖ ଭାଗରୁ ଗ୍ରାମବାସୀ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିବା ସହିତ ଟିକାୟତପାଲି ପୋଲିସକୁ ଖବର ଦେଇଥିଲେ। ପଛପାର୍ଶ୍ୱରୁ ପୋଲିସ



ପୋଲିସ ଦ୍ୱାରା ଗିରଫ ୪ ଲୁଟେରା।

ପିଛାକରି ତାଙ୍କୁ ଗୋଡାଇ ଗୋଡାଇ ଭୀମଗାଡ ଘାଟିରେ ଧରିବାରେ ସକ୍ଷମ ହୋଇଥିଲେ। ପରେ ସେମାନଙ୍କୁ କାବୁକରି ତାଙ୍କର ପଲସର ବାଇକକୁ ଧରିବା ସହିତ ୪ଜଣ ଲୁଟେରାଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ଝାରସୁଗୁଡା ଜିଲା ରେଙ୍ଗାଲିର ଉମେଶ ମାଝୀ, ଦେବଗଡ ଜିଲା ବାରକୋଟ ଥାନା ଖୁଲୁଣ୍ଡିକୁଦ ଗ୍ରାମର ରମେଶ ବାଗ, ସିଙ୍ଗିର ଗ୍ରାମର ଜୁଏଲ ମହାକୁଡ ଏବଂ ଦେବଗଡ ଜିଲା ରିଆମାଳ ଥାନାର ମୋହନ ଉଦାବର।

# ବିଭିନ୍ନ ସ୍ଥାନରେ ନାମଯଜ୍ଞ: ମହିଳାଙ୍କ ସଂକୀର୍ତ୍ତନ ପରିବେଷଣ

**ଲହୁଣୀପଡା, ୭।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଅର୍କେଇକଳା ଗ୍ରାମରେ ଫଗୁ ଦଶମୀ ଉପଲକ୍ଷେ ଚଳିତ ବର୍ଷ ମଧ୍ୟ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବୁଧବାର କଳସ ଶୋଭାଯାତ୍ରା ଓ ଘଟ ସ୍ଥାପନା କରାଯିବା ପରେ ଗୁରୁବାର ନାମଯଜ୍ଞ ହୋଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ଓ ନଗର ପରିକ୍ରମା ହୋଇଥିଲା । ପଣ୍ଡିତ ଗୁଣନିଧି ମିଶ୍ର ଯଜ୍ଞ ସଞ୍ଚାଳନ କରିଥିବା ବେଳେ କୁମାର ଗୌତମ ବାରିକ ଏବଂ ତାଙ୍କ ସହଧର୍ମିଣୀ ପୁଷ୍ପାଞ୍ଜଳି ବାରିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ ଅର୍କେଇକଳା, ଟେଣ୍ଡେରା, ଗୋପନା, ଗମଲେଇ, ତୁରାମୁରା ଉପରପଡା, ଗୋଗୁଆ, ରାଇକଳାପୋଷ ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ୍ୟ କରିଥିଲେ। ବିଶେଷକରି ମହିଳାଙ୍କ ସଂକୀର୍ତ୍ତନ୍ୟ ପରିବେଷଣ ଶ୍ରୋତାଙ୍କ ମନମୋହୁଛି। ରଞ୍ଜିତ ସାହୁ, ଶାନ୍ତନୁ ବେହେରା, ସିପୁନ ସାହୁ, ପ୍ରତାପ



ମହିଳାମାନେ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି।

ବାରିକ, ରମାକାନ୍ତ ସାହୁ, କାହ୍ନୁ ତ୍ରିପାଠୀ, ନେପାଳ ବେହେରା, ପ୍ରଦୀପ ବେହେରା, ସନ୍ତୋଷ ସାହୁ, ସୁଜିତ ସାହୁ , ଛବିଲ ସାହୁ, ଗୋବିନ୍ଦ ବାରିକ ପରିଚାଳନା କରିଥିଲେ। ସେହିଭଳି ଲହୁଣୀପଡା ଅଷ୍ଟପ୍ରହରୀ କମିଟି ପକ୍ଷରୁ ମଧ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ବୁଧବାର ସ୍ଥାନୀୟ ପତି ବନ୍ଧରୁ ଜଳ ନେଇ ଏକ କଳସ ଶୋଭାଯାତ୍ରା କରିବା ସହିତ ଘଟ ସ୍ଥାପନ ହୋଇଥିଲା। ଗୁରୁବାର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ଓ ନଗରପରିକ୍ରମା ହୋଇଥିଲା। ପୂଜକ ରୁଦ୍ରଚରଣ ଦାସ ଯଜ୍ଞ ଦାୟିତ୍ୱ ତୁଲାଇଥିବା ବେଳେ କର୍ତ୍ତାଭାବେ ଅନୀଲ କୁମାର ମାହାନ୍ତ ଓ ତାଙ୍କ ଧର୍ମିଣୀ ସରିତା ମାହାନ୍ତ ଦାୟୀତ୍ୱ ତୁଲାଇଥିଲେ। ରାଜାମୁଣ୍ଡା, ଗୌତମଡିହି, ଥେଣ୍ଟେଇପୋଷ, ଲହୁଣୀପଡା, କଂସରା, ଗୋବିନ୍ଦପୁର, ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ରାଜୀବ କୁମାର ମାହାନ୍ତ, ଶ୍ରୀକାନ୍ତ ମାହାନ୍ତ, ଲିଟୁନ ମାହାନ୍ତ, ଜନ୍ମେଜୟ ମାହାନ୍ତ, ସାଧୁ ମାହାନ୍ତ, ପ୍ରକାଶ ମହାନ୍ତ, ଜିତେନ୍ଦ୍ର ମାହାନ୍ତ, ସଞ୍ଜିବ ମାହାନ୍ତ, ରଞ୍ଜନ ମହାନ୍ତ, ଗୋବର୍ଦ୍ଧନ ଦିଗାର, ହେମନ୍ତ କୁମାର ମାହାନ୍ତ, ରଞ୍ଜିତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଣାଇରେ ଜନୌଷଧି ଦିବସ

**ବଣାଇ, ୭।୩(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିବା ଜନୌଷଧି ପ୍ରଚଳନ ଫଳରେ ରୋଗୀଙ୍କୁ ନିର୍ଦ୍ଧାରିତ ମୂଲ୍ୟ ଠାରୁ ୮୦ଭାଗ କମରେ ମିଳୁଥିବା ଔଷଧ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଜିସାରା ଭାରତ ବର୍ଷରେ ଜନୌଷଧି ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଜନୌଷଧି ବିକ୍ରୟ କେନ୍ଦ୍ର ପରିସରରେ ଏହି ଦିବସ ପାଳିତ ହୋଇଯାଇଛି। ମନୋଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଭାଜପା ଜିଲା ସଭାପତି ଅନିଲ ବାର୍ଲା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାହାସ ବିହାରୀ ପ୍ରଧାନ, ନମିତା ମାହାନ୍ତ, ଜଗଦିଶ ଜୟସ୍ୱାଲ ଯୋଗଦେଇ ଥିବାବେଳେ ଡାକ୍ତର ମନୋଜ ସିଂ , ଡାକ୍ତର ଦେବାଶିଷ ସାହୁ ଏବଂ ଡାକ୍ତର ଅରୁପ ଜେନା ସମ୍ମାନିତ ଅତିଥିଭାବେ



ଜନୌଷଧି ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଯୋଗଦେଇଥିଲେ। ଏହି ଜନୌଷଧି ଔଷଧ ଅନ୍ୟ ଔଷଧ ଠାରୁ ରୋଗର ପ୍ରତିଷେଧକ ଭାବେ କାର୍ଯ୍ୟକରି ଥାଏ। ଫଳରେ ବହୁ ଗରିବ ଜନସାଧାରଣ ଏହି ଔଷଧକୁ ସ୍ୱଳ୍ପ ମୂଲ୍ୟରେ କ୍ରୟକରି ନିଜକୁ ସୁସ୍ଥ ଅନୁଭବ କରିଥାନ୍ତି। ସେହିପରି ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ସୁପରିଚାଳନା ପାଇଁ ବହୁ ଗୁରୁତ୍ୱ ଦେଇ ଆସୁଛି। ଏଣୁ ଏହି ଜନୌଷଧିର ବହୁଳପ୍ରଚାର କରିବା ପାଇଁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଲହୁଣୀପଡା ଜନୌଷଧି ବିକ୍ରୟ କେନ୍ଦ୍ରର ପରିଚାଳକ ରାଜେଶ ଜୟସ୍ୱାଲ ପରିଚାଳନା କରିଥିବା ଜଣାପଡିଛି।

# ଯୁକ୍ତ ଦୁଇ ପରୀକ୍ଷା ପରିଚାଳନା ବିଭ୍ରାଟର ପ୍ରଶାସନିକ ତଦନ୍ତ

**ବଣାଇ, ୭।୩(ସ୍ୱ.ପ୍ର.)**

ଗତ ୪ ତାରିଖ ବଣାଇଁ ବ୍ଲକ ଅନ୍ତର୍ଗତ କେନାଭେଟା ଠାରେ ଥିବା ବଂଶୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ପରୀକ୍ଷା ପରିଚାଳନାରେ ହୋଇଥିବା ବିଭ୍ରାଟ ନେଇ ଶନିବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରଶାସନିକ ତଦନ୍ତ କରାଯାଇଥିବା ଜଣାପଡିଛି। ଏ ବିଷୟରେ ବଣାଇଁ ଉପଜିଲାପାଳଙ୍କୁ ଦୁଇଜଣ ଛାତ୍ରୀ ଲିଖିତ ଅଭିଯୋଗ କରିବା ପରେ ଉପଜିଲ୍ଲାପାଳ ପ୍ରଦୀପ ଡାଙ୍ଗଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଜିଲାପାଳ ରବିନ୍ଦ୍ର କୁମାର ସେଠୀ ଘଟଣା ସ୍ଥଳରେ ପହଁଞ୍ଚି ତଦନ୍ତ କରିଥିବା ଜଣାପଡିଛି। ଦୁଇଜଣ ଛାତ୍ରୀ ପିଙ୍କି କିସାନ ଏବଂ କ୍ଷୀରେଶ୍ୱରୀ ଭଗତଙ୍କୁ ସାହିତ୍ୟ ଭାଷା ପରୀକ୍ଷାରେ ପତ୍ରବିନିମୟ ମାଧ୍ୟମରେ ନିୟମିତ ପ୍ରଶ୍ନପତ୍ର ବଦଳରେ ତାଙ୍କୁ ଏକ୍ସରେଗୁଲାର ପ୍ରଶ୍ନପତ୍ର ଦିଆଯାଇଥିଲା।ଯଦ୍ୱାରା ସେମାନେ ଉତ୍ତର ଖାତାରେ କିଛି ଲେଖିନପାରିବା ସହିତ ଏ ବିଷୟରେ ନିରୀକ୍ଷକ ଏବଂ ପରୀକ୍ଷା ପରିଚାଳକଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ତାଙ୍କୁ ଧମକଚମକ ଦେଇ ଘରକୁ ପଠାଇ ଦେଇଥିଲେ।



ପ୍ରଶାନ୍ତ କୁମାର ପୃଷ୍ଟେଠ।

### ଲେଫ୍ରିପଡା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ଲେଫ୍ରିପଡା,୭।୩(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ବିଜେଡି ସଭାପତି ଭାବେ ଯୁବ ନେତା ପ୍ରଶାନ୍ତ କୁମାର ପୃଷ୍ଟେଠଙ୍କୁ ମନୋନୀତ କରିଥିବାରୁ ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୁନ୍ଦରଗଡ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଂଜନ ଘଡେଇ, ଜିଲା ସଭାପତି ବିନୟ ଟପ୍ପୋ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଛାତ୍ରନେତା ବୈକୁଣ୍ଠ ନାଏକଙ୍କୁ ଲେଫ୍ରିପଡା ବିଜେଡି ସଙ୍ଗଠନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଟଙ୍କଧର ବେହେରା, ଧ୍ରୁବ ଅଢା, ସୁମନ୍ତ ପୂଜାରୀ, ନୀଲମଣୀ ମାଝୀ, ସୁମନ୍ତ ନାଏକ, ଫଲିନ୍ଦ୍ର ସା, ତୁଲା କିସ୍‌ପଟା, ନିକୋଲାସ କୁଜୁର, ପ୍ରଦୀପ ତିର୍କୀ, ଜେନାମଣୀ ପ୍ରଧାନ ପ୍ରମୁଖ ବିଜେଡି କର୍ମୀଗଣ ପ୍ରେସ୍ ବିବୃତ୍ତି ମାଧ୍ୟମରେ କୃତଜ୍ଞତା ଜଣାଇଛନ୍ତି। ନବ ମନୋନୀତ ସଭାପତି ପ୍ରଶାନ୍ତ ପୃଷ୍ଟେଠ୍ ଲେଫ୍ରିପଡା ଅଞ୍ଚଳର ପୂର୍ବତନ ନେତା ସ୍ୱର୍ଗତ କେଶବ ଚନ୍ଦ୍ର ପୃଷ୍ଟେଠ୍‌ଙ୍କ ପୁତ୍ର। ସେ ଜଣେ ଶାନ୍ତସରଳ ନିରାଡମ୍ବର ଏବଂ ବୁଦ୍ଧିମତା ହୋଇଥିବାରୁ ଆଗାମୀ ଦିନରେ ବିଜେଡି ଦଳର ସଙ୍ଗଠନ ମଜବୁତ୍ ହୋଇ ଦଳକୁ ଠିକ୍ ଭାବରେ ପରିଚାଳନା କରିପାରିବେ ବୋଲି କର୍ମୀଗଣ ମତାମତ ପ୍ରଦାନ କରିଛନ୍ତି।

### ଇବ୍ ନଗରରେ ଚବିଶ ପ୍ରହର ନାମଯଜ୍ଞ

**ସୁନ୍ଦରଗଡ,୭।୩ (ଡି.ଏନ.ଏ)**

ସ୍ଥାନୀୟ ଇବନଗର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଗୁରୁବାର ସନ୍ଧ୍ୟାରେ କଳସ ଯାତ୍ରା ଅଧିବାସ ଆରମ୍ଭ ହୋଇ ବିଭିନ୍ନ ସଂକୀର୍ତ୍ତନ ଦଳଙ୍କ ଦ୍ୱାରା ନାମସଂକୀର୍ତ୍ତନ ଆରମ୍ଭ ହୋଇଛି। ପଣ୍ଡିତ ହେମନ୍ତ ଠାକୁର ନାମଯଜ୍ଞର ମୁଖ୍ୟ ପୂଜକ ଭାବେ ପୂଜାକାର୍ଯ୍ୟ ସମ୍ପାଦନ ଓ ସଂଚାଳନ କରୁଥିବା ବେଳେ ଚଳିତ ବର୍ଷ ପ୍ରହଲ୍ଲାଦ ନାଏକ ସସ୍ତ୍ରୀକ ପୂଜାର କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ନାମଯଜ୍ଞ କମିଟିର ରଂଜନ ସାହୁ, ରାଜୀବ ଆଚାର୍ଯ୍ୟ, ବିଭୂତି ବେହେରା, ଦେବଦତ୍ତ ଚାନ୍ଦ, ରିମୁ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅଜିତ ପ୍ରସାଦ, ଭେଷଜ ପଟେଲ, ଚନ୍ଦ୍ର ଶେଖର ରାଓ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

# ଆଦିବାସୀ ଯୁବତୀଙ୍କ ସହ ନୃତ୍ୟ କଲେ ଯବାନ

## ସିଆର୍‌ପିଏଫ୍ ୧୯ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର

**ଲହୁଣୀପଡା, ୭।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କରତୋଲା ଗ୍ରାମ ପଡିଆରେ ସିଆର୍‌ପିଏଫ୍ ୧୯ ବାଟାଲିୟନ କେ.ବଲାଙ୍ଗ ସି କମ୍ପାନୀ ପକ୍ଷରୁ ଶୁକ୍ରବାର ଜନସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି। ଶିବିର ମାଧ୍ୟମରେ ସିଆର୍‌ପିଏଫ୍ ଯବାନ ସ୍ଥାନୀୟ ଅଧିବାସୀ ତଥା ଆଦିବାସୀଙ୍କ ନିକଟତର ହେବା ପାଇଁ ପ୍ରୟାସ କରୁଛନ୍ତି। ତେବେ ଏହି ପ୍ରୟାସକୁ ଆଉ ଅଧିକ ସଫଳ କରିବା ପାଇଁ ଯବାନମାନେ ଆଦିବାସୀଙ୍କ କଳା, ସଂସ୍କୃତି ସହିତ ସାମିଲ ହୋଇଛନ୍ତି। ଏହି ଶିବିରରେ ଆଦିବାସୀଙ୍କ ପାରମ୍ପରିକ ଗୀତନୃତ୍ୟରେ ସାମିଲ ହୋଇ ଯବାନମାନେ ଆଦିବାସୀ ଯୁବତୀଙ୍କ ହାତଧରି ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ବାସ୍ତବିକ ଏହା ସମସ୍ତଙ୍କୁ ବେଶ ଆକର୍ଷିତ କରିଥିଲା।

ଏହି ଜନସମ୍ପର୍କ ଶିବିରରେ ମୁଖ୍ୟଅତିଥି



ଆଦିବାସୀ ନୃତ୍ୟରେ ଯବାନମାନେ ସାମିଲ ହୋଇଛନ୍ତି।

ଭାବେ କମାଣ୍ଡାଣ୍ଟ ରାଜେଶ କୁମାର ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ କମାଣ୍ଡାଣ୍ଟ ପାର୍ଥସାରଥି ଘୋଷ ଏବଂ ଜାମୁଡିହ କ୍ୟାମ୍ପର ଅତିରିକ୍ତ କମାଣ୍ଡାଣ୍ଟ ସଞ୍ଜୟ ଠାକୁର, କେ.ବଲାଙ୍ଗ ସି କମ୍ପାନୀ କମାଣ୍ଡର ଅକ୍ଷୟ କୁମାର ଦାସ ଉପସ୍ଥିତ ଥିଲେ । ପାରମ୍ପାରିକ ଆଦିବାସୀ ନୃତ୍ୟର ତାଳେତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ସହିତ ସୁସମ୍ପର୍କ ସ୍ଥାପନ ପାଇଁ ଏହି ଜନସମ୍ପର୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ସହିତ ବାହ୍ୟ ପ୍ରେରଣାରେ ବିପଥଗାମୀ ନ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା, ପୋଲିସ ଏବଂ ଯବାନମାନଙ୍କ ସହଯୋଗ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ । କେ.ବଲାଙ୍ଗ ପଞ୍ଚାୟତ ସ୍ଥିତ ବିଭିନ୍ନ ଗ୍ରାମର ଗ୍ରାମବାସୀ ଏଥିରେ ଯୋଗଦେଇଥିଲେ। ଏହା ସହିତ ୨୫୦ଜଣଙ୍କୁ ମଶାରୀ, ହକି, ଫୁଟବଲ ଭଲିବଲ ଖେଳାଳିମାନଙ୍କୁ ଖେଳ ସାମଗ୍ରୀ ସହିତ ବାଳିକା ବାଳକମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏସ.ଆଇ ଭି ମୁର୍ଗନ, ଏଏସଆଇ ଅରକେ ରାଉତ, ପି.କେ ରାଉତରାୟ, ହାବିଲଦାର ବିଶି ରାଉତ, ପଦ୍ମନାଭ ସ୍ୱାଇଁ, ଦିପଚାନ୍ଦ ବର୍ମନ, କୁମାର ନୀଳଧର ଦିପଚାନ୍ଦ, ସରପଞ୍ଚ ନିଳିମା ମୁଣ୍ଡା, ସନ୍ତୋଷୀ ମୁଣ୍ଡା ପ୍ରମୁଖଙ୍କ ସମେତ ଯବାନମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଆଦିବାସୀ ନୃତ୍ୟ ଦଳ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏହି ଆଦିବାସୀ ନୃତ୍ୟରେ ଯବାନମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।